# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME-43 ◆ISSUE-313 ◆TUESDAY ◆12 MAY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୧୩ ◆ମଙ୍ଗଳବାର ◆୧୨ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ପ୍ରିୟାଂଶଙ୍କ ବିସ୍ଫୋରକ ଅର୍ଦ୍ଧଶତକ

▸ପୃଷ୍ଠା ୧୨ ଦେଖନ୍ତୁ...





10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | Flipkart | amazon.in

*ସର୍ତ୍ତ ଓ ନିୟମାବଳୀ ଲାଗୁ ହେବ । ବଛା ବଛା ମଡେଲ ପାଇଁ ସଞ୍ଚୟ 27 ଏପ୍ରିଲ ରୁ 31 ମଇ 2026 ପର୍ଯ୍ୟନ୍ତ ଅଛି । ପ୍ରଯୁଜ୍ୟ ଅଫର୍‌ଗୁଡ଼ିକ ମଡେଲ/ପ୍ରଦେଶ ଅନୁସାରେ ଭିନ୍ନ ହୋଇପାରେ । E-comm ଅଫର୍‌ଗୁଡ଼ିକ ଯଥାଯୋଗ୍ୟ E-comm ପାର୍ଟନର୍ ଙ୍କ ସର୍ତ୍ତାବଳୀ ଉପରେ ନିର୍ଭର କରେ । E-comm ଅଫର୍‌ଗୁଡ଼ିକ ପ୍ରତି ପାର୍ଟନର୍‌ଙ୍କ କ୍ଷେତ୍ରରେ ଭିନ୍ନ ହୋଇପାରେ । ଉଦ୍ଧୃତ ESRP ଗୁଡ଼ିକ ବେସ୍ ଭାରିଆଣ୍ଟ'ର ଅଟେ । ଅଫର୍ ସମ୍ବନ୍ଧୀୟ ଅଧିକ ବିବରଣୀ ପାଇଁ ନିକଟସ୍ଥ ଡୀଲର୍‌ଶିପ୍ କୁ ଆସନ୍ତୁ । ପଲ୍ସର୍ 125 ନିଅନ୍ ଲାଗି ₹2 000 ଛାଡ଼ ।

**Authorised Dealers for Bajaj Auto Ltd.: Bhubaneswar: Lewis Road** MSB BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444 • **Rasulgarh** BHARAT BAJAJ 9124717803 • **Phulnakhara** BHARAT BAJAJ 9124717805 • **Charichak** MSB BAJAJ 8018881850 , • **Banki** MSB BAJAJ 9348819293 • **Balugaon BHARAT BAJAJ 73810 99441** • **Puri** MSB BAJAJ 7077735752 • **Pipili MSB BAJAJ 7077735755** • **Brahmagiri MSB BAJAJ 7008198739 Sakhigopal MSB BAJAJ 9124590859** • **Jankia BHARAT BAJAJ 9348768960** •**Cuttack: Badambadi SURAJ BAJAJ 8093066603** • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Rahama** MAITREE BAJAJ 9668801781 • **Chandikhole** TARINI BAJAJ 9937310800 • **Pattamundai MAITREE BAJAJ 7064987720/9668801781**, • **Kendrapara** TARINI BAJAJ 8338944471 • **Rajnagar** MAITREE BAJAJ 7064987720/9668801781 • **Nayagarh MSB BAJAJ 7790048130** • **Rajsunakhala** MSB BAJAJ 9668820967 • **Daspalla** MSB BAJAJ 7873925390 • **Phulbani** MSB BAJAJ 8917341979.

# ଆରମ୍ଭ ହେଲା ଭିତର ଚନ୍ଦନ ଯାତ୍ରା

ପୁରୀ,୧୧।୫(ସମିସ): ରବିବାର ଶେଷ ହୋଇଛି ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା। ୨୧ଦିନ ଧରି ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିଛନ୍ତି ଠାକୁର। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ରାମ, କୃଷ୍ଣ, ମଦନମୋହନ, ଶ୍ରୀଦେବୀ ଏବଂ ଭୂଦେବୀଙ୍କ ସହିତ ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ ଜଳକ୍ରୀଡ଼ା କରିଛନ୍ତି। ତେବେ ସୋମବାରଠାରୁ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ଭିତର ଚନ୍ଦନ ଯାତ୍ରା। ଶ୍ରୀମନ୍ଦିର ଭିତରେ ହେଉଥିବା ଭିତର ଚନ୍ଦନ ଏଥର ୫୧ ଦିନ ଧରି ଚାଲିବ। କାରଣ ଏବର୍ଷ ଯୋଡ଼ା ଜ୍ୟେଷ୍ଠ ପଡୁଥିବାରୁ ଭିତର ଚନ୍ଦନ ଅଧିକ ୩୦ ଦିନ ହେବ।

**ଏଥର ୫୧ ଦିନ; ଯୋଡ଼ା ଜ୍ୟେଷ୍ଠ ପାଇଁ ଅଧିକ ୩୦ ଦିନ**

ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଅକ୍ଷୟ ତୃତୀୟାଠାରୁ ୪୨ଦିନ ଧରି ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏଥିମଧ୍ୟରୁ ପ୍ରଥମ ୨୧ଦିନକୁ ବାହାର ଚନ୍ଦନ ଯାତ୍ରା ଏବଂ ଏହା ପରବର୍ତ୍ତୀ ୨୧ଦିନକୁ ଭିତର ଚନ୍ଦନ ଯାତ୍ରା କୁହାଯାଏ। କିନ୍ତୁ ଚଳିତବର୍ଷ ଯୋଡ଼ା ଜ୍ୟେଷ୍ଠ ଯୋଗୁଁ ଅଧିକ ୩୦ଦିନ ଭିତର ଚନ୍ଦନ ହେବ। ଜ୍ୟେଷ୍ଠ ପୂର୍ଣ୍ଣିମା ପୂର୍ବଦିନ ଅର୍ଥାତ୍ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଏହା ଚାଲିବ। ସେହିପରି ୨୧ଦିନିଆ ଭିତର ଚନ୍ଦନରେ ୪ଦିନ ଜଳକ୍ରୀଡ଼ା ମଣ୍ଡପରେ ଜଳକ୍ରୀଡ଼ା ହୋଇଥାଏ। ଏଥର ଅଧିକ ୪ଦିନ ଅର୍ଥାତ୍ ମୋଟ ୧୦ଦିନ ଜଳକ୍ରୀଡ଼ା ହେବ। ଭିତର ଚନ୍ଦନ ସମୟରେ ଶ୍ରୀମନ୍ଦିରରେ ପ୍ରତ୍ୟହ ଦୁଇଥର ଆଲଟଲାଗି ହୋଇଥାଏ। ଭୋଗମଣ୍ଡପ ପରେ ଥରେ ଏବଂ ସନ୍ଧ୍ୟା ଧୂପ ପରେ ଆଉଥରେ ଆଲଟ ଲାଗି କରାଯାଇଥାଏ। ଏଥିସହିତ ରାତ୍ରରେ ଠାକୁରଙ୍କ ପାଖରେ ପଣାଭୋଗ ହୋଇଥାଏ ବୋଲି ଡ. ଦାଶ କହିଛନ୍ତି।

■ ନିଖିଲଙ୍କ ଶବ ସତ୍କାର ଶୋଭାଯାତ୍ରାରେ ଜନଆକ୍ରୋଶ

# ଅଭିଯୁକ୍ତ ଗିରଫ ନ ହେଲେ ବଡ଼ ଆନ୍ଦୋଳନ

ରାୟଗଡ଼ା, ୧୧।୫ (ସମିସ): ରାୟଗଡ଼ା ସହରର ରେଲି ସାହିର ଜଣେ ୧୭ ବର୍ଷୀୟ ନାବାଳକ ହାଡ଼ପା ନିଖିଲକୁ ଅପହରଣ ଓ ହତ୍ୟା ଘଟଣାକୁ ନେଇ ଉତ୍ତେଜନା ଲାଗି ରହିଛି। ବ୍ୟବଚ୍ଛେଦ ପରେ ଆଜି ନିଖିଲର ଶବ ଗାଁରେ ପହଞ୍ଚିବା ପରେ ଏକ ଶୋଭଯାତ୍ରାରେ ଶବକୁ ଅନ୍ତିମ ସଂସ୍କାର ପାଇଁ ନିଆଯାଇଥିଲା। ଶତାଧିକ ସ୍ଥାନୀୟ ଲୋକଙ୍କ ଗହଣରେ ପରିବାରଲୋକ ପୁଅର ଶବ ଧରି ରେଲିସାହିରୁ ଥାନା ରାସ୍ତା, ବସଷ୍ଟାଣ୍ଡ ରାସ୍ତା ଦେଇ ଯାଇଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା।



ପୁଲିସ୍ ତୁରନ୍ତ ଦୋଷୀମାନଙ୍କୁ ଗିରଫ ନକଲେ ଆଗାମୀ ଦିନରେ ବଡ଼ଧରଣର ଆନ୍ଦୋଳନ ହେବ ବୋଲି ଶୋଭାଯାତ୍ରାକାରୀମାନେ ଚେତାଇ ଦେଇଥିଲେ। ତେବେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଥିବାରୁ ପୁଲିସ୍ ପକ୍ଷରୁ ଥାନା ସମ୍ମୁଖରେ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ଆଜି ଏହି ଶୋଭାଯାତ୍ରା ଯାଉଥିବା ବେଳେ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ସମ୍ମୁଖ ମୁଖ୍ୟ ରାସ୍ତାରେ ଏକ ବାଇକ୍‌ରେ ନିଆଁ ଲାଗି ସଂପୂର୍ଣ୍ଣ ଜଳି ଯାଇଥିଲା। ହୁତୁହୁତୁ ହୋଇ ମୁଖ୍ୟ ରାସ୍ତାରେ ଜଳୁଥିବା ବାଇକକୁ ଦେଖି ସ୍ଥାନୀୟ ଅଞ୍ଚଳରେ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ଘଟଣାସ୍ଥଳରେ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅପରପକ୍ଷେ, ଆଜି ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି କନୱର୍ ବିଶାଲ ସିଂ ରାୟଗଡ଼ା ଗସ୍ତ କରି ସହରର ଆଇନଶୃଙ୍ଖଳା ସ୍ଥିତି ଏବଂ ନିଖିଲ ହତ୍ୟା ମାମଲାର ଅଗ୍ରଗତି ସମ୍ପର୍କରେ ଏସ୍‌ପିଙ୍କ ସହ ଆଲୋଚନା ତଥା ସମୀକ୍ଷା ବୈଠକ କରିଛନ୍ତି।

**ରାୟଗଡ଼ାରେ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି**

ଧାମନଗରରେ ଶିଶୁବିକ୍ରି ଘଟଣା

# ଉଦ୍ଧାର ହେଲା ଶିଶୁକନ୍ୟା

ଧାମନଗର, ୧୧।୫(ସମିସ): ଧାମନଗର ଏନ୍ଏସି ଅନ୍ତର୍ଗତ ଗୁମୁଗଡ଼ ଛକ ନିକଟରେ ଡମଆଡ଼ି ଗାଁର ଏକ ଆଦିବାସୀ ଦମ୍ପତି ଅଭାବ ଅନଟନରେ ପଡ଼ି ସେମାନଙ୍କ ୪ବର୍ଷର ଝିଅକୁ ମାତ୍ର ୧୫ହଜାର ଟଙ୍କାରେ ବିକ୍ରି କରିଦେଇଥିଲେ। ଏହି ଘଟଣା ପଦାକୁ ଆସିବା ପରେ ପୁଲିସ୍ ୨୪ଘଣ୍ଟା ମଧ୍ୟରେ ଶିଶୁଟିକୁ ଉଦ୍ଧାର କରିଛି। ଶିଶୁଟିକୁ ଧାମନଗର ଛକରୁ ଉଦ୍ଧାର କରାଯାଇଥିବା ଜଣାଯାଇଛି। ଉଦ୍ଧାର ଶିଶୁକୁ ଜିଲ୍ଲା ଶିଶୁ ସୁରକ୍ଷା କମିଟି ନିର୍ଦ୍ଦେଶରେ 'ଆସିୟାନା'ରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ଡମଆଡ଼ିରେ ରହୁଥିବା ବନ୍ଧୁଆ ମୁଣ୍ଡା ଓ ତାଙ୍କ ସ୍ତ୍ରୀ କାଳୀ ମୁଣ୍ଡା ଅତ୍ୟନ୍ତ ଗରିବ ଶ୍ରେଣୀର। ମାଗିଯାଚି ପରିବାର ଚଳାନ୍ତି। ଆର୍ଥିକ ଅନଟନରୁ ସେମାନେ ନିଜର ୪ବର୍ଷର ଝିଅ ରାନୁ ମୁଣ୍ଡାକୁ ୧୫ ହଜାର ଟଙ୍କାରେ ବିକି ଦେଇଥିଲେ। ଶନିବାର ବାଲେଶ୍ୱରର ଜଣେ ବ୍ୟକ୍ତିଙ୍କ ହାତକୁ ସେମାନେ ନିଜର ଶିଶୁକନ୍ୟାକୁ ଟେକି ଦେଇଥିଲେ।

**ଶିଶୁ ଶିଶୁମଙ୍ଗଳ କମିଟି ନିର୍ଦ୍ଦେଶରେ 'ଆଶିୟାନା'ରେ ଭର୍ତ୍ତି**

**ରାଜ୍ୟସଭା ନିର୍ବାଚନରେ ଦ୍ୱିତୀୟ ବାଲଟ୍ ପେପର ଜାରି ପ୍ରସଙ୍ଗ**

# ସିଇଓଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

ଭୁବନେଶ୍ୱର,୧୧।୫(ସମିସ): ଗତ ରାଜ୍ୟସଭା ନିର୍ବାଚନରେ ଶାସକ ବିଜେପି ଦୁଇ ବିଧାକ ଦ୍ୱିତୀୟ ବାଲାଟ ବ୍ୟବହାର ଘଟଣାରେ ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ସାକ୍ଷାତ କରିଛି ବିଜେଡି ପ୍ରତିନିଧି ଦଳ। ସାକ୍ଷାତ ସମୟରେ ବିଜେଡିର ପ୍ରତିନିଧି ଦଳ ନିଜର ଅଭିଯୋଗ ଏବଂ ଉଦ୍‌ବେଗ ଜଣାଇଥିଲେ। ବିଜେପି ବିଧାୟିକା ଉପାସନା ମହାପାତ୍ର ଓ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ବେଆଇନ ଭାବେ ଦ୍ୱିତୀୟ ବାଲାଟ ପେପର ବ୍ୟବହାର କରିଥିବା ବେଳେ ଏହି ଭୋଟଦ୍ୱୟକୁ ନାକଚ୍ କରାଯିବା ସହ ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ବିଜୟୀ ଘୋଷଣା କରିବାକୁ ପ୍ରତିନିଧିମଣ୍ଡଳୀ ଦାବି ଉପସ୍ଥାପନ କରିଥିଲେ। ତେବେ ରାଜ୍ୟ ନିର୍ବାଚନ ଅଧିକାରୀ ବିଜେଡିର ଅଭିଯୋଗକୁ ବିଚାର କରିବା ପାଇଁ ନିଜର ଅସମର୍ଥ ପ୍ରକାଶ କଲେ, ଯାହା ସବୁଠାରୁ ଦୁଃଖ ଓ ଦୁର୍ଭାଗ୍ୟର ବିଷୟ ବୋଲି ବିଜେଡିର ବରିଷ୍ଠ ବିଧାୟକ ତଥା ନିର୍ବାଚନରେ ବିଜେଡି ପକ୍ଷରୁ ନିଯୁକ୍ତ କାଉଣ୍ଟିଂ ଏଜେଣ୍ଟ ଡ. ଅରୁଣ କୁମାର ସାହୁ ସୂଚନା ଦେଇଛନ୍ତି।

ସିଇଓଙ୍କୁ ସାକ୍ଷାତ ପରେ ଗଣମାଧ୍ୟମକୁ ସୂଚନା ଦେଇ ଡ. ସାହୁ କହିଛନ୍ତି ଯେ ରାଜ୍ୟ ନିର୍ବାଚନ କମିସନ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ ଭୋଟ ଦେଲା ବେଳେ ବ୍ୟବହାର ହେଉଥିବା କଲମରୁ ଅତ୍ୟାଧିକ କାଳି ବୋହିଗଲା। ଆଶ୍ଚର୍ଯ୍ୟର ବିଷୟ ଉକ୍ତ କଲମକୁ ଅନ୍ୟ ବିଧାୟକମାନେ ଭୋଟ ଦେଲାବେଳେ ବ୍ୟବହାର କରିଥିଲେ, କିନ୍ତୁ ସେଥିରୁ କାଳି ବୋହି ନ ଥିଲା ବେଳେ ବିଧାୟିକା ଉପାସନା ମହାପାତ୍ର ଭୋଟ ପାଇଁ ବ୍ୟବହାର କଲା ବେଳେ କେମିତି କାଳି ବୋହିଲା? ଏଥିରୁ ସ୍ପଷ୍ଟ ଜଣାପଡୁଛି ବିଧାୟିକାଙ୍କ ଭୋଟ ନାକଚ୍ ହୋଇଥିଲା,



ଯାହାକୁ ବିଜେଡି ଏଜେଣ୍ଟ ବିରୋଧ କରି ଅଭିଯୋଗ କରିଥିଲେ। କିନ୍ତୁ ନିର୍ବାଚନ ଅଧିକାରୀ ଶାସକ ବିଜେପିର ପ୍ରରୋଚନାରେ ଦ୍ୱିତୀୟ ବାଲଟ ପ୍ରଦାନ କରିଥିଲେ, ଯାହା ନିର୍ବାଚନର ନିୟମକୁ ଉଲ୍ଲଙ୍ଘନ କରୁଛି। ଯଦି ଭାରତବର୍ଷରେ ସମ୍ବିଧାନକୁ ରକ୍ଷା କରୁଥିବା ସଂସ୍ଥାମାନେ ନିରପେକ୍ଷ ଭାବେ ନିଜ କାର୍ଯ୍ୟ ନିର୍ବାହ କରିବେ ନାହିଁ, ତାହା ହେଲେ ଦେଶରେ ଗଣତନ୍ତ୍ର ଦୁର୍ବଳ ହେବ। ଏହା ଦେଶ ଓ ରାଜ୍ୟ ପାଇଁ ଶୁଭଙ୍କର ନୁହେଁ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ରାଜ୍ୟସଭା ନିର୍ବାଚନ ସମୟରେ ବିଜେପିର ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଓ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଅନୈତିକ ଭାବେ ଦ୍ୱିତୀୟବାଲଟପେପରଜାରିକରିଥିଲେନିର୍ବାଚନ ଅଧିକାରୀ; ଯାହା ନିର୍ବାଚନର ନୀତି ବିରୋଧୀ। ତେଣୁ ବିଜୁ ଜନତା ଦଳ ଏହାକୁ କଡ଼ା ବିରୋଧ କରି ଗତ ଏପ୍ରିଲ ୨୮ ତାରିଖରେ ଭାରତୀୟ ନିର୍ବାଚନ କମିସନ (ଇସିଆଇ)ଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲା। ଏପ୍ରିଲ ୨୯ ତାରିଖରେ ଭାରତୀୟ ନିର୍ବାଚନ କମିଶସନର ରାଜ୍ୟ ନିର୍ବାଚନ କମିଶନରଙ୍କୁ ଏନେଇ ନିର୍ଦ୍ଦେଶ ଦେଇ ବିଜୁ ଜନତା ଦଳ ସହ ଏହି ପ୍ରସଙ୍ଗରେ ତୁରନ୍ତ ଆଲୋଚନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ନିର୍ଦ୍ଦେଶକ୍ରମେ ରାଜ୍ୟ ନିର୍ବାଚନ କମିସନର ଦେଇଥିବା ନିର୍ଦ୍ଧାରିତ ସମୟରେ ଆଜି ବିଜେଡିର ଏକ ପ୍ରତିନିଧି ଦଳ ରାଜ୍ୟସଭା ନିର୍ବାଚନରେ ଦ୍ୱିତୀୟ ବାଲଟ ପେପର ବ୍ୟବହାରକୁ ନେଇ ସୃଷ୍ଟି ହୋଇଥିବା ବିବାଦ ସମ୍ପର୍କରେ ରାଜ୍ୟ ନିର୍ବାଚନ ଅଧିକାରୀକୁ ଭେଟିଥିଲେ। ଏହି ସାକ୍ଷାତ ସମୟରେ ବିଜେଡି ପକ୍ଷରୁ ରାଜ୍ୟସଭା ନିର୍ବାଚନ ବେଳେ ବିଜେପିର ଦୁଇ ବିଧାୟକଙ୍କ ଦ୍ୱିତୀୟ ବାଲଟ ବ୍ୟବହାର ନେଇ କଡ଼ା ପ୍ରତିକ୍ରିୟା ପ୍ରକାଶ କରାଯାଇଥିଲା। ବିଜୟୀ ପ୍ରାର୍ଥୀ ଦିଲ୍ଲୀପ ପ୍ରାର୍ଥୀଙ୍କୁ ଉଭୟ ଉପାସନା ଏବଂ ପୂର୍ଣ୍ଣଚନ୍ଦ୍ରଙ୍କ ଭୋଟ ମିଳିଥିବା ବେଳେ ମୋଟ ଉପରେ ତାଙ୍କୁ ପ୍ରଥମ ପସନ୍ଦ ଭୋଟ ୨୩ଟି ମିଳିଥିଲା। ସମାନ ସଂଖ୍ୟକ ଭୋଟ ବିଜେଡି ଦ୍ୱାରା ଘୋଷିତ ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତାଙ୍କୁ ମଧ୍ୟ ମିଳିଥିଲା। ତେଣୁ ଏହି ଦୁଇଟି ଭୋଟ ନାକଚ ହେଲେ ପ୍ରଥମ ପସନ୍ଦ ଭୋଟ ଆଧାରରେ ଦତ୍ତେଶ୍ୱରଙ୍କୁ ବିଜୟୀ ଘୋଷଣା କରିବାକୁ ଯୁକ୍ତି ଦର୍ଶାଇଥିଲା ଦଳ। ଏହାସହ ଗତ ମାର୍ଚ୍ଚ ୧୬ ତାରିଖରେ ଦଳ ପକ୍ଷରୁ ହୋଇଥିବା ଅଭିଯୋଗର ବିଚାର କରିବାକୁ ଆଜି ଦାବି କରିଥିଲେ ପ୍ରତିନିଧିମଣ୍ଡଳୀ। ଏହାସହ ଦ୍ୱିତୀୟ ବାଲଟ ପେପରର ବେଆଇନ ପ୍ରଦାନ ଘଟଣାରେ ଏକ ସମୟବଦ୍ଧ, ସ୍ୱାଧୀନ ଏବଂ ସ୍ୱଚ୍ଛ ତଦନ୍ତ ଏବଂ ବାଲଟ ପେପର ହିସାବ, ଭିଡିଓ ରେକର୍ଡିଂ ଏବଂ ପର୍ଯ୍ୟବେକ୍ଷକଙ୍କ ରିପୋର୍ଟ ସମେତ ସମସ୍ତ ପ୍ରାସଙ୍ଗିକ ଆଇନଗତ ରେକର୍ଡକୁ ସୁରକ୍ଷିତ ରଖାଯାଉ ବୋଲି ପ୍ରତିନିଧି ଦଳ ପକ୍ଷରୁ ଦାବି କରାଯାଇଥିଲା। ଏତଦ୍ ବ୍ୟତୀତ ନିର୍ବାଚନ ପରିଚାଳନା ନିୟମ, ୧୯୬୧ର ରୁଲ-୪୧ର ଉଲ୍ଲଂଘନ ହୋଇଛି କି ନାହିଁ, ସେନେଇ ଅନୁସନ୍ଧାନ କରିବାକୁ ଦାବି କରିଥିଲେ ପ୍ରତିନିଧିମଣ୍ଡଳୀ। ମାତ୍ର ଦାବିଗୁଡ଼ିକ ଉପରେ କୌଣସି ପଦକ୍ଷେପ ନେବାକୁ ସିଇଓ ଅସମର୍ଥତା ପ୍ରକାଶ କରିଥିବା ଜଣାପଡ଼ିଛି। ବିଜେଡି ପ୍ରତିନିଧିମଣ୍ଡଳୀରେ ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଉପମୁଖ୍ୟ ସଚେତକ ପ୍ରତାପ ଦେବ, ବିଧାୟକ ଡ. ଅରୁଣ କୁମାର ସାହୁ, ସାଂସଦ ଡ. ସସ୍ମିତ ପାତ୍ର, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି ଓ ଡ. ପ୍ରିୟବ୍ରତ ମାଝୀ ସାମିଲ ଥିଲେ।

- ■ ଦୁଇ ଭୋଟ ନାକଚ ସହ ଦତ୍ତେଶ୍ୱରଙ୍କୁ ବିଜୟୀ ଘୋଷଣା ଦାବି
- ■ ଅଭିଯୋଗକୁ ବିଚାର କରିବା ପାଇଁ ଅସମର୍ଥତା ପ୍ରକାଶ କଲେ ସିଇଓ: ଅରୁଣ
- ■ ବିଜେପି ପ୍ରରୋଚନାରେ ଦ୍ୱିତୀୟ ବାଲଟ ଦେଇଥିଲେ ମୁଖ୍ୟ ନିର୍ବାଚନ ଅଧିକାରୀ

**ଶଶୁର ଘର ଲୋକଙ୍କ ସଂଘବଦ୍ଧ ଆକ୍ରମଣରେ ଜ୍ୱାଇଁ ଗୁରୁତର**

# ହାତ ଗୋଡ଼ ବାନ୍ଧି ବିଚ୍ ରାସ୍ତାରେ ବିଧା, ଗୋଇଠା

କେନ୍ଦ୍ରାପଡ଼ା/ମହାକାଳପଡ଼ା, ୧୧।୫(ସମିସ): କିଏ ହାତଗୋଡ଼ ବାନ୍ଧି ପକାଉଛି ତ କିଏ ବିଧା ଗୋଇଠା କସି ଚାଲିଛି। ପୁଣି କିଏ ଦଉଡ଼ି ଧରି ତାଙ୍କୁ ଘୋଷାଡ଼ି ନେଉଛି। ଯେତେ ନେହୁରା ହେଲେ ବି କେହି ଶୁଣୁନାହାନ୍ତି। ପାଖାପାଖି ୨୫ରୁ ୩୦ଜଣ ଜଣେ ବ୍ୟକ୍ତିଙ୍କୁ ଏମିତି ଅମାନୁଷିକ ଭାବେ ଆକ୍ରମଣ କରିଚାଲିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ସାମୁଦ୍ରିକ ଥାନା ଅଧୀନ ଜମ୍ବୁ ଅଞ୍ଚଳରୁ ପୁଣି ଏପରି ଏକ ସାଂଘାତିକ ଚିତ୍ର ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ପାରିବାରିକ କଳହକୁ କେନ୍ଦ୍ର କରି ଶଶୁରଘର ଲୋକ ଜ୍ୱାଇଁଙ୍କୁ ଘରୁ ଟେକିନେଇ ପ୍ରବଳ ମାଡ଼ ମାରିବାର ଏହି ଦୃଶ୍ୟ ସମସ୍ତଙ୍କୁ ବିଚଳିତ କରୁଛି।

ସୂଚନାନୁଯାୟୀ, ଖରିନାସୀ ପଞ୍ଚାୟତ ୧୩ନଂ ୱାର୍ଡର ମନୋରଞ୍ଜନ ଗିରି ଓ ତାଙ୍କ ସ୍ତ୍ରୀ ସାରଥୀ ଗିରିଙ୍କ ମଧ୍ୟରେ ଗତକାଲି କଳହ ହୋଇଥିଲା। ମନୋରଞ୍ଜନ ସ୍ତ୍ରୀଙ୍କୁ ମାରଧର କରିଥିଲେ। ଏହାକୁ କେନ୍ଦ୍ର କରି ଜମ୍ବୁ ଅଞ୍ଚଳର ପ୍ରାୟ ୨୫ରୁ ୩୦ଜଣ ଖରିନାସୀରେ ମନୋରଞ୍ଜନଙ୍କ ଘରେ ପହଞ୍ଚିଥିଲେ। ସେମାନେ ମନୋରଞ୍ଜନଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ମନୋରଞ୍ଜନଙ୍କ ହାତ ଓ ଗୋଡ଼କୁ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ପରେ ତାଙ୍କୁ ଘରୁ ଟେକି ପ୍ରାୟ ୭ କି.ମି ଦୂରରେ ଥିବା ଜମ୍ବୁ ମାଛଧରା



ଜେଟି ପର୍ଯ୍ୟନ୍ତ ନେଇ ସେଠାରେ ମଧ୍ୟ ନିର୍ଦ୍ଧୁମ ପିଟିଥିବା ଜଣାପଡ଼ିଛି। ଜମ୍ବୁ ସାମୁଦ୍ରିକ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ମନୋରଞ୍ଜନଙ୍କୁ ଉଦ୍ଧାର କରିଥିଲା। ତାଙ୍କ ମୁହଁ, ମୁଣ୍ଡ, ହାତ, ଗୋଡ଼, ଛାତି ଓ ଶରୀରର ବିଭିନ୍ନ ଅଂଶରେ ଗଭୀର ଆଘାତ ଲାଗିଛି। ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ମନୋରଞ୍ଜନଙ୍କ ପକ୍ଷରୁ ସାମୁଦ୍ରିକ ଥାନା ଜମ୍ବୁରେ ଲିଖିତ ଅଭିଯୋଗ ହୋଇଛି।

**ବିନା ୱାରେଣ୍ଟରେ ଅଦାଲତଙ୍କ କ୍ଷେତ୍ରାଧିକାର ଅଞ୍ଚଳ ବାହାରୁ ଗିରଫଦାରୀ**

# ମାର୍ଗଦର୍ଶିକା ଜାରି କଲେ ହାଇକୋର୍ଟ

କଟକ, ୧୧।୫(ସମିସ): ରାଜ୍ୟ ବାହାରୁ କିମ୍ବା ଅଦାଲତଙ୍କ କ୍ଷେତ୍ରାଧିକାର ବାହାରୁ କୌଣସି ଅଭିଯୁକ୍ତଙ୍କୁ ବିନା ୱାରେଣ୍ଟରେ ଗିରଫ କରିବା ସମୟରେ ପୁଲିସକୁ ଏଣିକି କେତେକ ନିର୍ଦ୍ଦିଷ୍ଟ ନିୟମ ପାଳନ କରିବାକୁ ପଡ଼ିବ। ଜଣେ ଅଭିଯୁକ୍ତଙ୍କୁ ବେଆଇନ ଭାବେ ଅଟକ ରଖାଯାଇଥିବା ଏକ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ରାଜ୍ୟ ପୁଲିସ ପ୍ରଶାସନ ଉଦ୍ଦେଶ୍ୟରେ ଏକ ବିସ୍ତୃତ ନିର୍ଦ୍ଦେଶାବଳୀ ତଥା ମାର୍ଗଦର୍ଶିକା ଜାରି କରିଛନ୍ତି। ଭି. ଦିଲ୍ଲୀପ କୁମାରଙ୍କ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଯଦି କୌଣସି ବ୍ୟକ୍ତିଙ୍କୁ ରାଜ୍ୟ ବାହାରୁ ବା ଅଦାଲତଙ୍କ କ୍ଷେତ୍ରାଧିକାର ବାହାରୁ ଗିରଫ କରାଯାଏ ଓ ତାଙ୍କୁ ୨୪ଘଣ୍ଟା ମଧ୍ୟରେ ସମ୍ପୃକ୍ତ କୋର୍ଟରେ ହାଜର କରିବା ସମ୍ଭବ ହୋଇନଥାଏ, ତାଙ୍କୁ ବିନା ବିଳମ୍ବରେ ସେଠାକାର ନିକଟସ୍ଥ ନ୍ୟାୟିକ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରିବାକୁ ହେବ ବୋଲି କହିଛନ୍ତି ହାଇକୋର୍ଟ।

ଗିରଫଦାରୀ ସମୟରେ ସ୍ଥାନୀୟ ଥାନାର ସହାୟତା ନିଆଯିବା ସହିତ ଡାଏରୀରେ ଗିରଫ ସମ୍ପର୍କିତ ତଥ୍ୟ ଉଲ୍ଲେଖ କରିବାକୁ ପୁଲିସ ଅନୁରୋଧ କରିବ। ଗିରଫ ସମ୍ପର୍କରେ ସମ୍ପୃକ୍ତ ଜିଲ୍ଲାର ପୁଲିସ ଅଧିକାରୀ ଏବଂ ଅଭିଯୁକ୍ତ ରହୁଥିବା ଜିଲ୍ଲାର ଅଧିକାରୀଙ୍କୁ ତୁରନ୍ତ ସୂଚନା ଦେବାକୁ ହେବ। ଅଭିଯୁକ୍ତଙ୍କୁ ସମ୍ପୃକ୍ତ ଅଦାଲତକୁ ଆଣିବା ପାଇଁ ପୁଲିସକୁ ସେହି ନିକଟସ୍ଥ ମାଜିଷ୍ଟ୍ରେଟ୍‌ଙ୍କଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡ ନେବାକୁ ପଡ଼ିବ। ଗିରଫ କରୁଥିବା ଅଧିକାରୀ ତୁରନ୍ତ ଇ-ମେଲ୍ କିମ୍ବା ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ଗିରଫର ତାରିଖ, ସମୟ ଏବଂ ସ୍ଥାନ ସମ୍ପର୍କରେ ସମ୍ପୃକ୍ତ କ୍ଷେତ୍ରାଧିକାରୀ ଅଦାଲତଙ୍କୁ ଜଣାଇବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମାର ଏକ କପି ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ଅନୁପାଳନ ପାଇଁ ପଠାଯାଇଛି।

**ଅଦାଲତରେ ସମ୍ଭବ ନ ହେଲେ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଅଭିଯୁକ୍ତଙ୍କୁ ହାଜର ଜରୁରୀ**

ମାମଲାରୁ ପ୍ରକାଶ ଯେ ରାଇଘର ଥାନାର ଏକ ଦୁଷ୍କର୍ମ ଓ ମାନବ ଚାଲାଣ ମାମଲାରେ ପୁଲିସ ଆନ୍ଧ୍ରପ୍ରଦେଶରୁ ଜଣେ ଅଭିଯୁକ୍ତ (ଭେପଞ୍ଜେରୀ ଦିଲୀପ କୁମାର)କୁ ଗିରଫ କରିଥିଲା। ଗିରଫ କରିବା ପରେ ପୁଲିସ୍ ତାଙ୍କୁ ସେଠାକାର ନିକଟସ୍ଥ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର ନକରି ସିଧା ଓଡ଼ିଶା ନେଇଆସିଥିଲା। ଯାତ୍ରା ସମୟକୁ ବାଦ୍ ଦେଲେ ମଧ୍ୟ ଅଭିଯୁକ୍ତଙ୍କୁ ପ୍ରାୟ ୩୨ଘଣ୍ଟା କାଳ ଅଟକ ରଖାଯାଇଥିଲା, ଯାହାକି ସମ୍ବିଧାନର ଧାରା ୨୨(୨) ଏବଂ ବିଏନ୍ଏସ୍ଏସ୍‌ର ଧାରା ୫୮ ର ଉଲ୍ଲଙ୍ଘନ। ଯଦି ଗିରଫଦାରୀ ବେଆଇନ ହୋଇଥାଏ, ତେବେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବା ଅଦାଲତଙ୍କ କର୍ତ୍ତବ୍ୟ ବୋଲି ହାଇକୋର୍ଟ କହିବା ସହ ଏହି ଆଧାରରେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଏଥିସହ ଭବିଷ୍ୟତରେ ଏଭଳି ପରିସ୍ଥିତି ଏଡ଼ାଇବା ପାଇଁ ହାଇକୋର୍ଟ ଏକ ମାର୍ଗଦର୍ଶିକା ଜାରି କରିଛନ୍ତି।

■ ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନରେ ଅବହେଳା

# ଦରମା ଉଠାଇପାରିବେନି ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଓ କୁଳସଚିବ

କଟକ, ୧୧।୫ (ସମିସ): ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀରେ ଅବହେଳା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅଡୁଆରେ ପଡ଼ିଛନ୍ତି। ଆବେଦନକାରୀ କର୍ମଚାରୀଙ୍କୁ ଅର୍ଥ ପ୍ରଦାନ ସଂପର୍କିତ ପୂର୍ବ ନିର୍ଦ୍ଦେଶ ପାଳନ ନ ହେବା ପର୍ଯ୍ୟନ୍ତ ପ୍ରତିପକ୍ଷ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଓ କୁଳସଚିବ ସେମାନଙ୍କ ଦରମା ଉଠାଇବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଅନନ୍ତ କୁମାର ନାୟକଙ୍କ ପକ୍ଷରୁ ରୁଜୁ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଦର୍ଶାଯାଇଥିଲା ଯେ ଅର୍ଥ ପ୍ରଦାନ ସଂପର୍କିତ ନିର୍ଦ୍ଦେଶ ତିନି ସପ୍ତାହ ଭିତରେ ପାଳନ କରାଯିବ। ଏଭଳି ସ୍ଥିତିରେ ହାଇକୋର୍ଟ ଅଦାଲତ ଅବମାନନା ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ପ୍ରତିଶ୍ରୁତି ଅନୁସାରେ ଆବେଦନକାରୀଙ୍କୁ ଅର୍ଥ ପ୍ରଦାନ ପର୍ଯ୍ୟନ୍ତ କୁଳପତି ଓ କୁଳସଚିବ ଦରମା ଉଠାଇ ପାରିବେ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ମାମଲାରୁ ପ୍ରକାଶ, ୧୯୮୭ରେ ଚାକିରିରେ ଯୋଗଦେବା ଦିନଠାରୁ ଆବେଦନକାରୀଙ୍କୁ ନିୟମିତ କରିବା ସହ ନିର୍ଦ୍ଦିଷ୍ଟ ତାରିଖରୁ ଆର୍ଥିକ ସୁବିଧା ପ୍ରଦାନ ପାଇଁ ହାଇକୋର୍ଟ କହିଥିଲେ। ୨୦୨୫ ସେପ୍ଟେମ୍ବର ୧୦ର ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନଥିବା ଅଭିଯୋଗ କରି ଆବେଦନକାରୀ ୨୦୨୬ରେ ଅଦାଲତ ଅବମାନନା ମାମଲା ଦାୟର କରିଥିଲେ। ମାମଲାର ଶୁଣାଣି ସମୟରେ ପୂର୍ବ ନିର୍ଦ୍ଦେଶ ଆଂଶିକ କାର୍ଯ୍ୟକାରୀ ହୋଇଥିବା ସ୍ପଷ୍ଟ ହୋଇଥିଲା। ଏଭଳି ସ୍ଥିତିକୁ ନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତି କରିବା ସହିତ କହିଥିଲେ ଯେ ୨୦୨୫ ସେପ୍ଟେମ୍ବର ୧୦ର ନିର୍ଦ୍ଦେଶ ସରଳ ଇଂରାଜୀରେ ଥିବା ବେଳେ ଜଣେ ମାଟ୍ରିକ୍ ପାସ୍ କରିନଥିବା ବ୍ୟକ୍ତି ଏହାକୁ ବୁଝିପାରିବ। ତେଣୁ, ଏହି ନିର୍ଦ୍ଦେଶ ପାଳନ ନହେବା ନେଇ ଅଦାଲତ ଅସନ୍ତୋଷ ଜାହିର କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସଞ୍ଜୀବ ମହାନ୍ତି ମାମଲା ପରିଚାଳନା କରୁଥିଲେ।

**ସପ୍ତାହକରେ ତିନୋଟି ଭିଡ଼ ହତ୍ୟା**

# ସରକାରୀ ନିଷ୍କ୍ରିୟତାକୁ ନେଇ ବର୍ଷିଲା କଂଗ୍ରେସ

ଭୁବନେଶ୍ୱର,୧୧।୫(ସମିସ): ରାଜ୍ୟରେ କ୍ରମାଗତ ହତ୍ୟା, ଲୁଣ୍ଠନ, ଗଣ ଦୁଷ୍କର୍ମ ତଥା ଉଦବେଗଜନକ ଅମାନବୀୟ ମବ ଲିଂଚିଂ ହତ୍ୟାରେ ଅହେତୁକ ବୃଦ୍ଧି ପାଇଛି। ଗତ ସପ୍ତାହ ମଧ୍ୟରେ ତିନି ତିନୋଟି ଭିଡ଼ ଜନିତ ହତ୍ୟାକାଣ୍ଡ ଘଟିଛି। ଆଇନ ଶୃଙ୍ଖଳା ଅବସ୍ଥା ଏଭଳିସ୍ତରକୁ ଆସିଲାଣି ଯେ, ରାଜ୍ୟର ଜଣେ ଶକ୍ତିଶାଳୀ ଓ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସରକାରଙ୍କୁ ରାଜଧର୍ମ ପାଳନ ପାଇଁ ଚେତାଇବାକୁ ପଡୁଛି। ରାଜ୍ୟର ଭୁଶୁଡି ପଡ଼ିଥିବା ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କ ନିଷ୍କ୍ରିୟତା ବିରୋଧରେ ଭୁବନେଶ୍ୱରସ୍ଥିତ ପୋଲିସ କମିଶନରେଟ କାର୍ଯ୍ୟାଳୟ ଘେରିଛି କଂଗ୍ରେସ। ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ବିଶାଳ ପ୍ରତିବାଦ ଓ ଘେରାଓ କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ରାଜ୍ୟରେ ଅପରାଧ କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ଅମାନବୀୟ ଭିଡ଼ ହିଂସା ହତ୍ୟାକାଣ୍ଡ ବଢୁଥିଲେ ମଧ୍ୟ ଏସବୁର ପ୍ରତିକାର ପାଇଁ ସରକାର କିମ୍ବା ମୁଖ୍ୟମନ୍ତ୍ରୀ କାହା ପାଖରେ ସମୟ



ନାହିଁ। ପୁଲିସ ଫୋର୍ସ ଅପରାଧୀଙ୍କୁ ଘୋଡ଼େଇବାରେ ବ୍ୟସ୍ତ ରହୁଛି। ଅପରାଧୀମାନେ ବିଜେପି, ଆରଏସଏସ ଓ ଭିଏଚପିରେ ମିଶି ଯାଉଛନ୍ତି ଓ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଫଳରେ ସାଧାରଣ ଜନତା ମଧ୍ୟ ସାହସ ପାଇ ଏଭଳି ଭିଡ ହିଂସା କରିବାକୁ ପ୍ରଶ୍ରୟ ପାଉଛନ୍ତି। ବିଚ ରାସ୍ତାରେ ଲୋକଙ୍କୁ ପିଟିପିଟି ମାରି ଦେଉଛନ୍ତି। ଏ ସରକାରଙ୍କ ବିରୋଧରେ ଯେତେ କହିଲେ ମଧ୍ୟ କମ ପଡ଼ିବ। ସରକାର ନିର୍ଲଜତାର ସୀମା ପାରି ହୋଇ ସାରିଲେଣି ବୋଲି ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି।

ଖୋର୍ଦ୍ଧା ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକ ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ଯାଇଛି ଓ ପୁଲିସ ସମ୍ପୂର୍ଣ୍ଣ ରୂପେ ସରକାରୀ ଦଳର ହାତ ବାରିସୀ ସାଜି କାମ କରୁଛି ବୋଲି କହିଛନ୍ତି। ଗୃହ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତୁରନ୍ତ ଇସ୍ତଫା ଦେବା ପାଇଁ ଦାବି କରିବା ସହ ଦୋଷୀ ମାନଙ୍କୁ ତୁରନ୍ତ ଦଣ୍ଡ ମିଳିବା ଓ ପୁଲିସ ଅଫିସର ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଆଜିର ଏହି ଘେରାଓ ଓ ପ୍ରତିବାଦ କାର୍ଯ୍ୟକ୍ରମରେ ପିସିସି ଉପସଭାପତି (ସଂଗଠନ) ସନ୍ତୋଷ ସିଂ ସାଲୁଜା, ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ, ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ, ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଭୁବନେଶ୍ୱର ଜିଲ୍ଲା ସଭାପତି ପ୍ରକାଶ ଜେନା, ଖୋର୍ଦ୍ଧା ଜିଲ୍ଲା କୋଷାଧ୍ୟକ୍ଷ ତପନ ଚକ୍ରବର୍ତ୍ତୀ, ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀନୀ ସୋନାଲି ସାହୁଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

**ପୁଲିସ କମିସନରେଟ୍ ଘେରିଲେ ନେତା ଓ କର୍ମୀ**

■ ଦୁଷ୍କର୍ମ ପୀଡ଼ିତା ନାବାଳିକା ଗର୍ଭବତୀ ହେବା ପ୍ରସଂଗ

# ମାଗଣା ଚିକିତ୍ସା ଯୋଗାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୧।୫(ସମିସ): ନାବାଳିକା ଗର୍ଭବତୀ ହେବା ପ୍ରସଙ୍ଗରେ ପୀଡ଼ିତାଙ୍କ ବାପା-ମା' ଓ ଆଇନଗତ ଅଭିଭାବକଙ୍କ ମତ ଗୁରୁତ୍ୱ ରଖେ। ଗର୍ଭପାତ ହେଲେ ନାବାଳିକା ପୀଡ଼ିତାଙ୍କ ଜୀବନ ପ୍ରତି ବିପଦ ରହିଥିବା ଡାକ୍ତରୀ ରିପୋର୍ଟରୁ ସ୍ପଷ୍ଟ ହୋଇଥିବା ବେଳେ ପୀଡ଼ିତା ଓ ତାଙ୍କ ମା' ଗର୍ଭଧାରଣ ଜାରି ରଖିବାକୁ ସହମତି ବ୍ୟକ୍ତି କରିଛନ୍ତି। ଏଭଳି ନିଷ୍ପତ୍ତିକୁ ସମ୍ମାନ ଜଣାଇ ଶିଶୁର ସୁରକ୍ଷିତ ପ୍ରସବ ପାଇଁ ପୀଡ଼ିତାଙ୍କୁ ଉପଯୁକ୍ତ ଯତ୍ନ ଓ ଡାକ୍ତରୀ ଚିକିତ୍ସା ପ୍ରଦାନ ଲାଗି କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗର୍ଭବତୀ ନାବାଳିକା ପୀଡ଼ିତାଙ୍କୁ ସୁରକ୍ଷିତ ପ୍ରସବ ପାଇଁ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା ପ୍ରଦାନ ପାଇଁ ଭୁବନେଶ୍ୱର ଏମ୍ସ ନିର୍ଦ୍ଦେଶକଙ୍କୁ ହାଇକୋର୍ଟ ନିର୍ଦ୍ଦେଶ କହିଛନ୍ତି। ପୀଡ଼ିତା କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ପାଇଁ ଯଦି ନିଷ୍ପତ୍ତି ନିଅନ୍ତି, ତାଙ୍କୁ ଆବଶ୍ୟକ ଚିକିତ୍ସା ଓ ଯତ୍ନ ପ୍ରଦାନ ପାଇଁ ରାଜ୍ୟ ସରକାର ଓ ହସ୍ପିଟାଲ ନିର୍ଦ୍ଦେଶକ ପଦକ୍ଷେପ ଗ୍ରହଣ କରିବେ। ପୀଡ଼ିତାଙ୍କୁ ସ୍ୱାସ୍ଥ୍ୟସେବା ଓ ପିଲା ପ୍ରସବ ପାଇଁ ଆବଶ୍ୟକ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବ ବୋଲି ହାଇକୋର୍ଟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ପୀଡ଼ିତା ଓ ତାଙ୍କ ଅଭିଭାବକଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ, ୧୬ ବର୍ଷୀୟା ଦୁଷ୍କର୍ମ ପୀଡ଼ିତା ଗର୍ଭବତୀ ହୋଇଥିବା ବେଳେ ତାଙ୍କୁ ଗର୍ଭପାତ ପାଇଁ ଅନୁମତି ଦେବାକୁ ପରିବାର ସଦସ୍ୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶରେ କ୍ୟାପିଟାଲ ହସ୍ପିଟାଲ ଓ ଭୁବନେଶ୍ୱର ଏମ୍ସରେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟବସ୍ଥାର ଯାଞ୍ଚ କରାଯାଇଥିଲା। ପୀଡ଼ିତାଙ୍କ ଗର୍ଭପାତ (ଏମଟିପି) ପ୍ରସଙ୍ଗରେ ଡାକ୍ତରମାନେ ପରୀକ୍ଷା କରି ମତାମତ ଦେଇ ରିପୋର୍ଟ ଦାଖଲ କରିଥିଲେ। ୩୧ ସପ୍ତାହର ଗର୍ଭ ହୋଇଥିବା ବେଳେ ଏବେ ଗର୍ଭପାତ ଦ୍ୱାରା ପୀଡ଼ିତାଙ୍କ ଜୀବନ ଓ ସ୍ୱାସ୍ଥ୍ୟ ପ୍ରତି ବିପଦ ରହିଛି। ୪୦ ସପ୍ତାହ ପାଇଁ ଗର୍ଭଧାରଣ ଜାରି ରଖିବାକୁ ଦିଆଯାଇପାରେ ଓ ସୁରକ୍ଷିତ ଫଳାଫଳ ପାଇଁ ସେହି ସମୟରେ ପ୍ରସବ କରାଯାଇପାରିବ ବୋଲି ଡାକ୍ତରଙ୍କ କମିଟି ମତାମତ ଦେଇଥିଲେ। ଏହାପରେ ପୀଡ଼ିତା ଓ ତାଙ୍କ ଅଭିଭାବକଙ୍କ ମତାମତ ଲୋଡ଼ା ଯାଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ରମାକାନ୍ତ ଷଡ଼ଙ୍ଗୀ ମାମଲା ପରିଚାଳନା କରୁଥିଲେ।

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 43 ◆ISSUE-313 ◆TUESDAY ◆12 MAY 2026 ◆PAGE-12 ◆₹ 7.00
◆ବର୍ଷ-୪୩ ◆ସଂଖ୍ୟା-୩୧୩ ◆ମଙ୍ଗଳବାର ◆୧୨ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

# ଦୁବାଇରେ ବିଶ୍ୱର ପ୍ରଥମ ଏଆଇ ସ୍ମାର୍ଟ ବସ୍ ଷ୍ଟେସନ ଉଦ୍‌ଘାଟିତ



■ ଦୁବାଇ, ୧୧।୫ (ଏଜେନ୍ସି): ସ୍ମାର୍ଟ ସିଟି ଦିଗରେ ଦୁବାଇ ଆଉ ଏକ ବଡ଼ ସଫଳତା ହାସଲ କରିଛି। ଦୁବାଇର ରୋଡ୍ ଆଣ୍ଡ ଟ୍ରାନ୍ସପୋର୍ଟ ଅଥରିଟି ପକ୍ଷରୁ ମଲ୍ ଅଫ୍ ଦି ଏମିରେଟ୍ସ ଠାରେ ବିଶ୍ୱର ପ୍ରଥମ ସମ୍ପୂର୍ଣ୍ଣ ଏଆଇ ଚାଳିତ ସ୍ମାର୍ଟ ବସ୍ ଷ୍ଟେସନର ଶୁଭାରମ୍ଭ କରାଯାଇଛି। ଏହି ଅତ୍ୟାଧୁନିକ ଷ୍ଟେସନରେ କୃତ୍ରିମ ବୁଦ୍ଧିମତା (ଏଆଇ) ଏବଂ ୨୪ ଘଣ୍ଟିଆ ଡିଜିଟାଲ୍ ସେବାର ବ୍ୟବସ୍ଥା ରହିଛି। ଏହି ଷ୍ଟେସନଟି ଆଧୁନିକ ବୈଷୟିକ ଜ୍ଞାନକୌଶଳରେ ସଜ୍ଜିତ। ଏହାର ବିଶେଷତ୍ୱ ମଧ୍ୟରେ ଏଆଇ କ୍ୟାମେରା ଓ ମନିଟରିଂ ରହିଛି। ଷ୍ଟେସନରେ ଏଆଇ-ଚାଳିତ କ୍ୟାମେରା ଲଗାଯାଇଛି। ଏହା ଭିଡ଼ ନିୟନ୍ତ୍ରଣ କରିବା ସହ ଯାତ୍ରୀଙ୍କ ଯାତାୟାତ ଏବଂ ସୁରକ୍ଷା ଉପରେ ନଜର ରଖିବ। ସେହିପରି ରିଅଲ୍-ଟାଇମ୍ ସୂଚନା ପାଇଁ ବଡ଼ ଡିଜିଟାଲ୍ ସ୍କ୍ରିନ୍ ମାଧ୍ୟମରେ ବସ୍ ଆସିବା ସମୟ, ମେଟ୍ରୋ ସମୟସୂଚୀ ଏବଂ ଟ୍ୟାକ୍ସି ଉପଲବ୍ଧତା ବିଷୟରେ ସିଧାସଳଖ ଅପଡେଟ୍ ମିଳିପାରିବ। ଯାତ୍ରୀମାନଙ୍କ ସୁବିଧା ପାଇଁ ଆପ୍ ଏବଂ ଷ୍ଟେସନରେ ଥିବା ଇଣ୍ଟରଆକ୍ଟିଭ୍ କିଓସ୍କ ରହିଛି। ଏହା ମାଧ୍ୟମରେ ଯାତ୍ରା ସମ୍ବନ୍ଧୀୟ ସମସ୍ତ ସୂଚନା ପାଇପାରିବେ। ଭବିଷ୍ୟତରେ ଦୁବାଇକୁ ବିଶ୍ୱର ଏକ ଅଗ୍ରଣୀ ସ୍ମାର୍ଟ ସିଟି ଭାବେ ଗଢିତୋଳିବା ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ ରହିଛି।

# ବଙ୍ଗୋପସାଗରରେ ଲଘୁଚାପ

**ଓଡ଼ିଶା ଉପରେ ପଡ଼ିବନି ପ୍ରଭାବ**
**ମୌସୁମୀକୁ ବାଟ କଢ଼ାଇ ଆଣିବ**

■ ଭୁବନେଶ୍ୱର, ୧୧।୫ (ସମିସ): ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ପାଶ୍ୱବର୍ତ୍ତୀ ଶ୍ରୀଲଙ୍କା ଉପକୂଳ ନିକଟରେ ଲଘୁଚାପ ସୃଷ୍ଟି ହୋଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହି ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବାର ସମ୍ଭାବନା ରହିଛି। ଯଦିଓ ଏହି ଲଘୁଚାପର ପ୍ରଭାବ ସିଧାସଳଖ ଓଡ଼ିଶା ଉପରେ ରହିବ ନାହିଁ, ମାତ୍ର ଲଘୁଚାପ କ୍ଷେତ୍ରରୁ ଜଡ଼ିତ ଏକ ଟ୍ରଫଲାଇନ୍ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ମୁଖ୍ୟତଃ ଏହା କାଳବୈଶାଖୀ ଜନିତ ବର୍ଷା ସଦୃଶ ଅନୁଭୂତ ହେବ ବୋଲି କୁହାଯାଉଛି।

ଅନ୍ୟପଟେ ଏହି ଲଘୁଚାପ ପ୍ରଭାବରେ ବଙ୍ଗୋପସାଗର ଅଞ୍ଚଳରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହେବା ପାଇଁ ପାଗ ଅନୁକୂଳ ହେଉଛି। ଏହି ଲଘୁଚପା ମୌସୁମୀ ବାୟୁକୁ ଭିଡ଼ି ଆଣିବାରେ ସହାୟକ ହେଉଥିବାରୁ ଚଳିତ ସପ୍ତାହର ଶେଷ ଆଡ଼କୁ ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ସାଗର ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର କିଛି ଅଞ୍ଚଳକୁ ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ହୋଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହୋଇଛି। ବିଶେଷ କରି ଯାଜପୁର ଜିଲ୍ଲାରେ କାଳବୈଶାଖୀ ଯୋଗୁଁ ବିଜୁଳି ▶ପୃଷ୍ଠା-୧୧

# ଖଣ୍ଡଖଣ୍ଡ କରି ହାଣିଲେ ପଥର ମାଫିଆ

## ଗୋଡ଼େଇ ଗୋଡ଼େଇ ଖଣ୍ଡାରେ ୫୦ ଚୋଟ



**ହାତ, ପାପୁଲି ହାଣି ଅଲଗା କରିଦେଲେ**
**ପ୍ରବଳ ରକ୍ତସ୍ରାବରୁ ମୃତ୍ୟୁ**

■ ନୟାଗଡ଼/ଓଡ଼ଗାଁ, ୧୧।୫ (ସମିସ): ଯୁବକଙ୍କୁ ହାଣି ଖଣ୍ଡଖଣ୍ଡ କରିଦେଲେ ପଥର ମାଫିଆ। ଶରୀରରୁ ହାତ ଏବଂ ହାତରୁ ପାପୁଲିକୁ କାଟି ଅଲଗା କରିଦେଇଛନ୍ତି। ଖାଲି ସେତିକି ନୁହେଁ, ଦେହ ସାରା ୫୦ରୁ ଊର୍ଦ୍ଧ୍ୱ ଖଣ୍ଡା ଚୋଟ। ଶରୀରର ଏମିତି କୌଣସି ଅଙ୍ଗ ନାହିଁ, ଯାହାକୁ ଦୁର୍ବୃତ୍ତମାନେ ଛାଡ଼ିଛନ୍ତି। ନୟାଗଡ଼ ଜିଲ୍ଲା ଓଡ଼ଗାଁରେ ଏପରି ଏକ ଛାତିଥରା ହତ୍ୟାକାଣ୍ଡ ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମୃତକ ହେଲେ, ଓଡ଼ଗାଁ ଏନ୍‌ଏସି ଅନ୍ତର୍ଗତ ଖେଳପଡ଼ିଆ ସାହିର ଅଜିତ କୁମାର ସାହୁ। ନୟାଗଡ଼-ଭଞ୍ଜନଗର ରାଜ୍ୟ ରାଜପଥର କଦଳୀବନ୍ଧ ନିକଟରେ ରବିବାର ବିଳମ୍ବିତ ରାତିରେ ଏହି ବର୍ବରକାଣ୍ଡ ଘଟିଛି। ମାଙ୍କଡ଼ା ପଥର ଚୋରାଚାଲାଣକୁ ବିରୋଧ କରିବାରୁ ଅଜିତଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଗତକାଲି ବିଳମ୍ବିତ ରାତିରେ ଏହି ଘଟଣା ପଦାକୁ ଆସିବା ପରେ ନ୍ୟାୟ ଦାବିରେ ପରିବାର ଓ ସ୍ଥାନୀୟ ଲୋକ ରାତି ୩ଟାରୁ ଆଜି ଦିନ ୧୧ଟା ପର୍ଯ୍ୟନ୍ତ ପାଖାପାଖି ୮ ଘଣ୍ଟା ଧରି ୨୧ ନମ୍ବର ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ।

ଅପରପକ୍ଷେ, ମୃତକଙ୍କ ବାପା ସଦାଶିବ ସାହୁଙ୍କ ଅଭିଯୋଗ ଆଧାରରେ ଓଡ଼ଗାଁ ଥାନା ପୁଲିସ ପୂର୍ଣ୍ଣଚନ୍ଦ୍ର ନାୟକ, ମୁନା ସାହୁ, ଜଗନ୍ନାଥ ପଣ୍ଡା, କୁଲୁ ଭଞ୍ଜ ସମେତ ମୋଟ ୬ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ପାଇଁ ପୁଲିସର ଏକ ଟିମ୍ ଗଠନ ହୋଇଛି। ସେହିପରି, ଏହି ଘଟଣାରେ ଓଡ଼ଗାଁ ଥାନା ଏଏସ୍‌ଆଇ ମନୋରଞ୍ଜନ ▶ପୃଷ୍ଠା-୧୧

## ହତ୍ୟା ପରେ ଜାଳିଦେଲେ

■ ଗଣିଆ, ୧୧।୫ (ସମିସ): ଯୁବକଙ୍କୁ ହତ୍ୟା କରି ଜାଳିଦେଲେ ଦୁର୍ବୃତ୍ତ। ନୟାଗଡ଼ ଜିଲ୍ଲା ଗଣିଆ ଥାନା ଅଞ୍ଚଳରେ ଏହି ଲୋମଟାଙ୍କୁରା ଘଟଣା ଘଟିଛି। ମୃତ ଯୁବକ ହେଲେ, ଖଣ୍ଡପଡ଼ା ଥାନା ଢୋଲମରା ନିକଟସ୍ଥ କନ୍ଧମିରିଗି ଗ୍ରାମର ରୁଷିଆ ପ୍ରଧାନଙ୍କ ପୁଅ ସଞ୍ଜୀୟ ପ୍ରଧାନ। ଆଜି ଅପରାହ୍ନରେ ରାସ୍ତାକଡ଼ରୁ ତାଙ୍କର ଅର୍ଦ୍ଧଦଗ୍ଧ ମୃତଦେହ ଠାବ ହୋଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଶବଟି ସେମିତି ରାସ୍ତାକଡ଼ରେ ପଡ଼ି ରହିଥିଲା। ଯୁବକଙ୍କ ଡାହାଣ ହାତରେ ସଞ୍ଜୀୟ ଲେଖା ହୋଇଥିବା ବେଳେ ସେ ଗୋଟିଏ କଙ୍କଣ ପିନ୍ଧିଛନ୍ତି। ବେକରେ ଗୋଟିଏ ରୁପା ଚେନ୍ ମଧ୍ୟ ପଡ଼ିଛି। ମୃତଦେହ ପଡ଼ିଥିବା ଅନତି ଦୂରରେ ରାସ୍ତା ଉପରେ ଗୋଟିଏ ଚପଲ ପଡ଼ିଥିବା ବେଳେ ପେଟ୍ରୋଲ ବୋତଲ ମଧ୍ୟ ପଡ଼ିଛି। ସଞ୍ଜୀୟଙ୍କ ଶରୀରର ସମସ୍ତ ଅଂଶ ପୋଡ଼ି ଯାଇଛି। ମୃତଦେହ ପଡ଼ିଥିବା ସ୍ଥାନରେ ପିନ୍ଧିଥିବା ସାର୍ଟର ଟୁକୁଡା ଏବଂ ଗଞ୍ଜିର ଟୁକୁଡା ପଡ଼ି ରହିଛି।



ମିଳିଥିବା ସୂଚନାନୁଯାୟୀ, ସଞ୍ଜୀୟ ଭୁବନେଶ୍ୱରରେ କାମ କରୁଥିଲେ। ସେଠାରୁ ଗତକାଲି ଦିନ ୧୦ଟା ବେଳେ ଘରକୁ ଆସିବା ପାଇଁ ବାହାରିଥିଲେ। କିନ୍ତୁ ଘରେ ପହଞ୍ଚିନଥିଲେ। ସଞ୍ଜୀୟଙ୍କ ▶ପୃଷ୍ଠା-୧୧

**ଧାନ ବିକ୍ରି କରିପାରିଲେନି**

# ଚାଷୀ ମାଗିଲେ ଇଚ୍ଛାମୃତ୍ୟୁ

■ ଭେଡେନ/ବରଗଡ଼, ୧୧।୫ (ସମିସ): ମାର୍ଚ୍ଚ ୩୧ରୁ ରାଜ୍ୟରେ ସରିଛି ଖରିଫ ଧାନ କିଣା, ଆଜିଠାରୁ ରବିଧାନ କିଣା ଆରମ୍ଭ ହୋଇଛି। କୃଷିମନ୍ତ୍ରୀ ଓ ଯୋଗାଣମନ୍ତ୍ରୀ ଚାଷୀଙ୍କଠାରୁ ଧାନ କ୍ରୟ କ୍ଷେତ୍ରରେ ସରକାରଙ୍କ ପଦକ୍ଷେପ ପ୍ରଶଂସନୀୟ ବୋଲି କହୁଛନ୍ତି। ଏପରି ସମୟରେ ଧାନ ବିକ୍ରିକୁ ନେଇ ରାଜ୍ୟରେ ଆସିଛି ଏକ ସାଂଘାତିକ ଚିତ୍ର। ଧାନ ବିକ୍ରି କରିବାରେ ବିଫଳ ହୋଇଥିବା ବରଗଡ଼ ଜିଲ୍ଲା ଭେଡ଼େନ୍ ବ୍ଲକ୍‌ର ଜଣେ ଚାଷୀ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଇଚ୍ଛାମୃତ୍ୟୁ ଆବେଦନ କରିଛନ୍ତି। ଧାନ ବିକ୍ରି କରିବାରେ ବିଫଳ ହେବା ପରେ ସେ ଯାବତୀୟ ଆର୍ଥିକ ଅନଟନର ସମ୍ମୁଖୀନ ହୋଇଛନ୍ତି। ପରିବାର ଖର୍ଚ୍ଚ ତୁଲାଇବାକୁ ବି ବିଫଳ ହୋଇଛନ୍ତି। ତେଣୁ ସେ ଜୀବନ ହାରିବାକୁ ସ୍ଥିର କରିଛନ୍ତି ଓ ଏଥିପାଇଁ ଅନୁମତି ଦେବାକୁ ସରକାରଙ୍କ ନିକଟରେ ଆବେଦନ କରିଛନ୍ତି। ଏହି ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି।



ଶାନ୍ତିରେ ତ ବଞ୍ଚିହେଲା ନାହିଁ; ଶାନ୍ତିରେ ମରିବାକୁ ଅନୁମତି ଦିଅ

ଇଚ୍ଛାମୃତ୍ୟୁ ଆବେଦନ କରିଥିବା ଚାଷୀ ଜଣକ ହେଉଛନ୍ତି ଭେଡ଼େନ୍ ବ୍ଲକ୍ ତାଲମେଣ୍ଡା ଗ୍ରାମର ରୋହିତ ଭୋଇ। ଭେଡ଼େନ୍ ବ୍ଲକ୍ ଅଫିସରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ସେ ଯୋଗ ଦେଇ ଆତ୍ମବିସର୍ଜନ ପାଇଁ ଅନୁମତି ଦେବାକୁ ଅନୁରୋଧ କରିଛନ୍ତି। ଏ ସଂକ୍ରାନ୍ତରେ ସେ ଲିଖିତ ଭାବରେ ଜିଲ୍ଲାପାଳଙ୍କୁ ଏକ ଆବେଦନପତ୍ର ଦେଇଛନ୍ତି। ଏପରି ଆବେଦନ ଦେଖିବା ପରେ ଜିଲ୍ଲାପାଳ ଓ ଅନ୍ୟ ସରକାରୀ ଅଧିକାରୀମାନେ ତଟସ୍ଥ ହୋଇଛନ୍ତି। ରୋହିତଙ୍କୁ ବୁଝାସୁଝା କରିଛନ୍ତି।

ରୋହିତ ଭୋଇ ଜଣେ ଗରିବ ଚାଷୀ। ବର୍ଷଯାକ ତୁଣ୍ଡଝାଳ ମୁଣ୍ଡରେ ▶ପୃଷ୍ଠା-୧୧

# ତେଲ ମାଡ଼ରେ ଟଙ୍କା ଦୁର୍ବଳ

## ସେନ୍‌ସେକ୍ସ ଖସିଲା ୧୩୭୦ ପଏଣ୍ଟ

■ ନୂଆଦିଲ୍ଲୀ, ୧୧।୫ (ଏଜେନ୍ସି): ବଢ଼ିବାରେ ଲାଗିଛି ମଧ୍ୟ ପ୍ରାଚ୍ୟ ସଙ୍କଟ। ଏଥିରେ ଗୁରୁତର ଭାବେ ପ୍ରଭାବିତ ହେଲାଣି ଭାରତୀୟ ବଜାର। କାରଣ ମଧ୍ୟପ୍ରାଚ୍ୟ ଅସ୍ଥିରତାରେ ଭାରତୀୟ ମୁଦ୍ରା ଟଙ୍କା ଦୁର୍ବଳ ହେବାରେ ଲାଗିଛି। କାରଣ ହଠାତ୍ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ଅହେତୁକ



ବୃଦ୍ଧି ଆଜି ଭାରତୀୟ ବାଣିଜ୍ୟ କାରବାର ଉପରେ ବୃହତ୍ ପ୍ରଭାବ ପକାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ନୂଆ ଶାନ୍ତି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ପରେ ଅଶୋଧିତ ତୈଳ ମୂଲ୍ୟରେ ନିଆଁ ଲାଗିଛି। ତେଲ ଦର ବଢ଼ିବା ଯୋଗୁ ସୋମବାର ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ହ୍ରାସ ଘଟି ଏହା ଐତିହାସିକ ରେକର୍ଡ ସ୍ତରକୁ ଖସିଆସିଛି।

ଶୁକ୍ରବାରର ପୂର୍ବ ବନ୍ଦ ୯୪.୪୮ ଟଙ୍କା ତୁଳନାରେ ଆଜି ଭାରତୀୟ ମୁଦ୍ରା ମୂଲ୍ୟରେ ୪୦ ପଇସା ହ୍ରାସ ଘଟିଛି। ଟଙ୍କା ମୂଲ୍ୟରେ ହ୍ରାସ ଭାରତର ଆମଦାନୀ ବିଲ୍‌ରେ ବୃଦ୍ଧି ଘଟାଇବ। ଏହାର ପ୍ରଭାବରେ ଅଗାମୀ ଦିନରେ ମୁଦ୍ରାସ୍ଫୀତି ହୁହୁ ହୋଇ ବଢ଼ିବ, ଯାହା ବଜାର ଦରକୁ ଆହୁରି ମହଙ୍ଗା କରିବ। ସୋମବାର ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟରେ ୩%ରୁ ଅଧିକ ବୃଦ୍ଧି ଘଟି ଏହା ପ୍ରାୟ ୧୦୪.୫୦ ଡଲାର ପ୍ରତି ବ୍ୟାରେଲରେ ପହଞ୍ଚିଛି। ବ୍ୟବସାୟୀମାନେ କହିଛନ୍ତି ଯେ, ହରମୁଜ୍ ପ୍ରଣାଳୀ ପୁନଃ ଖୋଲିବା ନେଇ ଅନିଶ୍ଚିତତା ଜାରି ରହିବା ଯୋଗୁଁ ବିଶ୍ୱ ଶକ୍ତି ବଜାରରେ ଅସ୍ଥିରତା ଜାରି ରହିଛି।

ଆହୁରି ମଧ୍ୟ ଇରାନ୍ ଯୁଦ୍ଧ ଯୋଗୁ ଆଜି ସପ୍ତାହର ପ୍ରଥମ କାରବାର ଦିବସରେ ଭାରତୀୟ ସେୟାର ବଜାରରେ ବଡ଼ ହ୍ରାସ ଦେଖିବାକୁ ମିଳିଛି। ଅଶୋଧିତ ତୈଳର ବର୍ଦ୍ଧିତ

**୧ ଡଲାର=୯୪.୮୮ଟଙ୍କା**

ମୂଲ୍ୟ ଏବଂ ଦୁର୍ବଳ ହେଉଥିବା ଭାରତୀୟ ମୁଦ୍ରା ଘରୋଇ ପୁଞ୍ଜି ବଜାରରୁ ଦୋହଲାଇଦେଇଛି। ଦୁଇ ପ୍ରମୁଖ ସୂଚକାଙ୍କ ସେନ୍ସେକ୍ସ ଏବଂ ନିଫ୍ଟି ଦେଢ ପ୍ରତିଶତ ଯାଏ ହ୍ରାସ ପାଇଛି। କାରବାର ଶେଷ ବେଳକୁ ସେନ୍ସେକ୍ସରେ ୧୩୭୦ ପଏଣ୍ଟ ହ୍ରାସ ଘଟି ୭୫,୯୫୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟିରେ ୩୭୫ ପଏଣ୍ଟରୁ ଅଧିକ ହ୍ରାସ ପାଇ ୨୩,୮୦୦ ପଏଣ୍ଟ ତଳେ ବନ୍ଦ ହୋଇଛି। ଦିନର କାରବରେ ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍‌ଗୁଡିକ ଆଜି ଚାପରେ ରହିଥିଲା। ପୂର୍ବ କାରବାର ଦିନ ମେ' ୮ରେ ବିଏସ୍‌ଇରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ୪.୭୩ ଲକ୍ଷ କୋଟି ଟଙ୍କା ରହିଥିଲା। ଆଜିର କାରବାରରେ ଏହା ହ୍ରାସ ପାଇ ୪.୬୭ ଲକ୍ଷ କୋଟି ଟଙ୍କା ହୋଇଛି। ଏହାର ଅର୍ଥ ହେଉଛି ନିବେଶକଙ୍କୁ ଆଜି ବଜାର କାରବାରରେ ୫.୬୭ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡିଛି। ସେନ୍ସେକ୍ସରେ ତାଲିକାଭୁକ୍ତ ୩୦ ସେୟାର ମଧ୍ୟରୁ କେବଳ ୬ଟି ସେୟାର ସବୁଜ ସଙ୍କେତ ସହ ବନ୍ଦ ହୋଇଛି।

# ପୁଣି ସୁପ୍ରିମକୋର୍ଟ ଗଲେ ମମତା

## ୩୧ଟି ନିର୍ବାଚନମଣ୍ଡଳୀରେ ଫଳାଫଳକୁ ପ୍ରଭାବିତ କରିଛି ଏସ୍‌ଆଇଆର୍



**ବିଜେପିର ବିଜୟ ବ୍ୟବଧାନ ଠାରୁ ଭୋଟ-କାଟ୍ ଅଧିକ**
**ନିର୍ବାଚନ କମିସନଙ୍କ ବିରୋଧ ସତ୍ତ୍ୱେ ଶୁଣାଣି କରିବେ ଅଦାଲତ**
**ଏସ୍‌ଆଇଆର୍ ଟ୍ରିବ୍ୟୁନାଲ ପାଇଁ ଧାର୍ଯ୍ୟ ହୋଇପାରେ ସମୟସୀମା**

■ ନୂଆଦିଲ୍ଲୀ, ୧୧।୫ (ଏଜେନ୍ସି): ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍‌କୁ ନେଇ ପୁଣି ଥରେ ସୁପ୍ରିମ କୋର୍ଟରେ ପହଞ୍ଚିଛନ୍ତି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ତଥା ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ସେ ଅଭିଯୋଗ କରିଛନ୍ତି ଯେ ବିବାଦୀୟ ଏସ୍‌ଆଇଆର୍ ଯୋଗୁଁ ତାଙ୍କ ଦଳ ରାଜ୍ୟ ବିଧାନସଭା ନିର୍ବାଚନରେ ପରାସ୍ତ ହୋଇଛି। ୩୧ଟି ବିଧାନସଭା ନିର୍ବାଚନମଣ୍ଡଳୀର ଉଦାହରଣ ଦେବାକୁ ଯାଇ ସେ କହିଛନ୍ତି ଯେ ଏସ୍‌ଆଇଆର୍ ପ୍ରକ୍ରିୟାରେ ଯେତେ ଭୋଟରମାନଙ୍କ ନାମ କଟିଛି ତାଠାରୁ କମ୍ ବ୍ୟବଧାନରେ ତାଙ୍କ ପାର୍ଟିର ପ୍ରାର୍ଥୀ ବିଜେପି ଠାରୁ ହାରିଛନ୍ତି। ଅର୍ଥାତ ଏହିସବୁ ନିର୍ବାଚନମଣ୍ଡଳୀରେ ତାଙ୍କ ପ୍ରାର୍ଥୀଙ୍କ ପରାଜୟ ବ୍ୟବଧାନ ଏସ୍‌ଆଇଆର୍ ବେଳେ କଟିଥିବା ଭୋଟରମାନଙ୍କ ସଂଖ୍ୟା ଠାରୁ କମ୍। ଏହି ଭୋଟର କଟିନଥିଲେ ତାଙ୍କ ପ୍ରାର୍ଥୀ ନିର୍ବାଚିତ ହୋଇଥାଆନ୍ତେ ବୋଲି ଯୁକ୍ତି କରିଛନ୍ତି। ତେବେ ଏସଂପର୍କରେ ସାନି ପିଟିସନ ଦାଖଲ ▶ପୃଷ୍ଠା-୧୧

# ରାହୁଲଙ୍କ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟକୁ ନେଇ ବିବାଦ

## କଂଗ୍ରେସ ଅଭିଯୋଗକୁ ଆଇଟି ମନ୍ତ୍ରଣାଳୟର ଖଣ୍ଡନ

■ ନୂଆଦିଲ୍ଲୀ, ୧୧।୫ (ଏଜେନ୍ସି): ତାମିଲନାଡୁର ନୂତନ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟଙ୍କ ଶପଥ ଗ୍ରହଣ ସମାରୋହ ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଏକ ଇନଷ୍ଟାଗ୍ରାମ ପୋଷ୍ଟକୁ ବ୍ଲକ୍ କରାଯିବାକୁ ନେଇ ବଡ଼ ଧରଣର ରାଜନୈତିକ ବିବାଦ ସୃଷ୍ଟି ହୋଇଛି। କଂଗ୍ରେସ ପକ୍ଷରୁ କେନ୍ଦ୍ର ସରକାରଙ୍କ ଉପରେ ସୋସିଆଲ ମିଡିଆରେ ବିରୋଧୀଙ୍କ ସ୍ୱର ଚାପି ଦେବାର ଅଭିଯୋଗ ଅଣାଯାଇଥିବା ବେଳେ, ସରକାର ଏହାକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛନ୍ତି। ରବିବାର ଚେନ୍ନାଇରେ ଜୋସେଫ ବିଜୟ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ଏହି ସମାରୋହରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଉପସ୍ଥିତ ଥିଲେ। ସମାରୋହ ପରେ ରାହୁଲ ଗାନ୍ଧୀ ମୁଖ୍ୟମନ୍ତ୍ରୀ ବିଜୟଙ୍କ ସହ କିଛି ଫଟୋ ଏବଂ ▶ପୃଷ୍ଠା-୧୧



**ରାଜ୍ୟରେ ବଢୁଛି ଭିଡ଼ ହିଂସା**

# ଆଇନକୁ ଭୟ ନାହିଁ, ପୁଲିସକୁ ଡର ନାହିଁ

◆ ବାଲିଅନ୍ତାରେ ଜିଆର୍‌ପି କନଷ୍ଟେବଲଙ୍କୁ ପିଟିପିଟି ହତ୍ୟା
◆ ଓଡ଼ଗାଁରେ ଗୋଡ଼େଇ ଗୋଡ଼େଇ ଯୁବକଙ୍କୁ ଖଣ୍ଡାରେ ହତ୍ୟା
◆ ରାୟଗଡ଼ା ନାଗାବଳୀ କୂଳରେ ଯୁବକଙ୍କୁ ଗୁଳି କରି ହତ୍ୟା
◆ କେନ୍ଦ୍ରାପଡ଼ାର ଖରିନାସୀରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ



■ ଭୁବନେଶ୍ୱର, ୧୧।୫ (ସମିସ): ପୁଲିସକୁ ଡର ନାହିଁ, ଆଇନକୁ ଭୟ ନାହିଁ। ଖୋଦ୍ ପୁଲିସ ଉପସ୍ଥିତିରେ ଲୋକେ ଆଇନ ହାତକୁ ନେଉଛନ୍ତି; ଅପରାଧୀ ଆତଙ୍କରାଜ ଚଳାଉଛନ୍ତି। ଅନେକ କ୍ଷେତ୍ରରେ ପୁଲିସ ନିରବଦ୍ରଷ୍ଟା ସାଜିଛି, କେତେକ ଘଟଣାରେ ପୁଲିସର ସହଯୋଗରେ ଅପରାଧ ଘଟୁଥିବା ଅଭିଯୋଗ ହୋଇଛି। ବାଲିଅନ୍ତାରେ ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ଘଟଣା ପରଠାରୁ ଗତ ୫ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅନୁରୂପ ଘଟଣା ଘଟିଛି। 'ଭିଡ଼'କୁ ରୋକିବାକୁ ପୁଲିସର ସାମର୍ଥ୍ୟ ନଥିବା ଏହି ଘଟଣାରୁ ପ୍ରମାଣିତ ହୋଇଛି।

ନୟାଗଡ଼ ଜିଲ୍ଲା ଓଡ଼ଗାଁରେ ପଥର ମାଫିଆ ରାସ୍ତା ଉପରେ ଗୋଡ଼େଇ ଗୋଡେଇ ଖଣ୍ଡାରେ ଜଣେ ଯୁବକଙ୍କୁ ଖଣ୍ଡଖଣ୍ଡ କରିଛନ୍ତି। ଏହି ଘଟଣାରେ ଅଜିତ୍ ସାହୁ ନାମକ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। କେନ୍ଦ୍ରାପଡ଼ା ଜିଲ୍ଲା ଖରିନାସୀ ଗାଁରେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଛନ୍ତି ଲୋକେ। ଟିକିଏ ବିଳମ୍ବ ହୋଇଥିଲେ ହୁଏତ ତାଙ୍କ ଜୀବନ ଯାଇଥାଆନ୍ତା। ଅଳ୍ପକେ ତାଙ୍କର ଜୀବନ ବର୍ତ୍ତିଗଲା ବୋଲି କୁହାଯାଉଛି। ୫ରୁ ଊର୍ଦ୍ଧ୍ୱ ଲୋକଙ୍କ ସମ୍ପୃକ୍ତି ଥିଲେ ପୁଲିସ ବ୍ୟବସ୍ଥାରେ ତାହାକୁ 'ଭିଡ଼' ବୋଲି କୁହାଯାଏ ଓ ଏହି ସବୁ ଘଟଣାରେ ୫ରୁ ଅଧିକ ଅଭିଯୁକ୍ତଙ୍କ ସଂପୃକ୍ତି ରହିଛି। ପ୍ରତ୍ୟେକ ଦିନ ରାଜ୍ୟର କେଉଁଠି ନା କେଉଁଠି ଲୋକମାନେ ଆଇନକୁ ହାତକୁ ନେବା ସହ ସଙ୍ଘବଦ୍ଧ ହୋଇ ଆକ୍ରମଣ କରୁଛନ୍ତି। କେଉଁଠି ପୀଡ଼ିତ ଗୁରୁତର ହେଉଛନ୍ତି ତ ଆଉ କେଉଁଠି ମୃତ୍ୟୁବରଣ କରୁଛନ୍ତି। ମୋଟାମୋଟି କହିବାକୁ ଗଲେ, ଭିଡ଼କୁ ରୋକିବାରେ ପୁଲିସ ବିଫଳ ହୋଇଛି ଓ ଆଇନଶୃଙ୍ଖଳା ବ୍ୟବସ୍ଥା ନିମ୍ନଗାମୀ ହେବାରେ ଲାଗିଛି।

ଗତ ଗୁରୁବାର ସ୍ପଷ୍ଟ ଦିବାଲୋକରେ ବାଲିଅନ୍ତା ଥାନା ଅଞ୍ଚଳରେ ଜିଆରପି କନେଷ୍ଟବଳ ସୌମ୍ୟରଞ୍ଜନଙ୍କୁ ଲୋକମାନେ ପିଟି ପିଟି ହତ୍ୟା କରିଥିଲେ। ହାତଗୋଡ଼ ବାନ୍ଧି ଅତି ନିର୍ମମ ଭାବେ ଟ୍ରକ୍ ଡାଲାରେ ଫିଙ୍ଗି ଦେଇଥିଲେ। ଘଟଣକୁ ନେଇ ମୁଖ୍ୟମନ୍ତ୍ରୀ କ୍ଷୋଭ ପ୍ରକାଶ କରିଥିଲେ। କ୍ରାଇମବ୍ରାଞ୍ଚକୁ ତଦନ୍ତ ଦାୟିତ୍ୱ ଦେବା ସହ ଏଭଳି ଘଟଣାର ଯେପରି ପୁନରାବୃତ୍ତି ନହୁଏ, ସେଥିପ୍ରତି ସଜାଗ ଓ ସତର୍କ ରହିବାକୁ ପୁଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ନିର୍ଦ୍ଦେଶକୁ ଦୁଇ ଦିନ ନ ହେଉଣୁ, ଓଡ଼ଗାଁ ଏବଂ ଖରିନାସୀ ଅଞ୍ଚଳରୁ ଦୁଇଟି ଘଟଣା ସାମ୍ନାକୁ ଆସିଛି। ଓଡ଼ଗାଁ ଘଟଣାରେ ଅଜିତଙ୍କ ହାତକୁ ହାଣି ଖଣ୍ଡ ଖଣ୍ଡ କରିବା ସହ ହତ୍ୟା ▶ପୃଷ୍ଠା-୧୧

ସକାଳ THE SAKALA



# ଆଦିବାସୀ ମହିଳାଙ୍କ ଧାରଣା ୧୨୭ ଦିନରେ

ଅନୁଗୋଳ,୧୧।୫(ସମିସ):




ଚାରିପଟେ କୋଇଲା ଖଣି। ମଝିରେ ଗାଁ। ଗାଁରେ ଏବେ ବି ବାସ କରୁଛନ୍ତି ୪ଶହରୁ ଅଧିକ ଆଦିବାସୀ ପରିବାର। ଖଣିରୁ କୋଇଲା ଉତ୍ତୋଳନ ପାଇଁ ଅଧିକାଂଶ ସମୟରେ ବ୍ଲାଷ୍ଟିଂ ହେଉଥିବାରୁ ସବୁ ଘରର କାନ୍ଥ ଓ ଛାତ ଫାଟି ଆଁ କଲାଣି। ତଥାପି ଲୋକେ ବିପଦସଙ୍କୁଳ ଅବସ୍ଥାରେ ରହିଛନ୍ତି। ଖଣି ପାଇଁ ସବୁକିଛି ହରାଇଥିବାରୁ ନିଯୁକ୍ତି ଓ ଉପଯୁକ୍ତ କ୍ଷତିପୂରଣ ନ ମିଳିଲେ ଜୀବନ ଯିବ ପଛେ ଗାଁ ଛାଡ଼ିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଏନେଇ ଆଜିକୁ ୧୨୭ ଦିନ ହେଲା ଗାଁର ମହିଳାମାନେ ପିଲାଛୁଆଙ୍କୁ ନେଇ ଖଣି ଖନନ ହେଉଥିବା ସ୍ଥନରେ ଧାରଣା ଦେଇଛନ୍ତି। ଏହା ମଧ୍ୟରେ ଅନେକ ଥର ଧାରଣାସ୍ଥଳରେ ଥିବା କୁଡ଼ିଆ ଭାଙ୍ଗି ଦିଆଯାଇଛି। ଧାରଣରୁ ଓହରିବା ପାଇଁ ଧମକ ଚମକ ଦିଆଯାଇଛି। ଶେଷରେ ଗାଁର ୧୫ରୁ ଅଧିକ ଲୋକଙ୍କ ନାଁରେ ମକଦମା ରୁଜୁ କରି ସେମାନଙ୍କୁ ଜେଲ୍ ପଠାଇ ଦିଆଯାଇଛି। ତଥାପି ଏହି ଆଦିବାସୀ ମହିଳାମାନେ ନିଜ ହକ୍ ପାଇଁ ଲଢ଼େଇ ଜାରି ରଖିଛନ୍ତି। ଏଠାରେ ଏମିତି ମରିବୁ ପଛେ ହକ୍ ନ ମିଳିବା ପର୍ଯ୍ୟନ୍ତ ଆମ ମାଟି ଛାଡ଼ିବୁ ନାହିଁ ବୋଲି ଦୃଢ଼ ନିଷ୍ପତ୍ତି ନେଇଛନ୍ତି। ଛେଣ୍ଡିପଦା ବ୍ଲକରେ ଉତ୍କଳ-ଇ କୋଇଲା ଖଣି ପାଇଁ ବିସ୍ଥାପିତ ହେବାକୁ ଥିବା ଗୋପିବଲ୍ଲଭପୁର ଗାଁରୁ ଆସିଛି ଏହି ଚିତ୍ର।

ଛେଣ୍ଡିପଦା ବ୍ଲକରେ ଉତ୍କଳ-ଡି ଏବଂ ଉତ୍କଳ-ଇ ଏହି ଦୁଇଟି କୋଇଲା ବ୍ଲକ ନାଲକୋକୁ ମିଳିଛି। ୨ଟି ଯାକ ବ୍ଲକରୁ ବାର୍ଷିକ ୨ ମିଲିଅନ ଟନ ଲେଖାଏଁ କୋଇଲା ଉତ୍ତୋଳନ ପାଇଁ ଅନୁମତି ମିଳିଛି। ବର୍ତ୍ତମାନ ଡି ବ୍ଲକରୁ କୋଇଲା ଖନନ ଚାଲିଛି। ଇ ବ୍ଲକରୁ କୋଇଲା ଖନନ ପାଇଁ ପ୍ରସ୍ତୁତି ଚାଲିଛି। ଡି ବ୍ଲକ ପାଇଁ ଧୋବାମଲିହା ଗାଁ ସମ୍ପୂର୍ଣ୍ଣ ବିସ୍ଥାପିତ ହୋଇସାରିଛି। ଇ ବ୍ଲକ ପାଇଁ ଏକମାତ୍ର ଗୋପିବଲ୍ଲଭପୁର ଗାଁ ସମ୍ପୂର୍ଣ୍ଣ ବିସ୍ଥାପିତ ହେବ। ଗୋପିବଲ୍ଲଭପୁର ଗାଁରେ ୫ଶହରୁ ଅଧିକ ପରିବାର ବାସ କରନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ଶହେ ପରିବାର କ୍ଷତିପୂରଣ ରାଶି ନେଇ ଅନ୍ୟତ୍ର ଚାଲି ଯାଇଛନ୍ତି। ଅବଶିଷ୍ଟ ୪ଶହରୁ ଅଧିକ ପରିବାର ଗାଁ ଛାଡ଼ିବାକୁ ଆଦୌ ପ୍ରସ୍ତୁତ ନୁହନ୍ତି। କାରଣ କମ୍ପାନୀ ଜମିର କ୍ଷତିପୂରଣ ସହ ନିଯୁକ୍ତି ପାଇଁ ଅଧିକ ୨୦ଲକ୍ଷ ଟଙ୍କା ଦେବାକୁ କହୁଛି। କିନ୍ତୁ ଗ୍ରାମବାସୀ ଅଧିକ ୨୦ଲକ୍ଷ ଟଙ୍କା ନେବାକୁ ଚାହୁଁନାହାନ୍ତି। ପରିବାରର ଜଣକୁ ସ୍ଥାୟୀ ନିଯୁକ୍ତି ଦାବି କରୁଛନ୍ତି। ଏବଂ ଗାଁ ଛାଡ଼ି ଯାଉନାହାନ୍ତି। ଫଳରେ ସେହି ସ୍ଥାନରୁ କୋଇଲା ଉତ୍ତୋଳନ ହୋଇପାରୁନାହିଁ। ଏଥିପାଇଁ ବହୁବାର ଆନ୍ଦୋଳନ କରିଛନ୍ତି। ଖଣିକାର୍ଯ୍ୟ ବନ୍ଦ କରିଛନ୍ତି। ଗ୍ରାମବାସୀଙ୍କ ବିରୋଧରେ ପୁଲିସ ମାମଲା ରୁଜୁକରି ଜେଲ ପଠାଇଛି। ବିଧାନସଭା ସମ୍ମୁଖରେ ମଧ ପୂର୍ବରୁ ଧାରଣା ଦେଇଛନ୍ତି। କିନ୍ତୁ ସେମାନଙ୍କ ଗୁହାରି କେହି ଶୁଣିନାହାନ୍ତି। ଶେଷରେ ସେମାନେ ଜୀବନ ଦେବେ ପଛେ ଗାଁ ମାଟି ଛାଡ଼ି ଯିବେ ନାହିଁ ବୋଲି ଦୃଢ଼ ନିଷ୍ପତ୍ତି ନେଇଛନ୍ତି।

ବର୍ତ୍ତମାନ ଡି ବ୍ଲକ ଖଣିରୁ କୋଇଲା ଖନନ କରାଯାଉଛି। ଫଳରେ ଚାରି ପଟେ ଖଣି। ମଝିରେ ରହିଛି ଗାଁ। ଗାଁକୁ ଯେଉଁ ସବୁ ରାସ୍ତା ଥିଲା ତାହା ଆଉ ନାହିଁ। ପଞ୍ଚାୟତ ରାସ୍ତାକୁ କୋଇଲା ପରିବହନ ପାଇଁ ବ୍ୟବହାର କରାଯାଉଛି। ଖଣି ଖନନ ଯୋଗୁଁ ଗାଁର କୂଅ ପୋଖରୀ ସବୁ ଶୁଖିଯାଇଛି। ଲୋକେ ହନ୍ତସନ୍ତ ହେଉଛନ୍ତି। ସବୁଠାରୁ ବଡ଼ କଥା ହେଉଛି କୋଇଲା ଖଣିରେ ପ୍ରତ୍ୟକ ଦିନ ବଡ଼ ଧରଣର ବ୍ଲାଷ୍ଟିଂ କରାଯାଉଛି। ପ୍ରଚଣ୍ଡ ଶବ୍ଦରେ ଫାଟି ପଡୁଛି ଗାଁ। ଘର କାନ୍ଥ ଓ ଛାତ ଫାଟିଗଲାଣି। ପିଲାଛୁଆଙ୍କୁ ନେଇ ଘର ଭିତରେ ଶୋଇଥିବା ବେଳେ ବ୍ଲାଷ୍ଟିଂ ହେଲେ ଭୟରେ

## ତଥାପି ଚେତୁନି ପ୍ରଶାସନ

ବାହାରକୁ ପଳାଇ ଆସୁଛନ୍ତି ଲୋକେ। ଏଭଳି ଭୟ ଓ ଆତଙ୍କରେ ରହୁଛନ୍ତି ଗ୍ରାମବାସୀ। ଗାଁର ଜମି ଅଧିଗ୍ରହଣ ସରିଥିବାରୁ କମ୍ପାନୀ ଓ ପ୍ରଶାସନ ଗ୍ରାମବାସୀଙ୍କ ଅସୁବିଧା ପ୍ରତି ଆଉ ଦୃଷ୍ଟି ଦେଉନାହାନ୍ତି। କୌଣସି ଉପାୟ ନ ପାଇ ଗାଁର ୨୮୦ ପରିବାର ଓଡ଼ିଶା ମାନବାଧିକାର କମିଶନଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ହାଇକୋର୍ଟଙ୍କ ନିକଟରେ ମଧ ଗ୍ରାମବାସୀ ଗୁହାରି କରିଛନ୍ତି। ଏସବୁ କମ୍ପାନୀ ଓ ପ୍ରଶାସନ ଉପରେ କୌଣସି ପ୍ରଭାବ ପଡୁନାହିଁ। ଖଣି ପାଇଁ ଲୋକେ ଭିଟାମାଟି, ଘର, ଜମି ସବୁକିଛି ହରାଉଛନ୍ତି। କମ୍ପାନୀମାନେ ମାଲାମାଲ ହେଉଛନ୍ତି। ହେଲେ ଲୋକଙ୍କ ସମସ୍ୟା ସମାଧାନ ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ଫଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି।

## ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଯାତ୍ରୀ ବିଶ୍ରାମାଗାର

କିଶୋରନଗର,୧୧।୫(ସମିସ): ଆଠମଲ୍ଲିକ ଉପଖଣ୍ଡ ଆମ୍ବସରମୁଣ୍ଡା ପଞ୍ଚାୟତ ଅଖରକଟା ରହଣୀ ଛକରେ ଥିବା ଯାତ୍ରୀ ବିଶ୍ରାମାଗାର ଏବେ ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏହି ବିଶ୍ରାମାଗାରରେ ଗଦା ଗଦା ମଦ ବୋତଲ ପଡ଼ିରହିଛି। ଯାତ୍ରୀ ମାନେ ବସିବା ତ ଦୂରକଥା ଭିତରକୁ ପଶିବା ପାଇଁ ନାକ ଟେକୁଛନ୍ତି। ଏଥିସହ କାନ୍ଥବାଡ଼ କଥା ନ କହିବା ଭଲ। ଏତେ ଅଶ୍ଳୀଳ ଭାଷାରେ ଲେଖାଯାଇଛି ଯେ ମହିଳା ଯାତ୍ରୀ



ମୁହଁ ଫେରାଉଛନ୍ତି। ଏଠି ଅବକାରୀ ଗାଡ଼ି ଘନ ଘନ ବୁଲୁଛି କିନ୍ତୁ ମଦ ମାଫିଆ କିମ୍ବା ମଦ୍ୟପଙ୍କୁ ଧରିବାରେ ସଫଳ ନ ହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଜିଲ୍ଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ



ବଅଁରପାଳ,୧୧।୫(ସମିସ): ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବଅଁରପାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିବିରରେ ସମୁଦାୟ ୨୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୦ଟି ବ୍ୟକ୍ତିଗତ ଓ ୩ଟି ସାମୂହିକ ଅଭିଯୋଗର ଶୁଣାଣି ହୋଇଥିଲା। ୩ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ପ୍ରତାପ ପ୍ରୀତିମୟ, ଅତିରିକ୍ତ ଏସ୍‌ପି ସମୀର କୁମାର ପଣ୍ଡା, ଜିଲ୍ଲା ପରିଷଦର ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କୃଷ୍ଣଚନ୍ଦ୍ର ପାଲ, ବଅଁରପାଳ ବିଡିଓ ଲୋଚନ ଦାସ, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ୍ କୁମାର, ଆସିଷ୍ଟାଣ୍ଟ କଲେକ୍ଟର ସଞ୍ଜୟ କୁମାର ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଉଦ୍ୟାନ ବିଭାଗ ଉପ-ନିର୍ଦ୍ଦେଶକ ଅମ୍ବର ଲୁଗୁନ୍, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିନୋଦ କୁମାର ଦଳାଇ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି




ଅନୁଗୋଳ,୧୧।୫(ସମିସ): ଜିଲ୍ଲା କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୨୮ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ଓ ୫ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିଲା। ୩ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

## ଉରୁକୁଳା ପଞ୍ଚାୟତରେ ଜନଶୁଣାଣି



କିଶୋରନଗର,୧୧।୫(ସମିସ): କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଶୁଭକାନ୍ତ ନାଏକ ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବା ସହ ସମାଧାନ କରିଥିଲେ। ସ୍ଥାନୀୟ ସରପଞ୍ଚ ସୁରୁଚି ସମ୍ପର୍ଣ୍ଣା ସାହୁ, ଡିଇଓ (ଆରସିଏମ୍) ସରୋଜ ପ୍ରଧାନ, ବିପିସି (ଆରଏଚ) ସୌମ୍ୟରଞ୍ଜନ ପ୍ରଧାନ, ବିପିସି (ଓଏଲଏମ) ସୁଜିତ ପ୍ରଧାନ, ଜେଏଫଟିଏ ଚିନ୍ମୟ କୁମାର ଦାଶ, ଏସିପି (ମନରେଗା) ସତ୍ୟବ୍ରତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟାଙ୍କ କର୍ମଚାରୀଙ୍କ ଦୁର୍ବ୍ୟବହାର ନେଇ ଉଦବେଗ



କିଶୋରନଗର/ବଇଣ୍ଡା,୧୧।୫(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଜାମୁନାଳୀସ୍ଥିତ ବ୍ୟାଙ୍କ ଅଫ ବରୋଦାରେ ଗ୍ରାହକଙ୍କୁ ସଠିକ ସେବା ମିଳୁ ନ ଥିବା ବେଳେ କର୍ମଚାରୀମାନେ ଗ୍ରାହକଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଆସୁଛି। ଏ ସମ୍ପର୍କରେ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସୋମବାର ବ୍ୟାଙ୍କର ଉଚ୍ଚ ଅଧିକାରୀମାନେ ଶାଖା ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ବିଶେଷ କରି ଉକ୍ତ ବ୍ୟାଙ୍କରେ କିପରି ସେବା ଯୋଗାଇ ଦିଆଯାଉଛି ସେ ନେଇ ଅଞ୍ଚଳବାସୀଙ୍କୁ ନେଇ ଏକ ବୈଠକ କରାଯାଇଥିଲା। ବ୍ୟାଙ୍କର ଜଣେ କର୍ମଚାରୀ ଲୋକଙ୍କୁ ଦୁର୍ବ୍ୟବହାର କରୁଥିବା ସମ୍ପର୍କରେ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଏ ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଏଥିସହ ବ୍ୟାଙ୍କରେ ନେଟୱର୍କ ରହୁ ନ ଥିବା ଦର୍ଶାଇ ଅନେକ ସମୟରେ କର୍ମଚାରୀମାନେ ଗ୍ରାହକଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଥିଲା। ବ୍ୟାଙ୍କ ପରିସରରେ ଏକ ଏଟିଏମ ସ୍ଥାପନ ସହ ଉତ୍ତମ ସେବା ଯୋଗାଇଦେବା ପାଇଁ ଅଞ୍ଚଳବାସୀ ଉଚ୍ଚ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ। ତୁରନ୍ତ ସମସ୍ୟାଗୁଡ଼ିକ ସମାଧାନ କରାଯିବା ସହ କର୍ମଚାରୀମାନେ କିପରି ଉଚିତ ବ୍ୟବହାର ପ୍ରଦର୍ଶନ କରିବେ ସେ ନେଇ ଦୃଷ୍ଟି ଦିଆଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି।

## ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ ପ୍ରତିବାଦ ଦିବସ

● ବିଡିଓଙ୍କୁ ଦାବିପତ୍ର ପ୍ରଦାନ

କଣିହାଁ,୧୧।୫(ସମିସ): ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା, ଛାତ୍ରୀ ଓ ଶିଶୁ ନିର୍ଯାତନା, ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ହତ୍ୟା ଘଟଣା, ଟେଟ୍ରାପ୍ୟାକ ମଦ ବିକ୍ରି ନିଷ୍ପତ୍ତି ଏବଂ ଉଦବେଗଜନକ ଆଇନଶୃଙ୍ଖଳା ପରିସ୍ଥିତି ପ୍ରତିବାଦରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ (ଏଆଇଏମ୍‌ଏସ୍‌ଏସ୍) ଓଡ଼ିଶା ରାଜ୍ୟ କମିଟି ଆହ୍ୱାନକ୍ରମେ ସୋମବାର ରାଜ୍ୟବ୍ୟାପୀ ପ୍ରତିବାଦ ଦିବସ ପାଳନ କରାଯାଇଛି। ସଂଗଠନର କଣିହାଁ ବ୍ଲକ କମିଟି ପକ୍ଷରୁ କଣିହାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକାତ୍ମକ




ପ୍ରତିବାଦ କରାଯାଇଛି। ଟେଟ୍ରାପ୍ୟାକ ମଦ ସହ ଡ୍ରଗ୍ସ ଓ ସମସ୍ତ ମାଦକଦ୍ରବ୍ୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା, ଅବିଳମ୍ବେ ମଦ ନିଲାମ ବନ୍ଦ କରିବା, ଅନୁଗୋଳ ଜିଲ୍ଲାକୁ ମଦମୁକ୍ତ କରିବା ସହ ମହିଳା ଓ ଛାତ୍ରୀମାନଙ୍କ ସାମାଜିକ ନିରାପତ୍ତା ସୁନିଶ୍ଚିତ କରିବା ଦାବିରେ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଗଠନର ଅନୁଗୋଳ ଜିଲ୍ଲା ସମ୍ପାଦିକା ମାନସୀ ସ୍ୱାଇଁ, ବ୍ଲକ ସମ୍ପାଦିକା ମିନତୀ ସାମଲ, ସଂଗଠିକା କାବେରୀ ଜେନା ଓ ଲିଲି ସାହୁ ଉପସ୍ଥିତ ଥିଲେ।

■ କଷ୍ଟ କଟିଂ ନାଁରେ ଓଡ଼ିଆ ଶ୍ରମିକଙ୍କୁ ଛଟେଇର ପ୍ରତିବାଦ

## ଉତ୍କଳ ବିଦ୍ୟୁତ କର୍ମଚାରୀ ସଙ୍ଘର ଦାବିପତ୍ର

ଅନୁଗୋଳ,୧୧।୫(ସମିସ): ଦୀର୍ଘବର୍ଷ ଧରି ବିଦ୍ୟୁତ୍ କ୍ଷେତ୍ରରେ ହଜାର ହଜାର ଓଡ଼ିଆ ଠିକା ଶ୍ରମିକ ନିଷ୍ଠା ଓ ଦାୟିତ୍ୱର ସହ କାର୍ଯ୍ୟକରି ଜନସାଧାରଣଙ୍କୁ ନିରବିଚ୍ଛିନ୍ନ ବିଦ୍ୟୁତ୍ ସେବା ପ୍ରଦାନ କରିଆସୁଛନ୍ତି। ୨୦୨୦ରେ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକୁ ଟାଟା ପାୱାର ଗ୍ରହଣ କରିବା ପରେ ଠିକା ଶ୍ରମିକମାନଙ୍କ କଲ୍ୟାଣ, ଚାକିରି ସୁରକ୍ଷା ଏବଂ କାର୍ଯ୍ୟ ପରିବେଶରେ ସକାରାତ୍ମକ ପରିବର୍ତ୍ତନ ଆସିବ ବୋଲି ଶ୍ରମିକମାନେ ଆଶାବ୍ୟକ୍ତ କରିଥିଲେ। କିନ୍ତୁ ଚିନ୍ତାର ବିଷୟ ଯେ କଷ୍ଟ କଟିଂ ନାଁରେ ବହୁ ଓଡ଼ିଆ ଠିକା ଶ୍ରମିକଙ୍କୁ ଛଟେଇ କରାଯାଉଛି। ଯାହା ତାଙ୍କ ଜୀବିକା ଓ ପରିବାରର ଭବିଷ୍ୟତ ଓ ସାମାଜିକ ସୁରକ୍ଷାକୁ ଗୁରୁତର ଭାବେ ପ୍ରଭାବିତ କରୁଛି। ଟିପିସିଓଡିଏଲର ଉପରିସ୍ଥ ଅଧିକାରୀମାନେ କୋଟି କୋଟି ଟଙ୍କା ବେତନ ନେଉଥିବା ବେଳେ କଷ୍ଟ କଟିଂ ନାଁରେ ସ୍ୱଳ୍ପ ପାରିଶ୍ରମିକ ନେଉଥିବା ନିରୀହ ଓଡ଼ିଆ ଠିକା ଶ୍ରମିକଙ୍କ ଛଟେଇ କେତେଦୂର ଯୁକ୍ତିଯୁକ୍ତ ବୋଲି ବିଦ୍ୟୁତ କର୍ମଚାରୀ ସଙ୍ଘ ପକ୍ଷରୁ ପ୍ରଶ୍ନ କରାଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ତୁରନ୍ତ ଓଡ଼ିଆ ଶ୍ରମିକଙ୍କ ଛଟେଇ ପ୍ରକ୍ରିୟା ବନ୍ଦ କରିବା ପାଇଁ ଟାଟା ପାୱାର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଦାବି କରାଯାଇଛି। ଅନ୍ୟଥା ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ବିଦ୍ୟୁତ କର୍ମଚାରୀ ସଙ୍ଘ ବ୍ୟାପକ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କିତ ଦାବିପତ୍ର ଟିପିସିଓଡିଏଲର ଏସଡିଓଙ୍କୁ ପ୍ରଦାନ କରାଯାଇଥିବା ସୋମବାର ଏକ ପ୍ରେସ ବିଜ୍ଞପ୍ତିରେ ସଙ୍ଘ ସାଧାରଣ ସମ୍ପାଦକ ସୁଧୀର ସାହୁ ପ୍ରକାଶ କରିଛନ୍ତି।



## ରାଜ୍ୟସ୍ତରୀୟ ପେନଚାକ ସିଲାଟ ଚାମ୍ପିଅନସିପ୍: ଝାରସୁଗୁଡ଼ା ଚାମ୍ପିଅନ

ଅନୁଗୋଳ,୧୧।୫(ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ପେନଚାକ ସିଲାଟ ଚାମ୍ପିଅନସିପ ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଛି। ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିବା ସହ ପ୍ରେରଣାଦାୟୀ ଅଭିଭାଷଣ ପ୍ରଦାନ କରିଥିଲେ। ଅନୁଗୋଳ ଜିଲ୍ଲା ପେନଚାକ ସିଲାଟ ଆସୋସିଏସନ ସଭାପତି ରାଜେଶ ଦାସ, ଓଡ଼ିଶା ପେନଚାକ ସିଲାଟ ଆସୋସିଏସନ ସଭାପତି ତାପସ କୁମାର ରାୟଚୌଧୁରୀ ଏବଂ ଗୁରୁ ପ୍ରେମ ସିଂ ଥାପ୍ପା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତିଯୋଗିତାକୁ ସଫଳ କରିଥିବା ଅଧିକାରୀ ଓ ଆୟୋଜକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡ଼ାବିତମାନଙ୍କ ଦ୍ୱାରା ପ୍ରଦର୍ଶିତ ପେନଚାକ ସିଲାଟର ଚିତ୍ତାକର୍ଷକ ସମରକଳା କୌଶଳ ଦର୍ଶକଙ୍କୁ ବିମୋହିତ କରିଥିଲା। ଝାରସୁଗୁଡ଼ା ଦଳ ଶ୍ରେଷ୍ଠ ପ୍ରଦର୍ଶନ କରି ଚାମ୍ପିଅନ ଟ୍ରଫି ହାସଲ କରିଛି। ସୁନ୍ଦରଗଡ଼ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଖୋର୍ଦ୍ଧା ତୃତୀୟ ସ୍ଥାନରେ ରହିଛି। ଶେଷରେ ଅନୁଗୋଳ ପେନଚାକ ସିଲାଟ ଆସୋସିଏସନର ସାଧାରଣ ସମ୍ପାଦକ ସୁଧାଂଶୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




## କୋଇଲା ଖଣିରେ ସଂଘବଦ୍ଧ ଆକ୍ରମଣ: ଗିରଫଦାରୀ କେବେ?

ତାଳଚେର,୧୧।୫(ସମିସ): ଭୁବନେଶ୍ୱର ବାଲିଅନ୍ତା ସଂଘବଦ୍ଧ ଆକ୍ରମଣ ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ଏବେ ତାଳଚେର ବଳରାମ କୋଇଲା ଖଣିରେ ସଂଘବଦ୍ଧ ଆକ୍ରମଣ ଘଟଣାକୁ ୩ ଦିନ ପୂରିଥିଲେ ମଧ୍ୟ ପୁଲିସ୍ ହାତ ଖାଲି ରହିଛି। ଏ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି। ଏହି ଘଟଣାରେ ଆହତ ଦୁଇଜଣଙ୍କ ମଧ୍ୟରୁ ଜଣେ ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ଏପଟେ ପୁଲିସ୍ ନିରବଦ୍ରଷ୍ଟା କାହିଁକି ବୋଲି ପ୍ରଶ୍ନ ଉଠିଛି।

ତାଳଚେର ବ୍ଲକ ଅନ୍ତର୍ଗତ ବଳରାମ କୋଇଲା ଖଣିରେ ସୋଲଡ଼ା ଗ୍ରାମର ଦୁଇଜଣ ଟ୍ରକ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା ଅଞ୍ଚଳରେ ଚହଳ ପକାଇ ଦେଇଛି। ଶନିବାର ପୂର୍ବାହ୍ନ ୧୧ଟାରେ ସୋଲଡ଼ା ଗ୍ରାମର ଟ୍ରକ ମାଲିକ ସୁଧୀରରଞ୍ଜନ ପ୍ରଧାନ (୫୮) ଓ ଆକାଶ ଜେନା (୩୨) ବଳରାମ ଖଣିର ଲୋଡିଂ ପଏଣ୍ଟକୁ ଯାଉଥିଲେ। ସେଠାରେ କିଛି ବ୍ୟକ୍ତି କୋଇଲା ବୋଝେଇ ଟ୍ରକରୁ ବେଆଇନ ଚାନ୍ଦା ଆଦାୟ କରୁଥିଲେ। ଏହି ସମୟରେ ଚାନ୍ଦା ଆଦାୟ କରୁଥିବା ୩୦ରୁ ୪୦ଜଣ ବ୍ୟକ୍ତି ସେମାନଙ୍କୁ ଲୁହା ରଡ୍‌ରେ ଆତର୍କିତ ଆକ୍ରମଣ କରିଥିଲେ। ଉଭୟ ସେଠାରେ ଅଚେତ ହୋଇ ପଡ଼ିବା ଫଳରେ ସେମାନେ ମରିଗଲେ ବୋଲି

**୩ ଦିନ ପରେ ବି ପୁଲିସ୍ ହାତ ଖାଲି**

ଭାବି ଦୁର୍ବୃତ୍ତମାନେ ପଳାଇ ଯାଇଥିଲେ। କିଛି ସମୟ ପରେ ଜଣଙ୍କ ଚେତା ଫେରିଥିଲା। ସେ ତାଙ୍କ ସମ୍ପର୍କୀୟଙ୍କୁ ଡାକିବାରେ ସେମାନେ ଉଭୟଙ୍କୁ ଉଦ୍ଧାରକରି ଅନୁଗୋଳ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସୁଧୀରରଞ୍ଜନଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱର ଘରୋଇ ହସ୍ପିଟାଲକୁ ନିଆଯାଇଛି। ଆକାଶ ଅନୁଗୋଳ ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏନେଇ ଗୋପାଳ ପ୍ରସାଦ ଥାନାରେ ଟ୍ରକ ମାଲିକଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି। ମାତ୍ର ଏହି ଘଟଣାକୁ ୩ଦିନ ବିତିଥିଲେ ହେଁ ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ ନେଇ ପୁଲିସ ଉପରୁ ଲୋକଙ୍କ ଆସ୍ଥା ତୁଟିବାରେ ଲାଗିଛି।

ସୂଚନାଯୋଗ୍ୟ, ଗତ କିଛିମାସ ହେବ ବଳରାମ କୋଇଲା ଖଣିରେ ସୋଲଡ଼ା ଗ୍ରାମବାସୀ ଏବଂ ସୋଲଡ଼ା ସେକ୍ଟରର ପୁରୁଣା ଟ୍ରକ ମାଲିକ ସଂଘ ମଧ୍ୟରେ ଟ୍ରକ ଚାନ୍ଦା ଆଦାୟକୁ ନେଇ ବିବାଦ ଲାଗି ରହିଥିଲା। ଏହାର ସମାଧାନ ପାଇଁ ଗୋପାଳପ୍ରସାଦ ଥାନା ଅଧିକାରୀ ଓ ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ଅନେକ ଥର ବୈଠକ ବସିଛି। ପୁରୁଣା ଟ୍ରକ ମାଲିକ ସଂଘ ସଦସ୍ୟମାନେ ବେଆଇନ ଭାବେ ଚାନ୍ଦା ଦେବାକୁ ରାଜି ନ ଥିବା ବେଳେ ସୋଲଡ଼ା ଗ୍ରାମବାସୀ ଟ୍ରକପିଛା ୩୮୦ ଟଙ୍କା ଯୋରଜବରଦସ୍ତ ନେବାକୁ ଦାବି କରୁଛନ୍ତି। ଯାହାକୁ ନେଇ ଆଜକୁ ୬ମାସ ହେବ ଖଣି ପରିସରରେ ଉତ୍ତେଜନା ଲାଗି ରହିଛି।

## ପୁଲିସ ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

ଅନୁଗୋଳ,୧୧।୫(ସମିସ): ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ଇନ୍ସପେକ୍ଟର ସ୍ତରରେ ଅଦଳବଦଳ ହୋଇଛି। ୭ ଜଣ ଇନ୍ସପେକ୍ଟରଙ୍କୁ ବଦଳି କରାଯାଇଛି। ତାଳଚେର ଥାନା ଇନ୍ସପେକ୍ଟର ଦିଗବିଜୟ ବିଶ୍ୱାଳଙ୍କୁ ଛେଣ୍ଡିପଦା ଥାନାକୁ ବଦଳି କରାଯାଇଛି। ଛେଣ୍ଡିପଦା ଥାନା ଇନ୍ସପେକ୍ଟର ବିଭୁଦତ୍ତ ରାଉତରାୟଙ୍କୁ ତାଳଚେର ଥାନାକୁ ବଦଳି କରାଯାଇଛି। ଆଠମଲ୍ଲିକ ଥାନା ଇନ୍ସପେକ୍ଟର ସନ୍ତୋଷ ସେଠୀଙ୍କୁ ଠାକୁରଗଡ଼ ଥାନା, ହେଡ କ୍ୱାର୍ଟରରୁ ଇନ୍ସପେକ୍ଟର ସ୍ୱରୂପ କିଷାନଙ୍କୁ ଆଠମଲ୍ଲିକ ଥାନା, ଠାକୁରଗଡ଼ ଥାନାରୁ ଇନ୍ସପେକ୍ଟର ଶଶିଭୂଷଣ ବେହେରାଙ୍କୁ ତାଳଚେର ଥାନାର ଅତିରିକ୍ତ ଥାନା ଅଧିକାରୀ ଭାବେ, ଗୋପାଳପ୍ରସାଦ ଥାନା ଇନ୍ସପେକ୍ଟର ସରୋଜ କୁମାର ନାଏକଙ୍କୁ ଜିଲ୍ଲା ହେଡ୍ କ୍ୱାଟରକୁ ଏବଂ ଅତିରିକ୍ତ ତାଳଚେର ଥାନା ଅଧିକାରୀ ଦାୟିତ୍ୱରେ ଥିବା ଇନ୍ସପେକ୍ଟର ଶ୍ୟାମଲାଲ ଓରାମଙ୍କୁ ଠାକୁରଗଡ଼ ଥାନା ଅଧିକାରୀ ଭାବେ ବଦଳି କରାଯାଇଛି।

## ୧୫୦୦ କୋଟି ଖର୍ଚ୍ଚ ସତ୍ତ୍ୱେ ମିଳୁନି ପାଣି

**ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର**

ତାଳଚେର,୧୧।୫(ସମିସ):

ତାଳଚେରରେ ୧୫୦୦ କୋଟି ଟଙ୍କା ଖର୍ଚ୍ଚ ହେବା ସତ୍ତ୍ୱେ ଅଞ୍ଚଳବାସୀ ପାନୀୟ ଜଳରୁ ବଞ୍ଚିତ ହେବା ନେଇ ରାଜ୍ୟ ମୁଖ୍ୟ



ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ପ୍ରଗତି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ତାଳଚେର ଉପଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ତାଳଚେର ବର୍ତ୍ତମାନ ସ୍ଥିତିରେ ତାପମାତ୍ରାରେ ସର୍ବଭାରତୀୟ ସ୍ତରରେ ଏକ ନମ୍ବରରେ ଥିବାବେଳେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଚଳିତବର୍ଷ ତାଳଚେର ଉପଖଣ୍ଡର ତାଳଚେର ବ୍ଲକ, କଣିହାଁ ବ୍ଲକ, ତାଳଚେର ପୌର ପରିଷଦ ଅଞ୍ଚଳରେ ପାନୀୟ ଜଳର ଘୋର ସଙ୍କଟ ଦେଖାଦେଇଛି। ଆରଡବ୍ଲ୍ୟୁଏସ୍‌ଏସ୍ ଦ୍ୱାରା ଡିଏମ୍‌ଏଫ୍ ଓ ସିଏସ୍‌ଆର ବିନିଯୋଗରେ ୧୫୦୦ କୋଟି ଟଙ୍କା ଖର୍ଚ୍ଚ ହୋଇ ପାନୀୟ ଜଳ ପାଇଁ ବାରମ୍ବାର ପାଇପ୍ ବିଛାଯାଇଛି। ଥରେ ନୁହେଁ କି ଦୁଇ ଥର ନୁହେଁ, ଅନେକ ଥର ପାଇପ୍ ବିଛା ହୋଇଥିଲେ ମଧ୍ୟ ସେଥିରେ ପାଣି ଆସୁନି। ଏନେଇ ପୂର୍ବରୁ ଅନୁଗୋଳ ଜିଲ୍ଲାପାଳ, ତାଳଚେର ଉପଜିଲ୍ଲାପାଳ, ଆରଡବ୍ଲ୍ୟୁଏସ୍‌ଏସ୍‌ର ଉଚ୍ଚ ଅଧିକାରୀ ଏବଂ ଏମ୍‌ସିଏଲ୍‌ର ଉଚ୍ଚ ଅଧିକାରୀଙ୍କୁ ବାରମ୍ବାର ଦାବିପତ୍ର ଦେବା ସହ ଅଭିଯୋଗ କରାଯାଇଛି। କିନ୍ତୁ କେହି ଏଥିପ୍ରତି ଦୃଷ୍ଟି ଦେଇନାହାନ୍ତି। ଫଳରେ ତାଳଚେରବାସୀ ଜଳ ସଙ୍କଟର ଶିକାର ହେଉଛନ୍ତି। ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ପାନୀୟ ଜଳ ସଙ୍କଟର ନିରାକରଣ ନିମନ୍ତେ ଯଥାଶୀଘ୍ର ପଦକ୍ଷେପ ନିଆଯିବା ପାଇଁ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ କଂଗ୍ରେସ୍ ନେତା ରାଜକିଶୋର ସାହୁ, ତାଳଚେର ବ୍ଲକ କଂଗ୍ରେସ୍ ସଭାପତି ବିମ୍ବାଧର ବେହେରା, ବଅଁରପାଳ ବ୍ଲକ କଂଗ୍ରେସ୍ ସଭାପତି ବିନୋଦ ବିହାରୀ ବେହେରା, ଯୁବ କଂଗ୍ରେସ୍ ନେତା କୀର୍ତ୍ତି ରଞ୍ଜନ ବିଶୋଇ, ଜଗା ସାମଲ, ବେଡ଼ା କାଞ୍ଜି, ସୁନୀଲ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

**ଜଳସମ୍ପଦ ବିଭାଗ ଓ ପୌର ପ୍ରଶାସନର ବିଫଳତା**

# ପଟ୍ଟାମୁଣ୍ଡାଇ କେନାଲ ପାଲଟିଛି ଆବର୍ଜନା କୁଣ୍ଡ

ପଟ୍ଟାମୁଣ୍ଡାଇ,୧୧।୫(ସମିସ)



ପଟ୍ଟାମୁଣ୍ଡାଇ ଅଞ୍ଚଳର ଜୀବନ୍ତ କିମ୍ବଦନ୍ତୀ ହେଉଛି ପଟ୍ଟାମୁଣ୍ଡାଇ କେନାଲ। ପଟ୍ଟାମୁଣ୍ଡାଇ ସହର ମଧ୍ୟରେ ପ୍ରବାହିତ ପଟ୍ଟାମୁଣ୍ଡାଇ କେନାଲର ଅନେକ ଗୁରୁତ୍ୱ ରହିଛି। ଏହି କେନାଲର ସ୍ୱଚ୍ଛ ନିର୍ମଳ ଜଳ ଓ କୁଳୁ କୁଳୁ ନାଦ ସନ୍ଧ୍ୟା ସମୟରେ କେନାଲ କୂଳରେ ବସିବା ପାଇଁ ବାଧ୍ୟ କରିଥାଏ। ବନ୍ୟା ସମୟରେ ବନ୍ୟାର ପ୍ରଖରସ୍ରୋତ ଦେଖିବାକୁ କେନାଲ ପୋଲ ଉପରେ ଲୋକଙ୍କ ଭିଡ଼ ଜମି ଥାଏ। ଏହାର ନିର୍ମଳ ଜଳ ପାଇଁ ପ୍ରତ୍ୟେକ ଜନସାଧାରଣ କେନାଲରେ ଗାଧୋଇବା ସହିତ ଗୃହପାଳିତ ପଶୁପକ୍ଷୀ ଗାଧୋଇବା ଓ ପାଣି ପିଇବା ଦେଖାଯାଇଥାଏ। ମୋଟାମୋଟି ଭାବେ ପଟ୍ଟାମୁଣ୍ଡାଇ କେନାଲ ପଟ୍ଟାମୁଣ୍ଡାଇ ବଜାରର ଶୋଭାବର୍ଦ୍ଧନ କରିଥାଏ। କେନାଲ କୂଳରେ ବସବାସ କରୁଥିବା ଲୋକ ନିଜର ସମସ୍ତ କାର୍ଯ୍ୟ ସମ୍ପାଦନ କରନ୍ତି। ବନ୍ୟା ସମୟରେ ପଟ୍ଟାମୁଣ୍ଡାଇ କେନାଲ ଦେଇ ବନ୍ୟା ଜଳ ନିଷ୍କାସିତ ହୋଇ ଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ପଟ୍ଟାମୁଣ୍ଡାଇ କେନାଲ ଜଳରେ ଅଞ୍ଚଳର ଶସ୍ୟ ଭଣ୍ଡାର ପୂରି ଉଠିଥାଏ। ପଟ୍ଟାମୁଣ୍ଡାଇ କେନାଲ ସମେତ ଏହାର ଶାଖା କେନାଲ ଦ୍ୱାରା ହଜାର ହଜାର ଏକର ଜମି ଜଳସେଚିତ ହୋଇଥାଏ। ଏବେ ଶ୍ରୀହୀନ ହୋଇପଡିଛି ପଟ୍ଟାମୁଣ୍ଡାଇ କେନାଲ। ଏହା ଆବର୍ଜନା କୁଣ୍ଡରେ ପରିଣତ ହୋଇଛି। ପରିବେଶ ଦୂଷିତ ହେବା ସହ ଜଳସେଚନ ବାଧାପ୍ରାପ୍ତ ହେଉଛି। ଜଳ ସମ୍ପଦ ବିଭାଗ

**ପରିବେଶ ଦୂଷିତ, ଜଳସେଚନ ବାଧାପ୍ରାପ୍ତ**

ଓ ପୌର ପ୍ରଶାସନର ଅପାରଗତା ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ଦାବି ହେଉଛି।

ପଟ୍ଟାମୁଣ୍ଡାଇ କେନାଲ ନାଁକୁ ମାତ୍ର ନବୀକରଣ କରାଯାଇଥିବାବେଳେ ଲୋକେ ଏଠାରେ ଅଳିଆ ପକାଉଛନ୍ତି। ଏହା ପରିବେଶକୁ ଦୂଷିତ କରୁଥିବାବେଳେ କେନାଲ ପୋତି ହୋଇପଡିଥିବାରୁ ଜଳ ଧାରଣ କ୍ଷମତା ହରାଇ ବସିଛି। ପଟ୍ଟାମୁଣ୍ଡାଇ କେନାଲର ଜଳଧାରଣ କ୍ଷମତା ହ୍ରାସ ପାଉଥିବାରୁ ଶାଖା କେନାଲକୁ ପାଣି ଯାଉନାହିଁ। ଫଳରେ ଚାଷ କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏହା ପରିବେଶବିତ, ପ୍ରକୃତିପ୍ରେମୀ ସାଧାରଣ ଜନତା ଓ ଚାଷୀଙ୍କୁ ବ୍ୟଥିତ କରିଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଅଳିଆ ଆବର୍ଜନା ପାଇଁ ମାଟିଆପାଳରେ ଡମ୍ପିୟାଡର୍ ରହିଛି ଓ ପ୍ରତ୍ୟେକ ଦିନ ଅଳିଆ ଗାଡି ସହରର ଗଳି କନ୍ଦି ବୁଲି ଅଳିଆ ସଂଗ୍ରହ କରୁଛି। ଏହାସତ୍ତ୍ୱେ ପଟ୍ଟାମୁଣ୍ଡାଇ କେନାଲ ଅଳିଆ ଆବର୍ଜନା ପ୍ରାଣକେନ୍ଦ୍ର ପାଲଟିଛି। ଜଳସମ୍ପଦ ବିଭାଗ ନିଜ ଅପାରଗତା ଲୁଚାଇବାକୁ ନିଦ୍ରାବିଷ୍ଟ ସାଜିଥିବାବେଳେ ପଟ୍ଟାମୁଣ୍ଡାଇ ପୌର ପରିଷଦ ନିରବଦ୍ରଷ୍ଟା ରହିବା ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି।

**● ସ୍ୱୟଂସିଦ୍ଧ ସମ୍ମାନ ସମାରୋହ**

## ତାନସେନ ସିଂଙ୍କୁ ରାମନାରାୟଣ ନାୟକ ସ୍ମୃତି ସମ୍ମାନ

ରାଜକନିକା,୧୧।୫(ସମିସ): ରାଜକନିକାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ରାମନାରାୟଣ ନାୟକ ଚାରିଟେବୁଲ ଟ୍ରଷ୍ଟ ସ୍ୱୟଂସିଦ୍ଧ ପକ୍ଷରୁ ବର୍ତ୍ତନୀଠାରେ ଏକାଦଶ ବାର୍ଷିକ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ



ଦାମୋଦର ଧଳଙ୍କ ସଭାପତିତ୍ୱ ଓ ଉପସ୍ଥାପିକା ମନୀଷାଙ୍କ ସଂଯୋଜନାରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ବିଜେପି ନେତାଙ୍କ ଗୌତମ ରାୟ, ମୁଖ୍ୟବକ୍ତା ଭାବେ ବ୍ୟଙ୍ଗକବି ଜ୍ଞାନ ହୋତା, ସମ୍ମାନିତ ଅତିଥି ଭାବେ ସଂଗୀତଜ୍ଞ ଶରତ ନାୟକ ପ୍ରମୁଖ ଯୋଗଦେଇ ଟ୍ରଷ୍ଟର ଆଭିମୁଖ୍ୟକୁ ଅଧିକ ପ୍ରଭାବଶାଳୀ କରିବାକୁ ଆହ୍ୱାନ ଦେଇ ମା' ମାଟିର ସେବା ପାଇଁ ଟ୍ରଷ୍ଟର ଉତ୍ସର୍ଗୀକୃତ ସେବା ମନୋଭାବର ପ୍ରଶଂସା କରିଥିଲେ। ଏହି ଉତ୍ସବରେ ପ୍ରଖ୍ୟାତ ସଂଗୀତଜ୍ଞ ତାନସେନ ସିଂଙ୍କୁ ରାଜ୍ୟସ୍ତରୀୟ ରାମନାରାୟଣ ନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯିବା ସହ ସାଇବର ବିଶେଷଜ୍ଞ ଧର୍ମରାଜ ଜେନାଙ୍କୁ ସ୍ୱୟଂସିଦ୍ଧ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ମାଟ୍ରିକ ପରୀକ୍ଷାରେ ବିଶେଷ ସଫଳତା ପାଇଥିବା ପ୍ରିୟଂଶୁ ପଲାଇ, ଶୁଚିସ୍ମିତା ଦାସ, ରୂପେଶ କୁମାର ବେହେରାଙ୍କୁ ସ୍ୱୟଂସିଦ୍ଧ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟର ପରିଚାଳକ ଶରତ କୁମାର ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସମାରୋହରେ କଟକର ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ମେଲୋଡି ପରିବେଷଣ କରାଯାଇଥିଲା।

## ଚୋରାମଦ ଜବତ, ୨ ଗିରଫ

ପଞ୍ଚୁପାଣ୍ଡବ,୧୧।୫(ସମିସ): ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଚୋରାମଦ ଜବତ ହୋଇଥିବାବେଳେ ଦୁଇଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ସୋମବାର ଦିନ ପ୍ରାୟ ୧୦ଟା ସମୟରେ ବେଆଇନ ମଦ କାରବାର କରୁଥିବା ଆଦିତ୍ୟ କରଠାରୁ ୩୬ ଲିଟର ଓ ବଳରାମ ସାହୁଙ୍କଠାରୁ ୮ ଲିଟର ମଦ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରାଯାଇଛି। ଏହି ଚଢ଼ଉ ସମୟରେ ଅବକାରୀ ବିଭାଗ ଅଧିକାରୀଙ୍କୁ ପ୍ରାୟ ଏକ ଘଣ୍ଟା ନକେଦମ୍ ହେବାକୁ ପଡ଼ିଥିଲା। ଜିଲ୍ଲା ଅବକାରୀ ବିଭାଗ ଏସଆଇ ମାନସ ରଞ୍ଜନ ମିଶ୍ରଙ୍କ ସହ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ବେଲାରପୁର ବଜାରରେ ଦିନରାତି ବେଆଇନ ମଦ କାରବାର ହେଉଥିବା ବାରମ୍ବାର ଅଭିଯୋଗ ହୋଇଥିଲେ ସୁଦ୍ଧା ଏହାକୁ ଡେରାବିଶ ଥାନାର ବିଫଳତାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହଭଳି ବେଣୀପୁର, ଛୋଟି, ଲକ୍ଷ୍ମୀନାରାୟଣପୁର, ମଙ୍ଗଳପୁର, ଏଣ୍ଡର ପଞ୍ଚାୟତ, ଡେରାବିଶ ଓ ନିକିରାଇ ଥାନା ଅଧୀନରେ ଶତାଧିକ ବେଆଇନ ମଦ କାରବାର ହେଉଥିବା ଅଭିଯୋଗ ହେଉଛି। ଏହାକୁ ଗୁରୁତର ସହ ନେଇ ବେଆଇନ ମଦ କାରବାର ବନ୍ଦ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବେଆଇନ ନିର୍ମାଣ ଉଚ୍ଛେଦ ପାଇଁ ନୋଟିସ

ପଞ୍ଚୁପାଣ୍ଡବ,୧୧।୫(ସମିସ): ଡେରାବିଶ ତହସିଲ ଅଧୀନରେ ଥିବା ପଞ୍ଚୁପାଣ୍ଡବ ଛକଠାରୁ ଅଳାବାଙ୍କ ପର୍ଯ୍ୟନ୍ତ ବେଆଇନ ନିର୍ମାଣ ଉଚ୍ଛେଦ ପାଇଁ ତହସିଲ ପକ୍ଷରୁ ନୋଟିସ ଜାରି କରାଯାଇଛି। ପାରାଦୀପ- ଚଣ୍ଡିଖୋଲ ୫୩ନଂ ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଛକଠାରୁ ଅଳାବାଙ୍କ ପର୍ଯ୍ୟନ୍ତ ବେଆଇନ ଭାବେ ବହୁ ଦୋକାନ ଗୃହ କରି ବ୍ୟବସାୟ କରୁଥିବା ଅଭିଯୋଗ ହେଉଛି। ଏହି ଜାତୀୟ ରାଜପଥ ଅବରୋଧ ହୋଇଥିବାବେଳେ କେତେକ ସ୍ଥାନରେ ଗାଡ଼ି ଚଳାଚଳ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି। ଦୁଇବର୍ଷ ମଧ୍ୟରେ ପ୍ରଶାସନ ପକ୍ଷରୁ ଦୋକାନ ଗୃହକୁ ବାରମ୍ବାର ଉଚ୍ଛେଦ ପରେ ବି କେତେକ ଦୋକାନୀ ରାଜପଥକୁ ଲଗାଇ ଦୋକାନ କରିଥିବା ଦେଖିବାକୁ ମିଳୁଛି। ରାଜପଥଠାରୁ ବେଆଇନ ଭାବେ ମାଡ଼ି ବସିଥିବା କେତେକ ଦୋକାନ ଗୃହ ପାଇ ଯାତ୍ରୀଙ୍କ ସହ ଗାଡ଼ି ଚଳାଚଳ ସମସ୍ୟା ହେଉଥିବା ଅଭିଯୋଗ ହେଉଛି। କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଡେରାବିଶ ତହସିଲଦାର ସରୋଜ ନାୟକ ବେଆଇନ ପ୍ରତିଷ୍ଠାର ମାଲିକଙ୍କୁ ନୋଟିସ ଜାରି କରିଥିବା ଜଣାପଡ଼ିଛି। ନୋଟିସ ପାଇବାର ୭ ଦିନ ମଧ୍ୟରେ ରାଜପଥକୁ ତୁରନ୍ତ ଖାଲି କରିବା ବା ପରିତ୍ୟାଗ ନକଲେ ୧୯ ତାରିଖରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ। ଏଥିପାଇଁ କେହି ପ୍ରଶାସନିକ ଅଧିକାରୀ ଦାୟୀ ରହିବେନାହିଁ ବୋଲି ନୋଟିସରେ ଉଲ୍ଲେଖ ରହିଛି।

## ଚୋରାମଦ ଜବତ, ୯ ଗିରଫ

କେନ୍ଦ୍ରାପଡ଼ା,୧୧।୫(ସମିସ): ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡେରାବିଶ, ରାଜନଗର ଓ ରାଜକନିକା ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଅଚ୍ୟୁତପୁର ଗ୍ରାମର ପ୍ରଭାତ ମଲିକଙ୍କଠାରୁ ୪୧ ଲିଟର ବିଦେଶୀ ମଦ, ଆୟତନର ରାଜକିଶୋର ଧଳଙ୍କଠାରୁ ୩୨ ଲିଟର ଦେଶୀ ମଦ, ମହିଷାସୁର ଗ୍ରାମର ତ୍ରିଲୋଚନ ଜେନାଙ୍କଠାରୁ ୨୮ ଲିଟର ବିଦେଶୀ ମଦ, ଏଣ୍ଡୁଳାପୁର ଗ୍ରାମର ରବୀନ୍ଦ୍ର ପ୍ରଧାନଙ୍କଠାରୁ ୧୬ ଲିଟର ଦେଶୀ ରନ୍ଧା ମଦ, ବଳରାମପୁର ଗ୍ରାମର ତ୍ରିଲୋଚନ ଜେନାଙ୍କଠାରୁ ୩୬ ଲିଟର ବିଦେଶୀ ମଦ, ମଧୁପୁରର ଲକ୍ଷ୍ମୀଧର ମହଲଙ୍କଠାରୁ ୩୦ ଲିଟର ବିଦେଶୀ ମଦ, ବେଲାରପୁରର ବଳରାମ ସାହୁଙ୍କଠାରୁ ୩୧ ଲିଟର ବିଦେଶୀ ମଦ, ଓଲଢ଼ିର ଲକ୍ଷ୍ମୀପ୍ରିୟା ବେହେରାଙ୍କଠାରୁ ୧୪ ଲିଟର ଦେଶୀ ମଦ ଓ ବେଲାରପୁରର ଆଦୀପ୍ତ କରଙ୍କଠାରୁ ୨୪ ଲିଟର ଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି। ଏହି ଚଢ଼ଉରେ ଅବକାରୀ ଉପନିରୀକ୍ଷକ କଳ୍ପନା ରାଉତ, ଛାୟାକାନ୍ତ ନାୟକ, ପ୍ରିୟଦର୍ଶୀ ମାନସ ମିଶ୍ର ପ୍ରମୁଖ ସାମିଲ ଥିଲେ।

## ବାବା ସ୍ୱପ୍ନେଶ୍ୱର କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ରାଜନଗର,୧୧।୫(ସମିସ): ରାଜନଗର ସଦର ବାବା ସ୍ୱପ୍ନେଶ୍ୱର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ୨୫ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ତରପଦା କ୍ରିକେଟ କ୍ଲବ ୧୭ ରନରେ ଜରିମୂଳ କ୍ରିକେଟ କ୍ଲବକୁ ପରାସ୍ତ କରିଛି। ପ୍ରଥମେ ତରପଦା କ୍ରିକେଟ କ୍ଲବ ନିର୍ଦ୍ଧାରିତ ୫ ଓଭରରେ ୫ ୱିକେଟ ବିନିମୟରେ ୬୪ ରନ କରିଥିଲା। ଜବାବରେ ଜରିମୂଳ ଟିମ୍ ନିର୍ଦ୍ଧାରିତ ଓଭରରେ ୬ ୱିକେଟ ହରାଇ ମାତ୍ର ୪୭ ରନ କରି ପରାସ୍ତ ହୋଇଥିଲା। ସମାଜସେବୀ ସରୋଜ ମହାରଣା ମୁଖ୍ୟଅତିଥି ରୂପେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୌମ୍ୟରଞ୍ଜନ ଦାସ ଓ ଦୀପକ ସେଠୀ ମ୍ୟାଚ ପରିଚାଳନା କରିଥିଲେ।

## ପ୍ରାକ୍ତନ ବ୍ଲକ୍ କଂଗ୍ରେସ ସଭାପତିଙ୍କ ପରଲୋକ



ପଟ୍ଟାମୁଣ୍ଡାଇ,୧୧।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ଅଜୟ କୁମାର ବିଶ୍ୱାଳଙ୍କ ଗତକାଲି ସନ୍ଧ୍ୟାରେ ତରଡ଼ିପାଳ ବାସଭବନରେ ପରଲୋକ ହୋଇଯାଇଛି। ସେ ରୋଗରେ ପୀଡିତ ହୋଇ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିଲେ। ଶିକ୍ଷକତା ଛାଡ଼ି ସମାଜସେବା ପାଇଁ ସକ୍ରିୟ ରାଜନୀତିରେ ଯୋଗ ଦେଇଥିଲେ। ତରଡ଼ିପାଳ ସରପଞ୍ଚ ଭାବେ ପଞ୍ଚାୟତ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା କଂଗ୍ରେସ ଓବିସି ଅଧ୍ୟକ୍ଷ ମଳୟ ଦାସ, ବରିଷ୍ଠ ନେତା ଧନେଶ୍ୱର ପ୍ରଧାନ, ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକ, ସମିତି ସଭ୍ୟ ନିରଞ୍ଜନ ବାରିକ, ପୂର୍ବତନ ସରପଞ୍ଚ କୈଳାସ ସେଠୀ, ଯୁବନେତା ଜ୍ୟୋତି ପ୍ରକାଶ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ତାପସ ଦାସ, କିଶୋର ତରାଇ, ସିପ୍ରା ମଲ୍ଲିକ, ପ୍ରଫେସର ନିର୍ମଳ ବିଶ୍ୱାଳ, ଇଂ ସରୋଜ ବିଶ୍ୱାଳ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୂର୍ବତନ ଅଧ୍ୟକ୍ଷ ମାନସ ସାମଲ ଶୋକ ପ୍ରକାଶ କରିଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁତ୍ର ଅଭିଷେକ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ।

**● ମିଳିତ ଜନଅଭିଯୋଗ ଶୁଣାଣି ଶିବିର**

## ୨ ଅଭିଯୋଗର ତ୍ୱରିତ ସମାଧାନ



କେନ୍ଦ୍ରାପଡ଼ା,୧୧।୫(ସମିସ): ମହାକାଳପଡ଼ା ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସାଧାରଣ ଲୋକ ନିଜ ନିଜ ସମସ୍ୟା ଓ ଅଭିଯୋଗକୁ ସିଧାସଳଖ ଭାବେ ଜିଲ୍ଲା ପ୍ରଶାସନଙ୍କ ନଜରକୁ ଆଣିଥିଲେ। ଏହି ଶିବିରରେ ୨୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ସେଥିମଧ୍ୟରେ ୨୧ଟି ବ୍ୟକ୍ତିଗତ ଓ ୫ଟି ସାମୂହିକ ଅଭିଯୋଗ ଥିଲା। ଏଥିମଧ୍ୟରୁ ୨ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା ଓ ଅନ୍ୟ ଅଭିଯୋଗଗୁଡ଼ିକୁ ଶୀଘ୍ର ନିଷ୍ପତ୍ତି ପାଇଁ ସମ୍ପର୍କିତ ବିଭାଗକୁ ପଠାଯାଇଛି। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଶିବିରରେ ଜିଲ୍ଲାପାଳ ରଘୁରାମ ଆର. ଆୟର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ) ସରୋଜ କୁମାର ବେହେରାଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଓଲଟିଲା ଗୋରୁ ବୋଝେଇ ଗାଡ଼ି | ୭ ଗୋରୁ ଆହତ, ଡ୍ରାଇଭର ଅଟକ

କେନ୍ଦ୍ରାପଡ଼ା,୧୧।୫(ସମିସ): କେନ୍ଦ୍ରାପଡ଼ାରୁ ପାଟକୁରାକୁ ସଂଯୋଗ କରୁଥିବା ରାସ୍ତାର କୁଲୁସାହି ନିକଟରେ ବିଳମ୍ବିତ ରାତିରେ ଏକ ଗୋରୁ ବୋଝେଇ ଗାଡ଼ି ଓଲଟିପଡ଼ିଥିଲା। ଗାଡ଼ିରେ ଥିବା ୭ ଗୋରୁ ଆହତ ହୋଇଥିବାବେଳେ ଡ୍ରାଇଭର ବର୍ତ୍ତିଯାଇଛନ୍ତି। ପରେ ପୁଲିସ ଡ୍ରାଇଭରକୁ ଅଟକ ରଖିଛି। ଏକ ଗୋରୁ ବୋଝେଇ ଗାଡ଼ିକୁ କେନ୍ଦ୍ରାପଡ଼ା ସଦର ଥାନାର ପିସିଆର ଭ୍ୟାନ ପିଛା କରିଥିଲା। ପୁଲିସକୁ ଦେଖି ଡ୍ରାଇଭର ଭୟଭୀତ ହୋଇ ଗାଡ଼ିକୁ ଅତ୍ୟଧିକ ଗତିରେ ଚଳାଇଥିବାବେଳେ କୁଲୁସାହି ନିକଟରେ ନିୟନ୍ତ୍ରଣ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ ଖୁଣ୍ଟିକୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ବିଦ୍ୟୁତ ଖୁଣ୍ଟି ଭାଙ୍ଗିଯାଇଥିବାବେଳେ ଗାଡ଼ିରେ ଥିବା ଗୋରୁ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ି ୭ଟି ଗୋରୁ ଓ ଡ୍ରାଇଭରଙ୍କୁ ସୁରକ୍ଷିତ ଭାବେ ବାହାର କରିଥିଲେ। ପରେ ପାଟକୁରା ଥାନା ପୁଲିସ ଲୋକଙ୍କଠାରୁ ଖବର ପାଇ ପହଞ୍ଚି ଗୋରୁ ବୋଝେଇ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ କରିଥିବା ଜଣାପଡ଼ିଛି।



## ସୋହମ୍ ସାହିତ୍ୟ ସଂସଦ ପକ୍ଷରୁ ମାତୃ ଦିବସ

ପଟ୍ଟାମୁଣ୍ଡାଇ,୧୧।୫(ସମିସ): ବିଶ୍ୱ ମାତୃ ଦିବସ ଅବସରରେ ପଟ୍ଟାମୁଣ୍ଡାଇର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସୋହମ୍ ପକ୍ଷରୁ "ବୋଉ' ଶୀର୍ଷକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋହମ୍‌ର ସଭାପତି ବିଶିଷ୍ଟ କବି ତଥା ପରିବେଶବିତ୍ ଡଃ ମନୋରଞ୍ଜନ ଦାଶଙ୍କ ସଭାପତିତ୍ୱରେ ବିଶିଷ୍ଟ ପ୍ରାବନ୍ଧିକ ତଥା କଥାକାର ପ୍ରାଧ୍ୟାପକ ଡଃ ନୀଳମଣି ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ବୋଉ ହିଁ ଆମ ଜୀବନର ଓଁକାର ଓ ସନ୍ତାନ ପାଇଁ ମମତା ପଣରେ ବୋଉ ଈଶ୍ୱରଙ୍କଠୁ ଊର୍ଦ୍ଧ୍ୱରେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସମାଜସେବୀ ଡଃ ଆଶୁତୋଷ ମହାପାତ୍ର ଯୋଗଦେଇ ମାଆ ଆମକୁ ଦୁନିଆ ଦେଖାଇ ଥାଏ। ମାଆ ପ୍ରତି ସନ୍ତାନମାନେ ଅବହେଳା ନ କରିବାକୁ ଆହ୍ୱାନ ଦେଇଥିଲେ। ଏ ଅବସରରେ ବୋଉ ଶୀର୍ଷକ କବିତା ଆସରରେ କବି ଡଃ ମନୋରଞ୍ଜନ ଦାଶଙ୍କ ସଂଯୋଜନାରେ ଆଲୋକ ପତି, ଅଭିରାମ ଚୌଧୁରୀ, ସ୍ନିଗ୍ଧା ମହାନ୍ତି, ତ୍ରୈଲୋକ୍ୟ ଷଡ଼ଙ୍ଗୀ, ବିକାଶ ଲେଙ୍କା ଓ ଅର୍ପିତା ମହାପାତ୍ର ପ୍ରମୁଖ ବହୁ କବି ଓ କବୟିତ୍ରୀ ଯୋଗଦେଇ କବିତା ଆବୃତ୍ତି କରିଥିଲେ। ରାଜକିଶୋର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।



## କଳିଙ୍ଗ ଆବାସିକ ବିଦ୍ୟାଳୟରେ ଏ-୧ ଗ୍ରେଡ୍‌ଧାରୀଙ୍କୁ ସମ୍ବର୍ଦ୍ଧନା



ଡେରାବିଶ,୧୧।୫(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟ ପରିସରରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍‌ଧାରୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କଳିଙ୍ଗ ଆବାସିକ ବିଦ୍ୟାଳୟ କ୍ୟାମ୍ପସ-୧ ଓ ୨ର ଅଧ୍ୟକ୍ଷ ନିଶିକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ଚେୟାରମ୍ୟାନ୍ ମନୋଜ ପ୍ରଧାନ, ସମ୍ମାନିତ ଅତିଥି ଭାବେ କ୍ୟାମ୍ପସ ୩ ଓ ୪ର ଅଧ୍ୟକ୍ଷ ଅନୀଲ ଦାଶ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉଚ୍ଚଶିକ୍ଷାରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଅବିନାଶ ପଲେଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ହରେକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଅଗ୍ନିବିପନ୍ନ ପରିବାରକୁ ସହାୟତା

ମହାକାଳପଡ଼ା,୧୧।୫ (ସମିସ): ମହାକାଳପଡ଼ା ବ୍ଲକ ଜମ୍ବୁ ପଞ୍ଚାୟତ ଅନ୍ତର୍ଗତ ଜମ୍ବୁ ଗ୍ରାମର ରୀନାରାଣୀ ପ୍ରଧାନଙ୍କ ଚାଳଛପର ଘର ୮ ତାରିଖ ବିଳମ୍ବିତ ରାତିରେ ପୋଡ଼ିଯାଇଥିଲା। ବରଡାଙ୍ଗା ପଞ୍ଚାୟତର ଭିତରସୁବଳା ଗ୍ରାମର ସଦାଶିବ ଯୁବକ ସଂଘ ପକ୍ଷରୁ ପୀଡ଼ିତ ପରିବାରଙ୍କୁ ସହାୟତାର ହାତ ବଢ଼ାଯାଇଛି। ସଂଘର ସଦସ୍ୟ ମନୋଜ ସାମଲ, ସୁଶାନ୍ତ ଚୌଧୁରୀ, ପ୍ରିୟରଞ୍ଜନ ଦାସ, ପ୍ରଶାନ୍ତ ସ୍ୱାଇଁ, ପ୍ରଦ୍ୟୁମ୍ନ ଭୂୟାଁ, ଗୌତମ ସାମଲ, ରଞ୍ଜନ ରାଉତ, ନିରଞ୍ଜନ ରାଉତ, ରାଜା ସ୍ୱାଇଁ, ବିଶ୍ୱରଞ୍ଜନ ବାରିକ, ସରୋଜ ବାରିକ, ଅଞ୍ଜନ ବସନ୍ତିଆ, ତପନ ରାଉଳ, ଦେବଦତ୍ତ ସାମଲ, ଶଙ୍କର ଦାସ ଓ ରୁଦ୍ର ଦାସଙ୍କ ସହ ସମସ୍ତ କର୍ମକର୍ତ୍ତା ପୀଡ଼ିତ ପରିବାରକୁ ବସ୍ତ୍ର, ରୋଷେଇ ସାମଗ୍ରୀ, ଖାଦ୍ୟ ସାମଗ୍ରୀ ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।



## ଅଗ୍ନିବିପନ୍ନ ପ୍ରଶାନ୍ତ ମଲିକଙ୍କୁ ସହାୟତା

ଡେରାବିଶ, ୧୧।୫(ସମିସ): ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କସ୍ଥ ଆଦ୍ୟାଶା ଫାଉଣ୍ଡେସନ୍ ପକ୍ଷରୁ ଆଜି କରିଲୋପାଟଣା ଗ୍ରାମର ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଇଛି। ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଅଧ୍ୟାପକ ରମେଶ ଶତପଥୀଙ୍କ ନେତୃତ୍ୱରେ କର୍ମକର୍ତ୍ତା ସନ୍ତୋଷ ମଲିକ, ଦୀପକ ଜେନା, ମନୋଜ ମଲିକ, ରାକେଶ ଜେନା, ଦାମୋଦର ମଲିକ, ଦୀପକ ମଲିକ ପ୍ରମୁଖ କରିଲୋପାଟଣା ଗ୍ରାମର ଅଗ୍ନିବିପନ୍ନ ପ୍ରଶାନ୍ତ ମଲିକଙ୍କ ଘରେ ପହଞ୍ଚି ପରିବାର ଚଳାଇବା ପାଇଁ ଛେଳି ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ୬ ତାରିଖ ଦିନ ପ୍ରଶାନ୍ତଙ୍କ ଘରେ ଅଗ୍ନିକାଣ୍ଡ ଘଟି ୧୭ଟି ଛେଳି, ଦୁଇଟି ଗାଇ ପୋଡ଼ି ମରିଯାଇଥିଲେ।



## ପଞ୍ଚାୟତ ବିଜେଡି ସଭାପତିଙ୍କ ପରଲୋକ

ରାଜନଗର, ୧୧।୫(ସମିସ): ରାଜନଗର ପଞ୍ଚାୟତ ବିଜେଡି ସଭାପତି ନାରାୟଣ ଦାସଙ୍କ ଆଜି ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୪ ବର୍ଷ ହୋଇଥିଲା। ଆଜି ସକାଳେ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲକୁ ନିଆଯାଇ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି। ସ୍ୱର୍ଗତ ଦାସ ୧୦ ବର୍ଷ ଧରି ରାଜନଗର ପଞ୍ଚାୟତ ବିଜୁ ଜନତା ଦଳର ସଭାପତି ଥିଲେ। ସେ ରାଜନଗର ପ୍ରାଥମିକ କୃଷି ସେବା ସମବାୟ ସମିତିର ନିର୍ଦ୍ଦେଶକ ଥିଲେ। ତାଙ୍କ ମୃତ୍ୟୁରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ବ୍ଲକ୍ ବିଜେଡି ସଭାପତି ନିରଞ୍ଜନ ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ସରପଞ୍ଚ ସୁଶ୍ରୀ ସଂଗୀତା ମିଶ୍ର, ସମିତି ସଭ୍ୟା ସୁମିତ୍ରା ସେଠୀ, ରାଜନଗର ଜୟଦୁର୍ଗା ବଣିକ ସଂଘ ସଭାପତି ବାଇଧର ସେଠୀ, ପ୍ରାଥମିକ କୃଷି ସେବା ସମବାୟ ସମିତି ସଭାପତି ଦଧିବାମନ ଭୂୟାଁ, ସମ୍ପାଦକ ଜ୍ଞାନରଞ୍ଜନ ନାୟକ, ନିର୍ଦ୍ଦେଶକ ଚିତ୍ତରଞ୍ଜନ ଦାସ, ବିଜୟ କୁମାର ଗୁପ୍ତା, ବାବାଜୀ ମିଶ୍ର, ଆଇନଜୀବୀ ମହେଶ୍ୱର ସେଠୀ, ଆମ୍ବ କମିଟି ଅଧ୍ୟକ୍ଷ କୈଳାସ ପରିଡା, ସମବାୟବିତ୍ ଦିଲ୍ଲୀପ ପାତ୍ର, ଅରୁଣ ସାହୁ, ରାଧାକାନ୍ତ ରାଉତରାୟ, ବିଜୟ ନାୟକ, ବିଚିତ୍ର ମଲିକ, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ମହାପାତ୍ର, ରଞ୍ଜନ କୁମାର ମହାନ୍ତି, ସରପଞ୍ଚ ଅଶୋକ ମହାନ୍ତି, ପ୍ରେମାନନ୍ଦ ସାହୁ, ତ୍ରିଲୋଚନ ସାହୁ, ଜଇରାମ ରାଉତ, ଅନନ୍ତ ସେଠୀ ପ୍ରମୁଖ ଶେଷ ଦର୍ଶନ କରିବା ସହ ଶୋକବ୍ୟକ୍ତ କରିଥିଲେ। ପୁଅ ଦୁବାଇରେ ଥିବାରୁ ସାନଭାଇ ସୁଶାନ୍ତ ମୁଖାଗ୍ନି ଦେଇଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ସ୍ୱର୍ଗତ ଦାସଙ୍କ ବିୟୋଗରେ ସମଗ୍ର ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।



**ମନ୍ତ୍ରୀଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା**

# ଧାର୍ଯ୍ୟ ସମୟରେ ପ୍ରକଳ୍ପ ଶେଷ ଓ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ

କେନ୍ଦ୍ରାପଡ଼ା/ମାର୍ଶାଘାଇ,୧୧।୫(ସମିସ)



ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୋମବାର ଦିନିକିଆ କେନ୍ଦ୍ରାପଡ଼ା ଗସ୍ତରେ ଆସି ମାର୍ଶାଘାଇସ୍ଥ ଜଳସେଚନ ବିଭାଗ ଡାକ ବଙ୍ଗଳାରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଯୋଜନାର ସମୀକ୍ଷା କରିଛନ୍ତି। ଉକ୍ତ ବୈଠକରେ ମନ୍ତ୍ରୀ ସ୍ୱାସ୍ଥ୍ୟ, କ୍ରୀଡ଼ା, ପାନୀୟଜଳ, ଦକ୍ଷତା ବିକାଶ, ଶିକ୍ଷା, ସାମାଜିକ ସୁରକ୍ଷା, ସମାଜ କଲ୍ୟାଣ, ବିଦ୍ୟୁତ୍, ଶିଳ୍ପ ସହ ବିଭିନ୍ନ ବିଭାଗ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଥିଲେ। ବିଭାଗୀୟ ଅଧିକାରୀ ନିଜ ନିଜ ବିଭାଗରେ ଚାଲିଥିବା ପ୍ରକଳ୍ପ ଓ ସରକାରୀ ଯୋଜନା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମନ୍ତ୍ରୀ ଜିଲ୍ଲାର ସମଗ୍ର ଉନ୍ନତି ପାଇଁ ସମସ୍ତ ଅଧିକାରୀଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବା ସହିତ ସାଧାରଣ ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଚାଲିଥିବା ପ୍ରକଳ୍ପଗୁଡ଼ିକୁ ଧାର୍ଯ୍ୟ ସମୟ ମଧ୍ୟରେ ସମାପ୍ତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ସାଂସଦଙ୍କ ପ୍ରତିନିଧି ଶଶାଙ୍କଶେଖର ସେଠୀ, ଜିଲ୍ଲାପାଳ ରଘୁରାମ ଆର. ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତିଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



କନ୍ୟାସନ୍ତାନ ଓ ମହିଳାଙ୍କ ଅଧିକାର ସପକ୍ଷରେ ଠିଆ ହେବା ହିଁ ପୁରୁଷତ୍ୱର ପ୍ରକୃତ ପରିଚୟ।
-ଡେସ୍‌ମଣ୍ଡ ଟୁଟୁ

ସକାଳ
THE SAKALA

## ମାଗଣା ସଂସ୍କୃତିର ବୋଝ

ତାମିଲନାଡୁର ନବନିଯୁକ୍ତ ମୁଖ୍ୟମନ୍ତ୍ରୀ ସି ଯୋଶେଫ୍ ବିଜୟ ଶପଥ ନେବା ସହିତ ପିଛିଲା ସରକାର ଅମଳରେ ରାଜ୍ୟ ଉପରେ ଥିବା ୧୦ ଲକ୍ଷ କୋଟି ଟଙ୍କାର ଋଣ ଭାର ସମ୍ପର୍କିତ ଏକ ଶ୍ୱେତପତ୍ର ଖୁବ୍ ଶୀଘ୍ର ଜାରି କରିବେ ବୋଲି ଘୋଷଣା କରିଛନ୍ତି। ସମାନ ଢଙ୍ଗରେ ପୂର୍ବବର୍ତ୍ତୀ ଡିଏମ୍‌କେ ସରକାର ମଧ୍ୟ ଶପଥ ନେବା ପରେ ତା'ପୂର୍ବବର୍ତ୍ତୀ ଏଆଇଏଡିଏମ୍‌କେ ସରକାରର ୧୦ ବର୍ଷ ଅମଳରେ ରାଜ୍ୟର ଆର୍ଥିକ ଦୁଃସ୍ଥିତି ସମ୍ପର୍କିତ ଏକ ଶ୍ୱେତପତ୍ର ଜାରି କରିଥିଲେ। ଏହି ଦୁଇଟିଯାକ ଘଟଣାକ୍ରମରେ ପୂର୍ବ ସରକାରମାନଙ୍କର ଆର୍ଥିକ ପରିଚାଳନାରେ ଦୁର୍ବଳତା ଓ ଅନାବଶ୍ୟକ ଖର୍ଚ୍ଚ ସମ୍ପର୍କରେ ନବନିଯୁକ୍ତ ସରକାରମାନେ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହିଁଛନ୍ତି। କିନ୍ତୁ ବାସ୍ତବତା ହେଉଛି ଭାରତୀୟ ରାଜନୀତିରେ ଏହା ଏକ ଗତାନୁଗତିକ ଧାରାରେ ପରିଣତ ହୋଇଯାଇଛି। ବିଶେଷକରି ନିର୍ବାଚନ ଜିତିବା ପାଇଁ ଭୋଟ ରାଜନୀତିରେ ଫ୍ରିବିଜ୍ ବା ମାଗଣା ସଂସ୍କୃତି ଏକ ଅଲିଖିତ ପରମ୍ପରା ପାଲଟି ଯାଇଛି। ସେଥିରେ ସରକାରମାନେ ନିର୍ବାଚନୀ ପ୍ରତିଶ୍ରୁତି ପାଳନ ଓ ଆରଥରକୁ ପୁଣି କ୍ଷମତା ଆହରଣ ପାଇଁ ବିପୁଳ ପରିମାଣର ଋଣ କରିବା ବ୍ୟତୀତ ବିକଳ୍ପ ନାହିଁ।

ତାମିଲ୍‌ନାଡୁ ମୁଖ୍ୟମନ୍ତ୍ରୀ ଯୋଶେଫ୍ ବିଜୟ ରାଜନୀତିରେ ସମ୍ପୂର୍ଣ୍ଣ ଅନଭିଜ୍ଞ। ତେଣୁ ତାଙ୍କ ଆର୍ଥିକ ପରିଚାଳନାର କୌଶଳ କ'ଣ ରହିବ କେତେ ପ୍ରଭାବଶାଳୀ ହେବ ତାହା ଭବିଷ୍ୟତରେ ଜଣାପଡ଼ିବ। କିନ୍ତୁ ନିର୍ବାଚନ ଜିତିବାକୁ ସେ ମଧ୍ୟ ଯେଉଁ ପ୍ରତିଶ୍ରୁତି(ଫ୍ରିବିଜ୍)ମାନ ଘୋଷଣା କରିଛନ୍ତି ସେଥିପାଇଁ ରାଜକୋଷ ଉପରେ କେତେ ବୋଝ ପଡ଼ିବ ତାହା ଦେଖାଯାଉ। ବିଶେଷଜ୍ଞଙ୍କମାନଙ୍କ ଆକଳନ ଅନୁଯାୟୀ ବିଜୟଙ୍କ ଘୋଷିତ ଦୁଇମାସରେ ଦୁଇଶହ ୟୁନିଟ୍ ବିଦ୍ୟୁତ ଶୁଳ୍କ ଛାଡ଼ ପାଇଁ ରାଜକୋଷ ଉପରେ ୧.୭୩୦ କୋଟି ଟଙ୍କାର ଅତିରିକ୍ତ ବୋଝ ସୃଷ୍ଟି ହେବ। ଏଥିସହିତ ପ୍ରତି ପରିବାରର ମହିଳା ମୁଖ୍ୟଙ୍କୁ ମାସିକ ୨୫୦୦ ଟଙ୍କା, ବର୍ଷକୁ ପ୍ରତି ପରିବାର ପିଛା ୬ଟି ମାଗଣା ଗ୍ୟାସ ସିଲିଣ୍ଡର, ୧୦ ଲକ୍ଷ ନିଯୁକ୍ତିହୀନ ସ୍ନାତକ ଡିଗ୍ରୀଧାରୀଙ୍କୁ ମାସିକ ୪ ହଜାର ଟଙ୍କାର ଭତ୍ତା ଆଦିକୁ ହିସାବକୁ ନେଲେ ବର୍ଷକୁ ରିହାତି ବା ମାଗଣା ଯୋଜନା ପ୍ରତିଶ୍ରୁତି ପୂରଣ କରିବାକୁ ଅନ୍ୟୁନ ୧ ଲକ୍ଷ କୋଟି ଟଙ୍କା ଆବଶ୍ୟକ। ପୂର୍ବ ସରକାର ଏ କ୍ଷେତ୍ରରେ ଖର୍ଚ୍ଚ କରିଥିଲା ମାତ୍ର ୬୫ ହଜାର କୋଟି ଟଙ୍କା। ଆରବିଆଇର ସୂଚନା ଅନୁଯାୟୀ ଗତ ଆର୍ଥିକବର୍ଷ ଶେଷସୁଦ୍ଧା ତାମିଲ୍‌ନାଡୁର ମୋଟ ଋଣ ଓ ଦେୟ ପରିମାଣ ଥିଲା ୯.୫୬ ଲକ୍ଷ କୋଟି ଟଙ୍କା। ରାଜ୍ୟର ମୋଟ ଘରୋଇ ଉତ୍ପାଦନ(ଏସ୍‌ଜିଡିପି) ର ଏହା ୩୦.୬% । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଉପସ୍ଥାପିତ ବଜେଟ୍‌ରେ ରିହାତି ବାବଦରେ ମୋଟ ୭୨, ୪୩୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା, ଯାହା ସେହିବର୍ଷର ମୋଟ ବ୍ୟୟ ଅଟକଳର ୧୬% । ତେଣୁ ମୋଟ ଦେୟ ସହିତ ଫ୍ରିବିଜ୍‌ର ଅତିରିକ୍ତ ଆର୍ଥିକ ବୋଝକୁ ବିଜୟ କିଭଳି ସମ୍ଭାଳିବେ ତାହା ତାଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେବ।

ଫ୍ରିବିଜ୍‌ରେ କେବଳ ତାମିଲନାଡୁ ଅର୍ଥନୀତି ଆକ୍ରାନ୍ତ ନୁହେଁ, ପ୍ରାୟସବୁ ରାଜ୍ୟର ଅଳ୍ପେବହୁତ ସମାନ ସ୍ଥିତି। ସରକାରୀ ବିରୋଧୀ ଜନମତକୁ ପ୍ରତିହତ କରି ପୁଣି ଥରେ କ୍ଷମତାସୀନ ହେବା ଲାଗି ଗତ ଦୁଇବର୍ଷ ଭିତରେ ୮ଟି ରାଜ୍ୟର କ୍ଷମତାସୀନ ଦଳମାନେ ସାମଗ୍ରିକ ଭାବେ ୬୭, ୯୨୮ କୋଟି ଟଙ୍କା ପ୍ରାକ୍ ନିର୍ବାଚନୀ ଖର୍ଚ୍ଚ କରିଛନ୍ତି। ନିର୍ବାଚନ ଜିତିବା ପରେ ତାହା ରାଜକୋଷ ଉପରେ ଅତିରିକ୍ତ ବୋଝ ସୃଷ୍ଟି କରିଛି। ଏତେ ବିପୁଳ ପରିମାଣର ଖର୍ଚ୍ଚ ସତ୍ତ୍ୱେ ଯଦି ସେମାନେ ପୁନଃକ୍ଷମତାସୀନ ହୋଇ ନ ଥା'ନ୍ତେ ତେବେ ନୂଆ ସରକାରର ମୁଣ୍ଡରେ ତାହା ଗଡ଼ିଥା'ନ୍ତା, ଯାହା ଏବେ ତାମିଲ୍‌ନାଡୁରେ ଘଟିଛି। ଏହି ଆଠଟି ରାଜ୍ୟ ମଧ୍ୟରୁ ମହାରାଷ୍ଟ୍ରରେ ମହାଯୁତି ସରକାର ୨୩, ୩୦୦ କୋଟି ଟଙ୍କାର ମାଗଣା ଯୋଜନା ସହିତ ମାଗଣା ବିଦ୍ୟୁତ୍ ଯୋଜନା, ବିହାରରେ ଏନ୍‌ଡିଏ ସରକାର ୧୯, ୩୩୩ କୋଟି ଟଙ୍କାର ବିଭିନ୍ନ ରିହାତି ଓ ମାଗଣା ଯୋଜନା ଘୋଷଣା କରିଥିଲା। ଏହାଛଡ଼ା ଝାଡ଼ଖଣ୍ଡର କ୍ଷମତାସୀନ କଂଗ୍ରେସ ସରକାର ତା'ର ମୋଟ ଟିକସ ରାଜସ୍ୱର ୧୫.୯୯ ପ୍ରତିଶତ, ମଧ୍ୟପ୍ରଦେଶର କ୍ଷମତାସୀନ ବିଜେପି ସରକାର ମୋଟ ଟିକସ ରାଜସ୍ୱର ୧୦.୨୭ ପ୍ରତିଶତ ଭୋଟରଙ୍କୁ ଆକୃଷ୍ଟ କରି ପୁନଃକ୍ଷମତାସୀନ ହେବା ପାଇଁ ଖର୍ଚ୍ଚ କରିବାକୁ ଘୋଷଣା କରିଥିଲା। ବର୍ତ୍ତମାନ ସେହିସବୁ ରାଜ୍ୟ ନିର୍ବାଚନୀ ପ୍ରତିଶ୍ରୁତି ପାଳନ ପାଇଁ ସଂଘର୍ଷ କରୁଛନ୍ତି। ସେଠାରେ ଅନ୍ୟାନ୍ୟ ବିଭାଗୀୟ ଓ କ୍ଷେତ୍ରୀୟ ବ୍ୟୟବରାଦକୁ କାଟଛାଣ୍ଟ କରିବାକୁ ପଡ଼ିଛି। ଓଡ଼ିଶା, ରାଜସ୍ଥାନ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ଦିଲ୍ଲୀରେ କ୍ଷମତାସୀନ ଦଳ ଏଭଳି ଘୋଷଣାରେ ପଛରେ ପଡ଼ିଯାଇଥିବାରୁ କ୍ଷମତା ହରାଇଛନ୍ତି।

ସାମଗ୍ରିକ ଭାବେ ମୋଟ ଟିକସ ରାଜସ୍ୱର ଏକ-ତୃତୀୟାଂଶ ଏଭଳି ମାଗଣା ଯୋଜନାରେ ବ୍ୟୟ ହେଉଥିବାରୁ ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ କଲ୍ୟାଣ ଭଳି କ୍ଷେତ୍ର ଅବହେଳିତ ହେଉଛି ଏବଂ ହେବା ମଧ୍ୟ ସ୍ୱାଭାବିକ। ତେଣୁ କେତେକ ରାଜ୍ୟ ଏଥିପାଇଁ ଆହୁରି ଋଣ କରିବାକୁ ବାଧ୍ୟ ହେଉଛନ୍ତି। ଗତ ଫେବୃଆରୀ ମାସରେ ଆନ୍ଧ୍ରପ୍ରଦେଶ ଓ ଆସାମ ଯଥାକ୍ରମେ ଅତିରିକ୍ତ ୧୧୦୦ କୋଟି ଓ ୧୦୦୦ କୋଟି ଟଙ୍କା ଋଣ କରିଥିବା ବେଳେ ପୂର୍ବ ବର୍ଷ ସେହି ସମୟରେ ଯଥାକ୍ରମେ ୨ ହଜାର କୋଟି ଏବଂ ୯୦୦ କୋଟି ଟଙ୍କା ଉଚ୍ଚ ସୁଧ ହାରରେ ଋଣ କରିଥିଲେ। ଗତ ଦୁଇବର୍ଷ ଭିତରେ ଗୁଜରାଟ ଉଚ୍ଚ ସୁଧ ହାରରେ ପ୍ରାୟ ୩ ହଜାର କୋଟି ଟଙ୍କା ଋଣ କରିଛି। କେନ୍ଦ୍ର ସରକାର ମଧ୍ୟ ଚଳିତ ଆର୍ଥିକ ବର୍ଷରେ ୧୯.୭୦ ଲକ୍ଷ କୋଟି ଟଙ୍କା ଋଣ କରିବାକୁ ବରାଦ କରିଛନ୍ତି।

ଏକପକ୍ଷରେ କ୍ଷମତାରେ ରହିବା ପାଇଁ ମାଗଣା ଯୋଜନା ଘୋଷଣା ଏବଂ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ପାଇଁ ଋଣ ପ୍ରକ୍ରିୟାରେ ଆନ୍ତର୍ଜାତିକ ସ୍ତରରେ ଭାରତର ରେଟିଂ ହ୍ରାସ ପାଇବାରେ ଲାଗିଛି। ଅପରପକ୍ଷରେ ବୈଦେଶିକ ପୁଞ୍ଜି ନିବେଶର ଅନ୍ତଃସ୍ରୋତ ହ୍ରାସ ପାଇ ଚାଲିଥିବା ବେଳେ ବିଦେଶୀ ନିବେଶକମାନେ ଭାରତୀୟ ପୁଞ୍ଜି ବଜାରରୁ ଅଂଶଧନ ପ୍ରତ୍ୟାହାର କରି ଚାଲିଛନ୍ତି। ଏହାଛଡ଼ା ନିର୍ବାଚନୀ ପ୍ରତିଶ୍ରୁତି ପାଳନ ବା ମାଗଣା ଯୋଜନା ପାଇଁ ଋଣ ଅଣଉତ୍ପାଦନ ଭିତ୍ତିକ ଥିବାରୁ ରାଜ୍ୟମାନେ ଯେଉଁ ଋଣ କରୁଛନ୍ତି ତାହା ଉପରେ ଋଣଦାତାମାନେ ଅଧିକ ସୁଧ ଦାବି କରୁଛନ୍ତି। ରାଜନୀତିରେ କ୍ଷମତାର ମୋହ ଅପରିହାର୍ଯ୍ୟ। କିନ୍ତୁ ଏଥିପାଇଁ ସାମଗ୍ରିକ ଭାବେ ରାଜ୍ୟ ଓ କେନ୍ଦ୍ରର ଅର୍ଥନୀତିକୁ ବଳି ଦିଆଯିବା କଥା ନୁହେଁ। ଭୋଟରମାନେ ମଧ୍ୟ ଏଭଳି ଘୋଷଣାରେ ଭଳି ଯିବା କିମ୍ବା ଭୁଲିଯିବା ଉଚିତ ନୁହେଁ ଯେ ଏହି ମାଗଣା ଯୋଜନାର ଖର୍ଚ୍ଚ ଭରଣା ଅନ୍ୟବାଟେ ତାଙ୍କଠାରୁ ହିଁ ଅସୁଲ କରାଯାଉଛି। କିନ୍ତୁ ଚେଇଁ ଶୋଇଥିବ ଯିଏ ସେମାନଙ୍କୁ ଉଠାଇବ କିଏ?

## ସଫଲ୍ ବନାମ ସଫଳ

ଡ.ଅନ୍ତର୍ଜିତା ନାୟକ

ଆଜିକାଲିକାର ମୋବାଇଲ ଯୁଗରେ ପିଲାମାନେ ବହି ଧରିବା ବା ପଢ଼ିବା ଯେମିତି ଭୁଲିଗଲେଣି। ତେଣୁ ପିଲାମାନଙ୍କ ମଧ୍ୟରେ ପଢ଼ିବାର ଆଗ୍ରହକୁ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଏକ ଆଦିବାସୀ ଗାଁରେ ଛୋଟ ସଚେତନତା ସଭା ଚାଲିଥାଏ। ପଢ଼ିବାର ଅଭ୍ୟାସ କିପରି ନୂଆ-ନୂଆ କଥା ଶିଖାଇଥାଏ, ବହି କିପରି ମଣିଷର ସର୍ବଶ୍ରେଷ୍ଠ ବନ୍ଧୁ ହୋଇଥାଏ, ଭଲ ମାର୍ଗ ଦେଖାଇ ସଫଳତା ଆଡ଼କୁ ବାଟ କାଢ଼ି ନେଇଥାଏ, ସେଇସବୁ ବିଷୟରେ ପିଲାମାନଙ୍କୁ ଜ୍ଞାନ ଦିଆଯାଉଥାଏ। ସେତିକିବେଳେ ଏକ ଛଅ-ସାତ ବର୍ଷର ପିଲା ଠିଆ ହୋଇ ଅତି ଉତ୍ସାହରେ କହିଲା 'ସଫଲ୍ ଖାଇଲେ ସଫଳ ହେବା! ବହି ପଢ଼ିଲେ ପରୀକ୍ଷାରେ ଭଲ ମାର୍କ ମିଳିବ।' ପିଲାଟି 'ସଫଲ୍' ପାନ ମସଲାକୁ 'ସଫଳ' ହେବା ସହିତ ସଂଯୋଗ କରୁଥିଲା। ଯଦି କିଛି ଖାଇଦେଲେ ଜଣେ ସଫଳ ହୋଇପାରିବ, ତେବେ ଏତେ ବହି ପଢ଼ି ଲାଭ କ'ଣ? ଏହା ହିଁ ଥିଲା ଛୋଟ ପିଲାଟିର ଧାରଣା। ସେ ଯାହା ଦେଖୁଛି, ଶୁଣୁଛି ବା ବୁଝୁଛି, ସେଇଆ ହିଁ କହୁଛି ବା କରୁଛି।

ଆଜିକାଲି ଖବରକାଗଜ, ଟିଭି, ମୋବାଇଲ ସବୁଠି ଏମିତି ବିଜ୍ଞାପନ ଭରିରହିଛି, ଯେଉଁଠାରେ ପାନମସଲା କମ୍ପାନୀ କେବଳ ଉତ୍ପାଦ ବିକ୍ରି କରୁନାହାନ୍ତି, ବରଂ ଯେମିତି 'ସଫଳତା'ର ଏକ ଚାବିକାଠି ବିକ୍ରି କରୁଛନ୍ତି। ପାନ ମସଲା ବା ତମାଖୁ ବିଜ୍ଞାପନରେ ବ୍ୟବହୃତ କିଛି ବାକ୍ୟ ଯେପରି- 'କୁଛ କର ଐସା, ଦୁନିଆ ବନନା ଚାହେ ତେରେ ଜୈସା', 'ପହଚାନ କାମ୍ୟାବୀ କି', '...କଦମୋଁ ମେଁ ଦୁନିଆ...' ଆମ ମନରେ ଏମିତି ଏକ ଘର କରିନେଉଛନ୍ତି ଯେ, ସତେଯେମିତି ସଫଳତା ଏକ କିଣି ହେବା ଜିନିଷ, ଯାହାକୁ ପାନ ମସଲା ଦ୍ୱାରା ସହଜରେ ପାଇହେବ! କିନ୍ତୁ ସବୁଠାରୁ ଚିନ୍ତାଜନକ ହେଉଛିଏହି ସନ୍ଦେଶ ଓ ସନ୍ଦେଶ ଦେଉଥିବା ତାରକାମାନେ ପିଲାଙ୍କ ମନକୁ ଖୁବ ଶୀଘ୍ର ଅକ୍ତିଆର କରିଦେଉଛନ୍ତି। ଯାହାଫଳରେ ପରିଶ୍ରମ, ଧୈର୍ଯ୍ୟ ଓ ଜ୍ଞାନ, ଯାହା ସଫଳତାର ପ୍ରକୃତ ଅର୍ଥ, ଆଜି ମଳିନ ପଡ଼ିଚାଲିଛି।

ଏହି ବିଡ଼ମ୍ବନା କେବଳ ଏକ ସାଧାରଣ ସଂଯୋଗ ନୁହେଁ, ବରଂ ଏକ ଚିନ୍ତାର ସଂକେତ। ଆଜି ଭାରତ ଏକ ଅଜବ ସ୍ଥିତିରେ। ଗୋଟିଏ ପଟେ ବିକାଶ ଓ ଆକାଂକ୍ଷା ବଢୁଥିବା ବେଳେ ଅନ୍ୟପଟେ ନିରବରେ ଏମିତି କିଛି ଅଭ୍ୟାସ ମଧ୍ୟ ବଢୁଛି, ଯାହା ଆମର ଭବିଷ୍ୟତକୁ ଦୁର୍ବଳ କରୁଛି। 'ଗ୍ଲୋବାଲ୍ ଆଡଲ୍ଟ ଟୋବାକୋ ସର୍ଭେ' କହୁଛି ଦେଶର ପ୍ରାୟ ପ୍ରତି ତିନିଜଣ ବୟସ୍କ ମଧ୍ୟରୁ ଜଣେ କୌଣସି ନା କୌଣସି ଭାବରେ ତମାଖୁ ବ୍ୟବହାର କରନ୍ତି। ଏହାର ବଡ଼ ଅଂଶ ପାନ ମସଲା, ଗୁଟ୍‌ଖା, ଖଇନି ବ୍ୟବହାର କରନ୍ତି। ସବୁଠାରୁ ଚିନ୍ତାର କଥା, ଏହି ଅଭ୍ୟାସ ଆରମ୍ଭ ହେଉଛି ବହୁତ ଛୋଟ ବୟସରୁ, କେତେକ ସମୟରେ ପିଲାବେଳୁ ମଧ୍ୟ। ଡାକ୍ତରମାନେ ବହୁବାର କହିଛନ୍ତି, ଏହି ଧରଣର ତମାଖୁ ଭାରତରେ ମୁଖକର୍କଟ ରୋଗ ବଢ଼ିବାର ମୁଖ୍ୟ କାରଣ। କିନ୍ତୁ ଲୋକେ ଏହାକୁ ଗମ୍ଭୀର ଭାବରେ ନେଉନାହାନ୍ତି। ଏହାର ପ୍ରଭାବ କେବଳ ରୋଗ ପର୍ଯ୍ୟନ୍ତ ସୀମିତ ନୁହେଁ। ଏହା ଧୀରେ ଧୀରେ କାମ କରିବାର କ୍ଷମତା କମାଏ, ଚିକିତ୍ସା ଖର୍ଚ୍ଚ ବଢ଼ାଏ, ଯୁବକମାନଙ୍କର ଧ୍ୟାନ ଓ ଶିଖିବା କ୍ଷମତାକୁ ଦୁର୍ବଳ କରେ ଏବଂ ଦେଶର ମାନବ ପୁଞ୍ଜିକୁ କ୍ଷୟ କରେ।

ଯଦି ଆମର ଶ୍ରମଶକ୍ତି ଶାରୀରିକ ଭାବେ ଦୁର୍ବଳ, ମାନସିକ ଭାବେ କ୍ଲାନ୍ତ ଓ ନିଶା ନିର୍ଭରଶୀଳ ହେବ, ତେବେ ଦୀର୍ଘକାଳୀନ ବିକାଶ କେମିତି ହେବ? ସବୁଠାରୁ ବଡ଼ ଚିନ୍ତା ହେଉଛି ଆମର ଯୁବ ପିଢ଼ି। ଯେଉଁ ଯୁବଜନସଂଖ୍ୟାକୁ ଆମେ ଦେଶର ସବୁଠାରୁ ବଡ଼ ଶକ୍ତି ବୋଲି ଭାବୁଛୁ, ସେହି ପିଢ଼ି ଧୀରେ ଧୀରେ ଏହି ଅଭ୍ୟାସର ପ୍ରଭାବରେ ପଡୁଛି। ସହର କିମ୍ବା ଗାଁ ସବୁଠି ଏହା ବଢୁଛି। ସେଥିପାଇଁ ଏହା ଆଜି କେବଳ ଏକ ସ୍ୱାସ୍ଥ୍ୟ ଜନିତ ବିଷୟ ହୋଇ ଆଉ ରହି ନାହିଁ, ବରଂ ଦେଶର ଭବିଷ୍ୟତ, ଉତ୍ପାଦକତା, ଯୁବଶକ୍ତି ଓ ସମଗ୍ର କଲ୍ୟାଣ ସହିତ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପାଲଟିଛି। ବହୁବାର ଆମେ ଖବରକାଗଜର ପ୍ରଥମ ପୃଷ୍ଠାରେ କିଛି ଗୁରୁତ୍ୱପୂର୍ଣ୍ଣ ବା ଶିକ୍ଷଣୀୟ କଥା ପଢ଼ିବାକୁ ପାଇବା ପରିବର୍ତ୍ତେ ଚକଚକିଆ ବିଜ୍ଞାପନ ଦେଖିବାକୁ ପାଉ, ଯେଉଁଥିରେ ଦେଶର ପ୍ରିୟ ଓ ବଡ଼ ବଡ଼ ସେଲିବ୍ରିଟିମାନେ 'ସଫଳତା'ର ଏକ ଆକର୍ଷଣୀୟ ଛବି ପ୍ରଦର୍ଶନ କରୁଥିବେ, ଯାହା ସାରା ଜଗତକୁ ଏହା ବିଶ୍ୱାସ କରିବାକୁ ବାଧ୍ୟ କରିଦେଉଥିବ ଯେ, ପାନ ମସଲାର ପ୍ରତ୍ୟେକ କଣରେ ରହିଛି 'କେଶର' ନା କି 'କ୍ୟାନ୍ସର'। ଏହି ବିଶାଳ ଭ୍ରମ ସାମ୍ନାରେ, ଛୋଟ-ଛୋଟ ଅକ୍ଷରରେ ଲେଖା ଯାଇଥିବା ସତର୍କବାଣୀ-'ପାନ ମସଲା ଦେହ ପାଇଁ ହାନିକାରକ' ବା 'ପାନ ମସଲା ଖାଇଲେ କର୍କଟ ହୁଏ', ନଗଣ୍ୟ ହୋଇଯାଏ।

କାହିଁ ସେଇ ଭବ୍ୟତା ଓ କାହିଁ ଏଇ ଶୂନ୍ୟତା! କିଛି ଲୋକ ବୁଝିପାରନ୍ତି ଯେ ଏହା କେବଳ ଏକ ବିଜ୍ଞାପନ ଓ ଏକ ବ୍ୟାପାର। କିନ୍ତୁ ପିଲାମାନେ ଏହା ସହଜରେ ବୁଝିପାରନ୍ତି ନାହିଁ। ସେମାନେ 'ସରୋଗେଟ୍ ବିଜ୍ଞାପନ' ଭଳି ଜଟିଳ କଥା ଜାଣିପାରନ୍ତି ନାହିଁ। ସେମାନେ କେବଳ ଯାହା ଦେଖନ୍ତି ସେଇଆ ବୁଝନ୍ତି ଯେ, ଯେତେବେଳେ ଗୋଟେ ଜିନିଷର ପ୍ରଚାର ପ୍ରସାର ଦେଶର ବିଖ୍ୟାତ ସେଲିବ୍ରିଟି ବା ସିନେ ତାରକା, ଯେଉଁମାନେ ଧନୀ, ସଫଳ ଓ ଲୋକପ୍ରିୟ, ସେମାନେ କରୁଛନ୍ତି, ତାହା ନିଶ୍ଚୟ ଭଲ ହୋଇଥିବ, ଯାହାକୁ ବ୍ୟବହାର କଲେ ସେମାନେ ମଧ୍ୟ ଭବିଷ୍ୟତରେ ସେଇ ସେଲିବ୍ରିଟିଙ୍କ ଭଳି ସଫଳ ହୋଇପାରିବେ। ଏହାକୁ ନେଇ ଭାରତରେ 'କୋଟ୍‌ପା' ଭଳି ଆଇନ, ତମାଖୁ ଉପରେ ଚେତାବନୀ ଦେବାକୁ ଓ ସିଧାସଳଖ ବିଜ୍ଞାପନକୁ ରୋକିବାକୁ ଆଦେଶ ଦିଏ। କିନ୍ତୁ ତା'ପରେ ଆସିଯାଏ 'ସରୋଗେଟ୍ ବିଜ୍ଞାପନ', ଯେଉଁଥିରେ ଥାଏ, ସେହି ନାମ, ସେହି ଶୈଳୀ, କିନ୍ତୁ ଅନ୍ୟ ଜିନିଷର ପ୍ରଚାର। ଦେଖିବାକୁ ଲାଗେ ସବୁ ଠିକ୍ ଅଛି, କିନ୍ତୁ ବିଜ୍ଞାପନ ସେଇଆ ବିଜ୍ଞପ୍ତି କରୁଥାଏ, ଯାହାଉପରେ ଥାଏ କଟକଣା। କେବଳ କାଗଜରେ ରହିଯାଏ ନିୟମ ଓ ତାହାର ପାଳନ। ଗୋଟେ ପଟେ ଆମେ କହୁ 'ତମାଖୁ କର୍କଟ ସୃଷ୍ଟି କରେ', ଅନ୍ୟପଟେ ଏହାକୁ ଏତେ ଆକର୍ଷଣୀୟ କରିଦେଉଛୁ ଯେ ବୁଢ଼ାଠାରୁ ପିଲା ପର୍ଯ୍ୟନ୍ତ ଏହାକୁ ଅନୁସରଣ କରିବାକୁ ଲୋଭେଇ ଯାଉଛନ୍ତି। 'ସଫଳତା', 'କାମ୍ୟାବୀ', 'ପହଚାନ' ପରି ଶବ୍ଦଗୁଡ଼ିକ ଯାହା ଆମ ସମାଜରେ ଶ୍ରମ, ସମ୍ମାନ ଓ ସ୍ୱପ୍ନ ସହିତ ଜଡ଼ିତ, ସେଗୁଡ଼ିକୁ ଯେତେବେଳେ ନିଶାଦ୍ରବ୍ୟ ବିକ୍ରି ପାଇଁ ବ୍ୟବହାର କରାଯାଏ, ସେତେବେଳେ ଭାଷାର ଅର୍ଥ ହୋଇଯାଏ କଦର୍ଥ।

ଏହି ସମସ୍ୟାକୁ ସମାଧାନ କରିବାକୁ କେବଳ ସଚେତନତା ଆଣିବା ଯଥେଷ୍ଟ ନୁହେଁ। ଆମକୁ ସେହି ସମଗ୍ର ପରିବେଶକୁ ବୁଝିବାକୁ ଓ ବଦଳାଇବାକୁ ପଡ଼ିବ, ଯାହା ସମାଜ ଉପରେ କୁପ୍ରଭାବ ପକାଉଛି। ଭାରତ ଭଳି ଏକ ଦେଶ, ଯେଉଁଠି ଲୋକମାନେ ସିନେ ତାରକା, କ୍ରିକେଟ ଖେଳାଳି, ନେତା, ରାଜନେତାଙ୍କୁ ସେଲେବ୍ରିଟିର ଆଖ୍ୟା ଦିଅନ୍ତି ଓ ଜୀବନରେ ଅନୁସରଣ ବା ଅନୁକରଣ ମଧ୍ୟ କରନ୍ତି, ସେଇଠି ଏହି ଆଦର୍ଶମାନେ ଯେତେବେଳେ କିଛି କୁହନ୍ତି ବା କରନ୍ତି, ତାହା ଅତି ସହଜରେ ଗ୍ରହଣୀୟ ହୋଇଯାଏ। ସେଥିପାଇଁ ସେଲେବ୍ରିଟିମାନଙ୍କୁ କିଛି ଅସ୍ୱାସ୍ଥ୍ୟକର ବିଜ୍ଞାପନ କରିବା ଆଗରୁ ଭାବିବା ଆବଶ୍ୟକ। କାରଣ ତାହା କେବଳ ସେମାନଙ୍କର ବ୍ୟକ୍ତିଗତ ଚୟନରେ ସୀମିତ ହୋଇ ରୁହେ ନାହିଁ, ବରଂ ଏକ ସାମାଜିକ ଦାୟିତ୍ୱରେ ପରିଣତ ହୋଇଯାଏ। ଏହାସହିତ ପିଲାମାନଙ୍କୁ ଛୋଟ ବୟସରୁ 'ଗଣମାଧ୍ୟମ କେମିତି କାମ କରେ' ତାହା ଶିଖାଇବା ମଧ୍ୟ ଆବଶ୍ୟକ। ବଡ଼ ପରଦାରେ ଦେଖା ହେଉଥିବା ସବୁ ଜିନିଷ ଯେ ଗ୍ରହଣଯୋଗ୍ୟ, ତାହା ଜରୁରୀ ନୁହେଁ। ପିଲାଙ୍କୁ ଭୁଲ୍-ଠିକ୍‌ର ପରିଚୟ କରାଇବା ଉଚିତ। ସ୍କୁଲରେ, କାହାଣୀରେ, ଘରେ, ସମାଜରେ ସବୁଠି ସଫଳତାର ସତ୍ୟ ଅର୍ଥ ଦେଖାଯିବା ଉଚିତ୍। ନହେଲେ ବଜାର ସେହି ସ୍ଥାନକୁ ସହଜ, ଆକର୍ଷଣୀୟ ଓ ଭୁଲ୍ ଅର୍ଥରେ ପୂରଣ କରିଦେବ। ତା'ଛଡ଼ା, ଯେପର୍ଯ୍ୟନ୍ତ ଆମେ କହୁଥିବା କଥା ଓ ଦେଖାଉଥିବା ଦୃଶ୍ୟ ମଧ୍ୟରେ ସମନ୍ୱୟ ଆଣିପାରିବା ନାହିଁ, ସେପର୍ଯ୍ୟନ୍ତ 'ସଫଲ୍' ଓ 'ସଫଳ' ମଧ୍ୟରେ ଏହି ବ୍ୟତିକ୍ରମ ଚାଲିଥିବ ଶାନ୍ତ ଭାବରେ, କିନ୍ତୁ ଗଭୀର ପ୍ରଭାବ ସହିତ। ଏମିତି ଚାଲିଲେ, ଆମେ ଏମିତି ଏକ ପିଢ଼ି ତିଆରି କରିଦେବୁ, ଯେଉଁମାନେ ସଫଳତାକୁ କିଣିବାକୁ ଅବାଟରେ ଯିବେ, ପଥଭ୍ରଷ୍ଟ ହେବେ, ନିଜେ ନଷ୍ଟ ହୋଇ ସମାଜକୁ ନଷ୍ଟ କରିବେ। କିନ୍ତୁ କେବେହେଲେ ସଫଳତାକୁ ଅନୁଭବ କରିପାରିବେ ନାହିଁ କି ହାସଲ କରିପାରିବେ ନାହିଁ।

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

## କାଗଜର କାରାଗାର: ସଂରକ୍ଷଣରୁ ଉପଯୋଗିତା

ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ

'ପୁସ୍ତକରେ ଥିବା ଜ୍ଞାନ ସେତେବେଳେ ହିଁ ମୁକ୍ତ ହୁଏ ଯେତେବେଳେ ତାହା ଜୀବନ ସହ ଯୋଡ଼ି ହୁଏ।' ବିଶ୍ୱକବି ରବୀନ୍ଦ୍ର ନାଥ ଟେଗୋରଙ୍କ ଏହି ଭାବନା ଆଜିର ଯୁଗରେ ଏକ ନିର୍ଣ୍ଣାୟକ ଆହ୍ୱାନ। ଓଡ଼ିଆ ଅସ୍ମିତାର ଅମୂଲ୍ୟ ଜ୍ଞାନ ସମ୍ପଦ ଏବେ ବି 'କାଗଜର କାରାଗାର' ମଧ୍ୟରେ ବନ୍ଦୀ ହୋଇରହିଛି। ଆମେ ବୁଝିବା ଆବଶ୍ୟକ ଯେ କେବଳ ପୁସ୍ତକକୁ ସ୍କାନ୍ କରି ପିଡିଏଫ୍ କରିବା ହିଁ ପ୍ରକୃତ ସମାଧାନ ନୁହେଁ। ଯେପର୍ଯ୍ୟନ୍ତ ଏହି ଅକ୍ଷରଗୁଡ଼ିକ କମ୍ପ୍ୟୁଟର ପଢ଼ିପାରୁଥିବା ଭଳି ତଥ୍ୟ, ସନ୍ଧାନଯୋଗ୍ୟ ସଂଗ୍ରହ(କର୍ପସ୍) ଏବଂ କୃତ୍ରିମ ବୁଦ୍ଧିମତ୍ତା ପ୍ରଶିକ୍ଷଣଯୋଗ୍ୟ ତଥ୍ୟରେ ରୂପାନ୍ତରିତ ହୋଇନାହିଁ, ସେପର୍ଯ୍ୟନ୍ତ ଓଡ଼ିଆ ଜ୍ଞାନଭଣ୍ଡାର ଆଧୁନିକ ସମାଜ ଓ ବିଶ୍ୱବ୍ୟାପୀ ଜ୍ଞାନ ପ୍ରବାହ ସହ ଯୋଡ଼ି ହୋଇପାରିବ ନାହିଁ।

ଆମର ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଓଡ଼ିଆ ଭାଷା ଆଜି ଏକ ବୈଷୟିକ ସଙ୍କଟର ସମ୍ମୁଖୀନ। ଆମର ହଜାର ହଜାର ବର୍ଷର ଜ୍ଞାନଭଣ୍ଡାର, ହସ୍ତଲିପି ଏବଂ ଦୁର୍ଲ୍ଲଭ ଗ୍ରନ୍ଥଗୁଡ଼ିକ ଆଜି ଏକ ପ୍ରକାର 'କାଗଜର କାରାଗାର' ମଧ୍ୟରେ ବନ୍ଦୀ। ଆମେ 'ଡିଜିଟାଇଜେସନ୍' ନାମରେ କେବଳ ପୁସ୍ତକଗୁଡ଼ିକୁ ସ୍କାନ୍ କରି ପିଡିଏଫ୍ ତିଆରି କରୁଛୁ, କିନ୍ତୁ ସେହି ତଥ୍ୟଗୁଡ଼ିକ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) କିମ୍ବା ସର୍ଚ୍ଚଇଞ୍ଜିନ୍ ପାଇଁ ଅଦୃଶ୍ୟ। ସ୍କାନ୍ ହୋଇଥିବା ପୃଷ୍ଠାଗୁଡ଼ିକ ମଣିଷ ପାଇଁ ଛବି(ଇମେଜ୍) ହୋଇପାରେ, କିନ୍ତୁ କମ୍ପ୍ୟୁଟର ପାଇଁ ତାହା ପଢ଼ିବା ଅସମ୍ଭବ। ଯେପର୍ଯ୍ୟନ୍ତ ଆମେ ଓସିଆର ଓ ୟୁନିକୋଡ୍ ମାଧ୍ୟମରେ ଏହି ତଥ୍ୟକୁ ସଂରଚିତ କରି ନାହୁଁ, ସେପର୍ଯ୍ୟନ୍ତ ଆମର ଐତିହ୍ୟ ଡିଜିଟାଲ୍ ପ୍ଲାଟଫର୍ମରେ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ। ସଂରକ୍ଷଣର ଅର୍ଥ କେବଳ ଫଟୋ ଉଠାଇବା ନୁହେଁ, ବରଂ ତଥ୍ୟକୁ ଜୀବନ୍ତ ଓ ବ୍ୟବହାରଯୋଗ୍ୟ କରିବା।

ଆଜିର ଡିଜିଟାଲ୍ ଯୁଗରେ ସୂଚନାର ଉପଲବ୍ଧତା ହିଁ ସେହି ଭାଷାର ପ୍ରଭାବ ନିର୍ଣ୍ଣୟ କରେ। ଯଦି ଜଣେ ଗବେଷକ ଓଡ଼ିଆ ସାହିତ୍ୟ କିମ୍ବା ଇତିହାସ ସମ୍ପର୍କରେ ଇଣ୍ଟରନେଟରେ ତଥ୍ୟ ଖୋଜନ୍ତି ଏବଂ ସେହି ତଥ୍ୟ ତାଙ୍କୁ ୟୁନିକୋଡ୍‌ରେ ମିଳେ ନାହିଁ, ତେବେ ସେହି ଜ୍ଞାନ ତାଙ୍କ ପାଇଁ ଅଦୃଶ୍ୟ। ପିଡିଏଫ୍ ଫର୍ମାଟରେ ଥିବା ତଥ୍ୟକୁ ଏଆଇ ବିଶ୍ଳେଷଣ କରିପାରେ ନାହିଁ କିମ୍ବା ଅନୁବାଦ କରିପାରେ ନାହିଁ। ଏହା ଓଡ଼ିଆ ଭାଷାର ପ୍ରସାର କ୍ଷେତ୍ରରେ ଏକ ବଡ଼ ପ୍ରତିବନ୍ଧକ। ଆମକୁ ଆମର ପୁସ୍ତକଗୁଡ଼ିକୁ କେବଳ ଆଲମାରିରେ ନୁହେଁ, ବରଂ କ୍ଲାଉଡ୍ ଏବଂ ଡାଟାବେସ୍‌ରେ ଏପରି ଭାବେ ରଖିବାକୁ ହେବ, ଯେପରି ସେଗୁଡ଼ିକ ବିଶ୍ୱର ଯେକୌଣସି କୋଣରୁ ସହଜରେ ଖୋଜାଯାଇପାରିବ। ଏଥିପାଇଁ ଓଡ଼ିଆ ଓସିଆର(ଅପ୍ଟିକାଲ୍ କାରାକ୍ଟର ରେକଗନିସନ୍) ପ୍ରଯୁକ୍ତିର ଉନ୍ନତି ଓ ବହୁଳ ବ୍ୟବହାରର ଆବଶ୍ୟକତା ରହିଛି।

ଡିଜିଟାଇଜେସନ୍ ପ୍ରକ୍ରିୟାରେ ଆଉ ଏକ ପ୍ରମୁଖ ସମସ୍ୟା ହେଉଛି 'ଡାଟା ସାଇଲୋସ୍'। ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପାଖରେ ଓଡ଼ିଆ ଭାଷାର ବିପୁଳ ତଥ୍ୟ ରହିଛି, କିନ୍ତୁ ସେଗୁଡ଼ିକ ପରସ୍ପର ସହ ସଂଯୁକ୍ତ ନୁହେଁ। ଜଣେ ଗବେଷକଙ୍କୁ ଗୋଟିଏ ବିଷୟ ପାଇଁ ଦଶଟି ଭିନ୍ନ ଭିନ୍ନ ୱେବସାଇଟ୍ ବା ଲାଇବ୍ରେରୀ ଖୋଜିବାକୁ ପଡୁଛି। ଆମକୁ 'ନ୍ୟାସନାଲ୍ ଡିଜିଟାଲ୍ ଲାଇବ୍ରେରୀ' ଭଳି ଏକ ଓଡ଼ିଆ ସଂସ୍କରଣ ଦରକାର, ଯେଉଁଠାରେ ସବୁ ତଥ୍ୟ ଏକାଠି ଏବଂ ସନ୍ଧାନଯୋଗ୍ୟ ହୋଇ ରହିବ। ଏହାଦ୍ୱାରା କେବଳ ଗବେଷଣା ନୁହେଁ, ବରଂ ଭାଷାର ବ୍ୟବସାୟିକ ଉପଯୋଗ ମଧ୍ୟ ବୃଦ୍ଧି ପାଇବ। ଏଆଇ ମଡେଲ୍‌ଗୁଡ଼ିକୁ ପ୍ରଶିକ୍ଷିତ କରିବା ପାଇଁ ଏହି ସଂରଚିତ ଡାଟା ହିଁ ପ୍ରାଣକେନ୍ଦ୍ର। ଯଦି ଆମେ ଆମର ପୁରାତନ ସାହିତ୍ୟକୁ ଡାଟାସେଟ୍‌ରେ ପରିଣତ କରିପାରିବା, ତେବେ ଭବିଷ୍ୟତରେ ଆମେ ଏପରି ଏଆଇ ତିଆରି କରିପାରିବା, ଯାହା ସାରଳା ଦାସ କିମ୍ବା ଉପେନ୍ଦ୍ର ଭଞ୍ଜଙ୍କ ଶୈଳୀରେ ଲେଖିବାକୁ ସକ୍ଷମ ହେବ।

ଶିକ୍ଷା କ୍ଷେତ୍ରରେ ମଧ୍ୟ 'କାଗଜର କାରାଗାର' ଏକ ବଡ଼ ବାଧା। ଆମର ଶିକ୍ଷାଦାନ ପଦ୍ଧତିରେ ପାଠ୍ୟପୁସ୍ତକର ଗୁରୁତ୍ୱ ଅଧିକ। କିନ୍ତୁ ସେହି ପୁସ୍ତକଗୁଡ଼ିକ ଡିଜିଟାଲ୍ ଇଣ୍ଟରଆକ୍ଟିଭ୍ ଫର୍ମାଟ୍‌ରେ ଉପଲବ୍ଧ ନୁହେଁ। ଯେତେବେଳେ ଜଣେ ଛାତ୍ର ମୋବାଇଲ୍ ବା ଟାବଲେଟ୍‌ରେ ପଢ଼ିବାକୁ ଚେଷ୍ଟା କରେ ସେଠାରେ ଇଂରାଜୀ ବା ହିନ୍ଦୀର ବିକଳ୍ପ ଅଧିକ ଥାଏ। ଓଡ଼ିଆ ପାଠ୍ୟପୁସ୍ତକ କେବଳ ଛପା ଅକ୍ଷରରେ ରହିଗଲେ ତାହା ଆସନ୍ତା ପିଢ଼ିର ଆଗ୍ରହ ହରାଇବ। ଆମକୁ ସରକାରୀସ୍ତରରେ ଏକ ବିଶାଳ ଅଭିଯାନ ଆରମ୍ଭ କରିବାକୁ ହେବ, ଯେଉଁଠାରେ ପ୍ରତ୍ୟେକ ସରକାରୀ ନଥିପତ୍ର, ଗେଜେଟ୍ ଓ ଐତିହାସିକ ଦସ୍ତାବିଜକୁ ୟୁନିକୋଡ୍‌ରେ ରୂପାନ୍ତର କରାଯିବ। ଏହା ହିଁ ହେବ ଓଡ଼ିଆ ଭାଷାକୁ ଏକ ଆଧୁନିକ ଜ୍ଞାନ-ଅର୍ଥନୀତିର ଭାଷା ଭାବେ ଗଢ଼ିବାର ପ୍ରକୃତ ମୂଳଦୁଆ।

ଭାଷାର ସୁରକ୍ଷା କେବଳ ଭାଷଣରେ ନାହିଁ, ବରଂ ଏହାର ପ୍ରୟୋଗରେ ଅଛି। ଯେପର୍ଯ୍ୟନ୍ତ ଓଡ଼ିଆ ଭାଷା କେବଳ କାଗଜ ଉପରେ ସୀମିତ ରହିବ, ସେପର୍ଯ୍ୟନ୍ତ ଏହା ବିଶ୍ୱର ଅନ୍ୟ ଶକ୍ତିଶାଳୀ ଭାଷା ସହ ପ୍ରତିଯୋଗିତା କରିପାରିବ ନାହିଁ। ଆମକୁ 'କାଗଜର କାରାଗାର' ଭାଙ୍ଗି ଏକ 'ଡିଜିଟାଲ୍ ସ୍ୱର୍ଗ' ନିର୍ମାଣ କରିବାକୁ ହେବ, ଯେଉଁଠାରେ ପ୍ରତ୍ୟେକ ଓଡ଼ିଆ ଶବ୍ଦ ଗୋଟିଏ ଗୋଟିଏ ଡାଟା ପଏଣ୍ଟ ଭାବେ ଶକ୍ତିଶାଳୀ ହୋଇ ଉଭା ହେବ। ଏହି କାର୍ଯ୍ୟ ପାଇଁ ବୈଷୟିକ ବିଶେଷଜ୍ଞ ଏବଂ ଭାଷାବିତ୍‌ମାନଙ୍କ ମଧ୍ୟରେ ସମନ୍ୱୟ ରହିବା ଅତ୍ୟନ୍ତ ଜରୁରୀ।

ପରିଶେଷରେ ସଂରକ୍ଷଣରୁ ପ୍ରୟୋଗ ପର୍ଯ୍ୟନ୍ତ ଯିବା ହିଁ ଓଡ଼ିଆ ଅସ୍ମିତାର ପ୍ରକୃତ ମୁକ୍ତି। 'କୌଣସି ସୈନ୍ୟ ଏକ ବିଚାରକୁ ରୋକି ପାରିବେ ନାହିଁ, ଯାହାର ସମୟ ଆସିଛି।' ଭିକ୍ଟର ହ୍ୟୁଗୋଙ୍କ ଏହି ଉକ୍ତି ଆମକୁ ସ୍ମରଣ କରାଏ ଯେ ଓଡ଼ିଆର ଡିଜିଟାଲ୍ ମୁକ୍ତିର ସମୟ ଏବେ ହିଁ ଉପନୀତ। ଆମ ଭାଷାକୁ ଓସିଆର, ଉନ୍ନତ ଡାଟାସେଟ୍ ଓ ଖୋଲା ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ଜୀବନ୍ତ କରିବା ହିଁ ଆମ ଜାତୀୟ ଅସ୍ମିତାର ସର୍ବଶ୍ରେଷ୍ଠ ସୁରକ୍ଷା।

ଭୁବନେଶ୍ୱର, ମୋ: ୭୭୩୫୩୭୪୪୯୭

## ମଳରଙ୍ଗରୁ ସ୍ୱାସ୍ଥ୍ୟ ସୂଚନା

ଶ୍ରୀନନ



ବିଜ୍ଞାନ ବାର୍ତ୍ତା

ଆଗକାଳରେ ବୈଦ୍ୟମାନେ ମଳକୁ ଦେଖି ନାନାଦି ରୋଗ ନିର୍ଣ୍ଣୟ କରି ପାରୁଥିଲେ। ବର୍ତ୍ତମାନ ତାହାକୁ ବିବିଧ ବୈଜ୍ଞାନିକ ପ୍ରଣାଳୀରେ ପରୀକ୍ଷା ନିରୀକ୍ଷା ମାଧ୍ୟମରେ କରୁଛନ୍ତି ରୋଗ ନିଦାନ ବିଜ୍ଞାନୀମାନେ। ତେବେ ନିକଟରେ ବହୁ ସ୍ୱନାମଧନ୍ୟ ସ୍ୱାସ୍ଥ୍ୟବିଜ୍ଞାନ ପ୍ରତିଷ୍ଠାନର ଚିକିତ୍ସା ବିଜ୍ଞାନୀମାନେ ମଳର ରଙ୍ଗରୁ ମୋଟାମୋଟି ଭାବେ କେତେକ ରୋଗ ସଂପର୍କରେ ସୂଚନା ମିଳିପାରିବ ବୋଲି ମତ ଦେଲେଣି। ଏହାଫଳରେ ସାଧାରଣ ଲୋକଟିଏ ନିଜ ମଳକୁ ଦେଖି ତାହିଁରୁ ସେ ବିଷୟରେ ଜାଣିପାରିବ ଏବଂ ଡାକ୍ତରଙ୍କ ପରାମର୍ଶ ନେଇପାରିବ। ଏହି ଚିକିତ୍ସାବିଜ୍ଞାନୀମାନଙ୍କ ମଧ୍ୟରୁ ଅନ୍ୟତମ ହେଲେ ଡାକ୍ତର ସୌରଭ ଘୋଷ।

ସାଧାରଣତଃ ଆମେ ମଳ ପ୍ରତି ଧ୍ୟାନ ଦେଉନା। କିନ୍ତୁ ଆମ ଅଜାଣତରେ ଅନ୍ତନଳୀ ବା 'ଗଟ୍' ଏହା ମାଧ୍ୟମରେ ନିୟମିତ ସ୍ୱାସ୍ଥ୍ୟ ସମ୍ପର୍କରେ ଆମକୁ ସୂଚନା ଦେଉଥାଏ। ଏହା ଦେଖିଲା ମାତ୍ରେ ଜଣାପଡ଼ିଥାଏ ଯେ ଆମ ଶରୀର ମଧ୍ୟରେ କ'ଣ ଚାଲିଛି ଖାଦ୍ୟ ହଜମ ପ୍ରକ୍ରିୟାଠାରୁ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ପର୍ଯ୍ୟନ୍ତ। ନୂଆଦିଲ୍ଲୀସ୍ଥିତ ଆୟୁର୍ବିଜ୍ଞାନ ସଂସ୍ଥାନ, ହାର୍ଭାର୍ଡ ଓ ଷ୍ଟାନ୍‌ଫୋର୍ଡ ଭଳି ବହୁ ସ୍ୱନାମଧନ୍ୟ ସ୍ୱାସ୍ଥ୍ୟବିଜ୍ଞାନ ପ୍ରତିଷ୍ଠାନରେ ପ୍ରଶିକ୍ଷଣ ଲାଭ କରିଥିବା ଡାକ୍ତର ଘୋଷ ଏ ସଂପର୍କରେ ଏବେ ସୂଚନା ଦେଇଛନ୍ତି ଗଣମାଧ୍ୟମ ଜରିଆରେ। ତହିଁରେ ସେ ନିମ୍ନୋକ୍ତ କେତୋଟି କଥା ସୂଚୀତ କରିଛନ୍ତି-

**୧ - ଧୂସର ରଙ୍ଗ:** ଏଥିରୁ ଜଣାପଡ଼େ ଯେ ସବୁ ଠିକ୍ ଠାକ୍ ଚାଲିଛି। ଡାକ୍ତର ଘୋଷଙ୍କ ସୂଚନା ଅନୁସାରେ ଧୂସର ରଙ୍ଗ ଆସିଥାଏ ଆମ ଯକୃତରୁ ଉତ୍ପନ୍ନ ପିତ୍ତରୁ। ଅତଏବ ଏହା ସୂଚୀତ କରେ ଯେ ହଜମ ପ୍ରକ୍ରିୟା ସଠିକ୍ ରୂପେ ହେଉଛି।

**୨ - ସବୁଜ ରଙ୍ଗ:** ଆମ ମଳ ଯଦି ସବୁଜ ରଙ୍ଗର ହୋଇଥାଏ ତହିଁରୁ ଜଣାପଡ଼େ ଯେ ଖାଦ୍ୟ ହଜମ ବ୍ୟବସ୍ଥା ଓ ଅନ୍ତନଳୀ ଦେଇ ଶୀଘ୍ରଶୀଘ୍ର ଗତି କରୁଛି। ଏପରି ହେଲେ ତାହାକୁ ସମ୍ପୂର୍ଣ୍ଣ ରୂପେ ବିଶ୍ଳେଷିତ କରିବାକୁ ଶରୀର ସମୟ ପାଏ ନାହିଁ। ତେଣୁ ତହିଁରୁ ଯଥେଷ୍ଟ ପୁଷ୍ଟି ଶୋଷଣ ହୋଇପାରେ ନାହିଁ। ଏପରି ସ୍ଥଳେ ଆମେ ସହଜରେ ହଜମକ୍ଷମ ଖାଦ୍ୟ ଖାଇବା ଉଚିତ।

**୩ - ହଳଦିଆ ରଙ୍ଗ ଓ ତେଲିଆ:** ଏହା ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା, କାରଣ ଡାକ୍ତର ଘୋଷ କହନ୍ତି ଯେ ହଳଦିଆ କିମ୍ବା ତେଲିଆ ମଳରୁ ସୂଚନା ମିଳେ ଯେ ଆମ ଶରୀର ସ୍ନେହସାର ବା ଚର୍ବିଜାତୀୟ ପଦାର୍ଥକୁ ଠିକ୍ ରୂପେ ଶୋଷଣ କରୁ ନାହିଁ। ଏହା ଯଦି ଅଧିକ ଦିନ ଧରି ଚାଲେ ତଦ୍ୱାରା ଆମ ଚୟାପଚୟ ପ୍ରଭାବିତ ହେବ। ଏଣୁ ଯଥାଶୀଘ୍ର ଡାକ୍ତର ପରାମର୍ଶ କରାଯିବା ଉଚିତ୍।

**୪ - କଳା ରଙ୍ଗ:** ଖାଦ୍ୟନଳୀ ବା ହଜମନଳୀର ଉଚ୍ଚସ୍ତରରେ ରକ୍ତ ସ୍ରାବ ହେଲେ ମଳ ଏପରି ରଙ୍ଗ ଧାରଣ କରେ। ଏହାକୁ କଦାପି ଅବହେଳା କରିବା ଉଚିତ ନୁହେଁ। କାରଣ ଏହାଦ୍ୱାରା ଅଙ୍ଗପ୍ରତ୍ୟଙ୍ଗମାନଙ୍କ କାର୍ଯ୍ୟଦକ୍ଷତା ହ୍ରାସ ପାଇଚାଲେ। ଏ କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶ ଏକାନ୍ତ ଆବଶ୍ୟକ।

**୫ - ଉଜ୍ଜ୍ୱଳ ଲାଲ୍ ରଙ୍ଗ:** ଖାଦ୍ୟ ନଳୀର ତଳଭାଗରୁ ରକ୍ତ ସ୍ରାବ ହେତୁ ଏହା ଘଟେ। ଅଧିକାଂଶ ସ୍ଥଳେ ଏହା ଅର୍ଶ କିମ୍ବା ସେଥିରେ ଘା' ବା କ୍ଷତ ହେତୁ ଏପରି ହୁଏ। ଏହା କ୍ରମାଗତ ଚାଲିଲେ ବ୍ୟବସ୍ଥାଟି ଦୁର୍ବଳ ହୋଇପଡ଼େ। ଏଣୁ ଏହାକୁ ଅବହେଳା ନ କରି ଯଥାଶୀଘ୍ର ଡାକ୍ତରଙ୍କ ପରାମର୍ଶ କରିବା ଉଚିତ।

ଡାକ୍ତର ଘୋଷଙ୍କ ମତରେ ଆମେ ସବୁବେଳେ ମଳର ରଙ୍ଗକୁ ନେଇ ଭୟଭୀତ ହେବା ଠିକ୍ ନୁହେଁ। ଅନେକ ସମୟରେ ଖାଦ୍ୟର ବିଭିନ୍ନତା କିମ୍ବା ଅନ୍ୟ କିଛି ଛୋଟ ଛୋଟ କାରଣରୁ ମଧ୍ୟ ଏହା ଘଟିପାରେ। ତେବେ ଏହା ଯଦି ଦୀର୍ଘସ୍ଥାୟୀ ହୁଏ ତାହାକୁ କଦାପି ଅବହେଳା କରିବା ଉଚିତ ନୁହେଁ। ଯଥାଶୀଘ୍ର ଡାକ୍ତରଙ୍କ ପରାମର୍ଶ କରି ସେଥିପାଇଁ ବିଧିବିଧାନ କରିବା ଏକାନ୍ତ ଆବଶ୍ୟକ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଓଡ଼ିଶାରେ ଅପରାଧୀଙ୍କ ଜଙ୍ଗଲରାଜ: ବିଜେଡି

- ସାରା ରାଜ୍ୟରେ ବ୍ୟାପିବାରେ ଲାଗିଛି ଅରାଜକତା
- ହିଞ୍ଜିଳିରୁ ରାଜଧାନୀ, ସୋରରୁ ଓଡ଼ଗାଁ ସବୁଠି ହିଂସା

ଭୁବନେଶ୍ୱର,୧୧।୫(ସମିସ): ରାଜ୍ୟରେ ଦିନକୁ ଦିନ ହିଂସାକାଣ୍ଡ, ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ଗତ ୨୪ ଘଣ୍ଟାର ଘଟଣାକୁ ଅନୁଧ୍ୟାନ କଲେ, ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଓ ଗୃହ ବିଭାଗର ବିଫଳତା ସମ୍ପୂର୍ଣ୍ଣ ପଦାରେ ପଡିଛି। ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବାରେ ସରକାର ବିଫଳ ହୋଇଛି ବୋଲି କଡ଼ା ସମାଲୋଚନା କରିଛି ବିଜେଡି । କହିଛନ୍ତି । ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ କହିଥିଲେ ଯେ ବିଜେପି ନେତାମାନେ ବିଧାନସଭା ଭିତରେ ୨୪ ବର୍ଷର ୫-ଟି ନାଁ ଧରିକି ଘୋଷି ହେଉଛନ୍ତି। ବର୍ତ୍ତମାନ ବିଜେପି ସରକାରରେ ୨୪ ଘଣ୍ଟାରେ ୫ଟି ଛାତି ଥରାଇ ଦେଲା ଭଳି ଘଟଣା ଘଟିଛି । ଭାରତ ଇତିହାସରେ ସ୍ୱାଧୀନତା ପରେ ଏଭଳି ଘଟଣା କେଉଁଠି ଘଟିନଥିବ। ପୁଲିସ ଡିଜି



ଶଙ୍ଖ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି କହିଥିଲେ ଯେ ଆଜିର ଦିନରେ ଓଡ଼ିଶାରେ ଆଇନଶୃଙ୍ଖଳା ପରିସ୍ଥିତି ଧ୍ୱସ ହୋଇଯାଇଛି। ଡବଲ ଇଞ୍ଜିନ ସରକାରର ଅପାରଗତା ଓ ଉଦାସୀନତା ଯୋଗୁଁ ଏକ ସପ୍ତାହ ମଧ୍ୟରେ ଢେଙ୍କାନାଳ, ହିଞ୍ଜିଳି, କଣାସ, ବାଲିଅନ୍ତା, ବାଲିପାଟଣାରେ ଜଘନ୍ୟ ଘଟଣା ଘଟିଛି । ସରକାରୀସ୍ତରରେ ନିଷ୍କ୍ରିୟତା ଯୋଗୁଁ ରାଜ୍ୟରେ ପୁଲିସ ବ୍ୟବସ୍ଥା ଦୁର୍ବଳ ହୋଇପଡିଛି । ଥାନାଗୁଡିକ ବିଜେପିର କାର୍ଯ୍ୟାଳୟ ପାଲଟିଛି ବୋଲି ଲେନିନ୍ ସ୍ୱୀକାର କରିଛନ୍ତି ସାଧାରଣ ଜନତା ଅସୁରକ୍ଷିତ ଅନୁଭବ କରୁଛନ୍ତି। ଡିଜିଙ୍କ କଥାରେ ଗୁରୁତ୍ୱ ଅଛି, କାରଣ ଓଡ଼ିଶା ଇତିହାସରେ ଏହା ପ୍ରଥମ। ଆମେରିକା ଭଳି ରାଷ୍ଟ୍ର ନିଜ ନାଗରିକଙ୍କୁ ଓଡିଶା ନଯିବା ପାଇଁ ଆଡଭାଇଜରି ଜାରି କରିଥିଲା। ଏଥିରେ ଓଡ଼ିଶାରେ ନାରୀ ଅସୁରକ୍ଷିତ ବୋଲି ଦର୍ଶାଯାଇଥିଲେ। ଶ୍ରୀମତି ସାହୁ ଆହୁରି ମଧ୍ୟ କହିଥିଲେ ଯେ ଗତକାଲି ରାୟଗଡା ସହରରେ ଜଣେ ଦଳିତ ଯୁବକଙ୍କୁ ଅପହରଣ ପରେ ଗୁଳି କରି ହତ୍ୟା କଲା ପରେ ନାଗାବଳୀ ନଦୀ କୂଳରେ ଫିଙ୍ଗି ଦେଇଥିଲେ ଦୁର୍ବୃତ୍ତ। ନୟାଗଡ ଜିଲ୍ଲା ଓଡଗାଁ ଠାରେ ପଥର ମାଫିଆଙ୍କ ବିରୋଧରେ ପୁଲିସକୁ ସୂଚନା ଦେବାରୁ ଜଣେ ଯୁବକଙ୍କୁ ଖଣ୍ଡ ଖଣ୍ଡ କରି ହାଣି ମାଫିଆ ମାରି ଦେଲେ। ସେହିପରି ମହାକାଳପଡା ଜମ୍ବୁରେ ୨ଟି ବାଇକରେ ଆସି ଖରିନାସୀରେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କଲେ। ଅନ୍ୟପଟେ ସୋରରେ ମହିଳାଙ୍କୁ କଟୁରୀରେ ହାଣି ହତ୍ୟା କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ବୈଠକ ଚାଲିଥିବା ବେଳେ ମହିଳା କନେଷ୍ଟବଳଙ୍କୁ ଅଟୋ ଡ୍ରାଇଭର ଅପହରଣ କରିବାକୁ ଚେଷ୍ଟା କରିଥିଲେ। ଏହି ରାଜ୍ୟରେ ଆଇନ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବାରେ ଏ ସରକାର ସମ୍ପୂର୍ଣ୍ଣ ବିଫଳ । ସାଧାରଣ ଜନତାଙ୍କୁ ନ୍ୟାୟ ଦେବା ପାଇଁ ବିଜୁ ଛାତ୍ର ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ କହିଥିଲେ।

## ମାଛକଟା ପନିକିରେ ହାଣି ଗାଡ଼ି ମଡ଼ାଇଦେବା ଘଟଣା

# କୋର୍ଟରେ ମୁଖ୍ୟ ଅଭିଯୁକ୍ତର ଆତ୍ମସମର୍ପଣ

- ଆଉ ଜଣେ ଅଭିଯୁକ୍ତ ରାୟପୁରରୁ ଗିରଫ
- ଗିରଫଦାରୀ ସଂଖ୍ୟା ୬କୁ ବୃଦ୍ଧି

ପୁରୀ/କଣାସ, ୧୧।୫ (ସମିସ): କଣାସ ଥାନାଠାରୁ ମାତ୍ର ୫୦୦ ମିଟର ଦୂର ଗୋଲାବଜାର ମାଛ ମାର୍କେଟ୍‌ରେ ଜଣେ ଯୁବକଙ୍କୁ ମାଛକଟା ପନିକିରେ ହାଣିବା ସହ ଛାତି ଉପରେ ଗାଡ଼ି ଚଢ଼ାଇଦେବା ଘଟଣାର ମୁଖ୍ୟ ଅଭିଯୁକ୍ତ ଆଜି କୋର୍ଟରେ ଆତ୍ମସମର୍ପଣ କରିଛି। ସେ ହେଲା, କଣାସ ଚାନ୍ଦପଡ଼ାର ସୁଧାଂଶୁ ମହାପାତ୍ର ଓରଫ୍ ହାପି। କୋର୍ଟ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଏହି ବର୍ବର କାଣ୍ଡ ଘଟାଇ ହାପି ୯ ଦିନ ହେଲା ଫେରାର୍ ଥିଲା। ପରେ ପୁଲିସ୍ ତାକୁ ଗିରଫ କରିଛି। ସେହିପରି, ହାପିର ଅନ୍ୟ ଜଣେ ସହଯୋଗୀକୁ ପୁଲିସ୍ ରାୟପୁରରୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଦୁଇଜଣଙ୍କୁ ମିଶାଇ ଏହି ଘଟଣାରେ ଗିରଫଦାରୀ ସଂଖ୍ୟା ୬କୁ ବୃଦ୍ଧି ପାଇଛି। ପୂର୍ବରୁ ଏହି ଘଟଣାରେ ପୁଲିସ୍ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପୁଲିସ କହିଛି ଯେ ମାମଲାର ତଦନ୍ତ ଜାରି ରହିଛି। ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି।

# ପିକ୍‌ଅପ୍ ଧକ୍କାରେ ୨ ମୃତ

କୁଚିଣ୍ଡା,୧୧।୫(ସମିସ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ୍ ମହୁଲପାଲି ଥାନା କୁସୁମୀ ପେଟ୍ରୋଲ ପମ୍ପ ପାଖରେ ୩ଜଣ ବାଇକ୍ ଆରୋହୀ ଗୁଦୁଗୁଦା ଜଳପ୍ରପାତ



ବୁଲିବାକୁ ଫେରୁଥିବା ବେଳେ ପିକ୍‌ଅପ୍ ଧକ୍କାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଭୋଜପୁର ଅଞ୍ଚଳର ୩ ଜଣ ଯୁବକ ସୋମବାର ଦିନ ପ୍ରାୟ ୧୦ଟାରେ ଗୁଦୁଗୁଦା ଜଳପ୍ରପାତ ବୁଲି ସାରି ବଡ଼ବାହାଲ ଲିଚୁ ବଗିଚାରୁ ଲିଚୁ ଧରି ବାଇକ୍‌ରେ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଏକ ପିକଅପ୍ ଭ୍ୟାନ୍ (ଓଡି-୧୫ ଏଏ-୦୧୧୫) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ରାସ୍ତା ଉପରେ ୩ ଜଣ ଯାକ ବାଇକ ଆରୋହୀ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ଚିନ୍ମୟଙ୍କୁ ମୃତ ଘୋଷଣା କରିଥିଲେ। ଏହାର କିଛି ସମୟ ପରେ ଗଗନ ପାତ୍ରଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା। ଶିଶିର ଠାକୁରଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ୩ଜଣ ଯାକ ବାଇକ୍ ଆରୋହୀ ଭୋଜପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ମହୁଲପାଲି ପୁଲିସ୍ ଘଟଣାର ତଦନ୍ତ କରୁଛି।

## ଆଜିର ରାଶିଫଳ

**ମେଷ:** ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ପୁରୁଣା ବନ୍ଧୁଙ୍କ ସହିତ ସାକ୍ଷାତ ହୋଇପାରେ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ବୃଷ:** ବୈବାହିକ ଜୀବନ ସୁଖମୟ ହେବ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଉପଯୁକ୍ତ ସମୟ।

**ମିଥୁନ:** ଦୀର୍ଘ ଦିନର ଆଶା ପୂରଣ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଆୟ ଓ ବ୍ୟୟ ସମାନ ରହିବ। ଭୁଲ୍ କାମରୁ ଦୂରେଇ ରହିବେ।

**କର୍କଟ:** ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ଦାନ ଧର୍ମ କରିବେ । କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହୋଇପାରେ। ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିପାରନ୍ତି। ଚକ୍ଷୁ ସମସ୍ୟା ଦେଖାଦେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** ବାଦବିବାଦରୁ ଦୂରେଇ ରହିବା ଭଲ। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ନୂତନ ବ୍ୟବସାୟରୁ ଲାଭ ମିଳିବ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ଧନୁ:** ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ସତର୍କ ରୁହନ୍ତୁ। ଅତିଥି ସତ୍କାର କରିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। କଳାକାରଙ୍କ ପାଇଁ ଦିନଟି ଭଲ। ଆୟ ଓ ବ୍ୟୟ ସମାନ ରହିବ।

**ମକର:** ଧନଲାଭ ଯୋଗ ଅଛି। ଯୋଜନା ମୁତାବକ କାମ କରନ୍ତୁ। ନୂତନ ଯାନବାହନ କ୍ରୟ କରିପାରନ୍ତି। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରୁହନ୍ତୁ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହୋଇପାରନ୍ତି। ରାଜନେତାଙ୍କ ପାଇଁ ଦିନଟି ଭଲ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ।

## ଶଶୁର ଘର ଆମ୍ବଗଛରେ ଜ୍ୱାଇଁର ଝୁଲନ୍ତା ମୃତଦେହ

ବାରିପଦା/ମାଣତ୍ରୀ,୧୧।୫(ସମିସ): ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତ ଭୁରୁଡିଆ ଗ୍ରାମର ମଙ୍ଗୁଲୁ ଦଳେଇଙ୍କ ଘର ଆମ୍ବଗଛରୁ ତାଙ୍କ ଜ୍ୱାଇଁଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ସୋମବାର ସକାଳେ ଉଦ୍ଧାର କରିଛି। ମୃତକ ହେଲେ, ଉଦଳା ଥାନା ତେଲଦଉଡି ଗ୍ରାମର ସ୍ୱର୍ଗତ ପଣ୍ଡୁ ମଲିକଙ୍କ ପୁଅ ଶ୍ରୀକାନ୍ତ (୩୫)। ୧୪ବର୍ଷ ତଳେ ଶ୍ରୀକାନ୍ତଙ୍କର ମଙ୍ଗୁଲୁଙ୍କ ଝିଅ ସହିତ ବୈଦିକ ରୀତିରେ ବିବାହ ହୋଇଥିଲା। ସେ ଆଠ ଦିନ ତଳେ ନିଜର ୪ ସନ୍ତାନ ଓ ପତ୍ନୀଙ୍କ ସହ ଶଶୁରଘରକୁ ଆସି ରହୁଥିଲେ। ରବିବାର ବିଳମ୍ବିତ ରାତିରେ ଘର ନିକଟ ଆମ୍ବଗଛରେ ଦଉଡିରେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଝୁଲୁଥିବା ଦେଖି ପରିବାରଲୋକେ ସରପଞ୍ଚ, ସମିତି ସଭ୍ୟ, ୱାର୍ଡସଭ୍ୟ ଓ ପୁଲିସକୁ ଖବର ଦେଇଥିଲେ। ମାଣତ୍ରୀ ଫାଣ୍ଡି ପୁଲିସ ସକାଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଜ୍ୱାଇଁ ରାତିରେ ଆତ୍ମହତ୍ୟା କରିଥିବା ଶଶୁର ଘର ଲୋକେ କହୁଥିବା ବେଳେ ପୁଅକୁ ମାରି ଆତ୍ମହତ୍ୟା ରୂପ ଦିଆଯାଇଛି ବୋଲି ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଅଧିକ ତଦନ୍ତ ଜାରି ରହିଛି ବୋଲି ମାଣତ୍ରୀ ଫାଣ୍ଡି ଅଧିକାରୀ ଲମ୍ବୋଦର ବାରିକ କହିଛନ୍ତି।


**AFFIDAVIT**

By virtue of an affidavit before the Executive Magistrate, Gaisilet vide no.- 91 dtd. 08.05.2026 I Sushree Mamali Panda, D/o- Jyotikishor Panda residing At/Po./Ps.- Gaisilet, Dist.- Bargarh, Odisha, Pin-768037 state that, I have changed my name from **Mamali Panda** to **Sushree Mamali Panda**. Henceforth I will be known as **Sushree Mamali Panda** for all future purposes.

**AFFIDAVIT**

I, Bimla Debi Tekariwal, W/o: Chetan Kumar Tekariwal, aged about 67 years, resident of Plot No.: 54, Saheed Nagar, Bhubaneswar, Dist.: Khurda, PIN-751007, Odisha, declare by this affidavit No.: 859 dated 11.05.2026 that now onwards I shall be known as **BIMLA DEVI TEKARIWAL** for all future purposes.

**AFFIDAVIT**

By an affidavit before Executive Magistrate Dhamnagar, I Kunja Bihari Jena age 68, S/o late Hadi Bandhu Jena Vill- Lungara, Po- Fatepur, PS- Dhamnagar, Dist- Bhadrak, I declare that my actual name is Kunja Bihari Jena is wrongly, it has been mentioned as Kunju Bihari Jena in Aadhaar Card bearing No. 7655 5342 9851. **Kunja Bihari Jena and Kunju Bihari Jena** is one and same. This affidavit is for Aadhaar correction.

**AFFIDAVIT**

By virtue an affidavit no. 517 sworn before Notary Public, Baripada dtd. 29.04.2026, I Amit Kumar Mohanta S/o- Sukra Mohanta At/Po- Sirisbani, PS- Baripada Sadar, Dist- Mayurbhanj hereby declare that I have changed my name from Amit Mohanta (old name) to Amit Kumar Mohanta (new name). Henceforth, I shall be known as **Amit Kumar Mohanta** for all purposes.

**Amit Kumar Mohante.**

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣ ଏବଂ ସମସ୍ତ ବ୍ୟାଙ୍କ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଛି କି ବାଲେଶ୍ୱର ଜିଲ୍ଲାର ମୌଜା ବେଦପୁର, ବାଟି, ଅଁକୁଳା, କଷବାରେ ଥିବା ଖତିୟାନ ନମ୍ବର 71, 32, 120, 146/6, 958, 81,181 ରେ ଥିବା ସମସ୍ତ ଜମିକୁ କିଛି ଲୋକ ବିକ୍ରି ଏବଂ ବ୍ୟାଙ୍କ ମାନଙ୍କରେ ବନ୍ଧକ ରଖିବା ପାଇଁ ଚେଷ୍ଟା କରୁଛନ୍ତି। ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ନାୟକ ଏବଂ ତାଙ୍କର ସ୍ୱର୍ଗତ ଧର୍ମପତ୍ନୀ ରୁକ୍ମଣୀ ନାୟକଙ୍କର ସମସ୍ତ ଉତ୍ତରାଧିକାରୀମାନଙ୍କ ବିନା ଜ୍ଞାତସାରରେ ଯଦି କୌଣସି ବ୍ୟକ୍ତି କିଣିବେ ଏବଂ ଯଦି କୌଣସି ବ୍ୟାଙ୍କ ବନ୍ଧକ ରଖିବେ ତେବେ, ଏହା ବେଆଇନ ଭାବରେ ବିବେଚନା କରାଯିବ ଏବଂ ସମସ୍ତ ଉତ୍ତରାଧିକାରୀ ମାନେ ଆଇନର ଆଶ୍ରୟ ନେବାକୁ ବାଧ୍ୟ ହେବୁ। କିଣିବା ବ୍ୟକ୍ତି କିମ୍ବା ବ୍ୟାଙ୍କମାନଙ୍କ ନାମରେ ମକଦମା ଚାଲୁ ରଖିବୁ ଏବଂ ସେମାନେ ଦାୟୀ ରହିବେ । ଏହି ବିଜ୍ଞାପନ ଖବରକାଗଜ ଜରିଆରେ ଜଣାଉଅଛୁ । ଇତି ସ୍ୱର୍ଗତ ବାପା, ବୋଉ ଙ୍କ ର ଉତ୍ତରାଧିକାରୀମାନେ।"
ଯୋଗାଯୋଗ ନଂ.:9938638599, 9937588832,7008944581

**COURT NOTICE**

**IN THE FAMILY COURT OF PRINCIPAL JUDGE, BOKARO (JHARKHAND)**
**ORIGINAL SUIT NO.-38/2026**

**VISHWAJIT PAUL** -------Petitioner
Vrs.
**UMA KUMARI@UMA PAUL & OTHER** ----- Respondent

**Summons To:-**
Bishwajit Jena
S/o Tarapado Jena
R/o Shiv Mandir,
Near- Panchlingeshwar Temple Road,
P.o.- Nilgiri, Dist.- Balasore,
Odisha, Pin-756040

Whereas the Petitioner has filed above Original Suit against you U/S-10 JUDICIAL SEPARATION of HINDU MARRIAGE ACT, 1955 for the issuing summons through Nazar at as well as Regd./Speed Post you failed to appear before this court.You are therefore summoned through this notice to appear in my court on 02.06.2026 at 07.00 A.M. personally or through Advocate, if any in failure of your appearance the case will proceed ex-parte.Given under my Seal & Signature on this 7th day of May 2026.

**Principal Judge, Family Court, Bokaro**

Memo No.172 Dt. 07.05.2026 Forwarded to the Editor, "THE SAKALA" Daily Newspaper, Odisha Edition for publication on the cost of the bearer.

**PRINCIPAL JUDGE, FAMILY COURT, BOKARO**

**OFFICE OF MUNICIPAL COUNCIL : SUNABEDA**

NO. 3056 / DATE 08/05/26 — 13001/450/2627

**Auction Cell NOTICE**

Sealed Auction cell notice are invited from the eligible applicants under Sunabeda Municipality for allotment of stalls which are vacant in different market complex of Sunabeda Municipality. The detail stall list, eligibility criteria and term and condition of auction cell notice with Paper cost, Application form will be available in office website i.e www.sunabedamunicipality.in for download and wide publication. The auction cell notice will be open as mentioned below date & time in the presence of applicant or their authorized representative & selection committee members.

| SL No | Description | Available period | Receiving date | Opening date |
|---|---|---|---|---|
| 1 | Auction cell notice for allotment of stalls of Sunabeda Municipality. | 09.05.2026 at 10.00 A.M to 18.05.2026 up to 5.00 P.M | 19.05.2026 up to 11.00 A.M | 19.05.2026 at 12.00 P.M |

OIPR-13001/13076/1/26-27/0005 — **Executive Officer, Sunabeda Municipality**

**OFFICE OF THE NOTIFIED AREA COUNCIL, KODALA, GANJAM** — 13001/432/2627

Phone No:-06810-268335
E-mail Id:- nackodala@gmail.com
Letter No. 1148 Dated: 01/05/26

**SHORT TENDER CALL NOTICE**

Sealed tenders in conformity with detailed Tender Call Notice to be eventually drawn in Municipal Form No.VIII are hereby invited by the undersigned in percentage rate basis from the registered Contractors including Municipal contractors for execution of the works as detailed below. Tender documents consisting of plans, specification, schedule of quantities and the set of terms and condition of the contract and other necessary documents can be had from the Office of the undersigned on payment of cost of tender documents (Non-refundable) as specified below on any working days during office hour. The sale of tender papers will start from 06.05.2026 and close on 20/05/2026 at 11.00 A.M. The Tender documents duly filled in along with requisite documents will be received up to 1.00 P.M. on Dt.20.05.2026 in the Tender Box kept in the Office of the undersigned which will be opened at 11.00 A.M onwards on dt.21.05.2026 in presence of the Bidders or their authorized agents if they attend the Office in the schedule date and time of opening of Tender. Earnest money @1% of the estimated cost is to be deposited by the Tenderers in shape of TDR /KVP/NSC duly pledged to the Executive Officer, Kodala NAC and the TDR /KVP/NSCs/MR (Money receipt) are to be submitted along with Tender Paper. The authority have every rights to reject any or all tenders without assigning any reason thereof.

| Sl. No | Name of the Work | Estimate Cost | Cost of Tender Paper | EMD to be Deposited | Time of Completion |
|---|---|---|---|---|---|
| 1 | Construction of east side compound wall at nikhila odisha banayat odia samaj in ward no-10 under kodala nac | ₹1,68,362.69 | ₹600.00 | 60 days | C&D |
| 2 | Construction of back side compound wall from east side at nikhila odisha banayat odia samaj in ward no-10 under kodala nac | ₹1,69,478.26 | ₹600.00 | 60 days | C&D |
| 3 | Construction by paver pathway with supplying, fitting and fixing of gi gate at north side compound wall at nikhila odisha banayat odia samaj in ward no-10 under kodala nac | ₹1,68,417.69 | ₹600.00 | 60 days | C&D |
| 4 | Supplying and laying of moorum at nikhila odisha banayat odia samaj in ward no-10 under kodala nac | ₹1,69,262.15 | ₹600.00 | 60 days | C&D |
| 5 | Construction of back side compound wall from west side at nikhila odisha banayat odia samaj in ward no-10 under kodala nac | ₹1,69,109.35 | ₹600.00 | 60 days | C&D |
| 6 | Construction of volley pitch at kalinga sporting club in ward no-10 under kodala nac | ₹1,69,216.48 | ₹600.00 | 60 days | C&D |
| 7 | Construction of right side compound wall and gi grill at kalinga sporting club in ward no-10 under kodala nac | ₹1,68,930.96 | ₹600.00 | 60 days | C&D |
| 8 | Construction of back side compound wall at kalinga sporting club in ward no-10 under kodala nac | ₹1,69,276.76 | ₹600.00 | 60 days | C&D |
| 9 | Construction of north side compound wall at nikhila odisha banayat odia samaj in ward no-10 under kodala nac | ₹1,69,410.00 | ₹600.00 | 60 days | C&D |
| 10 | Construction of front compound wall and gi grill at kalinga sporting club in ward no-10 under kodala nac | ₹1,69,088.69 | ₹600.00 | 60 days | C&D |
| 11 | Construction of pindi for statue near hanuman temple at b. Nuapalli in ward no-01 under kodala nac | ₹1,69,356.13 | ₹600.00 | 60 days | C&D |
| 12 | Construction of pindi for statue near phd office at in ward no-03 under kodala nac | ₹1,69,356.13 | ₹600.00 | 60 days | C&D |
| 13 | Construction of pindi for statue near dandeswara temple in ward no-03 under kodala nac | ₹1,69,356.13 | ₹600.00 | 60 days | C&D |
| 14 | Construction of compound wall back side of hanuman temple at b. Nuapalli in ward no-01 under kodala nac | ₹1,69,344.35 | ₹600.00 | 60 days | C&D |
| 15 | Construction of side compound wall of hanuman temple at b. Nuapalli in ward no-01 under kodala nac | ₹1,69,344.35 | ₹600.00 | 60 days | C&D |

**Chairperson, N.A.C. Kodala (Gm.)** — OIPR-13001/13203/1/26-27/0003 — **Executive Officer, NAC, Kodala**

**କଟକ ଉନ୍ନୟନ କର୍ତ୍ତୃପକ୍ଷ** (CDA) — 13001/426/2627

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୬ ରେ ପ୍ଲଟ୍ ନଂ-B/1462 ଟିକୁ ଡ଼କ୍ଟର ଚିତ୍ତରଞ୍ଜନ ପଣ୍ଡା, ପିତା-ଶ୍ରୀ ଦାଶରଥି ପଣ୍ଡା, ସା- ୪୧୧, କୃଷ୍ଣା ଆର୍କେଡ଼, ଦୋଳମୁଣ୍ଡାଇ, ବକ୍ସିବଜାର ରୋଡ୍, ପୋ- ବକ୍ସି ବଜାର, ଥା-ମଙ୍ଗଳାବାଗ, ଜିଲ୍ଲା-କଟକ, ରାଜ୍ୟ- ଓଡିଶା ଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଡ଼କ୍ଟର ଚିତ୍ତରଞ୍ଜନ ପଣ୍ଡା ଉକ୍ତ ପ୍ଲଟ୍ ସହିତ ଗୃହ ଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ପ୍ରଦୀପ୍ତ କୁମାର ପ୍ରଧାନ, ପିତା- ସ୍ୱର୍ଗତ ଭଜ କୃଷ୍ଣ ପ୍ରଧାନ, ସା- ମହାନ୍ତିପଡ଼ା, ପୋ- ଚାନ୍ଦିନୀଚୌକ, ଥା- ଲାଲବାଗ, ଜିଲ୍ଲା- କଟକ, ରାଜ୍ୟ- ଓଡିଶା ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତପ୍ରରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

**ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)**

OIPR-13001/13037/1/26-27/0024

**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଗଜପତି** — 27001/55/2627

**DISTRICT PROJECT OFFICE, SAMAGRA SHIKSHA GAJAPATI**

No. 1148 / Fin/26 Dated 07/05/2026

**Tender Call Notice**

Sealed tenders are invited from interested reputed Travel Agencies/Tour Operators/Private Individuals having GST registration & GeM registration for providing one hiring vehicle having sitting capacity not more than five including driver shall conform to the terms and conditions available in the website www.gajapati.odisha.gov.in /spd.opepa@nic.in & submit the same to the District Education Officer-cum-DPC, Samagra Shiksha, At-Betaguda, Via-Jhami, Paralakhemundi, Gajapati through Registered/Speed post only on or before 29/05/2026 by 12:30 PM. Tender papers received after due date and time shall not be considered for evaluation of quotation.

Collector-cum-chairman, SS, Gajapati reserves the right to accept or reject any or all quotations in full or part without assigning any reason thereof, no intimation will be given to the bidders.

OIPR-27001/27116/1/26-27/0002 — **Collector-cum-Chairman, Samagra Shiksha, Gajapati**

13001/421/2627

**OFFICE OF THE MUNICIPAL COUNCIL, SONEPUR**

TENDER CALL NOTICE NO. 1153 Date- 01.05.2026

1.0 Sonepur Municipality invites online tender from experienced, competent and eligible Bidders in two packet system for work Under Jurisdiction of Sonepur Municipality" as scheduled under:

**Name of the works:**
1: Installation and Implementation of IT Enabled Day Night Illuminated LED Acrylic Digital Graphics including Design, Technological Beautification of an Open Space with a Clock tower, on Engineering, Procurement & Construction (EPC) Mode Contract.
**Cost of DTCN: 6000/-** (Non-Refundable) only Demand Draft from any Nationalized bank of India in favor of Executive Officer Sonepur Municipality.
**DQCN available from: 02.05.2026.**
Last Date of receipt of DQCN: 11.05.2026 Up to 5.00 P.M (The bid is to be submitted in 2 packets. Packet 1 should contain the technical proposal and required documents; Packet 2 should contain the Financial Bid). Bid submit on Online /OFF Line.
**Date of opening OF Technical Bid:** 12.05.2026 at 11.30 A.M
**Opening of Financial bid document:** To be Intimated Latter
The DTCN may also be downloaded from the website:-
WWW.subarnapur.nic.in/WWW.sonepurmunicipality.in
**Each Tender should be accompanied with:**
(I) Applicable EMD as 1% of quoted value. in shape of NSC, FD etc except Money receipt.
(ii) Attested photo copies of PAN cards.
(iii) Attested photo copies of GST Clearance Certificate.

OIPR-13001/13098/1/26-27/0005 — **Executive Officer, Sonepur Municipality**

**ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ** — 13001/440/2627

**OFFICE OF THE NOTIFIED AREA COUNCIL, REDHAKHOL (ODISHA), DIST- SAMBALPUR**

E-mail:- eonacrdl@gmail.com

**'e' Procurement Notice**

No. 1664 / NAC Dt. 04.05.2026
Bid identification No. RDL NAC-2/2026-27
Tender ID- 2026_ORULB_

The Municipal Executive Officer on behalf of NAC Redhakhol invites tenders in Single Cover System. Bid documents consisting of specification of the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e.https://tendersodisha.gov.in

1. Number of Civil works/Others : (02) numbers
2. Estimated Costs : 3.90 lakh to 10.04 lakhs
3. Period of completion : As per NIT
4. Date and time of availability of the bid documents in the portal : From 10.00 A.M. of 06.05.2026 to 05.00 PM of 15.05.2026
5. Last Date/ Time for receipt of bids in the portal : 05.00 PM of 15.05.2026
6. Bids will be opened on : 10.00 AM of Dt.18.05.2026
7. Name and address of the officer inviting bid : Executive Officer, NAC Redhakhol

OIPR-13001/13175/1/26-27/0003 — **Sd/- Executive Officer, NAC Redhakhol**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବରଗଡ**
**(ଅବକାରୀ ବିଭାଗ)**

ପତ୍ର ସଂଖ୍ୟା. ୬୫୭/ଅ. ତା. ୦୮.୦୫.୨୦୨୬

ବରଗଡ ଜିଲ୍ଲାର ଠିପି ବନ୍ଦ ବିଦେଶୀ ମଦ ଦୋକାନର ୨୦୨୬-୨୭ ବର୍ଷ ପାଇଁ ବନ୍ଦୋବସ୍ତ ନିମନ୍ତେ ବିଜ୍ଞପ୍ତି ।

ବରଗଡ ଜିଲ୍ଲାର ୨୦୨୬-୨୭ ବର୍ଷ ପାଇଁ ବନ୍ଦୋବସ୍ତ ନିମନ୍ତେ ୨୨ (ବାଇଶ) ଗୋଟି ଠିପି ବନ୍ଦ ବିଦେଶୀ ମଦ ଦୋକାନ ଗୁଡିକ ଲଟେରୀ ମାଧ୍ୟମରେ ବନ୍ଦୋବସ୍ତ ନିମନ୍ତେ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି । ଲଟେରୀରେ ଭାଗନେବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି http://stateexcise.odisha.gov.in ୱେବସାଇଟ ରେ ଉପଲବ୍ଧ Form 'B' ଅନଲାଇନ ମାଧ୍ୟମରେ ତା. ୦୮.୦୫.୨୦୨୬ ରିଖ ରୁ ୨୧.୦୫.୨୦୨୬ ରିଖ ସନ୍ଧ୍ୟା ୫.୦୦ ଘଟିକା ମଧ୍ୟରେ ଆବେଦନ କରିପାରିବେ । ଉପରୋକ୍ତ ଦୋକାନଗୁଡିକ ତା. ୨୬.୦୫.୨୦୨୬ ରିଖ ସକାଳ ୯.୦୦ ଘ. ପରଠାରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ବରଗଡ଼ (DRDA, Conference Hall, Bargarh) ଠାରେ ଜିଲ୍ଲାପାଳଙ୍କ ଦ୍ୱାରା ଲଟେରୀ ଉଠାଣ କରାଯିବ ।

ଦୋକାନଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ତଥା ଲଟେରୀର ନିୟମ ଓ ସର୍ତ୍ତାବଳୀ ଉପରୋକ୍ତ ୱେବସାଇଟରେ ଏବଂ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଓ ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଉପଲବ୍ଧ ଅଟେ ।

ବି.ଦ୍ର. - ସେବା ପାଇଁ ଟୋଲ ଫ୍ରି ନମ୍ବର, ୧୫୫୩୩୫ / ୧୮୦୦ ୩୪୫୬୭୦ ।

ସେବା ସମୟ ସମସ୍ତ ସରକାରୀ କାର୍ଯ୍ୟଦିବସ ସକାଳ ୧୦.୦୦ ଘଟିକାଠାରୁ ସନ୍ଧ୍ୟା ୬.୦୦ ଘଟିକା ପର୍ଯ୍ୟନ୍ତ ।

**ସ୍ୱା/- ଜିଲ୍ଲାପାଳ, ବରଗଡ଼**

## ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ଜୟନ୍ତୀ ସମାରୋହ

# 'ଆମ ସଂସ୍କୃତି ଓ ଚଳଣୀକୁ ନେଇ ନାଟକ ରଚନା ଉପରେ ଗୁରୁତ୍ୱ'

ଜଗତସିଂହପୁର,୧୧।୫(ସମିସ)




ବହୁ ପ୍ରାଚୀନ କାଳରୁ ଯାତ୍ରା ନାଟକ ମନୋରଞ୍ଜନର ଏକ ପ୍ରମୁଖ ମାଧ୍ୟମ ଭାବେ ରହିଆସିଛି। ତେବେ ଓଡ଼ିଶାର ଯେଉଁ ନାଟ୍ୟକାରମାନେ ତାଙ୍କ ରଚିତ ନାଟକ ଦ୍ୱାରା ଓଡ଼ିଆ ଯାତ୍ରା ନାଟକକୁ ନୂଆ ଦିଶା ଦେଇଛନ୍ତି ସେମାନଙ୍କ ମଧ୍ୟରୁ ନାଟ୍ୟକାର ସୁଧାକର ଦ୍ୱିବେଦୀ ଅନ୍ୟତମ। ତାଙ୍କ ସୃଷ୍ଟି ସମ୍ଭାରଥିଲା ଅନନ୍ୟ ଓ ଅସାଧାରଣ ଯାହା ଓଡ଼ିଆ ଯାତ୍ରା ନାଟକକୁ ଋଦ୍ଧିମନ୍ତ କରିଛି ବୋଲି ଜଗତସିଂହପୁର ସହର ସ୍ଥିତ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଆୟୋଜିତ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କର ୭୬ତମ ଜୟନ୍ତୀ ସମାରୋହରେ ଯୋଗଦେଇ ଅତିଥିମାନେ ମତପୋଷଣ କରିଛନ୍ତି। ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଏହି ସଭାରେ ପରିଷଦର ସଭାପତି ସୁସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ।

ଏହି ଅବସରରେ ପରିଷଦର ଉପ ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ଯୁଗ୍ମ ସମ୍ପାଦକ ତଥା ଅବସରପ୍ରାପ୍ତଅଧ୍ୟକ୍ଷ ଶାନ୍ତନୁ କୁମାର ମିଶ୍ର ଅତିଥି ପରିଚୟ ଏବଂ ପରିଷଦର ସମ୍ପାଦକ ତଥା ନାଟ୍ୟକାରଙ୍କ ସୁପୁତ୍ର ସରୋଜ କୁମାର ଦ୍ୱିବେଦୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଯୋଗଦେଇ ସୁଧାକର ଦ୍ୱିବେଦୀଙ୍କ ନାଟକ କେବଳ ମନୋରଞ୍ଜନର ମାଧ୍ୟମ ନଥିଲା ବରଂ ସମାଜକୁ ସୁଶିକ୍ଷା ଓ ସଚେତନ କରାଇବା ପାଇଁ ଅଭିପ୍ରେତ ଥିଲା ବୋଲି ମତବ୍ୟକ୍ତ କରିଥିଲେ। ମାତ୍ର ୩୨ବର୍ଷ ଭିତରେ ନାଟ୍ୟକାର ସୁଧାକର ଦ୍ୱିବେଦୀ ୨୦ ଖଣ୍ଡ ଉଚ୍ଚମାନର ନାଟକ ଲେଖି ନାଟ୍ୟ ଜଗତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଛାଡି ଯାଇଛନ୍ତି। ତେଣୁ ଆମ ଚଳଣି ଓ ସଂସ୍କୃତିକୁ ନେଇ ନାଟକ ରଚନା କରାଯାଉ ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଅଧ୍ୟକ୍ଷ ରମାରଞ୍ଜନ ସ୍ୱାଇଁ, ବିଜୟ କୁମାର ବିଶ୍ୱାଳ, ଶିକ୍ଷାବିତ ବାବାଜୀ ଚରଣ ସାହୁ, ବିଜୟ କୁମାର ରଥ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଦେବେନ୍ଦ୍ର ଆଚାର୍ଯ୍ୟ, ବିଜୟ କୁମାର ପତି, ସୁରେନ ରାଉତ, ଅରୁଣ କୁମାର ରାଉତରାୟ, ଗଣେଶ୍ୱର ମାଣିଆ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୬ତମ ଜୟନ୍ତୀକୁ ସ୍ମରଣୀୟ କରିବା ପାଇଁ ସ୍ମୃତିପତ୍ର "ସୁଧାସୌରଭ'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ସେହିପରି ୯ ଜଣ କୃତୀ ପ୍ରତିଭାଧରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ନାଟ୍ୟକାର ଓ ନିର୍ଦ୍ଦେଶକ ଆଶୁତୋଷ ମହାପାତ୍ର, ନିର୍ଦ୍ଦେଶକ ସାରଦା ପ୍ରସାଦ ରଣା, ଖଳନାୟକ ଶୁଭେନ୍ଦୁ ଚୌଧୁରୀ, ଅଭିନେତା ହୃଷିକେଶ ମିଶ୍ର, ଅଭିନେତ୍ରୀ ଟିକିନା ସ୍ୱାଇଁ, ପ୍ରତିମା ରାଉତ, ହାସ୍ୟାଭିନେତା ସୁଦୀପ୍ତ ସୁନ୍ଦର ସ୍ୱାଇଁ, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ଗୋଛାୟତ, ସମାଜସେବୀ ବିଜନ ମହାପାତ୍ର। ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ପଦକ ପ୍ରଦାନ କରାଯାଇଥିଲା। ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ଜୟନ୍ତୀ ସମାରୋହକୁ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ଓ ସାହିତ୍ୟ ଏକାଡେମୀର ପୃଷ୍ଠପୋଷାକତାରେ ପାଳନ କରିବା ସହିତ ନାଳିବର ଠାରୁ ରେଢୁଆ ପର୍ଯ୍ୟନ୍ତ ରାସ୍ତାକୁ ସୁଧାକର ସାରଣୀ ନାମରେ ନାମିତ କରିବା ପାଇଁ ପରିଷଦ ପକ୍ଷରୁ ଦାବି କରାଯାଇଥିଲା। ଶେଷରେ ପରିଷଦର ସଦସ୍ୟ ସତ୍ୟରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଦୁଃଖିରାମ ସ୍ୱାଇଁ କଳା ପ୍ରତିଷ୍ଠାନର କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ କରାଯାଇଥିଲା।

କାର୍ଯ୍ୟକ୍ରମର ପରିଚାଳନାରେ ଶିକ୍ଷାବିତ ଶିଶିର କୁମାର ତ୍ରିପାଠୀ, ରବିନାରାୟଣ ରଥ, ସୁକାନ୍ତ କୁମାର ଦ୍ୱିବେଦୀ, ତୁଳସୀ ପ୍ରସାଦ ମହାପାତ୍ର, ଗୋବିନ୍ଦ ଓଝା, ରାଜକିଶୋର ସାହୁ, କୋଷାଧ୍ୟକ୍ଷ ରବି ମହାନ୍ତି, ଅଜୟ କୁମାର ବରାଳ, ସ୍ମୃତିରଞ୍ଜନ ରାଉତ, ଅନସୂୟା ଷଡ଼ଙ୍ଗୀ, ଅଶୋକ କୁମାର ମୁଦୁଲି, ରମେଶ ଚନ୍ଦ୍ର ବହିରା, ରଞ୍ଜନ କୁମାର ମିଶ୍ର, ମନୋଜ କୁମାର ଦ୍ୱିବେଦୀ, ତାପସ କୁମାର ମହାରଣା, ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ, ସନ୍ତୋଷ କୁମାର ସାହୁ, ଅଜୟ କୁମାର ଗୋଛାୟତ ଓ ଗଣମାଧ୍ୟମ ସଂଯୋଜକ ତପନ କୁମାର ରାଉତରାୟ ଓ ତନ୍ମୟ କାନ୍ତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର




ଜଗତସିଂହପୁର/ତିର୍ତ୍ତୋଲ,୧୧।୫(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ତିର୍ତ୍ତୋଲ ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୭୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୨ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୬ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୧୩ଟି, ଆବାସ ଯୋଜନା ସମ୍ପର୍କୀୟ ୧୫ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୨ଟି, ଭତ୍ତା ପାଇବା ପାଇଁ ୪ଟି, ପୁଲିସ ସହାୟତା ପାଇଁ ୨ଟି ଏବଂ ଅନ୍ୟାନ୍ୟ ୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ତହସିଲଦାର, ତିର୍ତ୍ତୋଲ ମହେଶ୍ୱର ବେହେରା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଏବଂ ବ୍ଲକ୍‌ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଚର୍ଣ୍ଣିକା ବଜାରରେ ଅଗ୍ନିକାଣ୍ଡ

# ଜଳିଗଲା ଉପହାର ଦୋକାନ




ଜଗତସିଂହପୁର,୧୧।୫(ସମିସ): ଆଜି ଅପରାହ୍ନରେ ଜଗତସିଂହପୁର ସହରର ଚର୍ଣ୍ଣିକା ବଜାର ଠାରେ ଅଗ୍ନିକାଣ୍ଡ ଘଟି ଗୋଟିଏ ଉପହାର ଦୋକାନ ସମ୍ପୂର୍ଣ୍ଣ ଜଳିଯିବା ସହିତ ପାଖରେ ଥିବା ଅନ୍ୟ ଏକ ଦୋକାନର ଆଂଶିକ କ୍ଷତି ଘଟିଛି। ସୂଚନା ଅନୁସାରେ ଉକ୍ତ ଉପହାର ଦୋକାନଟି ଅଳ୍ପ କିଛିଦିନ ତଳେ ଖୋଲିଥିଲା ଓ ଏଥିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ରହିଥିଲା। ଉପହାର ସାମଗ୍ରୀ ସହିତ ଏଠାରେ ଅନ୍ୟ ଗୃହ ଉପକରଣ ମଧ୍ୟ ବିକ୍ରି ପାଇଁ ରହିଥିଲା। ଆଜି ମଧ୍ୟାହ୍ନରେ ଉକ୍ତ ଦୋକାନୀ ଦୋକାନ ବନ୍ଦ କରି ଖାଇବାକୁ ଯାଇଥିବା ସମୟରେ ବିଦ୍ୟୁତ ସର୍ଟସର୍କିଟ ଯୋଗୁଁ ଉକ୍ତ ଦୋକାନରେ ନିଆ ଲାଗିଥିବା ସନ୍ଦେହ କରାଯାଉଛି। ଖବର ପାଇ ଦୋକାନୀ ଜଣକ ଆସି ସଟର ଖୋଲିଦେବା ପରେ ଦୋକାନ ଭିତରେ ନିଆଁ ଝଟକା ବାହାରିବା ସହିତ ଦୋକାନ ଭିତରେ ନିଆଁ ହୁତହୁତ ହୋଇ ଜଳୁଥିଲା। ଏଭଳି ଅଗ୍ନିକାଣ୍ଡ ଯୋଗୁଁ ପାଖରେ ଥିବା ଗୋଟିଏ ଦୋକାନ ମଧ୍ୟ ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ଅଗ୍ନିକାଣ୍ଡ ଘଟିଥିବା ଦୋକାନ ଠାରୁ ମାତ୍ର ୩ କିଲୋମିଟର ଦୂରରେ ଥିବା ଅଗ୍ନିଶମ ବିଭାଗ ବିଳମ୍ବରେ ପହଞ୍ଚି ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## କାଦମ୍ବିନୀ ପରିଜାଙ୍କୁ 'ଓଡ଼ିଶା ଗୌରବ' ସମ୍ମାନ



ବିରିଡ଼ି,୧୧।୫(ସମିସ): ଜଗତସିଂହପୁର ଜିଲ୍ଲା ବିରିଡ଼ି ବ୍ଲକ ବୁଢାପଡ଼ା ଗ୍ରାମର ଆଦର୍ଶ ଶିକ୍ଷୟିତ୍ରୀ ଡ଼. କାଦମ୍ବିନୀ ପରିଜାଙ୍କୁ ଓଡ଼ିଶା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କର ବହୁମୁଖୀ ପ୍ରତିଭା ତଥା ବିଭିନ୍ନ ପୁସ୍ତକ ପୁସ୍ତିକାରେ ସ୍ଥାନ ପାଇଥିବା ଉଚ୍ଚକୋଟୀର ଲେଖା ବିଶେଷ ଭାବେ ବିଭିନ୍ନ ସାମାଜିକ, ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ସଂଗଠନ ସହିତ ଜଡ଼ିତ ରହି କାର୍ଯ୍ୟ କରିଆସୁଥିବାରୁ ତାଙ୍କୁ ଏହି ସମ୍ମାନ ମିଳିଛି। ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଓଡ଼ିଶା କଲଚରାଲ ଆର୍ଟ ଏକାଡେମୀ ଓ ମୂର୍ଚ୍ଛନା ଦ୍ୱାରା ଆୟୋଜିତ ଜାତୀୟସ୍ତରୀୟ ବୈଶାଖୀ ଉତ୍ସବରେ ଓସିଏର ସଭାପତି ବସନ୍ତକୁମାର ଦାସ, ବିଧାନସଭାର ପ୍ରାକ୍ତନ ସଚିବ ଦାଶରଥି ଶତପଥି, ବାଗ୍ମୀ ପ୍ରଫେସର ପ୍ରଶାନ୍ତ କୁମାର ଶତପଥି, ଦିନେଶ କୁମାର ମଲ୍ଲିକ, ବ୍ୟଙ୍ଗ କବି ସଂସଦ ରଥ ପ୍ରମୁଖ ବରଣ୍ୟ ଅତିଥିମାନେ ଉପସ୍ଥିତ ରହି ତାଙ୍କୁ ସମ୍ମାନିତ କରିଥିଲେ।

## ପତ୍ନୀଙ୍କୁ ଆକ୍ରମଣ କରି ସ୍ୱାମୀ ଗିରଫ

ନାଉଗାଁ,୧୧।୫(ସମିସ): ନାଉଗାଁ ଥାନା ଅନ୍ତର୍ଗତ ଅରଖକୁଦ ଗ୍ରାମରେ ଘରୋଇ କଳିକୁ କେନ୍ଦ୍ର କରି ନିଜ ପତ୍ନୀକୁ ମରଣାନ୍ତକ ଆକ୍ରମଣ କରିଥିବା ସ୍ୱାମୀକୁ ନାଉଗାଁ



ପୁଲିସ ଗିରଫ କରି ଅଦାଲତ ଚାଲାଣ କରିଛି। ଅଭିଯୋଗ କାରିଣୀ କଳ୍ପନା ମହାନ୍ତିଙ୍କ ଅଭିଯୋଗ ଅନୁସାରେ ଗତକାଲି ରାତି ପ୍ରାୟ ସାଢ଼େ ସାତଟା ସମୟରେ କଳ୍ପନା ଘରେ ରୋଷେଇ କରୁଥିବା ସମୟରେ ତାଙ୍କ ସ୍ୱାମୀ ସୁଶାନ୍ତ ମହାନ୍ତି ଆସି ଖାଇବାକୁ ମାଗିଥିଲେ। କଳ୍ପନା ରୋଷେଇ କରୁଥିବା ବେଳେ କିଛି ସମୟ ଅପେକ୍ଷା କରିବାକୁ କହିବାରୁ ସୁଶାନ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କୁ ମାରିଦେବା ଉଦ୍ଦେଶ୍ୟ ରଖି ଏକ ତଡ଼ା ସାହାଯ୍ୟରେ ତାଙ୍କ ମୁଣ୍ଡ ଓ ହାତକୁ ବାଡେଇଥିଲେ। ଯାହାଫଳରେ କଳ୍ପନାଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହେବା ସହ ତାଙ୍କ ହାତ ଭାଙ୍ଗି ଯାଇଥିଲା। ସେ ଚିତ୍କାର କରିବାରୁ କଳ୍ପନାଙ୍କ ଶାଶୁ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ନିଷ୍ଠୁର ପ୍ରଶାନ୍ତ ନିଜ ମାଆକୁ ମଧ୍ୟ ଛାଡ଼ି ନଥିଲେ। ତାଙ୍କୁ ମଧ୍ୟ ବାଡ଼େଇ ଲହୁଲୁହାଣ କରିଦେଇଥିଲେ। ପରେ ଉଭୟେ ଶାଶୁ, ବୋହୂ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରି ମେଡିକାଲ ଯାଇ ଚିକିତ୍ସିତ ହେବାପରେ କଳ୍ପନା ଏହି ଘଟଣାକୁ ନେଇ ନାଉଗାଁ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ନାଉଗାଁ ପୁଲିସ ଅଭିଯୋଗକୁ ଭିତ୍ତି କରି ସୁଶାନ୍ତଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ବ୍ରାଉନ୍‌ସୁଗର ବେପାରୀ ଗିରଫ



ବାଲିକୁଦା,୧୧।୫(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ତିହୁଡ଼ି ମରିଚପୁର ମୁଖ୍ୟ ରାସ୍ତା ଚାରିଆକଣ ଛକଠାରେ ଜଣେ ବ୍ରାଉନସୁଗର ବେପାରୀକୁ ପୁଲିସ କାବୁ କରିଛି। ତା' ନିକଟରୁ ୭ ଗ୍ରାମ ପାଖାପାଖି ବ୍ରାଉନସୁଗାର ଓ ଏକ ଟିଭିଏସ ଅପାଚି ଗାଡି, ଦୁଇ ହଜାର ଟଙ୍କା ସହ ଏକ ମୋବାଇଲ ଫୋନ ଜବତ କରିଛି। ଅଭିଯୁକ୍ତ ଜଗତସିଂହପୁର ଥାନା ଅନ୍ତର୍ଗତ ମୋହିଉଦ୍ଦିନପୁର ଗ୍ରାମର ସାହିଲ ଉଦିନ ଖାନ (୨୪)କୁ ଗିରଫ କରାଯାଇ ବାଲିକୁଦା ଥାନାରେ ୧୭୨/୨୬ରେ ଏକ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିବା ବାଲିକୁଦା ଥାନା ପରିସରରେ ଏସ୍‌ଡିପିଓ ରଶ୍ମି ରଞ୍ଜନ ଦାଶ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଥାନା ଅଧିକାରୀ କାବୁଲି ବାରିକ ଓ ଅନନ୍ତପୁର ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ବେହେରାଙ୍କ ଉପସ୍ଥିତିରେ ଏସ୍‌ଡିପିଓ କହିଛନ୍ତି ବାଲିକୁଦା ଥାନା ଅଧୀନ ଅନନ୍ତପୁର ଅଞ୍ଚଳରେ ବ୍ରାଉନସୁଗାର କାରବାର ବ୍ୟାପକ ହେଉଥିବା ଅଭିଯୋଗ ହୋଇଥିଲା। ଏଣୁ ଏଥିପାଇଁ ଆମେ ଥାନା ଅଧିକାରୀଙ୍କ ନେତୃତ୍ୱରେ ଓ ଏସ୍‌ଆଇଙ୍କ ନେତୃତ୍ୱରେ ଏକ ଟି ଗଠନ କରି ସେମାନଙ୍କୁ କାବୁ କରିବା ପାଇଁ ଉଦ୍ୟମ ଜାରି ରଖିଥିଲୁ। ଏହି ଯୁବକ ସହ ସେହି ଅଞ୍ଚଳର ଅନ୍ୟ ଜଣେ ଯୁବକ ସାମିଲ ରହିଛି। ସେମାନେ ବ୍ରାଉନସୁଗର ଆଣି ତାକୁ ଅଳ୍ପ ଅଳ୍ପ ପରିମାଣ କରି ବିଭିନ୍ନ ସ୍ଥାନରେ ଲୁଚେଇ ରଖି ଯୁବପିଢ଼ିଙ୍କୁ ବିକ୍ରି କରୁଛନ୍ତି। ଆମେ ଏନେଇ ଉଦ୍ୟମ ଜାରି ରଖିଛୁ। ଉକ୍ତ ଯୁବକକୁ ଖୁବଶୀଘ୍ର ଗିରଫ କରାଯିବା ସହ କିଭଳି ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ହେବ ତାହା ଉପରେ ଜୋର ଦିଆଯିବ। ଆଜି ଜବତ ହୋଇଥିବା ବ୍ରାଉନସୁଗାର ମୂଲ୍ୟ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ସୂଚନା ଦେଇଥିଲେ।

# ବଟଶ୍ରୀକ୍ଷେତ୍ରର ଚନ୍ଦନ ଉତ୍ସବ ଉଦ୍‌ଯାପିତ

ଜଗତସିଂହପୁର,୧୧।୫(ସମିସ): ଜଗତସିଂହପୁର ସହର ଉପକଣ୍ଠସ୍ଥ ପାଟେଣୀଗାଁ ସ୍ଥିତ ବଟଶ୍ରୀକ୍ଷେତ୍ରର ଚନ୍ଦନ ଉତ୍ସବ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିବା ୨୧ ଦିନ ବ୍ୟାପୀ ଚନ୍ଦନ ଯାତ୍ରାର ଅନ୍ତିମ ଦିବସରେ ମହାପ୍ରଭୁଙ୍କ ସହସ୍ର ନାମ ପାଠ କରାଯାଇଥିଲା।



ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ଭୁବନେଶ୍ୱରରୁ ଆସିଥିବା ମୁରଲୀଧର ପଲାଇ। ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ ବଟଶ୍ରୀକ୍ଷେତ୍ର ଚାରିଟେବଲ ଟ୍ରଷ୍ଟର ଅଧ୍ୟକ୍ଷ ଡ. ଅଭୟ କୁମାର ନାୟକ। ମୁଖ୍ୟଅତିଥି ରୂପେ ଯୋଗଦେଇ ଓଡିଶା ସରକାରଙ୍କ ଅତିରିକ୍ତ ରିଲିଫ କମିଶନର ସୁଭାଷ ଚନ୍ଦ୍ର ନାଥଶର୍ମା କହିଲେ ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଭାବ ଓ ସମର୍ପଣର ଠାକୁର। ତାଙ୍କ ନିକଟରେ ନିଜକୁ ସମର୍ପି ଦେଲେ ସେ ସବୁକିଛିର ସମାଧାନ କରାଇ ଦିଅନ୍ତି। ମୁଖ୍ୟବକ୍ତା ଭାବେ ତ୍ରିଦଣ୍ଡୀ ସ୍ୱାମୀ ଭକ୍ତିଗୌରବ ସଚ୍ଚିଦାନନ୍ଦ ମହାରାଜ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ଭୁବନେଶ୍ୱରସ୍ଥ ବିମ୍ ଅନୁଷ୍ଠାନର ମୁଖ୍ୟ ନିର୍ବହୀ ଅଧିକାରୀ ସୂର୍ଯ୍ୟକାନ୍ତ ସାହୁ ଯୋଗଦେଇଥିଲେ। ଉକ୍ଳେ ଭଉଁରି ଆଧାରରେ ଚଳନ୍ତି ବିଗ୍ରହ ମଦନମୋହନ ଡିଗି ନରେନ୍ଦ୍ରରେ ଚାପକୁ ବିଜେ କରିଥିଲେ ଏବଂ ଦୀର୍ଘ ସମୟ ଧରି ଚାପ ଖେଳିଥିଲେ। ଶେଷରେ ବଟଶ୍ରୀକ୍ଷେତ୍ରର ଠାକୁର ରାଜା ନୀଳକଣ୍ଠ ଶତପଥି ଅତିଥିମାନଙ୍କୁ ଅଙ୍ଗଲାଗି ବସ୍ତ୍ର ଏବଂ ସ୍ମୃତି ଫଳକ ପ୍ରଦାନ କରିଥିଲେ। ବଟଶ୍ରୀକ୍ଷେତ୍ର ପରିଚାଳନା କମିଟିର ସଭାପତି ପଣ୍ଡିତ ରବୀନ୍ଦ୍ର ନାଥ ମିଶ୍ର ଧନ୍ୟବାଦ ପ୍ରଦାନ କରିଥଲେ। ୨୧ଦିନ ବ୍ୟାପୀ ଏହି ଭବ୍ୟ ସମାରୋହକୁ ପରିଚାଳନା କରିବାରେ ଉମେଶ ନାୟକ, ନରେନ୍ଦ୍ର ନାୟକ, ସମୀର ସ୍ୱାଇଁ, ଦିବ୍ୟଜିତ ସ୍ୱାଇଁ, ପରମାନନ୍ଦ ନାୟକ, ସୁଶାନ୍ତ ସ୍ୱାଇଁ, ମହେଶ୍ୱର ନାୟକ, ରୁଦ୍ରପ୍ରତାପ ସ୍ୱାଇଁ, ଉମାକାନ୍ତ ଗୋଛାୟତ, ଦିବ୍ୟଜିତ୍ ଏବଂ ଅକ୍ଷୟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ସରକାରୀ ଗୋଚର ଜାଗାରୁ ଜବରଦଖଲ ଉଚ୍ଛେଦ

ପାରାଦୀପ, ୧୧।୨ (ସମିସ): ସରକାରୀ ଗୋଚର ଜମିରେ ତିଆରି ହୋଇଥିବା ଘର ଉପରେ ଆଜି ଜିଲ୍ଲା ପ୍ରଶାସନ ବୁଲଡୋଜର ବୁଲାଇଛି। କୁଜଙ୍ଗ ତହସିଲଦାର ଓ ପୁଲିସ ପ୍ରଶାସନର ଉପସ୍ଥିତିରେ କରାଯାଇଥିଲା ଏହି ଉଚ୍ଛେଦ। ଘଟଣା ଘଟିଛି ପାରାଦୀପ ଉପକଣ୍ଠ ନୂଆଗଡ ଗ୍ରାମରେ। ସେଠାରେ ଥିବା ଏକ ୪ ଏକର ବିଶିଷ୍ଟ ଗୋଚର ଜମିକୁ କିଛି ବାହାର ଜିଲ୍ଲାର ବ୍ୟକ୍ତି ମାଡିବସି ଏଠାରେ କୋଠାଘର ନିର୍ମାଣ କରି ରହୁଥିଲେ। ବର୍ତ୍ତମାନ ଏହି ଜାଗାରେ ସରକାରୀ ଆଇଟିଆଇର ଏକ ନୂତନ କ୍ୟାମ୍ପସ ତିଆରି ହେବାକୁ ସ୍ଥିର କରାଯାଇ ଟଙ୍କା ମଧ୍ୟ ଆସିଥିଲା। ହେଲେ ଉକ୍ତ ଜାଗା ଉପରେ ଘର ନିର୍ମାଣ ହୋଇଥିବା ପ୍ରଶାସନ ଜାଣିବା ପରେ ସେମାନଙ୍କୁ ନୋଟିସ କରାଯାଇଥିଲା। ବାରମ୍ବାର ନୋଟିସ ସତ୍ତ୍ୱେ ସେମାନେ ନ ଶୁଣିବାରୁ ବାଧ ହୋଇ ଜିଲ୍ଲା ପ୍ରଶାସନ ଉଚ୍ଛେଦ ପକ୍ରିୟା ଆରମ୍ଭ କରିଛି। ତେବେ ଏହି ଜାଗା ସରକାରୀ ଜାଗା ବୋଲି ଆମେ ଜାଣିନାହୁଁ, ଗ୍ରାମର କିଛି ବ୍ୟକ୍ତି ଏହି ଜାଗାକୁ ଆମକୁ ବିକ୍ରୟ କରିଥିଲେ ଏବଂ ଖୁବ୍



ଶୀଘ୍ର ପଟ୍ଟା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପରେ ଆଉ ଧରାଛୁଆଁ ଦେଇନଥିଲେ, ଏବେ ପ୍ରଶାସନ ଉଚ୍ଛେଦ ପକ୍ରିୟା ଆରମ୍ଭ କରିବା ପରେ ସେମାନେ ବେସାହାରା ହୋଇ ପଡିଛନ୍ତି। ଅନ୍ୟପକ୍ଷରେ ଏହି ଉଚ୍ଛେଦ ପକ୍ରିୟା ଆଜି ଆରମ୍ଭ ହୋଇଛି ଏବଂ ଏହା ପାଖାପାଖି ୫ ଦିନ ଲାଗିବ ବୋଲି କୁଜଙ୍ଗ ତହସିଲଦାର ପ୍ରକାଶ କରିବା ସହିତ ଖୁବ୍‌ଶୀଘ୍ର ଅନ୍ୟ ସରକାରୀ ଜାଗାରୁ ବି ଉଚ୍ଛେଦ କରାଯିବ ବୋଲି କହିଛନ୍ତି। ଉଚ୍ଛେଦ ପ୍ରକ୍ରିୟାରେ କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା ଉପସ୍ଥିତ ଥିଲେ।

## ଆଶ୍ରା ଜରାନିବାସରେ ସତ୍‌ସଙ୍ଗ

ନାଉଗାଁ,୧୧।୫(ସମିସ): ନାଉଗାଁ ବ୍ଲକସ୍ଥିତ ଆଶ୍ରା ଜରାନିବାସରେ ସ୍ୱାମୀ ଜ୍ୟୋତିର୍ମୟାନନ୍ଦ ଗିରିଙ୍କ ଦ୍ୱାରା ତିନି ଦିବସୀୟ ଭଗବଦ୍ ଗୀତା ଭକ୍ତିଯୋଗ ସତସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଭଗବତ ଗୀତାର ଦ୍ୱାଦଶ ଅଧ୍ୟାୟର ୨୦ଟି ଶ୍ଳୋକ ଉପରେ ଆଲୋଚନା କରାଯାଇଥିଲା। ଗୀତା ପଢି ତାକୁ ଜୀବନରେ ପାଳନ କରିଲେ ମନୁଷ୍ୟ ଜୀବନରେ ଶାନ୍ତି, ଆନନ୍ଦ ଏବଂ ସଫଳତା ପାଇଥାଏ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ସ୍ୱାମୀ କମଳାନନ୍ଦ ମା, କୁହୁକିନି ମା', ସୁଧା ମା' ଏବଂ ମମତା ମା' ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ଆଶ୍ରମର ସାଧ୍ୱୀ ଉମାମୟୀ ମା', ଶୀବମୟୀ ମା', ପ୍ରଭାସିନୀ ମା', ଅମି ମା' ଏବଂ ବାବାଜୀ ଗୁରୁଜୀ ଭଜନ ପରିବେଷଣ କରିଥିଲେ। ସତସଙ୍ଗ ଶେଷରେ ବନ୍ଦନା ମା' ଗୀତାମାତାଙ୍କ ଆରତୀ କରିଥିଲେ। ହରିହରାନନ୍ଦ ଧ୍ୟାନମନ୍ଦିର ମାତୃଆଶ୍ରମ କମିଟିର ସମସ୍ତ ସଦସ୍ୟା ଏହାକୁ ଆୟୋଜନ କରିଥିଲେ।

## ପାରାଦୀପ ପୋର୍ଟ ବଣିକ ସଙ୍ଘରେ ୫୦ ବର୍ଷର ପରମ୍ପରା ଭଙ୍ଗ

# ସଂକ୍ରାନ୍ତିରେ ଦୋକାନ ଖୋଲିବାକୁ ନେଇ ଅସନ୍ତୋଷ

ପାରାଦୀପ,୧୧।୫(ସମିସ)

ବର୍ଷ ବର୍ଷର ପରମ୍ପରାକୁ ଭାଙ୍ଗି ମାଟିରେ ମିଶାଇ ଦେଇଛନ୍ତି। ମାତ୍ର ହାତ ଗଣତି କେତେଜଣ ବ୍ୟବସାୟୀଙ୍କ ସ୍ୱାର୍ଥ ପାଇଁ ଆଜି ୫୦ ବର୍ଷର ପରମ୍ପରା ଭଙ୍ଗା ଯାଉଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଏଭଳି ଘଟଣା ଘଟିବାକୁ ଯାଉଛି ବଡ଼ପଡିଆସ୍ଥିତ ପାରାଦୀପ ପୋର୍ଟ ବଣିକ ସଙ୍ଘରେ। ବଣିକ ସଙ୍ଘ ଗଠନ ହେବା ପରଠାରୁ ସମସ୍ତ ବ୍ୟବସାୟୀଙ୍କ ସହମତିରେ ପ୍ରତ୍ୟକ ମାସର ସଂକ୍ରାନ୍ତି ଦିନ ହିଁ ସବୁ ବ୍ୟବସାୟୀ ପ୍ରତିଷ୍ଠାନ ବନ୍ଦ ରହି ଆସୁଛି। ହେଲେ ବର୍ଷ ବର୍ଷ ଧରି ରହିଥିବା ଏହି ନିୟମକୁ ଚଳିତ ମାସ ସଂକ୍ରାନ୍ତିରେ ଖୋଲାଖୋଲି ଉଲ୍ଲଘଂନ କରାଯାଉଛି। ଗତକାଲି ବ୍ୟବସାୟୀ ସଂଘ ପକ୍ଷରୁ ଘଣ୍ଟ ବାଡ଼େଇ ସଂକ୍ରାନ୍ତିରେ ସମସ୍ତ ଦୋକାନ ବଜାର ବନ୍ଦ ନ କରି ଖୋଲା ରଖିବାକୁ କୁହାଯାଇଛି। ତେବେ ବର୍ତ୍ତମାନର କର୍ମକର୍ତ୍ତାଙ୍କ ମନମାନି ପାଇଁ ବ୍ୟବସାୟୀ ଭାଇମାନଙ୍କ ମଧ୍ୟରେ ଥିବା ଭାଇଚାର ଆଜି ନଷ୍ଟ ହେବାକୁ ଯାଉଥିବା ଅଭିଯୋଗ ହୋଇଛି।

ପୂର୍ବରୁ ୧୬ ବର୍ଷ ଧରି ସଂଘର ସଭାପତି ଥିବା ସନ୍ତୋଷ ପଟ୍ଟନାୟକ ତାଙ୍କ କାର୍ଯ୍ୟକାଳ ସମୟରେ ମଧ୍ୟ କୌଣସି ସଂକ୍ରାନ୍ତିରେ ଦୋକାନ ବଜାର ଖୋଲା ରହିବାକୁ ସହମତି ପ୍ରଦାନ କରିନାହାନ୍ତି। କେବଳ ବିଶ୍ୱକର୍ମା ପୂଜା ସମୟରେ ପଡୁଥିବା ସଂକ୍ରାନ୍ତିରେ ହିଁ ବ୍ୟବସାୟ ଖୋଲା ରଖିବାକୁ ଅନୁମତି ଦିଅନ୍ତି। କାରଣ ଦୂରଦୁରାନ୍ତର ଆସୁଥିବା ଲୋକଙ୍କ ପାଇଁ ପାରାଦୀପ ବିଶ୍ୱକର୍ମା ଯେହେତୁ ଗୁରୁତ୍ୱ ରହିଛି ସେହି ସମୟରେ ପଡୁଥିବା ସଂକ୍ରାନ୍ତିରେ ବଣିକ ସଙ୍ଘ ଅଧୀନ ସମସ୍ତ ଦୋକାନ ବଜାର ହିଁ ଖୋଲା ରୁହେ। ଏ ପ୍ରଥା ଆରମ୍ଭରୁ ଅଛି। କିନ୍ତୁ ଏହାକୁ ଛାଡି ଦେଲେ ଆଉ କୌଣସି ସଂକ୍ରାନ୍ତିରେ ଦୋକାନ ବଜାର ଖୋଲା ରୁହେ ନାହିଁ। ଏପରିକି ପୂର୍ବରୁ ଏକ ସଂକ୍ରାନ୍ତି ଧନତରାସ ଦିନ ପଡୁଥିଲେ ବି ବଡ଼ପଡିଆ ମାର୍କେଟର ସମସ୍ତ ସୁନା ଓ ଚାନ୍ଦି ବ୍ୟବସାୟୀମାନେ ପୂର୍ବତନ ସଭାପତି ଶ୍ରୀ ପଟ୍ଟନାୟକଙ୍କ ପାଖରେ ନିବେଦନ କରିବା ସହିତ ମିଳିତ ଭାବେ ଘୋଷଣା କଲେ ଯେ ଯଦି ଦୋକାନ ଖୋଲା ରହିବାକୁ ଅନୁମତି ଦିଅନ୍ତି ତେବେ ଏକଦା ଅଧିଷ୍ଠାତ୍ରୀ ଦେବୀ ମା'ଙ୍କ ଚାନ୍ଦି ତିଆରି ପାଇଁ ୧୫ ଲକ୍ଷ ଟଙ୍କାର ରୁପା ଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଶ୍ରୀ ପଟ୍ଟନାୟକ ସମସ୍ତ ବ୍ୟବସାୟୀଙ୍କ ସ୍ୱାର୍ଥକୁ ଆଖିରେ ରଖି ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ତେବେ ବର୍ତ୍ତମାନର କର୍ମକର୍ତ୍ତା କେଉଁ ଉଦ୍ଦେଶ୍ୟରେ ଏବଂ କାହା ସ୍ୱାର୍ଥ ପାଇଁ ପାଖାପାଖି ୧ ହଜାର ବ୍ୟବସାୟୀଙ୍କ ପାଇଁ ଦୀର୍ଘ ଦିନ ଧରି ରହିଥିବା ନିୟମ ଭାଙ୍ଗି ଦିଆଯାଉଛି।

ଏହି ଘଟଣାକୁ ନେଇ ଏବେ କିଛି ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କିଛି ବ୍ୟବସାୟ ଏହାକୁ ସମର୍ଥ ଜଣାଉଥିବା ବେଳେ ବହୁ ବ୍ୟବସାୟୀ ଏହାକୁ ଖୋଲାଖୋଲି ବିରୋଧ କରୁଛନ୍ତି। ତେବେ ଆଗକୁ ଆଉ କୌଣସି ବ୍ୟବସାୟୀ ସଂକ୍ରାନ୍ତିରେ ଦୋକାନ ବନ୍ଦ ନିୟମକୁ ମାନିବେ ନାହିଁ ବୋଲି ଆଲୋଚନା ହେଉଛି।

## ଗଁଦିଆକୁ ଉପଖଣ୍ଡ ମାନ୍ୟତା ଦାବି

ଗଁଦିଆ,୧୧।୫(ସମିସ): ଢେଙ୍କାନାଳ ଜିଲ୍ଲା ଗନ୍ଦିଆ ଅଞ୍ଚଳକୁ ଉପଖଣ୍ଡ ମାନ୍ୟତା ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ପୂର୍ବତନ ବିଧାୟକ ନବୀନ ନନ୍ଦ ଦାବି କରିଛନ୍ତି। ଏହି ସନ୍ଦର୍ଭରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ଇ-ମେଲ ଜରିଆରେ ପ୍ରେରଣ କରି ନନ୍ଦ ଉଲ୍ଲେଖ କରିଛନ୍ତି ଯେ ହିନ୍ଦୋଳ ବ୍ଲକ ଚାରି ଦଶନ୍ଧି ପୂର୍ବରୁ ଉପଖଣ୍ଡ ମାନ୍ୟତା ପାଇଥିବାବେଳେ ଗନ୍ଦିଆ ବ୍ଲକ ବର୍ତ୍ତମାନ ସମସ୍ତ ପ୍ରଶାସନିକ ମାନଦଣ୍ଡ ପୂରଣ କରୁଛି। ଏହାକୁ ଉପଖଣ୍ଡ ମାନ୍ୟତା ଦିଆଯିବା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦୃଢ଼ ଦାବି ଜଣାଉଛି। ଗନ୍ଦିଆ ଅଞ୍ଚଳ ଐତିହ୍ୟ, ଧାର୍ମିକ ଓ ପ୍ରଶାସନିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଛି। ଏଠାରେ ରାଜ୍ୟର ପ୍ରସିଦ୍ଧ କପିଳାସ ଶୈବପୀଠ ଓ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମହିମା ପୀଠ ଅବସ୍ଥିତ ଥିବାରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଭକ୍ତ ଓ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ସମ୍ପ୍ରତି ରାଜ୍ୟ ସରକାର ଗନ୍ଦିଆ ଅଞ୍ଚଳର ଦୁଇଟି ଗ୍ରାମ ପଞ୍ଚାୟତକୁ ଏନ୍‌ଏସି ମର୍ଯ୍ୟାଦା ପ୍ରଦାନ କରିଥିବାରୁ ଏହି ଅଞ୍ଚଳର ଦ୍ରୁତ ସହରୀକରଣ ଓ ପ୍ରଶାସନିକ ଆବଶ୍ୟକତା ସ୍ପଷ୍ଟ ହେଉଛି। ତୁଳନାତ୍ମକ ଭାବେ ହିନ୍ଦୋଳ ଉପଖଣ୍ଡରେ କେବଳ ଗୋଟିଏ ବ୍ଲକ ଓ ଗୋଟିଏ ଏନ୍‌ଏସି ରହିଛି। ଗନ୍ଦିଆ ବ୍ଲକରେ ବର୍ତ୍ତମାନ ଦୁଇଟି ଥାନା କାର୍ଯ୍ୟରତ ଥିବା ସହ ଯୋରନ୍ଦା ଫାଣ୍ଡିକୁ ଶୀଘ୍ର ଥାନାରେ ଉନ୍ନୀତ କରାଯିବାକୁ ଯାଉଛି। ଆବଶ୍ୟକ ସଂଖ୍ୟକ ରାଜସ୍ୱ ସର୍କଲ ମଧ୍ୟ ଏଠାରେ କାର୍ଯ୍ୟରତ ଅଛି। ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ପରେ ଢେଙ୍କାନାଳ ସଦର ବ୍ଲକର ପ୍ରାୟ ୯ ଟି ପଞ୍ଚାୟତ କାମାକ୍ଷାନଗର ବିଧାନସଭା କ୍ଷେତ୍ରରେ ମିଶିଥିଲା ଯେଉଁମାନେ ଭୌଗୋଳିକ ଓ ସାମାଜିକ ଭାବେ ଗନ୍ଦିଆ ଅଞ୍ଚଳ ସହ ସମ୍ପୃକ୍ତ ଅଟେ। ତେଣୁ ଗନ୍ଦିଆକୁ ଉପଖଣ୍ଡ ମର୍ଯ୍ୟାଦା ଦିଆଯାଇ ପାରିଲେ ସାଧାରଣ ଲୋକେ ଉତ୍ତମ ପ୍ରଶାସନିକ ସେବା ପାଇପାରିବେ। ରାଜ୍ୟ ସରକାର ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗନ୍ଦିଆକୁ ଉପଖଣ୍ଡ ଘୋଷଣା କରିବା ଦିଗରେ ସକାରାତ୍ମକ ପଦକ୍ଷେପ ନେବେ ବୋଲି ପୂର୍ବତନ ବିଧାୟକ ଆଶାପୋଷଣ କରିଛନ୍ତି।

## ସୁରପ୍ରତାପପୁରରେ ଜନଆକ୍ରୋସ ଶୋଭାଯାତ୍ରା




ଭୁବନ,୧୧।୫(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ବାରୁଆଁ (ଖ) ମଣ୍ଡଳ ପକ୍ଷରୁ ସୁରପ୍ରତାପପୁରରେ ମହିଳା ଜନଆକ୍ରୋସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇ ସମ୍ବୋଧିତ କରିଥିଲେ। ମହିଳା ସଶକ୍ତୀକରଣ ଓ ସେମାନଙ୍କ ଅଧିକାର ପାଇଁ କେନ୍ଦ୍ର ସରକାର ସର୍ବଦା ପ୍ରତିବଦ୍ଧ। ସରକାର ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ବିଲ୍ ଆଣି ଦେଶର ମହିଳାମାନଙ୍କୁ ନୂତନ ଶକ୍ତି ଦେବାର କାମ କରିଥିଲା। କିନ୍ତୁ ବିରୋଧୀମାନେ ଏହାକୁ ପାର୍ଲାମେଣ୍ଟରେ ବିରୋଧ କରିବାରୁ ବିଲ୍ ଖାଇଲା ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସୁରପ୍ରତାପପୁର ସରପଞ୍ଚ ସୋନି ସାମଲ, ଜିଲ୍ଲା ପରିଷଦ ସଭ୍ୟା ଶିଳାରାଣୀ ସାହୁ, ପ୍ରଭାରୀ ଜଗବନ୍ଧୁ ପୃଷ୍ଟି, ସଞ୍ଜୟ ଦାସ, ବୀରେନ୍ଦ୍ର ପ୍ରତାପ ଜେନାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ବୀଣାପାଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବୁଲେଟ ଧକ୍କାରେ ସାଇକଲ ଆରୋହୀ ଗୁରୁତର

ପରଜଙ୍ଗ,୧୧।୫(ସମିସ): ପରଜଙ୍ଗ ଥାନା କଲଦା ପଞ୍ଚାୟତ ଓ ସିଙ୍ଗଡ଼ା ନୂଆସାହି ରାସ୍ତାରେ ବୁଲେଟ ଧକ୍କାରେ ଜଣେ ସାଇକଲ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସିଙ୍ଗଡ଼ା ପୁରୁଣା ଗାଁର ପ୍ରମୋଦ ନାଏକ (୫୫)। ସୋମବାର ସନ୍ଧ୍ୟାରେ ପ୍ରମୋଦ କୌଣସି କାମରେ ଛକକୁ ଆସି ଘରକୁ ଫେରୁଥିବା ବାଟରେ ଏକ ବୁଲେଟ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ପୁଲିସ ବାଇକ୍ ଜବତ କରି ତଦନ୍ତ ଚଳାଇଛି।

■ ମାଟି ଚୋରା ଚାଲାଣର ହବ୍ ପାଲଟିଛି ପରମହଂସପୁର

## ଅନୁମତିଠାରୁ ଅଧିକ ଲଘୁ ଖଣିଜ ଦ୍ରବ୍ୟ ଲୁଟ୍

ପରଜଙ୍ଗ,୧୧।୫(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ କୁଆଲୋ ମୌଜା ପରମହଂସପୁର ଅଞ୍ଚଳ ଚୋରା ମାଟି ଚାଲାଣର ହବ୍ ପାଲଟିଛି। ତେବେ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବାରୁ ସରକାରର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଥିବା ବେଳେ ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି।



ତାଳଚେର ଅଞ୍ଚଳରେ ଏକ କାରଖାନା ନିର୍ମାଣ ପାଇଁ ଲକ୍ଷାଧିକ ଘନଫୁଟ ମାଟି ଆବଶ୍ୟକ ଥିବା ବେଳେ କିଛି ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଧରି କିଛିଠିକା ସଂସ୍ଥା ପରମହଂସପୁର ଗ୍ରାମର ସରକାରୀ ଜମି ଓ ଗ୍ରାମ ପୋଖରୀଗୁଡ଼ିକରୁ ମାଟି ଉତ୍ତୋଳନ ନିମନ୍ତେ ଖଣି ବିଭାଗ ପାଖରେ ଆବେଦନ କରିଥିଲା। ବିଭାଗ ପକ୍ଷରୁ ୩-୪ ହଜାର ଘନଫୁଟ ଖନନ ପାଇଁ ଅସ୍ଥାୟୀ ଅନୁମତି ଆଣି ବହୁଳ ପରିମାଣରେ ମାଟି ସାଙ୍ଗକୁ ମୋରମ ଚାଲାଣ କରାଯାଇଛି। ଏଥିପ୍ରତି ଜିଲ୍ଲା ଖଣି ବିଭାଗ, ରାଜସ୍ୱ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ହିନ୍ଦୋଳ ବ୍ଲକ ଅଙ୍ଗନବାଡ଼ି କେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥା

# ଦୁଇ ଗୋଷ୍ଠୀକୁ ୧୫ ବର୍ଷଧରି ଛତୁଆ ବଣ୍ଟନ ଦାୟିତ୍ୱ

ହିନ୍ଦୋଳ,୧୧।୫(ସମିସ):



ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଅଙ୍ଗନବାଡ଼ି କେନ୍ଦ୍ରରେ ଘୋର ଅବବ୍ୟସ୍ଥା ଦେଖିବାକୁ ମିଳିଛି। କୋମଳମତି ଶିଶୁଙ୍କ ପାଇଁ ମୌଳିକ ସୁବିଧା ନ ଥିବା ବେଳେ ଗୁଣାତ୍ମକ ଶିକ୍ଷା ତ ଦୂର କଥା କେନ୍ଦ୍ରରେ ୫ ଜଣ ପିଲା ଉପସ୍ଥିତ ଥିଲେ ଅଧିକ ଉପସ୍ଥାନ ଦର୍ଶାଇ ଖାଦ୍ୟ ହରିଲୁଟ ହେଉଛି। ଦୀର୍ଘ ୧୫ ବର୍ଷ ହେବ ନିର୍ଦ୍ଦିଷ୍ଟ ୨ ଗୋଷ୍ଠୀକୁ ଛତୁଆ ବଣ୍ଟନ ଦାୟିତ ପ୍ରଦାନ କରାଯାଇଥିବାରୁ ସେମାନେ ମନମାନି କରୁଛନ୍ତି। ପିଲାଙ୍କ ପାଇଁ ନିମ୍ନମାନର ଛତୁଆ ପ୍ରସ୍ତୁତ କରୁଛନ୍ତି। ହିତାଧିକାରୀ ଏହି ଛତୁଆ ନେଇ ଗୋରୁଙ୍କୁ ପ୍ରଦାନ କରୁଥିବା ଅଭିଯୋଗ ହେଉଛି।

ହିନ୍ଦୋଳ ଉପଖଣ୍ଡ ସମନ୍ୱିତ ଶିଶୁବିକାଶ ବିଭାଗ ଅଧୀନରେ ୪୧୬ଟି ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ତେବେ ୧୫ ବର୍ଷ ଧରି ୨ଟି ଗୋଷ୍ଠୀ ଦ୍ୱାରା ଛତୁଆ ବଣ୍ଟନ କରାଯାଉଛି। ଏହି ଛତୁଆ ଅତ୍ୟନ୍ତ ନିମ୍ନମାନର ହୋଇଥିବା ପଞ୍ଚାୟତ ସମିତି ଓ ଜିଲ୍ଲାପରିଷଦ ବୈଠକରେ ଜନପ୍ରତିନିଧି ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଚଳିତ ବର୍ଷ ମାର୍ଚ୍ଚରେ ରିନ୍ୟୁଆଲ ବେଳେ ନୂତନ ଗୋଷ୍ଠୀଙ୍କ ଦ୍ୱାରା ଛତୁଆ ବଣ୍ଟନ କରାଯିବ ବୋଲି ଉଭୟ ବୈଠକରେ ରିଜୋଲ୍ୟୁସନ ମଧ୍ୟ ହୋଇଥିଲା। କିନ୍ତୁ ଏବେ ବି ସମ୍ପୃକ୍ତ ଦୁଇ ଗୋଷ୍ଠୀ ଦ୍ୱାରା ଛତୁଆ ବଣ୍ଟନ କରାଯାଉଛି। ଛତୁଆ ଏତେ ନିମ୍ନମାନର ଯେ ଲୋକେ ତାହାକୁ ଗୋରୁ କୁଣ୍ଡରେ ପକାଉଛନ୍ତି। ସେହିପରି ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଶିଶୁମାନଙ୍କ ପାଇଁ ଆବଶ୍ୟକ ସୁବିଧା ନାହିଁ। ଗୁଣାତ୍ମକ ଶିକ୍ଷା ମଧ୍ୟ ମିଳୁନାହିଁ। ଏଥିପାଇଁ ଅନେକ କେନ୍ଦ୍ରକୁ ପିଲାମାନେ ନିୟମିତ ଆସୁନାହାନ୍ତି। ଅନ୍ୟପଟେ କେନ୍ଦ୍ରକୁ ୫ ଜଣ ପିଲା ଆସିଲେ ତାହାକୁ କାଗଜକଲମରେ ୧୫ ଦର୍ଶାଯାଉଛି। ନିୟମିତ ଶିଶୁମାନଙ୍କୁ ରନ୍ଧାଖାଦ୍ୟ ମଧ୍ୟ ଦିଆଯାଉ ନ ଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ଖାଦ୍ୟର ଗୁଣବତ୍ତା ଅତ୍ୟନ୍ତ ନିମ୍ନମାନର ରହୁଥିବା ବେଳେ ଶିକ୍ଷା କାର୍ଯ୍ୟକ୍ରମ ପ୍ରାୟ ଅଚଳ ହୋଇପଡ଼ିଛି। ଏହାକୁ ନେଇ ଜିଲ୍ଲା ଓ ବ୍ଲକ ପ୍ରଶାସନର ଉଦାସୀନତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

କେନ୍ଦ୍ରଗୁଡ଼ିକରେ ଗରିବ ଓ ଅବହେଳିତ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ସହ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାରଙ୍କର ଏହା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କିନ୍ତୁ ହିନ୍ଦୋଳ ବ୍ଲକର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ନିୟମିତ ତଦାରଖ ଅଭାବ ତଥା ଆବଶ୍ୟକ ଭିତ୍ତିଭୂମି

**ନିମ୍ନମାନର ଛତୁଆ ଗୋଖାଦ୍ୟ ପାଲଟିଛି**

ନ ଥିବାରୁ ସରକାରଙ୍କ ଯୋଜନାର ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ। ଅନେକ ସ୍ଥାନରେ ଅଙ୍ଗନବାଡ଼ି କର୍ମୀମାନେ କେନ୍ଦ୍ରକୁ ଆସୁ ନ ଥିବା ବେଳେ କେବଳ ହେଲପର କେନ୍ଦ୍ରଗୁଡ଼ିକ ଚଳାଉଛନ୍ତି। ବିଭିନ୍ନ ଗ୍ରାମର ୧୧ ବର୍ଷରୁ ୧୮ ବର୍ଷୀୟ କିଶୋରୀ ବାଳିକାମାନଙ୍କୁ ମାସିକ ୧୬ଟି ଅଣ୍ଡା ଓ ଛତୁଆ ଯୋଗାଇଦେବା ପାଇଁ ସରକାରୀ ନିୟମ ରହିଛି। କିନ୍ତୁ ଅଧିକାଂଶ କେନ୍ଦ୍ର ପକ୍ଷରୁ ସେମାନଙ୍କୁ ଅଣ୍ଡା, ଛତୁଆ ଦିଆଯାଉ ନ ଥିବା ବେଳେ କିଛି କେନ୍ଦ୍ରରେ ମାସିକ ୧୦ଟି ଅଣ୍ଡା ଯୋଗାଇ ଦିଆଯାଉଛି। ଏ ସମ୍ପର୍କରେ ଗତ ସମିତି ବୈଠକରେ ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲାପରିଷଦ ସଭ୍ୟମାନେ ଅଭିଯୋଗ କରିଥିଲେ। ହେଲେ କାର୍ଯ୍ୟାନୁଷ୍ଠାନ ତ ଦୂର କଥା ଅଭିଯୋଗର ତଦନ୍ତ ମଧ୍ୟ ହୋଇପାରିଲା ନାହିଁ। ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଅବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଅଭିଭାବକମାନେ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଏ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ଏହାକୁ ଗମ୍ଭୀରତାର ସହ ନେଇ ଶୀଘ୍ର ସମାଧାନ କରିବା ସହିତ ଦୁର୍ନୀତିରେ ଲିପ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଜୋର ଧରିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସିଡିପିଓ ବିଦ୍ୟୁତପ୍ରଭା ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ କିଛି ଜାଣି ନ ଥିବା କହିଛନ୍ତି।

ବିଦ୍ୟୁତ ତାର ଚୋରି

## ୫ ଉଠା ଜଳସେଚନ ପଏଣ୍ଟ ଅକାମି

ଭୁବନ,୧୧।୫(ସମିସ): ଚାଷୀଙ୍କ ଜମିକୁ ଜଳସେଚନ ସୁବିଧା ଯୋଗାଇବା ପାଇଁ ୫ ବର୍ଷ ପୂର୍ବେ ଉଠାଜଳସେଚନ ବିଭାଗ ପକ୍ଷରୁ ଅଞ୍ଚଳର ସମସ୍ତ ଉଠାଜଳସେଚନ ପଏଣ୍ଟଗୁଡ଼ିକୁ ପୁନରୁଦ୍ଧାର କରାଯାଇଥିଲା। ଘରୋଇ ବିଦ୍ୟୁତ ସଂଯୋଗରୁ ଅଲଗା କରାଯାଇ ସ୍ୱତନ୍ତ୍ର ବିଦ୍ୟୁତ ସଂଯୋଗ ମଧ୍ୟ ଦିଆଯାଇଥିଲା। ହେଲେ ଏହି ସୁବିଧା ଚାଷୀମାନଙ୍କୁ ଅଧିକ ଦିନ ସେବା ଦେଇପାରିଲା ନାହିଁ। ଜାତୀୟ ରାଜପଥ ୫୩ର ଦୟଣାବିଲ ଛକରୁ ନାଳକୂଳକୁ ଯାଇଥିବା ସ୍ୱତନ୍ତ୍ର ବିଦ୍ୟୁତ ଖୁଣ୍ଟରୁ ତାର ଚୋରି ହୋଇଯାଇଥିଲା। ଫଳରେ ସେବେଠାରୁ ପ୍ରାୟ ୪ ବର୍ଷ ହେଲାଣି ୫ଟି ଉଠାଜଳସେଚନ ପଏଣ୍ଟ ଅକାମି ହୋଇପଡ଼ିଛି।

ରାଇବୋଲ ଓ ଦୟଣାବିଲ ପଞ୍ଚାୟତ ଦେଇ ପ୍ରବାହିତ କୋରେଇଜୋର ନାଳ ଏହି ଅଞ୍ଚଳର ଚାଷୀଙ୍କ ପାଇଁ ମୁଖ୍ୟ ଜଳ ଉତ୍ସ। ମଠନୂଆଗାଁ ଓ ବମୁଆଁ ଅଞ୍ଚଳର ପ୍ରାୟ ୨୪୦ ଏକର ଜମିକୁ ଜଳସେଚନ ସୁବିଧା ଯୋଗାଇବା ପାଇଁ ୫ଟି ଉଠାଜଳସେଚନ ପଏଣ୍ଟ ସ୍ଥାପନ କରାଯାଇଥିଲା। ବମୁଆଁରେ ଭାଗ୍ୟଧର ରାଉତଙ୍କ ନେତୃତ୍ୱରେ ଗୋଟିଏ ପଏଣ୍ଟ ଥିବାବେଳେ, ମଠନୂଆଗାଁରେ ଆର୍ତ୍ତବନ୍ଧୁ ସାମଲ ଓ ଅଁଳା ମୌଜାରେ ୧ ନମ୍ବର ଗଙ୍ଗାଧର ସାମଲ, ୨ ନମ୍ବର ଗୁଣ୍ଡୁରୀ ପାତ୍ର ଏବଂ ୩ ନମ୍ବର ଅନ୍ତର୍ଯ୍ୟାମୀ ସାମଲଙ୍କ ନେତୃତ୍ୱରେ ପଏଣ୍ଟ ସ୍ଥାପିତ ହୋଇଥିଲା। ନାଳର ପଶ୍ଚିମ ଭାଗରେ ୩ଟି ଓ ପୂର୍ବ ଭାଗରେ ୨ଟି ପଏଣ୍ଟ ରହିଛି। ତାର ଚୋରି ପରେ ଘରୋଇ ଟ୍ରାନ୍ସଫର୍ମରରୁ ବିଦ୍ୟୁତ ସଂଯୋଗ ନେଇ ମଠନୂଆଗାଁରେ ଆର୍ତ୍ତବନ୍ଧୁ ସାମଲଙ୍କ ପଏଣ୍ଟ କଷ୍ଟେ ମଷ୍ଟେ ଚାଲୁ ରହିଛି। ଅଁଳା ମୌଜାରେ ଗଙ୍ଗାଧର ସାମଲଙ୍କ ନେତୃତ୍ୱାଧୀନ ପଏଣ୍ଟ ମଧ୍ୟ କିଛିଦିନ ଚାଲୁଥିଲା। କିନ୍ତୁ ଗତ ମାସରେ ଅଁଳା ପଏଣ୍ଟର ଟ୍ରାନ୍ସଫର୍ମର ପୋଡ଼ିଯାଇଥିବାରୁ ତାହା ମଧ୍ୟ ଅଚଳ ହୋଇପଡ଼ିଛି। ଚାଷୀମାନେ ୨୦୦୮ରୁ ଏଠାରେ ଉନ୍ନତ ପଦ୍ଧତିରେ ଦୁଇ ଫସଲି ଚାଷ କରୁଛନ୍ତି। ଖରିଫ ଋତୁରେ ଧାନ ଓ ରବି ଋତୁରେ ମୁଗ, ବିରି ସହ ପନିପରିବା ଚାଷ କରାଯାଉଛି। ପଏଣ୍ଟ ଅଚଳ ହୋଇଯାଇଥିବାରୁ ଅଞ୍ଚଳର ଚାଷୀମାନେ ଅଧିକ ଟଙ୍କା ଖର୍ଚ୍ଚ କରି ଚାଷକାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ସରକାର ଯଦି ଏହି ପଏଣ୍ଟଗୁଡ଼ିକରେ ପୁନଃ ବିଦ୍ୟୁତ ସଂଯୋଗ କରାଇ ସଚଳ କରନ୍ତି, ତେବେ ଚାଷୀମାନଙ୍କ ମୁହଁରେ ହସ ଫୁଟିବ ବୋଲି ଚାଷୀ ନେତା ଯାଜ୍ଞସେନ ଖିଲାର ପ୍ରକାଶ କରିଛନ୍ତି।

## ଭୁବନ ଅଞ୍ଚଳରେ ଗୋରୁ ମାଫିଆ ସକ୍ରିୟ

● ଭିଡିଓ ଭାଇରାଲ

ଭୁବନ,୧୧।୫(ସମିସ): ଭୁବନ ଅଞ୍ଚଳରେ ଗୋରୁ ମାଫିଆ ସକ୍ରିୟ ଥିବା ଅଭିଯୋଗ ଆସିଛି। ବିଳମ୍ବିତ ରାତିରେ ଏକ ସ୍କର୍ପିଓ ଗାଡ଼ିରେ ଗାଇକୁ ଉଠାଇ ନେଇଯାଇଥିବା ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହି ଘଟଣା ଭୁବନ ଷ୍ଟେଟବ୍ୟାଙ୍କ ଶାଖା ସମ୍ମୁଖରେ ଘଟିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ଏକ ଧଳା ରଙ୍ଗର ମହିନ୍ଦ୍ରା ସ୍କର୍ପିଓ ଗାଡ଼ିରେ ଆସିଥିବା ଦୁଇ ଦୁର୍ବୃତ୍ତ ଷ୍ଟେଟବ୍ୟାଙ୍କ ସମ୍ମୁଖରେ ଶୋଇଥିବା ଏକ ଗାଇକୁ ଜୋର ଜବରଦସ୍ତ ଗାଡ଼ି ପଛପଟେ ଭର୍ତ୍ତି କରି ସେଠାରୁ ନେଇଯାଇଥିଲେ। ଘଟଣା ସମୟର ଭିଡିଓ କେହିଜଣେ ମୋବାଇଲରେ ରେକର୍ଡ କରିଥିବା ବେଳେ ତାହା ବର୍ତ୍ତମାନ ଭାଇରାଲ ହେଉଛି। ଭୁବନ ଅଞ୍ଚଳରେ ଏପରି ଘଟଣା ପ୍ରଥମ ଥର ପାଇଁ ସାମ୍ନାକୁ ଆସିଥିବାରୁ ସ୍ଥାନୀୟ ଲୋକଙ୍କ ମନରେ ଭୟ ଓ ଅସନ୍ତୋଷ ଦେଖାଦେଇଛି। ସେପଟେ ଗୋରୁ ମାଫିଆଙ୍କ ବିରୋଧରେ ପୁଲିସର କୋହଳ ମନୋଭାବକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

## ହିନ୍ଦୋଳରେ ଶିକ୍ଷା କ୍ଷେତ୍ରରେ ଚରମ ଅବହେଳା

ଖଜୁରିଆକଟା,୧୧।୫(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଶିକ୍ଷା କ୍ଷେତ୍ରରେ ଚରମ ଅବହେଳାରୁ ସାମ୍ନାକୁ ଆସିଛି। ସାରା ରାଜ୍ୟରେ ପର୍ଯ୍ୟାୟକ୍ରମେ ଉଚ୍ଚବିଦ୍ୟାଳୟଗୁଡ଼ିକୁ ୫-ଟିରେ ରୂପାନ୍ତରିତ କରାଯାଇ ଚକାଚକ୍ କରାଯାଉଛି। କିନ୍ତୁ ପ୍ରକୃତରେ ସେହି ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଅଭାବ କାରଣରୁ ପାଠପଢ଼ାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଯାହାର ଜ୍ୱଳନ୍ତ ଉଦାହରଣ ହିନ୍ଦୋଳ ହାଇସ୍କୁଲ ଏବଂ ଗଣ୍ଡାନାଳୀ ପଞ୍ଚାୟତ ଶ୍ରୀଜଗନ୍ନାଥ ବିଦ୍ୟାପୀଠରେ ଦେଖିବାକୁ ମିଳିଛି। ହିନ୍ଦୋଳ ହାଇସ୍କୁଲରେ ପ୍ରଧାନଶିକ୍ଷକ ନ ଥିବା ବେଳେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବାରୁ ଶିକ୍ଷାଦାନ ବ୍ୟାହତ ହେଉଛି। ଶ୍ରୀଜଗନ୍ନାଥ ବିଦ୍ୟାପୀଠରେ ଇତିମଧ୍ୟରେ ୬ ଶିକ୍ଷକ ଅବସର ନେଇସାରିଥିବା ବେଳେ ତାଙ୍କ ସ୍ଥାନରେ କାହାକୁ ନିଯୁକ୍ତି ଦିଆଯାଇନାହିଁ। ଆଉ ବର୍ଷକ ମଧ୍ୟରେ ଅନ୍ୟ ୨ ଶିକ୍ଷକଙ୍କ କାର୍ଯ୍ୟକାଳ ମଧ୍ୟ ଶେଷ ହେବାକୁ ଯାଉଛି। ସମସ୍ତ ଶିକ୍ଷକ ଅବସର ନେବାପରେ ୫-ଟିରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚକରି ରୂପାନ୍ତର କରାଯାଇଥିବା ଏହି ବିଦ୍ୟାଳୟ ଭୂତକୋଠିରେ ପରିଣତ ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ସୂଚନାଯୋଗ୍ୟ ଯେ ଏହି ଉଚ୍ଚବିଦ୍ୟାଳୟ ସରକାରଙ୍କ ବ୍ଲକ୍ ଗ୍ରାଣ୍ଟରେ ଯାଉଛି। ସରକାର ଏହାକୁ ଗୁରୁତ୍ୱ ଦେଇ ଶିକ୍ଷକ ନିଯୁକ୍ତି କରିବାକୁ ସାଧାରଣରେ ଦାବି ହେଉଛି।

■ ଆକ୍ସନ ମୁଡ୍‌ରେ ପରଜଙ୍ଗ ପୁଲିସ

## ବିଭିନ୍ନ ସ୍ଥାନରେ ଚଢ଼ଉ, ଜରିମାନା ଆଦାୟ

ପରଜଙ୍ଗ,୧୧।୫(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନାରେ ନୂତନ ଭାବେ ଯୋଗଦେଇଥିବା ଥାନାଧିକାରୀ ସୁବ୍ରତ କୁମାର ସାହୁ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଏକ ଦଳ ଗଠନ କରି ବିଭିନ୍ନ ସ୍ଥାନରେ ଚାଲିଥିବା ବେଆଇନ କାର୍ଯ୍ୟସ୍ଥଳୀରେ ଅଚାନକ ଚଢ଼ଉ ଆରମ୍ଭ କରିଛନ୍ତି। ମଦ୍ୟପଙ୍କ ଆଡ୍ଡାସ୍ଥଳ, ରାସ୍ତା ଉପରେ ବେଆଇନ ପାର୍କିଂ, ମଦ୍ୟପ ଗାଡ଼ି ଚାଳକ, ବିନା କାଗଜପତ୍ର ଗାଡ଼ି, ହେଲେମେଟ ଆଦି ଧରପଗଡ଼ ଆରମ୍ଭ କରିଛନ୍ତି।

ପରଜଙ୍ଗ ଥାନାଠାରୁ ଅଳ୍ପ ଦୂର ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଥିବା ଖଣ୍ଡିଆବନ୍ଧ ପୋଖରୀ ହୁଡ଼ାରେ ନିର୍ମାଣ ହୋଇଥିବା ଶୁଦ୍ଧିକ୍ରିୟା ଆଶ୍ରୟ ସ୍ଥଳ ଗୃହ ଓ ନିକଟରେ ଥିବା ପରଜଙ୍ଗ ଗ୍ରାମର ପୁରୁଣା ଗୋରୁହାଟ ପଡ଼ିଆରେ ଦୀର୍ଘଦିନରୁ ସନ୍ଧ୍ୟା ହେଲେ ମଦ୍ୟପଙ୍କ ଆଡ୍ଡା ଜମି ଆସୁଥିଲା। ଏମିତିକି ମଦ୍ୟପାନ ପରେ ବିଭିନ୍ନ ସମୟର ଗଣ୍ଡଗୋଳ, ରାସ୍ତାରେ ଯାଉଥିବା ଲୋକଙ୍କୁ ଦୁର୍ବ୍ୟବହାର, ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇ ଦୁର୍ଘଟଣା ଘଟାଇବା, ଚୋରି ରାହାଜାନି ପାଇଁ ସେଠାରେ ବସି ବ୍ଲୁପ୍ରିଣ୍ଟ କରାଯାଉଥିବା ପୁଲିସ ଜାଣିବାକୁ ପାଇଥିଲା। ରବିବାର ରାତିରେ ଥାନାଧିକାରୀଙ୍କ ସମେତ ଦୁଇଟି ଦଳ ସେଠାରେ ଚଢ଼ଉ କରିଥିଲେ। ତେବେ ଅନ୍ଧାରର ସୁଯୋଗ ନେଇ ମଦ୍ୟପମାନେ ଛତ୍ରଭଙ୍ଗ ଦେଇଥିଲେ। ପୁଲିସ ସେଠାରୁ ବିଭିନ୍ନ ବ୍ରାଣ୍ଡର ଅଧା ପିଆ ମଦ ସହ ବିଭିନ୍ନ ସାମଗ୍ରୀ ନଷ୍ଟ କରିଥିଲା। ଦୁଇ ମଦ୍ୟପ ଚାଳକଙ୍କୁ ଗିରଫ କରିବା ସହ ଦୁଇଟି ବାଇକ୍ ଜବତ କରାଯାଇଛି। ସେହିପରି ଏକ ବୋଲେରୋ ଗାଡ଼ି ଜବତ କରିବା ସହ ମଦ ପିଇଥିବା ଚାଳକଙ୍କୁ ଗିରଫ ପରେ ଜାମିନରେ ଛଡ଼ାଯାଇଛି। ଏଥିସହ ବିଭିନ୍ନ ସ୍ଥାନରେ ଗାଡ଼ି କାଗଜପତ୍ର, ହେଲମେଟ ଇତ୍ୟାଦି ଯାଞ୍ଚ କରି ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଫାଇନ କରାଯାଇଛି। ଚଢ଼ଉରେ ଥାନାଧିକାରୀ ସୁବ୍ରତ କୁମାର ବେହେରା, ଏଏସଆଇ କଳ୍ପନା ପଟ୍ଟନାୟକ, ଜଳନ୍ଧର ବାରିକଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ। ଆଗକୁ ଚଢ଼ଉ ସହ ଯାଞ୍ଚ ଜାରି ରହିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

## ପଡ଼ା ଗ୍ରାମରେ ଅଗ୍ନିକାଣ୍ଡ: ୨ ବଖରା ପାଉଁଶ

ଖଜୁରିଆକଟା,୧୧।୫(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ପଡ଼ା ଗ୍ରାମରେ ସୋମବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ଭସ୍ମୀଭୂତ ହୋଇଛି। ଗ୍ରାମର ଗିରୀଶ ନାହାକଙ୍କ ଘରେ କୌଣସି କାରଣରୁ ନିଆ ଲାଗିଥିଲା। ତାଙ୍କର ଦୁଇ ବଖରା ଘର ସହ ସମସ୍ତ



ଆସବାବପତ୍ର, ଖାଦ୍ୟ ସାମଗ୍ରୀ ସବୁକିଛି ପୋଡ଼ିଯାଇଛି। ଖଜୁରିଆକଟା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ହିନ୍ଦୋଳ ତହସିଲଦାର ଦିଲୀପ କୁମାର ସେଠୀଙ୍କୁ ଫୋନ କରି ବିପନ୍ନ ପରିବାରକୁ ସମସ୍ତ ସରକାରୀ ସାହାଯତା ଯୋଗାଇଦେବାକୁ ଆଲୋଚନା କରିଥିଲେ। ମଣ୍ଡଳ ସଭାପତି ସୁଜିତ ଜେନା ଓ କିଛି କର୍ମକର୍ତ୍ତା ରାଜସ୍ୱ ନିରୀକ୍ଷକଙ୍କ ସହ କ୍ଷତିଗ୍ରସ୍ତ ପରିବାର ଭେଟିଛନ୍ତି। ସରକାରଙ୍କ ପକ୍ଷରୁ ଏକ ଜରିପାଲ ଯୋଗାଇ ଦିଆଯାଇଛି। ଖୁବଶୀଘ୍ର ଅନ୍ୟ ସମସ୍ତ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦିଆଯାଇଛି।

## ଶ୍ରୀରାମଚନ୍ଦ୍ରପୁର ଆଞ୍ଚଳିକ ବାଦୀପାଲା ଉଦଘାଟିତ

ଗଁଦିଆ,୧୧।୫(ସମିସ):



ଢେଙ୍କାନାଳ ଜିଲ୍ଲା ଗଁଦିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ଆଞ୍ଚଳିକ ବାଦପାଲା ମଞ୍ଚର ୩୬ତମ ବାର୍ଷିକ ଉତ୍ସବ ଉଦଘାଟିତ ହୋଇଛି। ଅନୁଷ୍ଠାନର ସଭାପତି ବିଜୟ କୁମାର ମିଶ୍ର ଏହାକୁ ଉଦଘାଟନ କରିଛନ୍ତି। ମୁଖ୍ୟଅତିଥି ଭାବେ ଯୁବ ସମାଜସେବୀ ତଥା ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ଭାଇ ସତ୍ୟବାନ ପାତ୍ର ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ବିଦ୍ୟାଧର ସାହୁ, କୋଷାଧକ୍ଷ ନିତ୍ୟାନନ୍ଦ ପାତ୍ର, କାର୍ଯ୍ୟକାରୀ ସଦସ୍ୟ ଶେଷଦେବ ମହାପାତ୍ର, କର୍ତ୍ତା ଶତ୍ରୁଘ୍ନ ମିଶ୍ର, ଅଧାପକ ବିକାଶ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୋରୁହଖୋଜ ଆଞ୍ଚଳିକ ବାଦ ପାଲା ମଞ୍ଚ ସମ୍ପାଦକ ସୁବ୍ରତ କୁମାର ସାହୁ, ଗଁଦିଆ ସ୍ମୃତି ସଂସଦ ଉପସଭାପତି ଡମ୍ବରୁଧର ସେଠୀ, ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ଉପଦେଷ୍ଟା ବୁଦ୍ଧଦେବ ପ୍ରଧାନ, ଶିକ୍ଷକ ଅଭୟ ଚରଣ ପାଣିଗ୍ରାହୀଙ୍କ ସହ ସମସ୍ତ ଆଞ୍ଚଳିକ ବାଦପାଲା ମଞ୍ଚର କର୍ମକର୍ତ୍ତା ଓ ସଦସ୍ୟ ଯୋଗଦେଇଥିଲେ। ଶିକ୍ଷାବିତ୍ ତଥା ପରିବେଶବିତ୍ ପ୍ରକୃତିବନ୍ଧୁ ହରିହର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମହାକବି କାଳିଦାସଙ୍କ ରଚିତ ରଘୁବଂଶମ କାବ୍ୟକୁ ସୁନାମଧନ୍ୟ ଗାୟକ ବେଦବିଶାରଦ ପଣ୍ଡିତ ରମେଶ ଚନ୍ଦ୍ର ପଣ୍ଡା ଓ ଗାୟକ ସୂର୍ଯ୍ୟ ପର୍ଶୁରାମ ପଣ୍ଡା ପରିବେଷଣ କରିଥିଲେ। ଏହି ବାଦପାଲା ଆସନ୍ତା ୧୪ ତାରିଖ ରଜନୀରେ ବଢ଼ିବ ବୋଲି ଅନୁଷ୍ଠାନ ତରଫରୁ ସୂଚନା ଦିଆଯାଇଛି। ଉଦଯାପନୀ ଉତ୍ସବରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଗାୟକଙ୍କୁ ସମ୍ବର୍ଦ୍ଧିତ କରିବେ ବୋଲି କୁହାଯାଇଛି।

## କାମାକ୍ଷାନଗର ବ୍ଲକରେ ଜନଶୁଣାଣି



କାମାକ୍ଷାନଗର,୧୧।୫(ସମିସ): କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମୁଦାୟ ୪୧ଟି ଅଭିଯୋଗ ଆସିଥିଲା। ବ୍ଲକର ବିଭିନ୍ନ ଅଞ୍ଚଳରୁ ଲୋକମାନେ ଅଭିଯୋଗ କରିଥିଲେ। ଏସପି ଅଭିନବ ସୋନକର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, କାମାକ୍ଷାନଗର ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତିଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



# ଭାରତକୁ ପୁଣି ଧମକାଇଲେ ପାକିସ୍ତାନ ସେନା ମୁଖ୍ୟ

ଇସଲାମାବାଦ, ୧୧।୫(ଏଜେନ୍ସି): ଭାରତର ଅପରେସନ୍ ସିନ୍ଦୂରରେ ପାକିସ୍ତାନୀ ସେନା ପରାସ୍ତ ହେବାର ବର୍ଷେ ପରେ ପାକିସ୍ତାନ ସେନାମୁଖ୍ୟ ତଥା ଫିଲ୍ଡ ମାର୍ଶଲ ଆସିମ ମୁନିର ପୁଣି ଥରେ ଭାରତ ବିରୋଧରେ ଉତ୍ତେଜନାପୂର୍ଣ୍ଣ ବୟାନ ଦେଇଛନ୍ତି। ରାୱଲପିଣ୍ଡି ସ୍ଥିତ ଜେନେରାଲ ହେଡକ୍ୱାର୍ଟର୍ସ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁନିର କହିଛନ୍ତି ଯେ, ଯଦି ଭାରତ ଭବିଷ୍ୟତରେ କୌଣସି ଦୁଃସାହସ କରେ, ତେବେ ଏହାର ପରିଣାମ ଅତ୍ୟନ୍ତ ବ୍ୟାପକ, ବିପଜ୍ଜନକ ଏବଂ ଯନ୍ତ୍ରଣାଦାୟକ ହେବ। ମୁନିର ଅଭିଯୋଗ କରିଛନ୍ତି ଯେ, ଗତବର୍ଷର ସାମରିକ ସଂଘର୍ଷ ସମୟରେ ଭାରତ ପାକିସ୍ତାନର ସାର୍ବଭୌମତ୍ୱକୁ ଉଲ୍ଲଂଘନ କରିବାକୁ ଚେଷ୍ଟା କରିଥିଲା। କିନ୍ତୁ ସେହି ସଂଘର୍ଷରେ ପାକିସ୍ତାନର ରଣନୀତି ଭାରତ ଅପେକ୍ଷା ଶ୍ରେଷ୍ଠ ଥିଲା। ପାକିସ୍ତାନ ସମ୍ପୂର୍ଣ୍ଣ ସାମରିକ ଶକ୍ତି ସହ ଏହାର ଜବାବ ଦେଇଥିଲା। ଏହି ସଂଘର୍ଷକୁ ସେ କେବଳ ଏକ ପାରମ୍ପରିକ ଯୁଦ୍ଧ ନୁହେଁ, ବରଂ ଦୁଇଟି ବିଚାରଧାରା ମଧ୍ୟରେ ଏକ ନିର୍ଣ୍ଣାୟକ ଯୁଦ୍ଧ ବୋଲି ବର୍ଣ୍ଣନା କରିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ମେ ୭ରେ ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତ ଅପରେସନ୍ ସିନ୍ଦୂର ଆରମ୍ଭ କରିଥିଲା। ଏଥିରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀରରେ ଥିବା ୯ଟି ଆତଙ୍କବାଦୀ ଶିବିର ଉପରେ ଏୟାରଷ୍ଟ୍ରାଇକ କରାଯାଇ ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ନିପାତ କରାଯାଇଥିଲା। ଯଦିଓ ପାକିସ୍ତାନ ପାଲଟା ଆକ୍ରମଣ ପାଇଁ ଚେଷ୍ଟା କରିଥିଲା, କିନ୍ତୁ ଭାରତୀୟ ସେନା ସେଗୁଡ଼ିକୁ ବିଫଳ କରିଦେଇଥିଲେ। ତେବେ ଏହା ପୂର୍ବରୁ ମଧ୍ୟ ମୁନିର ଏଭଳି ଉତ୍ତେଜନାମୂଳକ ଧମକ ଦେଇଛନ୍ତି।



# ନୋବେଲ ବିଜେତା ନର୍ଗିସ ମୋହମ୍ମଦୀଙ୍କୁ ଜାମିନ

ତେହେରାନ, ୧୧।୫(ଏଜେନ୍ସି): ଇରାନର ପ୍ରତିଷ୍ଠିତ ମାନବାଧିକାର କର୍ମୀ ତଥା ୨୦୨୩ ନୋବେଲ ଶାନ୍ତି ପୁରସ୍କାର ବିଜେତା ନର୍ଗିସ ମୋହମ୍ମଦୀଙ୍କୁ ଗୁରୁତର ସ୍ୱାସ୍ଥ୍ୟାବସ୍ଥା କାରଣରୁ ଜେଲରୁ ତେହେରାନର ଏକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କ୍ରମାଗତ ଅବନତି ଘଟୁଥିବାରୁ ଇରାନ କର୍ତ୍ତୃପକ୍ଷ ତାଙ୍କ ସଜା ସ୍ଥଗିତ ରଖିବାକୁ ଅନୁମତି ଦେଇ ଜାମିନ ପ୍ରଦାନ କରିଛନ୍ତି। ୫୪ ବର୍ଷୀୟା ନର୍ଗିସ ବର୍ତ୍ତମାନ ତେହେରାନ ପାର୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜେଲରେ ସେ ପ୍ରାୟ ୨୦ କିଲୋଗ୍ରାମ ଓଜନ ହରାଇଛନ୍ତି। ଏପରିକି ତାଙ୍କୁ କଥା କହିବାରେ ମଧ୍ୟ କଷ୍ଟ ଅନୁଭୂତ ହେଉଛି। ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି ଯେ, ଚଳିତ ବର୍ଷ ସେ ଦୁଇଥର ହୃଦଘାତର ଶିକାର ହୋଇଥିଲେ ଏବଂ ତାଙ୍କ ସ୍ୱାସ୍ଥ୍ୟ ଜଟିଳ ଅବସ୍ଥାରେ ରହିଛି। ନର୍ଗିସଙ୍କ ଭାଇ ହମିଦ୍‌ରେଜା କହିଛନ୍ତି ଯେ, ଏହି ଜାମିନ ତାଙ୍କ ପାଇଁ ନିଶ୍ଚିତ ମୃତ୍ୟୁରୁ ଏକ ସାମୟିକ ମୁକ୍ତି ସଦୃଶ। ଅନ୍ୟପଟେ, ପ୍ୟାରିସରେ ରହୁଥିବା ତାଙ୍କ ସ୍ୱାମୀ ତଘି ରାହମାନୀ କହିଛନ୍ତି ଯେ, ନର୍ଗିସଙ୍କୁ ସେହି ଜେଲକୁ ଫେରାଇ ନିଆଯିବା ଉଚିତ ନୁହେଁ। ଇରାନରେ ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ଏବଂ ମାନବାଧିକାର ସୁରକ୍ଷା ପାଇଁ ନର୍ଗିସ ଦଶନ୍ଧିରୁ ଅଧିକ ସମୟ ଜେଲରେ କାଟିଛନ୍ତି। ୨୦୨୧ରୁ ସେ ୧୩ ବର୍ଷର ଜେଲ ଦଣ୍ଡ ଭୋଗୁଥିବା ବେଳେ ପରବର୍ତ୍ତୀ ସମୟରେ ତାଙ୍କୁ ଅତିରିକ୍ତ ସଜା ଶୁଣାଯାଇଛି। ବର୍ତ୍ତମାନ ସୁଦ୍ଧା ତାଙ୍କର ପ୍ରାୟ ୧୮ ବର୍ଷର ସଜା ବାକି ରହିଛି।



# ବିହାର, ୟୁପିରୁ ଧରାପଡ଼ିଲେ ଶୁଭେନ୍ଦୁଙ୍କ ପିଏ ହତ୍ୟାକାରୀ

କୋଲକାତା, ୧୧।୫(ଏଜେନ୍ସି): ପଶ୍ଚିମବଙ୍ଗର ନୂତନ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଅତି ନିକଟତର ସହଯୋଗୀ ତଥା ପୂର୍ବତନ ବ୍ୟକ୍ତିଗତ ସହକାରୀ (ପିଏ) ଚନ୍ଦ୍ରନାଥ ରଥଙ୍କ ହତ୍ୟା ମାମଲାରେ ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ମାମଲାରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ବିହାର ଏବଂ ଉତ୍ତର ପ୍ରଦେଶରୁ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୋମବାର ଗିରଫ ଅଭିଯୁକ୍ତମାନଙ୍କୁ ଉତ୍ତର ୨୪ ପ୍ରଗଣା ଜିଲ୍ଲାର ବାରାସାତ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ସେମାନଙ୍କୁ ମେ ୨୪ ପର୍ଯ୍ୟନ୍ତ ୧୩ ଦିନିଆ ପୁଲିସ ହେପାଜତକୁ ପଠାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବିହାରର ବକ୍ସରରୁ ମୟଙ୍କ ରାଜ ମିଶ୍ର ଓ ବିକ୍କି ମୌର୍ଯ୍ୟ ଏବଂ ଉତ୍ତର ପ୍ରଦେଶର ଅଯୋଧ୍ୟାରୁ ରାଜ ସିଂହ। ପୁଲିସ ସନ୍ଦେହ କରୁଛି ଯେ ରାଜ ସିଂହ ଜଣେ ପେଶାଦାର ସାର୍ପସୁଟର। ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଦୁଇ ଦିନ ପରେ, ଅର୍ଥାତ ମେ ୬ ତାରିଖ ରାତି ପ୍ରାୟ ୧୦:୩୦ ସମୟରେ, ମଧ୍ୟମଗ୍ରାମ ଅଞ୍ଚଳରେ ଚନ୍ଦ୍ରନାଥ ରଥଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ୪୨ ବର୍ଷୀୟ ଚନ୍ଦ୍ରନାଥ ନିଜ ସ୍କର୍ପିଓ ଗାଡ଼ିରେ ଫେରୁଥିବା ବେଳେ ତାଙ୍କୁ ଗୁଳି କରାଯାଇଥିଲା।

# ଇରାନର ଶାନ୍ତି ପ୍ରସ୍ତାବ ସମ୍ପୂର୍ଣ୍ଣ ଅଗ୍ରହଣୀୟ: ଟ୍ରମ୍ପ

ୱାସିଂଟନ, ୧୧।୫(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ପକ୍ଷରୁ ଦିଆଯାଇଥିବା ଶାନ୍ତି ପ୍ରସ୍ତାବର ଜବାବକୁ କଡ଼ା ଭାଷାରେ ପ୍ରତ୍ୟାଖ୍ୟାନ କରିଛନ୍ତି। ପାକିସ୍ତାନ ମାଧ୍ୟମରେ ଆସିଥିବା ଏହି ଜବାବକୁ ଟ୍ରମ୍ପ ସମ୍ପୂର୍ଣ୍ଣ ଅଗ୍ରହଣୀୟ ବୋଲି ଅଭିହିତ କରିବା ସହ ତେହେରାନକୁ ସାମରିକ ପରିଣତି ଭୋଗିବାକୁ ପଡ଼ିବ ବୋଲି ଚେତାବନୀ ଦେଇଛନ୍ତି। ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍



ସୋସିଆଲରେ ଏକ ପୋଷ୍ଟ କରି ଟ୍ରମ୍ପ କହିଛନ୍ତି, "ମୁଁ ଇରାନର ତଥାକଥିତ ପ୍ରତିନିଧିମାନଙ୍କ ଜବାବ ପଢ଼ିଛି। ଏହା ମୋତେ ଆଦୌ ପସନ୍ଦ ଆସିନାହିଁ। ଏହା ସମ୍ପୂର୍ଣ୍ଣ ଅଗ୍ରହଣୀୟ।" ବୋଲି କହିଛନ୍ତି। ଅନ୍ୟପଟେ, ଇରାନର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଆମେରିକାର ପ୍ରସ୍ତାବକୁ ଇରାନ ଏକ 'ଆତ୍ମସମର୍ପଣ' ସହ ସମାନ ବୋଲି କହିଛି ଏବଂ ଏହାକୁ ଏକପାଖିଆ ବୋଲି କହି ଗ୍ରହଣ କରିବାକୁ ମନା କରିଦେଇଛି। ଏକ ଟେଲିଭିଜନ ସାକ୍ଷାତକାରରେ ରାଷ୍ଟ୍ରପତି ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନ ପୂର୍ବରୁ ହିଁ ବଡ଼ ପରାଜୟର ସମ୍ମୁଖୀନ ହୋଇସାରିଛି। ସେ କହିଛନ୍ତି ଯେ ଆମେରିକୀୟ ସେନା ଇରାନ ମଧ୍ୟରେ ଥିବା ସେମାନଙ୍କ ଲକ୍ଷ୍ୟର ପ୍ରାୟ ୭୦ ପ୍ରତିଶତ ଶେଷ କରିସାରିଛନ୍ତି। ଯଦି ଆଲୋଚନା ବିଫଳ ହୁଏ, ତେବେ ବାକି ଥିବା ସମସ୍ତ ଲକ୍ଷ୍ୟକୁ ମାତ୍ର ଦୁଇ ସପ୍ତାହ ମଧ୍ୟରେ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏଥିସହିତ ଇରାନର ସମୃଦ୍ଧ ୟୁରାନିୟମ ଭଣ୍ଡାର ଉପରେ ଆମେରିକାର ଏୟାର ଫୋର୍ସ ତୀକ୍ଷ୍ଣ ନଜର ରଖିଥିବା ଟ୍ରମ୍ପ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଆମେରିକା ଇରାନକୁ ତାର ସମସ୍ତ ୟୁରାନିୟମ ଦେଶ ବାହାରକୁ ପଠାଇବାକୁ ଚାପ ପକାଉଥିବା ବେଳେ ଇରାନ ଏହାକୁ ନିଜର ସାର୍ବଭୌମ ଅଧିକାର ବୋଲି କହି ମନା କରିଆସୁଛି।

# ଷ୍ଟାଲିନଙ୍କୁ ଭେଟିଲେ ବିଜୟ



ଚେନ୍ନାଇ, ୧୧।୫(ଏଜେନ୍ସି): ତାମିଲନାଡୁର ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ସୋମବାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଡିଏମକେ ମୁଖ୍ୟ ଏମକେ. ଷ୍ଟାଲିନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଗତକାଲି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ବିଜୟଙ୍କର ଏହା ଷ୍ଟାଲିନଙ୍କ ସହ ପ୍ରଥମ ସାକ୍ଷାତ। ଦଶନ୍ଧି ଦଶନ୍ଧି ଧରି ତାମିଲନାଡୁ ରାଜନୀତିରେ ଚାଲିଆସିଥିବା ଡିଏମକେ ଏବଂ ଏଆଇଏଡିଏମକେର ଦ୍ୱିପାକ୍ଷିକ ଆଧିପତ୍ୟକୁ ଭାଙ୍ଗି ବିଜୟ ଏକ ଐତିହାସିକ ବିଜୟ ହାସଲ କରିଛନ୍ତି। ଚେନ୍ନାଇର ଆଲୱାରପେଟ୍ ସ୍ଥିତ ଷ୍ଟାଲିନଙ୍କ ବାସଭବନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଷ୍ଟାଲିନ ଏବଂ ତାଙ୍କ ପୁତ୍ର ଉଦୟନିଧି ବିଜୟଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଉଭୟ ନେତା ପରସ୍ପରକୁ ଅଭିବାଦନ ଜଣାଇବା ସହ ଆଲିଙ୍ଗନ କରିଥିଲେ। ଏହି ସାକ୍ଷାତ ସମୟରେ ବିଜୟ ଏକ କଳା ରଙ୍ଗର ସୁଟ୍ ପିନ୍ଧିଥିବାର ଦେଖାଯାଇଥିଲା। ସୂଚନାଯୋଗ୍ୟ, ବିଜୟ କଂଗ୍ରେସ ଏବଂ ଅନ୍ୟାନ୍ୟ ଦଳର ସମର୍ଥନରେ ସଂଖ୍ୟା ଗରିଷ୍ଠତା ହାସଲ କରି ସରକାର ଗଠନ କରିଛନ୍ତି। ସାକ୍ଷାତ ପରେ ଷ୍ଟାଲିନ ଏକ୍ସ ମାଧ୍ୟମରେ ବିଜୟଙ୍କୁ ଅଭିନନ୍ଦନ ଜଣାଇବା ସହ କିଛି ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ମଧ୍ୟ ଦେଇଛନ୍ତି। ରାଜ୍ୟର ଆର୍ଥିକ ଅବସ୍ଥା ପାଇଁ ପୂର୍ବ ସରକାରଙ୍କୁ ଦାୟୀ ନ କରି ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ଉପରେ ଧ୍ୟାନ ଦେବାକୁ ସେ ବିଜୟଙ୍କୁ କହିଛନ୍ତି।

# କଂଗ୍ରେସର କେରଳ ଚିନ୍ତା

## ୭ ଦିନ ପରେ ହୋଇପାରୁନି କଂଗ୍ରେସ ନେତା ନିଷ୍ପତ୍ତି



ନୂଆଦିଲ୍ଲୀ, ୧୧।୫: ଅନ୍ୟ ୪ଟି ରାଜ୍ୟ ସହିତ କେରଳ ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ହେବାକୁ ୭ ଦିନ ବିତିଗଲାଣି, କିନ୍ତୁ ରାଜ୍ୟରେ ମୁଖ୍ୟମନ୍ତ୍ରୀ କିଏ ହେବ, ତାହା ଏବେ ବି ଅନିଶ୍ଚିତତା ଘେରରେ ରହିଛି। ପଶ୍ଚିମ ବଙ୍ଗ ଓ ତାମିଲନାଡୁରେ ନୂଆ ସରକାର ଦାୟିତ୍ୱ ଗ୍ରହଣ କରିସାରିଲେଣି ଏବଂ ଆସାମ ତଥା ପୁଡୁଚେରୀରେ ନେତା ନିର୍ବାଚନ ସରିଲାଣି। ଆସାମରେ ହିମନ୍ତ ବିଶ୍ୱଶର୍ମା ଏବଂ ପୁଡୁଚେରୀରେ ରଙ୍ଗାସ୍ୱାମୀ ମୁଖ୍ୟମନ୍ତ୍ରୀ ହେବେ। ସମ୍ଭବତଃ ଆସନ୍ତାକାଲି ସେମାନେ ଶପଥ ଗ୍ରହଣ କରିବେ। କିନ୍ତୁ ଗୋଟିଏ ମାତ୍ର ରାଜ୍ୟ କେରଳ ଜିତିଥିବା କଂଗ୍ରେସ ନେତା ବାଛିପାରୁ ନାହିଁ। ମୁଖ୍ୟମନ୍ତ୍ରୀ ହେବା ଲାଗି ଅନେକ ବରିଷ୍ଠ ନେତା ଜୋରଦାର ଲବି ଚଳାଇଥିବାରୁ ହାଇକମାଣ୍ଡଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ନେତା ବାଛିବା ଲାଗି ନବନିର୍ବାଚିତ ବିଧାୟକମାନେ ହାଇକମାଣ୍ଡଙ୍କୁ କ୍ଷମତା ପ୍ରଦାନ କରିଛନ୍ତି। କିନ୍ତୁ ରାଜ୍ୟରେ କ୍ଷମତା ପାଇଁ କନ୍ଦଳ ଏମିତି ଜୋର ଧରିଛି ଯେ ହାଇକମାଣ୍ଡ ନିଷ୍ପତ୍ତି ନେଇ ପାରୁ ନାହାନ୍ତି।

ମିଳିଥିବା ସୂଚନା ଅନୁଯାୟୀ କେରଳରେ ମୁଖ୍ୟମନ୍ତ୍ରୀ ହେବାଲାଗି କଂଗ୍ରେସର ଅନେକ ଦାବିଦାର ଥିଲେ ମଧ୍ୟ ଏବେ ଦୁଇ ଜଣଙ୍କୁ ନେଇ ବେଶି ଚର୍ଚ୍ଚା ଚାଲିଛି। ଏମାନେ ହେଲେ କେସି ବେଣୁଗୋପାଳ ଏବଂ ଭିଡି ସତୀଶନ। ଏହି ଦୌଡ଼ରେ ଅନ୍ୟତମ ବରିଷ୍ଠ ନେତା ରମେଶ ଚେନିଥଲା ଥିଲେ ମଧ୍ୟ ତାଙ୍କୁ ବାଚସ୍ପତି କରିବା ଲାଗି ହାଇକମାଣ୍ଡ ଆଶ୍ୱାସନା ଦେଇଛନ୍ତି। ଆଶ୍ୱାସନା ପାଇବା ପରେ ସେ ଏବେ ନିରବ ରହିଥିବା ବେଳେ ବେଣୁଗୋପାଳ ଏବଂ ସତୀଶନଙ୍କ ମଧ୍ୟରେ ଛକାପଞ୍ଝା ଚାଲିଛି। ବେଣୁଗୋପାଳ ହେଉଛନ୍ତି ଗାନ୍ଧୀ ପରିବାର ଏବଂ ବିଶେଷ କରି ରାହୁଲଙ୍କ ଅତି ବିଶ୍ୱସ୍ତ। କିନ୍ତୁ ବେଣୁଗୋପାଳଙ୍କୁ ତୀବ୍ର ବିରୋଧ କରୁଛନ୍ତି ସତୀଶନ। ବାମ ସାମ୍ମୁଖ୍ୟ ବିରୋଧରେ ସଂଘର୍ଷ କରିଥିବା ସତୀଶନ ସ୍ପଷ୍ଟ କରିଦେଇଛନ୍ତି ଯେ ମୁଖ୍ୟମନ୍ତ୍ରୀ ପଦ ଛଡ଼ା ତାଙ୍କୁ ଅନ୍ୟ କୌଣସି ଦାୟିତ୍ୱ ଗ୍ରହଣୀୟ ନୁହେଁ। ରାହୁଲଙ୍କ ପକ୍ଷରୁ କୁହାଯାଇଥିଲା ଯେ ବେଣୁଗୋପାଳ ମୁଖ୍ୟମନ୍ତ୍ରୀ ହେଲେ ସତୀଶନଙ୍କୁ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିବ। କିନ୍ତୁ ସେ ମାନିବାକୁ ପ୍ରସ୍ତୁତ ନୁହନ୍ତି।

ଅନ୍ୟପକ୍ଷରେ ବେଣୁଗୋପାଳଙ୍କୁ ନେଇ ମଧ୍ୟ ହାଇକମାଣ୍ଡ ଚିନ୍ତାରେ ଅଛନ୍ତି। ତାଙ୍କୁ ମୁଖ୍ୟମନ୍ତ୍ରୀ କରାଗଲେ ରାଜ୍ୟରେ ପୁଣି ଦୁଇଟି ଉପନିର୍ବାଚନ ହେବ। ବେଣୁଗୋପାଳ ଲୋକସଭା ସାଂସଦ ଥିବାରୁ ମୁଖ୍ୟମନ୍ତ୍ରୀ ହେଲେ ତାଙ୍କୁ ବିଧାନସଭାକୁ ନିର୍ବାଚିତ ହେବାକୁ ପଡ଼ିବ। ପୁଣି ସେ ଲୋକସଭା ସଭ୍ୟ ପଦରୁ ଇସ୍ତଫା ଦେବେ। ତେଣୁ ଉଭୟ ଲୋକସଭା ଏବଂ ବିଧାନସଭା ଆସନରେ ସାନି ଉପନିର୍ବାଚନ ହେବ। ଏସଂପର୍କରେ ହାଇକମାଣ୍ଡ ବେଣୁଗୋପାଳଙ୍କୁ ବୁଝାଉଛନ୍ତି। କିନ୍ତୁ ସେ ମୁଖ୍ୟମନ୍ତ୍ରୀ ହେବାକୁ ଜିଦ୍ ଧରିଥିବାରୁ ହାଇକମାଣ୍ଡ ଅଡୁଆରେ ପଡ଼ିଯାଇଛନ୍ତି। କେରଳରେ କର୍ଣ୍ଣାଟକ ଭଳି ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି। କର୍ଣ୍ଣାଟକରେ ମଧ୍ୟ ସିଦ୍ଧରମେୟା ଏବଂ ଶିବକୁମାରଙ୍କ ମଧ୍ୟରେ ଏମିତି ଛକାପଞ୍ଝା ହୋଇଥିଲା।

# ଯେତେବେଳେ ଦେଶ ସଙ୍କଟର ସମ୍ମୁଖୀନ...

## ପୁଣି ସତର୍କ କରାଇଲେ ପ୍ରଧାନମନ୍ତ୍ରୀ



**୨୪ ଘଣ୍ଟାରେ ଦ୍ୱିତୀୟ ଥର**

ନୂଆଦିଲ୍ଲୀ, ୧୧।୫(ଏଜେନ୍ସି): ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ପଡୁଥିବା ଚାପକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ପରାମର୍ଶ ଦେଇଛନ୍ତି। ଦେଶର ଚଳନ୍ତି ଖାତା ନିଅଣ୍ଟ (କରେଣ୍ଟ ଆକାଉଣ୍ଟ ଡେଫିସିଟ୍)କୁ ନିୟନ୍ତ୍ରଣ କରିବା ଏବଂ ଅର୍ଥନୀତିକୁ ବାହ୍ୟ ଝଟକାରୁ ରକ୍ଷା କରିବା ପାଇଁ ଅନାବଶ୍ୟକ ସୁନା କ୍ରୟ, ବିଦେଶ ଭ୍ରମଣ ଏବଂ ଇନ୍ଧନ ବ୍ୟବହାର କମାଇବାକୁ ଆହ୍ୱାନ କରିଛନ୍ତି। ଗତକାଲି ପ୍ରଧାନମନ୍ତ୍ରୀ ଏଭଳି ପରାମର୍ଶ ଦେବାପରେ ଆଜି ସେୟାର ବଜାରରେ ଏହାର ଝଟକା ଦେଖିବାକୁ ମିଳିଥିଲା। ତେଲ ଦର ବଢ଼ିବା ନେଇ ଆଶଙ୍କା ସୃଷ୍ଟି ହେଲା। ଏହି ଭୟକୁ ଦୂର କରିବାକୁ ଯାଇ କେନ୍ଦ୍ର ସରକାର ଆଜି ସ୍ପଷ୍ଟୀକରଣ ଦେଲେ ଯେ ତେଲର କୌଣସି ଅଭାବ ନାହିଁ ଏବଂ ଦର ମଧ୍ୟ ବଢ଼ିବାର ନାହିଁ। କିନ୍ତୁ ଏହାର କିଛି ସମୟ ପରେ ପ୍ରଧାନମନ୍ତ୍ରୀ ପୁଣି ଥରେ ଦେଶବାସୀଙ୍କୁ ପେଟ୍ରୋଲ-ଡିଜେଲର ବ୍ୟବହାର ଏବଂ ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ଚାପକୁ ନେଇ ଚେତାଇଛନ୍ତି। ୨୪ ଘଣ୍ଟା ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କର ଦୁଇଥର ଏଭଳି ଚେତାବନୀକୁ ନେଇ ଲୋକେ ଆଶଙ୍କିତ ହୋଇପଡ଼ିଛନ୍ତି।

ଆଜି ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କହିଲେ ଯେ ଆମଦାନୀ ବୃଦ୍ଧି ପାଉଥିବାରୁ ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ଚାପ ପଡୁଛି। ତେଣୁ ଏଭଳି ଖର୍ଚ୍ଚରୁ ଲୋକେ ନିବୃତ୍ତ ରୁହନ୍ତୁ ଯାହା ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ଚାପ ପକାଇବ। ସେ କହିଲେ ଯୁଦ୍ଧ ହେଉ କି କୌଣସି ଜାତୀୟ ସଙ୍କଟ ବେଳେ ଦେଶବାସୀ ଏକାଠି ହୋଇ ଏହାର ସାମନା କରିଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଏବେ ଗୁରୁତର ସଙ୍କଟ ଦେଇ ଭାରତ ଗତି କରୁଛି। ତେଣୁ ଦେଶବାସୀ ଏହାର ମୁକାବିଲାରେ ସରକାରଙ୍କୁ ସହଯୋଗ କରନ୍ତୁ। କୋଭିଡ୍ ବେଳେ ଯେମିତି ସହଯୋଗ କରିଥିଲେ ଏବେ ମଧ୍ୟ ସେହିଭଳି ସହଯୋଗ କରିବେ ବୋଲି ପ୍ରଧାନମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ବାରମ୍ବାର ଏଭଳି ଚେତାବନୀ ଦେଉଥିବାରୁ ଆଗକୁ ସରକାର କୌଣସି ଏକ କଠୋର ନିଷ୍ପତ୍ତି ନେବାକୁ ଯାଉଛନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଲାଣି।

ସୂଚନାଯୋଗ୍ୟ ଯେ ଭାରତ ନିଜର ଅଶୋଧିତ ତୈଳ ଆବଶ୍ୟକତାର ୮୫ ପ୍ରତିଶତରୁ ଅଧିକ ଆମଦାନୀ କରିଥାଏ। ତୈଳ ପରେ ସୁନା ହେଉଛି ଭାରତର ଦ୍ୱିତୀୟ ସର୍ବାଧିକ ଆମଦାନୀ ଦ୍ରବ୍ୟ, ଯାହା ସିଏଡି ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରେ। ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ଫେବୃଆରୀ ମଧ୍ୟରେ ସୁନା ଆମଦାନୀ ପ୍ରାୟ ୨୯ ପ୍ରତିଶତ ବୃଦ୍ଧି ପାଇ ୬୯ ବିଲିୟନ ଡଲାରରେ ପହଞ୍ଚିଛି। ସେପଟେ ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନର ପ୍ରଭାବ ।।ସେୟାର ବଜାର ଉପରେ ତୁରନ୍ତ ଦେଖିବାକୁ ମିଳିଛି। ସୋମବାର କାରବାର ଆରମ୍ଭରୁ ସେନସେକ୍ସ ୧୦୦୦ ପଏଣ୍ଟରୁ ଅଧିକ ହ୍ରାସ ପାଇଥିବା ବେଳେ ଗହଣା ଶିଳ୍ପ ସହ ଜଡ଼ିତ କମ୍ପାନୀ ସେୟାର ମୂଲ୍ୟରେ ମଧ୍ୟ ହ୍ରାସ ଘଟିଛି।

# ଟିଏମ୍‌ସିର ପୂର୍ବତନ ମନ୍ତ୍ରୀ ସୁଜିତ ବୋଷଙ୍କୁ ଗିରଫ କଲା ଇଡି

କୋଲକାତା, ୧୧।୫(ଏଜେନ୍ସି): ପଶ୍ଚିମବଙ୍ଗର ବହୁଚର୍ଚ୍ଚିତ ପୌର ନିଯୁକ୍ତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପୂର୍ବତନ ମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମସି) ନେତା ସୁଜିତ ବୋଷଙ୍କୁ ସୋମବାର ଗିରଫ କରିଛି। ଦୀର୍ଘ ସମୟ ଧରି ପଚରାଉଚରା କରିବା ପରେ ଇଡି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସୂତ୍ରରୁ ପ୍ରକାଶ। ସୁଜିତ ବୋଷଙ୍କୁ ମଙ୍ଗଳବାର ଏକ ସ୍ୱତନ୍ତ୍ର ଅଦାଲତରେ ହାଜର କରାଯିବାର ସମ୍ଭାବନା ରହିଛି। ଇଡିର ଅଭିଯୋଗ ଅନୁଯାୟୀ, ଦକ୍ଷିଣ ଦମଦମ ପୌରପାଳିକାରେ ବିଭିନ୍ନ ପଦବୀ ପାଇଁ ସୁଜିତ ବୋଷ ପ୍ରାୟ ୧୫୦ ଜଣ ପ୍ରାର୍ଥୀଙ୍କୁ ସୁପାରିଶ କରିଥିଲେ ଏବଂ ଏହାର ବଦଳରେ ସେ ଆର୍ଥିକ ଫାଇଦା ହାସଲ କରିଥିଲେ। ବେଆଇନ ନିଯୁକ୍ତି କରାଇଦେବା ବଦଳରେ ସେ କିଛି ଫ୍ଲାଟ ହାସଲ କରିଛନ୍ତି ଏବଂ ତାଙ୍କ ସହ ଜଡିତ ବ୍ୟାଙ୍କ ଆକାଉଣ୍ଟଗୁଡିକରେ ବହୁ ପରିମାଣର ନଗଦ ଟଙ୍କା ଜମା ହୋଇଥିବା ମଧ୍ୟ ଜଣାପଡ଼ିଛି। ଅକ୍ଟୋବର ୨୦୨୫ରେ ଇଡି ପକ୍ଷରୁ ସୁଜିତ ବୋଷଙ୍କ କାର୍ଯ୍ୟାଳୟ ସମେତ ୧୩ଟି ସ୍ଥାନରେ ଚଢାଉ କରାଯାଇ ୪୫ ଲକ୍ଷ ଟଙ୍କା ନଗଦ ଏବଂ କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରାଯାଇଥିଲା। ରାଜ୍ୟରେ ନିର୍ବାଚନ ଶେଷ ହେବା ପରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଏହି କାର୍ଯ୍ୟାନୁଷ୍ଠାନ ବେଶ୍ ଚର୍ଚ୍ଚା ଧରିଛି।

# ବିଏସ୍‌ଏଫ୍‌କୁ ବେଙ୍ଗଲ ସୀମାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଦାୟିତ୍ୱ

**ଜୁନ୍ ୧ରୁ ବଙ୍ଗଳାରେ ଆୟୁଷ୍ମାନ ଭାରତ, ମହିଳାଙ୍କ ପାଇଁ ମାଗଣା ବସ୍ ଯାତ୍ରା**

କୋଲକାତା, ୧୧।୫(ଏଜେନ୍ସି): ପଶ୍ଚିମବଙ୍ଗର ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଆଜି ତାଙ୍କର ପ୍ରଥମ କ୍ୟାବିନେଟ୍ ବୈଠକରେ କଡ଼ା ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଭାରତ-ବାଂଲାଦେଶ ସୀମାରେ ବାଡ଼ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଆବଶ୍ୟକ ଜମି ହସ୍ତାନ୍ତର ପ୍ରକ୍ରିୟା ଆସନ୍ତା ୪୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସେ ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍)କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ବେଆଇନ ଅନୁପ୍ରବେଶ ରୋକିବା ପାଇଁ ବିଜେପି ନିର୍ବାଚନ ସମୟରେ ଦେଇଥିବା ପ୍ରମୁଖ ପ୍ରତିଶ୍ରୁତିକୁ ପୂରଣ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଶୁଭେନ୍ଦୁ କହିଛନ୍ତି ଯେ, ଜମି ହସ୍ତାନ୍ତର ପ୍ରକ୍ରିୟା ଆଜିଠାରୁ ହିଁ ଆରମ୍ଭ ହେବ। ପଶ୍ଚିମବଙ୍ଗର ବାଂଲାଦେଶ ସହିତ ୪, ୦୯୭ କିଲୋମିଟର ସୀମା ରହିଛି ଏବଂ ପ୍ରାୟ ୮୫୦ କିଲୋମିଟର ଅଞ୍ଚଳ ଏବେ ମଧ୍ୟ ଅସୁରକ୍ଷିତ ରହିଛି। ମୁଖ୍ୟମନ୍ତ୍ରୀଙ୍କ କହିବା ଅନୁଯାୟୀ, ଥରେ ଜମି ହସ୍ତାନ୍ତର ସରିଲେ ବିଏସଏଫ୍ ସୀମାକୁ ସମ୍ପୂର୍ଣ୍ଣ ସିଲ୍ କରିବ, ଯାହାଫଳରେ ଅନୁପ୍ରବେଶ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ। ସୀମା ସୁରକ୍ଷା ବ୍ୟତୀତ, ନୂତନ ସରକାର ରାଜ୍ୟରେ ସମସ୍ତ ଅଟକି ରହିଥିବା କେନ୍ଦ୍ରୀୟ ଯୋଜନାକୁ ତୁରନ୍ତ ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାର ଆସନ୍ତା ଜୁନ୍ ୧ରୁ ରାଜ୍ୟରେ ଦୁଇଟି ପ୍ରମୁଖ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। କେନ୍ଦ୍ର ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଆୟୁଷ୍ମାନ ଭାରତ ସମେତ ସରକାରୀ ବସରେ ମହିଳାମାନଙ୍କ ପାଇଁ ମାଗଣା ଯାତ୍ରା ସୁବିଧା ଜୁନ ପ୍ରାରମ୍ଭରୁ ସମଗ୍ର ରାଜ୍ୟରେ ଲାଗୁ ହେବ। ଏହାଦ୍ୱାରା କର୍ମଜୀବୀ ମହିଳା ଏବଂ ଛାତ୍ରୀମାନେ ବିଶେଷ ଭାବେ ଉପକୃତ ହେବେ କୁହାଯାଇଛି।

# ପଶ୍ଚିମବଙ୍ଗରେ ପୁରସ୍କୃତ ହେଲେ ଆଉ ଜଣେ 'ଅନୁଗତ' ଅଧିକାରୀ

- ମୁଖ୍ୟ ନିର୍ବାଚନ ଅଧିକାରୀ ହେଲେ ମୁଖ୍ୟ ସଚିବ
- ପୂର୍ବରୁ ଏସ୍‌ଆଇଆର୍ ପର୍ଯ୍ୟବେକ୍ଷକଙ୍କୁ କରାଯାଇଥିଲା ଉପଦେଷ୍ଟା

କୋଲକାତା,୧୧।୫(ଏଜେନ୍ସି): ପଶ୍ଚିମବଙ୍ଗରେ ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଦାୟିତ୍ୱ ଗ୍ରହଣ କରିବା ପରେ ତିନି ଦିନରେ ଦୁଇ ଜଣ ତଥାକଥିତ ଅନୁଗତ ଅଧିକାରୀଙ୍କୁ ପୁରସ୍କୃତ କରିଛି। ବିବାଦୀୟ ଏସ୍‌ଆଇଆର ପାଇଁ ନିର୍ବାଚନ କମିସନଙ୍କ ପର୍ଯ୍ୟବେକ୍ଷକ ଥିବା ସୁବ୍ରତ ଗୁପ୍ତାଙ୍କୁ ଦୁଇ ଦିନ ତଳେ ମୁଖ୍ୟମନ୍ତ୍ରୀ ତାଙ୍କର ଉପଦେଷ୍ଟା ନିଯୁକ୍ତି କରିଥିବା ବେଳେ ଆଜି ଆଉ ଜଣେ ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପଦରେ ଅବସ୍ଥାପିତ କରିଛନ୍ତି। ଏହି ଅଧିକାରୀ ଜଣକ ହେଲେ ମନୋଜ ଅଗ୍ରୱାଲ। ନିର୍ବାଚନ ସମୟରେ ମୁଖ୍ୟ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିବା ମନୋଜଙ୍କୁ ଆଜି ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତ କରାଯାଇଛି। ୧୯୯୦ ବ୍ୟାଚ୍‌ର ପଶ୍ଚିମବଙ୍ଗ କ୍ୟାଡର ଆଇଏଏସ ଅଧିକାରୀ ମନୋଜ ଅଗ୍ରୱାଲ, ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ନେତୃତ୍ୱ ନେଇଥିଲେ। ଯେଉଁଥିରେ ପ୍ରାୟ ୯୧ ଲକ୍ଷ ଅଯୋଗ୍ୟ ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିଲା। ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ଦୁଷ୍ୟନ୍ତ ନାରିଆଲାଙ୍କୁ ନୂଆଦିଲ୍ଲୀରେ ପ୍ରମୁଖ ଆବାସିକ କମିସନର ଭାବେ ବଦଳି କରାଯାଇଛି। ବିରୋଧୀ ଦଳ ଅଭିଯୋଗ କରିଛନ୍ତି ଯେ ବିଧାନସଭା ନିର୍ବାଚନରେ ବିଜେପିକୁ ବିଜୟୀ କରାଯାଇବାରେ ଯେଉଁ ଅଫିସରମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଏବେ ନୂଆ ସରକାର ସେହିମାନଙ୍କୁ ପୁରସ୍କୃତ କରିବାରେ ଲାଗିଛନ୍ତି।

# ଦିଲ୍ଲୀରେ ଦୁଇ ମହିଳାଙ୍କୁ ଜାତିଗତ ଆକ୍ଷେପ ଓ ଶାରୀରିକ ନିର୍ଯାତନା; ୪ ଅଭିଯୁକ୍ତ ଚିହ୍ନଟ

ନୂଆଦିଲ୍ଲୀ, ୧୧।୫(ଏଜେନ୍ସି): ଦେଶର ରାଜଧାନୀରେ ପୁଣିଥରେ ଉତ୍ତର-ପୂର୍ବ ଭାରତର ମହିଳାଙ୍କୁ ସୁରକ୍ଷା ଓ ସମ୍ମାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦକ୍ଷିଣ-ପୂର୍ବ ଦିଲ୍ଲୀର ନେହେରୁ ପ୍ଲେସ ଅଞ୍ଚଳରେ ଉତ୍ତର-ପୂର୍ବ ଭାରତର ଦୁଇଜଣ ମହିଳାଙ୍କୁ ଜାତିଗତ ଆକ୍ଷେପ, ଆକ୍ରମଣ ଏବଂ ଅସଦାଚରଣ କରାଯାଇଥିବା ଭଳି ଏକ ଅଭିଯୋଗ ହୋଇଛି। ଏହି ଘଟଣାରେ ଦିଲ୍ଲୀ ପୁଲିସ ୪ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିବା ବେଳେ ସେମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି। ସୂଚନା ଅନୁଯାୟୀ, ମଇ ୧୦ ତାରିଖ ସକାଳ ପ୍ରାୟ ୭ଟାରେ ନେହେରୁ ପ୍ଲେସସ୍ଥିତ ଏକ ଚା' ଦୋକାନରେ ଏହି ଦୁଇ ମହିଳା ଚା' ପିଉଥିଲେ। ସେହି ସମୟରେ ଦୁଇଜଣ ବ୍ୟକ୍ତି ସେମାନଙ୍କୁ ଦେଖି ଅଶ୍ଳୀଳ ମନ୍ତବ୍ୟ ଦେବା ସହ ଜାତିଗତ ଆକ୍ଷେପ କରିଥିଲେ। ପରେ ଏହି ବିବାଦ ବଢ଼ିଥିଲା ଏବଂ ଅନ୍ୟ କିଛି ବ୍ୟକ୍ତି ମଧ୍ୟ ସେମାନଙ୍କ ସହ ସାମିଲ ହୋଇ ମହିଳାଙ୍କୁ ଘେରି ଯାଇଥିଲେ। ପୀଡିତାଙ୍କ ଅଭିଯୋଗ ଅନୁସାରେ, ଅଭିଯୁକ୍ତମାନେ ସେମାନଙ୍କୁ ଗାଳିଗୁଲଜ କରିବା ସହ ସେମାନଙ୍କ ପୋଷାକ ଚିରି ଦେଇ ମାରପିଟ୍ କରିଥିଲେ। ଏପରିକି ସେମାନେ ସେଠାରୁ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ଜଣେ ବ୍ୟକ୍ତି ବାଉଁଶ ବାଡ଼ିରେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏହାସହ ଅଭିଯୁକ୍ତମାନେ ସେମାନଙ୍କ ପଥ ଅବରୋଧ କରିବା ସହ ଘଟଣା ବିଷୟରେ କାହାକୁ କହିଲେ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଧମକ ଦେଇଥିଲେ। ଖବର ପାଇ କାଲକାଜି ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲା। ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନେକ ବ୍ୟକ୍ତିଙ୍କୁ ପଚରାଉଚରା କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରି ଆଧାରରେ ୪ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ବର୍ତ୍ତମାନ ସୁଦ୍ଧା କୌଣସି ଗିରଫଦାରୀ ହୋଇନଥିଲେ ମଧ୍ୟ ପୁଲିସ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଚେଷ୍ଟା ଚଳାଇଛି।

## ରଥଖଳାରୁ...

# ଯୋକା, ନିରାଡ଼ି ଚଉପଟ ଶେଷ



ପୁରୀ,୧୧।୫(ସମିସ): ରଥଖଳାରେ ତିନିରଥ ନିର୍ମାଣ କାମ ଜୋର୍‌ଦାର ଆଗେଇ ଚାଲିଛି। ତିନିରଥର ମୁଖ୍ୟ ମହାରଣାଙ୍କ ନେତୃତ୍ୱରେ ଚକ, ଅଖ ଏବଂ ଅନ୍ୟାନ୍ୟ କାମ କରାଯାଉଛି। ଭଉଁରୀରେ ଚକଡେରା ନୀତି ସମ୍ପନ୍ନ ପରେ ଏବେ ଚକ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମହାରଣା ସେବକ ଲାଗି ପଡ଼ିଛନ୍ତି। ତିନିରଥର ୪୨ଟି ଚକ ମଧ୍ୟରୁ ସୋମବାର ସୁଦ୍ଧା ୨୫ଟି (ନନ୍ଦିଘୋଷ ୯, ତାଳଧ୍ୱଜ ୭ ଓ ଦେବଦଳନ ୯) ଚକ ନିର୍ମାଣ ଶେଷ ହୋଇଥିବା ବେଳେ ବାକି ଚକଗୁଡ଼ିକର କାମ ଚାଲିଛି। ଅନ୍ୟାନ୍ୟ କାମ ମଧ୍ୟରେ ତିନିରଥର ଯୋକା, ନିରାଡ଼ି ଚଉପଟ ଶେଷ ହୋଇଛି। ପ୍ରତ୍ୟେକ ରଥର ୪ଟି ଲେଖାଏଁ ମୁହାଁଟ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତି ରଥର ଚାରିପାର୍ଶ୍ୱରେ ଗୋଟିଏ ଲେଖାଏଁ ନିରଡ଼ି ଏବଂ ମୁହାଁଟ ଲାଗିଥାଏ। ଏହି ମୁହାଁଟ ରଥର ପାଞ୍ଚ ଦଣ୍ଡା ଉଭୟ ପାର୍ଶ୍ୱରେ ଫିଟିଙ୍ଗ୍ ହୋଇଥାଏ। ମୁହାଁଟ ଉପରେ ଗୁଜ ଫିଟିଙ୍ଗ୍ କରାଯିବା ପରେ ଗୁଜ ଉପରେ ନିରାଡ଼ି ପଡ଼ି ଗୟଳ ମୋଡ଼ା ହୁଏ। ଏଥିସହ ସୋମବାର ତିନିରଥର ପ୍ରଥମ ଭୂଇଁ ଚଉତାର ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି। ଅପରାହ୍ଣରେ ରଥ ଅମିନ ପ୍ରତି ରଥ ଚାଳିକୁ ୩ଟି ଲେଖାଏଁ ୨୦ ଫୁଟିଆ ସାହାଜ କାଠ ଭୋଇ ସେବକଙ୍କ ମାଧ୍ୟମରେ ଯୋଗାଇ ଦେଇଥିଲେ। ମହାରଣା ସେବକମାନେ ଉକ୍ତ ଭୂଇଁ ଚଉତା କାଠର ଚଉପଟ କାର୍ଯ୍ୟ ଜାରି ରଖିଛନ୍ତି। ରୂପକାର ସେବକମାନେ ତିନି ରଥର ସାଲ ଗୁଜରେ ରୂପ ଖୋଦେଇ ଜାରି ରଖିବା ସହ ଶେଷ ହୋଇଥିବା ଖୋଦେଇ ରୂପଗୁଡ଼ିକର ବାଲି କାଗଜ ଦ୍ୱାରା ପଲିସ୍ କରୁଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନି ରଥର ୧୨ଟି ଚକ ପାଇଁ ଆବଶ୍ୟକ ଅର କଣ୍ଟା, ପଦାରି ବଳା ନିର୍ମାଣ ଶେଷ କରିଛନ୍ତି। ତିନି ରଥର ବାକି ଚକ ପାଇଁ ଅରକଣ୍ଟା, ପଦାରି, ବଳା ନିର୍ମାଣ ସହ ପଦାରି ଚାବି ଏବଂ ପଟା ଜଏଣ୍ଟ ପାଇଁ ଯୋକିଆ କଣ୍ଟା ନିର୍ମାଣ କରୁଛନ୍ତି।

# ଜଙ୍ଗଲକଟାକୁ ବିରୋଧ କରିବାରୁ ବୁଲିଲା ଖଣ୍ଡା



**ଉତ୍ତ୍ୟକ୍ତ ଲୋକଙ୍କ ବୈଶିଙ୍ଗା-ରୁପ୍‌ସା ରାସ୍ତା ଅବରୋଧ**

ବୈଶିଙ୍ଗା/ବେତନଟୀ, ୧୧।୫ (ସମିସ): ଜଙ୍ଗଲ କଟାକୁ ବିରୋଧ କରିବାରୁ ବୁଲିଲା ଖଣ୍ଡା। ମୟୂରଭଞ୍ଜ ଜିଲ୍ଲା ପୁରୁଣିଆ ପଞ୍ଚାୟତର ପଥରସାହି ଗ୍ରାମରେ ଏପରି ଏକ ଘଟଣା ଘଟିଛି। ଜଙ୍ଗଲ କାଟିବା ପାଇଁ ଅନୁମତି ପ୍ରଦାନକୁ ନେଇ ଗ୍ରାମବାସୀ ବିରୋଧ କରିଥିଲେ। ଗତକାଲି ଜଙ୍ଗଲ କାଟିବାକୁ ଆସିଥିବା ଯୁବକମାନେ ଧମକଚମକ ଦେବା ସହ ଖଣ୍ଡା, ଭୁଜାଲି ଦେଖାଇ ଲୋକଙ୍କୁ ଭୟଭୀତ କରିଥିଲେ। ଏ ସଂପର୍କରେ ଗତକାଲି ବୈଶିଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ, ପୁଲିସ କୌଣସି ପଦକ୍ଷେପ ନ ନେବାରୁ ଲୋକଙ୍କ ମଧ୍ୟରେ ଆକ୍ରୋଶ ଦେଖାଦେଇଥିଲା। ତେବେ ଆଜି ପୁଣି ଅଭିଯୁକ୍ତମାନେ ବିଜେପି ନେତା ଚନ୍ଦ୍ରହାସ୍ୟ ପାଣିଗ୍ରାହୀଙ୍କ ଘର ସମ୍ମୁଖରେ ଖଣ୍ଡା, ଭୁଜାଲି ବୁଲାଇବା ସହ ଧମକ ଦେଇଥିଲେ। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକ ବୈଶିଙ୍ଗା-ରୁପ୍‌ସା ରାସ୍ତା ଅବରୋଧ କରିଥିଲେ। ବୈଶିଙ୍ଗା ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ସେମାନେ ଅଭିଯୋଗ କରିଥିଲେ।

# ଆର୍ଟ ଅଫ୍ ଗିଭିଂ: ସୁଖ ଓ ଶାନ୍ତି ପାଇଁ ବିଶ୍ୱବ୍ୟାପୀ ଏକ କୋମଳ ଆନ୍ଦୋଳନ

**ଅଚ୍ୟୁତ ସାମନ୍ତ**

'ଆର୍ଟ୍ ଅଫ୍ ଗିଭିଂ' ବା ଦେବାର କଳା ଏକ ଜୀବନ ଦର୍ଶନ ଯାହା ବିଶ୍ୱର କୋଟି କୋଟି ଲୋକଙ୍କୁ ଦୟା, କରୁଣା, ସ୍ନେହ, ପ୍ରେମ ଓ ସାମାଜିକ ସମ୍ପ୍ରିତିର ମନ୍ତ୍ରରେ ଅଭିମନ୍ତ୍ରିତ କରିବା ସହ ସେମାନଙ୍କୁ ଅନୁପ୍ରାଣିତ କରୁଛି। ମୌଳିକ ମାନବୀୟ ମୂଲ୍ୟବୋଧର ପ୍ରତିଷ୍ଠା ଓ ପ୍ରସାରରେ ସହାୟିକ ହୋଇପାରିଛି। ଏହି ଦାନ ଦର୍ଶନ କୌଣସି ନୂତନ ଉଦ୍ଭାବନ କି ଆବିଷ୍କାର ନୁହେଁ; ଏହା ମଣିଷର ଅନ୍ତଃ ପ୍ରବୃତ୍ତି, ଯାହା ଚିରନ୍ତନ ଓ ଶାଶ୍ୱତ, ତାର ଜାଗରଣ ଓ ପ୍ରତିଫଳନ। ନିଜ ଭିତରର ଦେବତ୍ୱର ସନ୍ଧାନ ଓ ବିକୀରଣ। 'ଆର୍ଟ୍ ଅଫ୍ ଗିଭିଂ'ର ଆଧାର ହେଉଛି ନିଃସ୍ୱାର୍ଥପର ଦାନ ମାଧ୍ୟମରେ ସମାଜରେ ସୁଖ, ଶାନ୍ତି ପ୍ରୀତି ଓ ଖୁସିର ବିତରଣ, ପ୍ରସାରଣ ଓ ପ୍ରୋତ୍ସାହନ। ଯଦି ପ୍ରତ୍ୟେକଙ୍କ ମଧ୍ୟରେ ଏହି ଭାବ ବିକଶିତ ହେବ, ତେବେ ପୃଥିବୀ ଆହୁରି ସୁନ୍ଦରତମ ଓ ବାସଯୋଗ୍ୟ ହୋଇପାରିବ।

ମୁଁ ଅତ୍ୟନ୍ତ ଆନନ୍ଦିତ ଓ କୃତଜ୍ଞ ଯେ ମୋ ଦ୍ୱାରା ଆରମ୍ଭ ହୋଇଥିବା କ୍ଷୁଦ୍ର ପ୍ରୟାସ, ଅଭିଯାନ, ଏବେ ଏକ ବିଶାଳ ବୈଶ୍ୱିକ ଆନ୍ଦୋଳନରେ ପରିଣତ ହୋଇଛି। ୨୦୧୩ ମସିହା ମେ ୧୭ ତାରିଖରୁ ହୋଇଥିବା ଏହି ଯାତ୍ରା ବିଶ୍ୱର ୨୨୨ଟି ଦେଶକୁ ପ୍ରସାରିତ ହୋଇଛି। ପ୍ରତିବର୍ଷ ପାଳିତ ହେଉଛି ମେ ୧୭ ତାରିଖରେ ଅନ୍ତର୍ଜାତୀୟ 'ଆର୍ଟ୍ ଅଫ୍ ଗିଭିଂ' ଦିବସ। ବର୍ଷକୁ ବର୍ଷ ଏହି ଅଭିଯାନର ଆକାର ପ୍ରକାର, କଳେବର, ଭୂଗୋଳ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଆମକୁ ଉତ୍ସାହିତ କରିଛି। ଆଜି 'ଆର୍ଟ୍ ଅଫ୍ ଗିଭିଂ ପରିବାରରେ ୩ ନିୟୁତରୁ ଊର୍ଦ୍ଧ ସକ୍ରିୟ ସଦସ୍ୟ ଅଛନ୍ତି। ସବୁ ମହାଦେଶରେ, ୨୨୨ ଦେଶରେ, ପଲ୍ଲୀଠୁ ଆରମ୍ଭ କରି ମହାନଗରୀ ପର୍ଯ୍ୟନ୍ତ ଏହା କାୟା ବିସ୍ତାର କରିଛି। ଏଥିରେ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଜନ୍ମସ୍ଥାନ, ଜାତୀୟତା, ବେଉସା, ବୟସ ନିର୍ବିଶେଷରେ ସମସ୍ତେ ସାମିଲ ହୋଇଛନ୍ତି। କିଶୋର ଛାତ୍ରଛାତ୍ରୀଙ୍କଠାରୁ ବରିଷ୍ଠ ନାଗରିକ, ପଲ୍ଲୀବାସୀ, ବନବାସୀ, ସହରବାସୀ, ନଗରବାସୀ - ସମସ୍ତେ ଏକ ବିଚାରର ସୂତ୍ରରେ ବାନ୍ଧି ହୋଇଛନ୍ତି, ଯେଉଁ ବନ୍ଧନ ମୁକ୍ତ ହୃଦୟର ବନ୍ଦନା ଗାନ କରେ। ଜୀବନର ଜୟଗାନ କରେ। ସଂକୀର୍ଣ୍ଣତାର ସୀମା ବିଲୋପ କରି ଅସୀମତାର ଆବାହାନ କରେ। ଏଥିରୁ ଦୟା ଧର୍ମ ଦାନ ଦର୍ଶନର ସାର୍ବଜନୀନତା ସ୍ପଷ୍ଟ ଅନୁଭୂତ। ଆଗାମୀ ସମୟ ଯେ ଉଜ୍ଜ୍ୱଳ ସମୟ, ଆଲୋକ ଓ ଆନନ୍ଦର ସମୟ, ଏହି ଉପଲବ୍ଧି ଆମ ସମସ୍ତଙ୍କୁ ପୁଲକିତ କରୁଛି।



ମୁଁ ଆଗରୁ କହିଛି, 'ଆର୍ଟ୍ ଅଫ୍ ଗିଭିଂ'ର ଆଭିମୁଖ୍ୟ ଏକ ଶାଶ୍ୱତ ଭାବର ପ୍ରୟୋଗ କେବଳ। ଏହି ଅଭିଯାନ ଆନୁଷ୍ଠାନିକ ରୂପ ଦେବାର ଯଥେଷ୍ଟ ପୂର୍ବରୁ, ମୋ ବାଲ୍ୟ ଓ କୈଶୋର କାଳରେ ଏହା ମୋତେ ଅଭିମନ୍ତ୍ରିତ କରିଥିଲା। କୌଣସି ଶାସ୍ତ୍ରର ପ୍ରଭାବରୁ ନୁହେଁ, ସ୍ୱତଃସ୍ଫୁର୍ତ ଭାବରେ ମୁଁ ଏହି ଶିକ୍ଷା ଆହରଣ କରିଥୁଲି ମୋ ଜୀବନ ବିଦ୍ୟାଳୟରୁ, ମୋ ପରିବେଶର ପାଠଶାଳାରୁ। ମୋର ବାଲ୍ୟ ଓ କୈଶୋର କଟିଛି ଉତ୍କଟ ଦାରିଦ୍ର୍ୟ, ଅସହାୟତା ଓ ନାନାଦି ପ୍ରତିକୂଳ ପରିବେଶରେ। ନାହିଁ ନାହିଁରେ। ଯେତେବେଳେ ମୁଁ ବସ୍ତୁତଃ ଶୂନ୍ୟ, ଦେବାକୁ ପ୍ରାୟ କିଛି ନଥୁଲା, ସେତେବେଳେ ଏହି ଭାବ ମତେ ଆଲୋକିତ କରୁଥିଲା। ସାମାନ୍ୟ କିଛି ଦେଇଦେଲେ କାହାକୁ, ସେ ଭାବରେ ହେଉ କି ଦ୍ରବ୍ୟରେ; ମୁଁ ଶୂନ୍ୟରୁ ଆହୁରି ଶୂନ୍ୟ ହୋଇଯାଉନଥୁଲି, ବରଂ ମୋ ଭିତର ପୂରି ଉଠୁଥିଲା ଅନନ୍ୟ ଅପୂର୍ବ ଆନନ୍ଦରେ, ଯାହା ସତରେ ଅମୂଲ୍ୟ ଓ ଅକଳ୍ପନୀୟ। ଏହା କ୍ରମଶଃ ମୋ ଜୀବନ ଶୈଳୀର ଅଂଶ ହେଇଗଲା। ନିଃସ୍ୱାର୍ଥପର ଦାନଶୀଳତା ମୋ ଜୀବନର ବ୍ରତ ହୋଇଗଲା। ପିଲାବେଳେ ଚକୁଳିଆ ପଣ୍ଡାଙ୍କଠୁ ଶୁଣିଥିବା 'ଦେଇଥିଲେ ପାଇ...' ଗୀତର ମର୍ମ ମୁଁ ଅନୁଭବ କରିପାରିଲି। ପ୍ରକୃତରେ ଦେଲେ ସରେନି, ବରଂ ବଢ଼େ; ଏବଂ ଏହି କୈଶୋର କାଳର ଉପଲବ୍ଧିର ପ୍ରୟୋଗ ଓ ବ୍ୟାଖାନର ଫଳଶ୍ରୁତି ହେଉଛି 'ଆର୍ଟ୍ ଅଫ୍ ଗିଭିଂ' – ଯାହା ଏକ ଜନ ଆନ୍ଦୋଳନର ରୂପ ନେବା ମୋ ପାଇଁ ଚରମ ସନ୍ତୁଷ୍ଟି। ମୋର ଅନୁଭବ ଓ ଅନୁଭୂତି ଆଧାରରେ ମୋ ଦ୍ୱାରା ଲିଖିତ ଓ ରୂପା ପବ୍ଲିକେଶନ ଦ୍ୱାରା ପ୍ରକାଶିତ ଏକ ପୁସ୍ତକ 'ଆର୍ଟ୍ ଅଫ୍ ଗିଭିଂ- ଏ ୱେ ଅଫ୍ ଲାଇଫ୍' ଗତ ବର୍ଷ ପ୍ରକାଶ ପାଇଛି ଯାହାର ବିପୁଳ ପାଠକୀୟତା ମତେ ଅଭିଭୂତ କରିଛି।

ପ୍ରତିବର୍ଷ 'ଆର୍ଟ୍ ଅଫ୍ ଗିଭିଂ ସମସାମୟିକ ଆହ୍ୱାନ ଓ ଆବଶ୍ୟକତା ଆଧାରରେ ଏକ ବିଷୟବସ୍ତୁ ଚୟନ କରେ। ୨୦୧୪ ମସିହାରେ ବିଷୟ ଥିଲା 'ସମାଜ, ଆଧ୍ୟାତ୍ମିକତା ଓ ମାନବିକତା'। ୨୦୧୫ ମସିହାରେ ବିଷୟ ଥିଲା 'କରୁଣା: ବସ୍ତ୍ର ବ୍ୟାଙ୍କ' ଯେଉଁଥିରେ ପୁରୁଣା ବସ୍ତ୍ର ଦାନ କରିବାକୁ କୁହାଯାଇଥିଲା। ୨୦୧୬ ର ବିଷୟ ଥିଲା 'କୃତଜ୍ଞତା'– ଉଭୟ ଅନ୍ତର୍ମୁଖୀ ଓ ବହିର୍ମୁଖୀ ଭାବବୋଧରେ ନିଜକୁ ଓ ନିଜ ପରିପାର୍ଶ୍ୱ ସହ ସମ୍ପର୍କିତ ହେବାର ଆହ୍ୱାନ। ୨୦୧୭ ରେ 'ସାଇକ୍ଲୋଥନ' ବିଷୟକୁ ନେଇ ସ୍ୱାସ୍ଥ୍ୟ ଓ ସଂହତି ସମ୍ପର୍କିତ ଜନ ସଚେତନତାର ସମନ୍ୱିତ ବାର୍ତ୍ତା ବହନ କରିଥିଲା। ୨୦୧୮ ରେ 'ପ୍ୟାରାଭରା ପ୍ୟାକ୍' ନୂଆ ଇତିହାସ ସୃଷ୍ଟି କରିଥିଲା। ସାରା ଦେଶରେ ୨୦ ନିୟୁତରୁ ଊର୍ଦ୍ଧ୍ୱ ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରାଯାଇଥିଲା। 'ବ୍ୟାଗ୍ ଅଫ୍ ହାପିନେସ୍'- ଖୁସିର ବସ୍ତାନୀ ଉପକ୍ରମରେ ସ୍ୱେଚ୍ଛାସେବୀମାନେ ଅବହେଳିତ ବର୍ଗର ପିଲାମାନଙ୍କ ସହ ଖୁସି ବାଣ୍ଟିଥିଲେ। କରୋନା ବର୍ଷ ୨୦୨୦ ମସିହାର ବିଷୟ 'କରୋନା ବିରୋଧରେ ଯୁଦ୍ଧ'ରେ କରୋନା ପ୍ରଭାବିତ ପରିବାର ଓ କରୋନା ଯୋଦ୍ଧାମାନଙ୍କୁ ସମର୍ଥନ ଓ ସହାୟତା ପ୍ରଦାନ। ୨୦୨୧ର ବିଷୟ 'ମୋ ମା'– ମୋ ଆଦର୍ଶ' ବ୍ୟାପକ ଆବେଗିକ ପ୍ଲାବନ ସୃଷ୍ଟି କରିଥିଲା। ସନ୍ତାନମାନଙ୍କର ନିଜ ନିଜର ମାଆମାନଙ୍କୁ ଆବେଗଭରା କୃତଜ୍ଞତାର ପତ୍ରରେ ବିପୁଳ ପୁଲକ ଓ ଆଲୋକ ଦେଖିବାକୁ ମିଳିଥିଲା। ୨୦୨୨ ମସିହାର ବିଷୟ ଥିଲା 'ଆଶା, ଖୁସି ଓ ସମନ୍ୱୟ'। 'ସାହାଯ୍ୟକାରୀଙ୍କୁ ସାହାଯ୍ୟ'- ୨୦୨୩ର ବିଷୟ ଆଧାରରେ ଆମ ଜୀବନରେ ଯେଉଁମାନଙ୍କର ସେବା ଆମେ ପାଇଥାଉ, ବିଶେଷ କରି ଘରୋଇ ପରିଚାରକ, ତାଙ୍କ ପ୍ରତି ସମ୍ବେଦନଶୀଳ ହେବା ଥିଲା ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ୨୦୨୪ର ବିଷୟ ଥିଲା 'ଆହୁରି ଉଚ୍ଚମାନର – ଚିନ୍ତାରେ ଓ ଚେତନାରେ'। 'ଆର୍ଟ୍ ଅଫ୍ ଗିଭିଂ'ର ମହତ ବାର୍ତ୍ତାକୁ ବ୍ୟାପକ ଓ ସାର୍ବଜନୀନ କରିବାର ଅଙ୍ଗୀକାର। 'ଉତ୍ତମ ପଡ଼ିଶା: ପଡ଼ୋଶୀଙ୍କ ସହ ସୁସମ୍ପର୍କ' ସ୍ଥାନୀୟ ପରିବେଶକୁ ସମ୍ବେଦନାରେ ପୂର୍ଣ କରିବାର ପ୍ରୟାସ। ଚଳିତ ବର୍ଷର ବିଷୟ: 'ସେୟାର ଟୁ ସାଇନ୍'-ସହଭାଗିତାରେ ସମୃଦ୍ଧି। ପାରସ୍ପରିକ ପ୍ରେମ, ସହାନୁଭୂତି ଓ ସମ୍ପ୍ରତିର କ୍ରିୟାଶୀଳ ପରିବେଶରେ ହିଁ ପ୍ରତ୍ୟେକଙ୍କର ଉନ୍ନତି; ଉଭୟ ବ୍ୟକ୍ତି ଓ ସମାଜର ଉତ୍ତରଣ। ଆଶା, ଏହା ସମଗ୍ର ବିଶ୍ୱରେ ଆତ୍ମ ନିରୀକ୍ଷଣ, ଆୟ ସମୀକ୍ଷା ଓ ଆତ୍ମୋପଲବ୍ଧି ନିମନ୍ତେ ପଥ ପ୍ରଶସ୍ତ କରିବ। ଦାନଶୀଳତା, ଯାହା 'ଆର୍ଟ୍ ଅଫ୍ ଗିଭିଂ'ର ଅଂଶ ଓ ଆତ୍ମା, ତାହା ଆମ ସଂସ୍କୃତିର ଅନ୍ୟ ଏକ ବିଭବ। ଆମ ଅସ୍ତିତ୍ୱ, ସ୍ଥିତି ଓ ବ୍ୟାପ୍ତିର ବ୍ୟାକରଣ। ପ୍ରତ୍ୟେକ ଧର୍ମ ଓ ବିଶ୍ୱାସରେ ଦାନଶୀଳତାକୁ ମହିମାନ୍ୱିତ କରାଯାଇଛି। ଭଗବତ୍ ଗୀତାରେ କୁହାଯାଇଛି-

ଦାତବ୍ୟମିତି ଯଦ୍ଦାନଂ ଦୀୟତେଽନୁପକାରିଣେ।
ଦେଶେ କାଳେ ଚ ପାତ୍ରେ ଚ ତଦ୍ଦାନଂ ସାତ୍ତ୍ୱିକଂ ସ୍ମୃତମ୍ (୧୭/୨୦)




ଅର୍ଥାତ, ଦାନ କରିବା କର୍ତ୍ତବ୍ୟ- ଏପରି ଭାବନା ରଖି ଯେଉଁ ଦାନ ଉପଯୁକ୍ତ ସ୍ଥାନ, କାଳ ଓ ପାତ୍ରରେ ଅନୁପକାରୀକୁ (ଅର୍ଥାତ୍ ନିଷ୍କାମ ଭାବରେ) ଦିଆଯାଏ, ତାହାକୁ ସାତ୍ତ୍ୱିକ ଦାନ କୁହନ୍ତି। ଗୀତା ଅନୁସାରେ ଅନ୍ୟର ମଙ୍ଗଳ ପାଇଁ କର୍ମ କରିବା ଯଜ୍ଞ, ସର୍ବଦା ପ୍ରସନ୍ନ ରହିବା ଓ ଦେୟଦ୍ରବ୍ୟକୁ ଦାନ ଗ୍ରହୀତାର ସ୍ୱତ୍ତ୍ୱ ମନେକରି ତାକୁ ଅର୍ପଣ କରିଦେବା ଦାନ ଅଟେ। ସ୍ୱାର୍ଥ ବୃଦ୍ଧିରେ ଦାନ ରାକ୍ଷସ ସ୍ୱଭାବର ପରିଚାୟକ। ସାଧାରଣତଃ କୁହାଯାଏ ଏକ ଗୁଣ ଦାନ ସହସ୍ର ଗୁଣ ପୂଣ୍ୟ। ଯେ ଦିଏ ସେ ରହେ। କାଳ କାଳକୁ ଯେମିତି ଦାନବୀର କର୍ଣ୍ଣ, ଦାନବୀର ହରିଶ୍ଚନ୍ଦ୍ର। ଏମାନେ ଦାନଶୀଳତାର ଶିଖର ପ୍ରତୀକ। ଇସଲାମରେ ଜକାତ, ଖ୍ରୀଷ୍ଟ ଧର୍ମରେ ଚାରିଟି, ବୌଦ୍ଧ ଧର୍ମର କରୁଣା, ଜୈନ ଧର୍ମରେ ଜ୍ଞାନର ପ୍ରସାର ଓ ଜୀବନ ରକ୍ଷା, ଜୁଦାଇଜିମ୍‌ରେ ଓ ଜୋରାଷ୍ଟ୍ରିୟାନ୍‌ରେ ଦାରିଦ୍ର୍ୟ ଦୂରୀକରଣ ଜୁଦାଇଜିମ୍ ଓ ଜୋରାଷ୍ଟ୍ରିୟାନ୍‌ରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଆହ୍ୱାନ ଦାନଶୀଳତାର ପ୍ରଖର ପ୍ରଶଂସା ରହିଛି। ପ୍ରାଚୀନ ଆଦର୍ଶ, ମୂଲ୍ୟବୋଧ, ପରମ୍ପରା ଓ ପ୍ରକାର ଆଧୁନିକୀକରଣ ଓ ପ୍ରୟୋଗର କ୍ରିୟାଶୀଳ ରୂପ ହେଉଛି 'ଆର୍ଟ୍ ଅଫ୍ ଗିଭିଂ'। ଏହା ଦିନିକିଆ ଉତ୍ସବ ନୁହେଁ, ପ୍ରତିଟି ମୁହୂର୍ତ୍ତର ଉତ୍ସବ। ସେବା ଓ ଦାନ ଭାବର ନିରନ୍ତର ପ୍ରକାର ଓ ପ୍ରସାରଣ। ଏହା ଦ୍ରବ୍ୟକୁ ଟପି ଭାବକୁ ସମ୍ପ୍ରସାରିତ। ଯେଉଁ ଭାବ ମୋଳନକୁ ଉନ୍ମୁଖ ରଖେ। ପରକୁ ଆପଣାର ମଣେ। ନିଜ ଭିତରେ ଅନ୍ୟକୁ ଦେଖେ, ଅନ୍ୟ ଭିତରେ ନିଜକୁ ଦେଖେ। ତାର ସେବା ସହାୟତା ପ୍ରକାରନ୍ତରେ ନିଜକୁ ସମର୍ପିତ। ଅନ୍ୟକୁ ଦେବା ପାଇଁ ବହୁ କଥା ଅଛି। ଖୋଜି ପାଇଲେ ହେଲା, ଦେଇ ପାରିଲେ ହେଲା। କିଛି ନ ହେଲେ ଅନ୍ତତଃ ଓଠରେ ସ୍ମିତହାସ୍ୟଟିଏ ତ ରଖିହେବ। ଆହା ପଦେ ତ କହି ହେବ। ମାନସିକ ଆଶ୍ୱାସନା ତ ଦେଇହେବ। ଏହି ଭାବ ପ୍ରକଟିତ ହେଲେ ତାହା ଅନେକ ମାଧ୍ୟମରେ, ଆକାରରେ ପ୍ରକାରରେ ବାସ୍ତବାୟିତ ହୁଏ। 'ଆର୍ଟ୍ ଅଫ୍ ଗିଭିଂ'ର ଏହା ହିଁ ଲୟ ଓ ଲକ୍ଷ୍ୟ।

'ଆର୍ଟ୍ ଅଫ୍ ଗିଭିଂ' କୌଣସି ଆନୁଷ୍ଠାନିକ ବ୍ୟବସ୍ଥାରେ ପରିଚାଳିତ ନୁହେଁ। ଏହା ସମ୍ପୂର୍ଣ୍ଣ ରୂପେ ବ୍ୟକ୍ତିଗତ ଓ ସ୍ୱେଚ୍ଛାକୃତ। ଖୁସିର କଥା, ସ୍ୱେଚ୍ଛାସେବୀମାନେ ବର୍ଷ ବ୍ୟାପୀ ବିଭିନ୍ନ ପ୍ରକାରର କାର୍ଯ୍ୟରେ ଏହାର ରୂପାୟନ କରୁଛନ୍ତି। ଏହି ଖବର ଆମକୁ ଆହୁରି ସକ୍ରିୟ ଓ ସଶକ୍ତ ତଥା ଆସ୍ଥାବାନ କରୁଛି।

୧୩ତମ ଅନ୍ତର୍ଜାତୀୟ 'ଆର୍ଟ୍ ଅଫ୍ ଗିଭିଂ' ଦିବସ ଅବସରରେ ପୃଥିବୀର ପାରସ୍ପରିକ ସ୍ନେହ, ଶ୍ରଦ୍ଧା, ଅନୁରାଗ, ସହଯୋଗ, ସଦିଚ୍ଛା ଓ ମାନବବାଦର ଜୟଯାତ୍ରା ଫଳପ୍ରସୂ ଓ ସଶକ୍ତ ହେଉ ବୋଲି ମୋର କାମନା ଓ ପ୍ରାର୍ଥନା। ଯେଉଁ ଦାନଶୀଳତା ମଣିଷର ଗୁଣସୂତ୍ରରେ ଅଛି, ତାର ଉଜ୍ଜ୍ୱଳ ପରିପ୍ରକାଶ ଘଟୁ। ■

ପ୍ରତିଷ୍ଠାତା, କିଟ୍, କିସ୍ ଓ ଆର୍ଟ ଅଫ୍ ଗିଭିଂ

# ଅବଶିଷ୍ଟାଂଶ...

### ବଙ୍ଗୋପସାଗରରେ ଲଘୁଚାପ...

ଘଡ଼ଘଡ଼ି ସମେତ ବର୍ଷା ପବନ ହୋଇଛି। ମଙ୍ଗଳବାର ମଧ୍ୟ ଅନେକ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସାଙ୍ଗକୁ ପବନର ବେଗ ୪୦-୫୦ କିମି ବେଗରେ ପବନ ବହିବା ଯୋଗୁଁ କିଛି କିଛି ସ୍ଥାନରେ ଗଛ ଡାଳ ଭାଙ୍ଗିପାରେ।। ଏହି କ୍ରମରେ ମଙ୍ଗଳବାର ପାଇଁ ରାଜ୍ୟର ୧୭ଟି ଜିଲ୍ଲାକୁ ବିଜୁଳି, ଘଡଘଡି ସହ ବର୍ଷା ସମ୍ଭାବନା ଆକଳନ କରି ପାଣିପାଗ କେନ୍ଦ୍ର ୟେଲୋ ୱାର୍ଣ୍ଣିଂ ଜାରି କରିଛି। ସେହିପରି ଆଗାମୀ ୨ ଦିନ ପର୍ଯ୍ୟନ୍ତ ଓଡ଼ିଶାର ଜିଲ୍ଲା ଗୁଡ଼ିକରେ ସର୍ବାଧିକ ତାପମାତ୍ରାରେ କୌଣସି ବଡ଼ ଧରଣର ପରିବର୍ତ୍ତନ ହେବାର ସମ୍ଭାବନା ନଥିବା ବେଳେ ଏହା ପରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ୨-୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଗତ ୨୪ ଘଣ୍ଟାରେ ୮ଟି ଜିଲ୍ଲାରେ ତାପମାତ୍ରା ୩୮ ଡିଗ୍ରୀ ଉପରେ ରେକର୍ଡ ହୋଇଥିବା ବେଳେ ଟିଟିଲାଗଡ଼ରେ ତାପମାତ୍ରା ୩୯ ଡିଗ୍ରୀ ରେକର୍ଡ ହୋଇଛି।

### ଖଣ୍ଡଖଣ୍ଡ କରି...

ଦେହୁରୀଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରାଯାଇଛି। ଅପରପକ୍ଷେ, ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ପରେ ମୃତଦେହକୁ ଓଡ଼ଗାଁ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ ଡାକ୍ତର ନିଳାଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ବୈଜ୍ଞାନିକ ପରୀକ୍ଷା ପାଇଁ କଟକ ପଠାଯାଇଛି। ଘଟଣାକୁ ଗୁରୁତ୍ୱର ସହ ନେଇ କେନ୍ଦ୍ରାଞ୍ଚଳ ପୁଲିସ୍ ଆଇଜି ଡ. ସତ୍ୟଜିତ ନାୟକ, ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତର ସମୀକ୍ଷା କରିଛନ୍ତି।

ସୂଚନାନୁଯାୟୀ, ରବିବାର ରାତି ପ୍ରାୟ ସାଢ଼େ ୧ଟାରୁ ୨ଟା ମଧ୍ୟରେ ଏହି ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। କଦଳୀବନ୍ଧ ଅଞ୍ଚଳର ଏକ ସାହିରେ ଦୁଇଟି ୪୦୭ ଟ୍ରକ୍‌ରେ ବେଆଇନ ଭାବେ ମାଙ୍କଡ଼ା ପଥର ଅନଲୋଡ୍ କରାଯାଉଥିଲା। ଏହା ଦେଖି ଅଜିତ ଓ ତାଙ୍କ ସହଯୋଗୀ ସନ୍ତୋଷ ପ୍ରଧାନ ଓଡ଼ଗାଁ ପୁଲିସକୁ ଖବର ଦେଇଥିଲେ। କିନ୍ତୁ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିନଥିଲା। ଖବର ପାଇ ଟ୍ରକ୍ ମାଲିକ ପୂର୍ଣ୍ଣଚନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚି ଅଜିତ୍ ଏବଂ ସନ୍ତୋଷ ସହ ଆଲୋଚନା କରୁଥିବା ବେଳେ ଏକ ବୋଲେରୋ ଓ ବାଇକ୍‌ରେ ଅନ୍ୟ କିଛି ଅଭିଯୁକ୍ତ ସେଠାରେ ଆସି ପହଞ୍ଚିଥିଲେ। ଉଭୟ ପକ୍ଷ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ପରେ ଘଟଣା ଉଗ୍ରରୂପ ନେଇଥିଲା। ଅଭିଯୁକ୍ତମାନେ ଗାଡ଼ିରୁ ଧାରୁଆ ଅସ୍ତ୍ର ବାହାର କରି ଅଜିତଙ୍କୁ ଆକ୍ରମଣ କରିଥିଲେ। ଅଜିତ ପ୍ରତିରୋଧ କରିବାରେ ବିଫଳ ହୋଇ ତଳେ ପଡ଼ିଯାଇଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ ଆକ୍ରମଣ କରିଥିଲେ। ତାଙ୍କ ଦୁଇ ହାତକୁ ମଧ୍ୟ ହାଣି ଦେଇଥିଲେ। ଏହା ଦେଖି ସହଯୋଗୀ ସନ୍ତୋଷ ପ୍ରଧାନ ଜୀବନ ବିକଳରେ ସେଠାରୁ ଦୌଡ଼ି ପଳାଇ ଯାଇଥିଲେ।

ଖବର ପାଇ ପରିବାର ଓ ସ୍ଥାନୀୟ ଲୋକେ ରାତି ପ୍ରାୟ ୩ଟାରୁ ୨୧ ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଫଳରେ ଦୁଇ ପାର୍ଶ୍ୱରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ସ୍ଥାନୀୟ ଲୋକମାନେ ୫ଟି ଦାବି ରଖିଥିଲେ। ବେଆଇନ ମାଙ୍କଡ଼ା ଖଣି କାରବାର ବନ୍ଦ, ଏଏସ୍‌ଆଇ ମନୋରଞ୍ଜନ ଦେହୁରିଙ୍କୁ ନିଲମ୍ବନ, ପରିବାରକୁ କ୍ଷତିପୂରଣ, ୭ ଦିନ ମଧ୍ୟରେ ଦୋଷୀଙ୍କୁ ଗିରଫ ଏବଂ ଫାଶୀ ଦେବା ପାଇଁ ଦାବି କରିଥିଲେ। ଉତ୍ତେଜନା ବଢ଼ିବାରୁ ସେଠାରେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଶରଣକୁଳ ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନ ଓ ଥାନା ଅଧିକାରୀ ସତ୍ୟନାରାୟଣ ବାରିକ ପ୍ରମୁଖ ସେମାନଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଦିନ ପ୍ରାୟ ୧୧ଟାରେ ଅବରୋଧ ହଟିଥିଲା।

### ହତ୍ୟା ପରେ...

ମାଆଙ୍କଠାରୁ ମିଳିଥିବା ସୂଚନାନୁସାରେ, ସଞ୍ଜୟ ବାଲିସାହି ଗ୍ରାମର ଜଣେ ମହିଳାଙ୍କୁ ଭଲ ପାଉଥିଲେ। ଏହାକୁ କେନ୍ଦ୍ର କରି ତାଙ୍କୁ ହତ୍ୟା କରାଯାଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ, ଏଏସ୍‌ଆଇ ଶାହା ଆଲାମ ଖାଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଆସନ୍ତାକାଲି ସାଇଣ୍ଟିଫିକ୍ ଟିମ୍ ଆସିବ ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଓଡ଼ଗାଁ ଥାନା ଅଞ୍ଚଳରେ ଗତରାତିରେ ଜଣେ ଯୁବକଙ୍କୁ ଅତି ବୀଭତ୍ସ ଭାବେ ହାଣି ହତ୍ୟା କରାଯାଇଥିବା ବେଳେ ଗଣିଆ ଥାନା ଅଞ୍ଚଳର ଏହି ଘଟଣା ଜିଲ୍ଲାର ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଚାଷୀ ମାଗିଲେ...

ମାରି ଖରିଫରେ କିଛି ଧାନ ଉତ୍ପାଦନ କରିଥିଲେ। ମାତ୍ର ତାହା ସେ ବିକ୍ରି କରିପାରିଲେ ନାହିଁ। ଏବେ ବି ମଣ୍ଡିରେ ତାଙ୍କର ବସ୍ତାବସ୍ତା ଧାନ ପଡ଼ି ରହିଛି। ସେ କହିଛନ୍ତି ଯେ ଗତ ଖରିଫ ଋତୁରେ ପ୍ରଶାସନର ଅବହେଳା ଯୋଗୁଁ ସେ ଧାନ ବିକି ପାରିନାହାନ୍ତି। ଧାନଗଣ୍ଡାକ ବିକିବା ପାଇଁ ସେ ଦୀର୍ଘ ଦିନ ହେଲା ଖରା-ବର୍ଷାରେ ଧାରଣା ଦେଇଥିଲେ ମଧ୍ୟ କେହି ତାଙ୍କ କଥା ଶୁଣୁ ନାହାନ୍ତି। ବ୍ଲକ୍ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ସମସ୍ତେ ତାଙ୍କ ପ୍ରତି ଅବହେଳା କରିଛନ୍ତି। ଧାନ ବିକ୍ରି ହୋଇପାରୁନଥିବାରୁ ତାଙ୍କ ପରିବାରର ଅବସ୍ଥା ଶୋଚନୀୟ ହୋଇପଡିଛି। ବୃଦ୍ଧ ବାପା-ମା'ଙ୍କ ପାଇଁ ଔଷଧ ମଧ୍ୟ କିଣିପାରୁନାହାନ୍ତି, ପରିବାରର ଗୁଜୁରାଣ ମେଣ୍ଟାଇବା ତାଙ୍କ ପକ୍ଷରେ ସମ୍ଭବ ହେଉନାହିଁ, ଛୁଆଙ୍କ ପାଠପଢ଼ା ଖର୍ଚ୍ଚ ତୁଲାଇବା ଅସମ୍ଭବ ହୋଇ ପଡ଼ିଛି। ପରିବାର ଲୋକ ଦୁଃଖ ସେ ସହି ପାରୁନାହାନ୍ତି, ତେଣୁ ଅତିଷ୍ଠ ହୋଇ ଜୀବନ ହାରିବାକୁ ସେ ନିଷ୍ପତ୍ତି ନେଇଛନ୍ତି। ତେଣୁ ତାଙ୍କୁ ସରକାର ଓ ପ୍ରଶାସନ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେଉ। ଶାନ୍ତିରେ ସେ ଜୀଇ ପାରୁନାହାନ୍ତି, ଶାନ୍ତିରେ ଅନ୍ତତଃ ମରିବାକୁ ସରକାର ଅନୁମତି ଦେଉ ବୋଲି ସେ ଆବେଦନ କରିଛନ୍ତି।

### ପୁଣି ସୁପ୍ରିମକୋର୍ଟ...

କରିବା ନିମନ୍ତେ ସୁପ୍ରିମ କୋର୍ଟ ମମତା ବାନାର୍ଜୀଙ୍କୁ ପରାମର୍ଶ ଦେଇଛନ୍ତି। ମମତାଙ୍କ ଏହି ପିଟିସନକୁ ନିର୍ବାଚନ କମିସନ ବିରୋଧ କରିବାରୁ ଅଦାଲତ କହିଲେ ଯେ ସତ୍ୟପାଠ ମାଧ୍ୟମରେ ସେ ତାଙ୍କର ପକ୍ଷ ରଖନ୍ତୁ।

ଟିଏମ୍‌ସି ସୁପ୍ରିମୋ ମମତାଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରି ଆଜି ବରିଷ୍ଠ ଆଇନଜୀବୀ କଲ୍ୟାଣ ବାନାର୍ଜୀ କହିଲେ ଯେ ଉପରୋକ୍ତ ୩୧ଟି ନିର୍ବାଚନମଣ୍ଡଳୀ ମଧ୍ୟରୁ ଏମିତି ଗୋଟିଏ ଆସନ ରହିଛି ଯେଉଁଠାରେ କି ଟିଏମସି ପ୍ରାର୍ଥୀ ମାତ୍ର ୮୬୨ ଭୋଟରେ ହାରିଯାଇଛନ୍ତି। ଏଠାରେ ଏସ୍‌ଆଇଆର୍ ବେଳେ ୫ ହଜାରରୁ ଅଧିକ ଲୋକଙ୍କ ନାମ କଟାଯାଇଥିଲା। ସେ ଆହୁରି କହିଲେ ଯେ ବିଧାନସଭା ନିର୍ବାଚନରେ ବିଜେପି ଏବଂ ଟିଏମସି ମଧ୍ୟରେ ଭୋଟ ବ୍ୟବଧାନ ୩୨ ଲକ୍ଷ ଥିବା ବେଳେ ଏସ୍‌ଆଇଆର୍ ବେଳେ ତାଲିକାରୁ ବାଦ୍ ପଡ଼ିଛନ୍ତି ୩୫ ଲକ୍ଷରୁ ଅଧିକ ଭୋଟର ଏବଂ ସେମାନେ ଏହା ବିରୋଧରେ ଟ୍ରିବ୍ୟୁନାଲରେ ପିଟିସନ ଦାଖଲ କରିଛନ୍ତି। ଟ୍ରିବ୍ୟୁନାଲରେ ଯେଉଁଭଳି ବିଚାର ପ୍ରକ୍ରିୟା ଚାଲିଛି, ସେଥିରେ ଆବେଦନ ଉପରେ ନିଷ୍ପତ୍ତି ନେବାଲାଗି ଆହୁରି ୪ରୁ ୫ ବର୍ଷ ଲାଗିଯିବ।

ବାନାର୍ଜୀଙ୍କ ଯୁକ୍ତି ଶୁଣିବା ପରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀ କହିଲେ ଯେ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଭୋଟରଙ୍କ ସଂଖ୍ୟା ଯଦି ବିଜେପି ପ୍ରାର୍ଥୀଙ୍କ ବିଜୟ ବ୍ୟବଧାନ ଠାରୁ ଅଧିକ, ତାହାହେଲେ ଟିଏମ୍‌ସି ଏସଂପର୍କରେ ସାନି ପିଟିସନ ଦାଖଲ କରିପାରିବ। ଟିଏମସିର ପିଟିସନକୁ ବିରୋଧ କରି ନିର୍ବାଚନ କମିସନଙ୍କ ପକ୍ଷରୁ ଆଡଭୋକେଟ କହିଥିଲେ ଏହାର ସମାଧାନ କେବଳ ନିର୍ବାଚନ ପିଟିସନ ଦ୍ୱାରା ହିଁ ସମ୍ଭବ। ପ୍ରଧାନ ବିଚାରପତିଙ୍କ ବେଞ୍ଚ କହିଲେ ଯେ ସତ୍ୟପାଠ ମାଧ୍ୟମରେ କମିସନ ତାଙ୍କର ଯୁକ୍ତି ରଖନ୍ତୁ। ଟ୍ରିବୁନାଲ ଦ୍ୱାରା ଏସ୍‌ଆଇଆର୍ ସଂକ୍ରାନ୍ତ ପିଟିସନ ସମାଧାନରେ ବିଳମ୍ବକୁ ନେଇ ଆବେଦନକାରୀ ଚିନ୍ତା ପ୍ରକଟ କରିବାରୁ କୋର୍ଟ କହିଲେ ଯେ ସମୟସୀମା ମଧ୍ୟରେ ମାମଲାର ସମାଧାନ ଜରୁରୀ। ତେଣୁ ଟ୍ରିବୁନାଲ ବ୍ୟବସ୍ଥାରେ ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇପାରିବ।

ସୂଚନାଯୋଗ୍ୟ ଯେ ବିବାଦୀୟ ଏସ୍‌ଆଇଆର୍ ମଧ୍ୟରେ ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନ ହୋଇଥିଲା ଏବଂ ଏଥିରେ ବିଜେପି ୨୦୭ ଆସନ ପାଇଥିବା ବେଳେ ଟିଏମସି ଆସନ ସଂଖ୍ୟା ୮୦କୁ ହ୍ରାସ ପାଇଥିଲା। ନିର୍ବାଚନରେ ୯୦ ପ୍ରତିଶତରୁ ଅଧିକ ମତଦାନ ହୋଇଥିଲା। ଏସ୍‌ଆଇଆର୍ ପ୍ରକ୍ରିୟା ବେଳେ ୯୦ ଲକ୍ଷରୁ ଅଧିକ ଭୋଟରଙ୍କ ନାମ କାଟି ଦିଆଯାଇଥିଲା। ଟିଏମସି ଅଭିଯୋଗ କରିଥିଲା ଯେ ଏସ୍‌ଆଇଆର୍ ପ୍ରକ୍ରିୟା ବେଳେ ଏହାର ଭୋଟରଙ୍କୁ ନିର୍ଦ୍ଦିଷ୍ଟ ଭାବେ ଟାର୍ଗେଟ କରି କାଟି ଦିଆଯାଇଛି। ଟିଏମସିକୁ ହରାଇବା ଲାଗି ବିଜେପି ଏବଂ ନିର୍ବାଚନ କମିସନ ଏଭଳି ଅସାଧୁ ମେଣ୍ଟ କରିଥିଲେ ବୋଲି ପାର୍ଟି ଅଭିଯୋଗ କରିଥିଲା। ନିର୍ବାଚନ କମିସନଙ୍କ ତଥ୍ୟ ଅନୁଯାୟୀ ୨୦୨୧ ନିର୍ବାଚନରେ ଯେଉଁଠି ଟିଏମ୍‌ସି ଭଲ ପ୍ରଦର୍ଶନ କରିଥିଲା, ସେଠାରେ ଏସଆଇଆର ବେଳେ ସର୍ବାଧିକ ଭୋଟର କଟିଛନ୍ତି। ତଥାପି ଭୋଟର କାଟ୍ ସତ୍ତ୍ୱେ କିଛି ଆସନରେ ଟିଏମସି ଭଲ ଭୋଟ ବ୍ୟବଧାନରେ ଜିତିଛି। ଯେଉଁ ୨୧ଟିଆସନରେ ୨୦ ପ୍ରତିଶତରୁ ଅଧିକ ଭୋଟର କଟିଛନ୍ତି, ସେଥିମଧ୍ୟରୁ ପାଖାପାଖି ୧୦ ଆସନରେ ବିଜେପି ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି।

### ରାହୁଲଙ୍କ ଇନ୍‌ଷ୍ଟାଗ୍ରାମ୍...

ଏକ ଭିଡିଓ (ରିଲ) ଇନଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ। ତେବେ କଂଗ୍ରେସ ଦାବି କରିଛି ଯେ, ପୋଷ୍ଟ ହେବାର କିଛି ସମୟ ପରେ ଇନଷ୍ଟାଗ୍ରାମ ସେହି ରିଲ୍‌ଟିକୁ ବ୍ଲକ୍ କରିଦେଇଥିଲା। ଏଥିସହ ରାହୁଲ ଗାନ୍ଧୀ ଏହାକୁ ନେଇ ପ୍ରଶ୍ନ କରିଥିବା ତାଙ୍କର ଇନଷ୍ଟାଗ୍ରାମ ଷ୍ଟୋରୀକୁ ମଧ୍ୟ ହଟାଇ ଦିଆଯାଇଥିଲା। କଂଗ୍ରେସ ନେତା ଶ୍ରୀବତ୍ସାଙ୍କ କହିବା ଅନୁଯାୟୀ, ଏହି ଭିଡିଓଟି ମାତ୍ର ଏକ ଘଣ୍ଟାରୁ କମ୍ ସମୟ ମଧ୍ୟରେ ୧ କୋଟି ୨୦ ଲକ୍ଷରୁ ଅଧିକ ଭ୍ୟୁ ପାଇଥିବା ବେଳେ ଏହାକୁ ପ୍ରାୟ ୪ କୋଟି ୬୦ ଲକ୍ଷରୁ ଅଧିକ ଲୋକ ଦେଖିଥିଲେ। ପରେ ରାହୁଲ ଗାନ୍ଧୀ ସରକାର ଏହି ଭିଡିଓରୁ କେଉଁ ବିପଦ ଅନୁଭବ କରୁଛନ୍ତି ଏବଂ "ମୋଦୀ ଜୀ କାହାକୁ ଡରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ସେପଟେ ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଏହି ଘଟଣାରେ କୌଣସି ସମ୍ପୃକ୍ତି ଥିବା କଥାକୁ ସ୍ପଷ୍ଟ ଭାବେ ମନା କରିଛି। ଏହି ପୋଷ୍ଟଟିକୁ ବ୍ଲକ୍ କରିବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ନିର୍ଦ୍ଦେଶ ଦିଆଯାଇ ନଥିଲା। ଇନଷ୍ଟାଗ୍ରାମର ନିଜସ୍ୱ ସ୍ୱୟଂଚାଳିତ ଆଭ୍ୟନ୍ତରୀଣ ମଡେରେସନ ସିଷ୍ଟମ ଭୁଲବଶତଃ ଏହି ପୋଷ୍ଟକୁ ଫ୍ଲାଗ୍ କରି ବ୍ଲକ୍ କରିଦେଇଥିଲା। ବର୍ତ୍ତମାନ ଏହି ପୋଷ୍ଟଗୁଡ଼ିକୁ ପୁନଃସ୍ଥାପିତ କରାଯାଇଛି ଏବଂ ସେଗୁଡ଼ିକ ପୁଣି ଥରେ ଉପଲବ୍ଧ ହେଉଛି। ସୋସିଆଲ ମିଡିଆ ପ୍ଲାଟଫର୍ମ ମେଟା ପକ୍ଷରୁ ଏ ସମ୍ପର୍କରେ କୌଣସି ଆଧିକାରିକ ପ୍ରତିକ୍ରିୟା ମିଳିପାରି ନାହିଁ। ତେବେ କଂଗ୍ରେସ ଏହାକୁ ସୋସିଆଲ ମିଡିଆରେ ବିରୋଧୀ ନେତାଙ୍କ ସ୍ୱରକୁ ଚାପି ଦେବା ପାଇଁ ଏକ ସୁଚିନ୍ତିତ ପ୍ରୟାସ ବୋଲି ଅଭିଯୋଗ କରିବା ଜାରି ରଖିଛି।

### ଆଇନକୁ ଭୟ...

କରିଛନ୍ତି। ଆଉ ଖରିନାସୀ ଗାଁ ଦାଣ୍ଡରେ ୨୦ରୁ ଅଧିକ ଲୋକେ ଜଣେ ଯୁବକଙ୍କୁ ହାତଗୋଡ଼ ବାନ୍ଧି ନିର୍ମମ ଭାବେ ଆକ୍ରମଣ କରୁଛନ୍ତି। ପରିସ୍ଥିତି ଏମିତି ଯେ, ଯୁବକ ଜଣକ ମୁହଁ ମାଡ଼ି ପଡ଼ି ଯାଉଥିବା ବେଳେ ଉଠିବାକୁ ସୁଯୋଗ ପାଉ ନାହାନ୍ତି। ସୋର ଓ ରାୟଗଡ଼ାରେ ମଧ୍ୟ ଅନୁରୂପ ଘଟଣା ଘଟିଛି। ରାୟଗଡ଼ା ସହରରେ ଜଣେ ଯୁବକଙ୍କୁ ଗୁଳିକରି ହତ୍ୟା ପରେ ନାଗାବଳୀ ନଦୀ ତଟରେ ଫିଙ୍ଗି ଦେଇଛନ୍ତି। ସୋରରେ ଜଣେ ମହିଳାଙ୍କୁ କଟୁରିରେ ହାଣି ହତ୍ୟା କରାଯାଇଛି। ପୁଲିସ ବି ଏଥିରୁ ବାଦ ପଡ଼ିନାହିଁ। ଜଣେ ଅଟୋ ଡ୍ରାଇଭର ଜନୈକ ମହିଳା କନଷ୍ଟେବଲଙ୍କୁ ଅପହରଣ କରିବାକୁ ଉଦ୍ୟମ କରିଛନ୍ତି।

ବଲାଙ୍ଗୀରରେ ଘଟିଥିବା ଘଟଣା ଆହୁରି ସ୍ପର୍ଶକାତର। ନ୍ୟାୟ ଦେବାରେ ପୁଲିସର ବିଫଳତା ଜଣେ ଯୁବକଙ୍କ ଜୀବନ ନେଇଛି। ତାଙ୍କୁ ଗୁଳି କରି ହତ୍ୟା କରାଯାଇଛି, କ୍ରୋଧାନ୍ୱିତ ଲୋକମାନେ ପ୍ରତିବାଦ ସ୍ୱରୂପ ଥାନା ଆଗରେ ଯୁବକଙ୍କ ଶବ ରଖି ବାଣ ଫୁଟାଇ ପ୍ରତିବାଦ କରିଛନ୍ତି। ସମ୍ବଲପୁରରେ ମଧ୍ୟ ଅନୁରୂପ ଘଟଣା ଘଟିଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ବାରମ୍ବାର ଲୋକମାନେ ଏକତ୍ରିତ ହୋଇ ସଙ୍ଗଠିତ ଅପରାଧ ଓ ଭିଡ଼ ହିଂସା ଭିଆଉଛନ୍ତି। ଆକ୍ରମଣର ଦୃଶ୍ୟ ଯେତିକି ହୃଦୟ ବିଦାରକ ସେତିକି ସମ୍ବେଦନଶୀଳ। ପରିସ୍ଥିତି ଏମିତି ହେଲାଣି, ପୁଲିସର ଅସହାୟତାକୁ ଲୋକେ ଉପହାସ କରୁଛନ୍ତି। ଆଇନଶୃଙ୍ଖଳା ପ୍ରତି ଲୋକଙ୍କର ଭୟ ନାହିଁ। ପୁଲିସ କେବଳ ଉଚ୍ଚସ୍ତରୀୟ ବୈଠକ, ରୋଲକଲ୍, ବ୍ରିଫିଂ ପରେଡ଼ କରି ଆଇନଶୃଙ୍ଖଳା ସଜାଡ଼ିବା ପାଇଁ ଯୋଜନା ଚଳାଇଛି। ମାତ୍ର ରାଜ୍ୟର ଅବସ୍ଥା ଦିନକୁ ଦିନ ରସାତଳକୁ ଯାଉଛି।

## ପ୍ରିୟାଂଶ ଓ ଶ୍ରେୟସଙ୍କ ଅର୍ଦ୍ଧଶତକ ବ୍ୟର୍ଥ; ପଞ୍ଜାବର କ୍ରମାଗତ ଚତୁର୍ଥ ପରାଜୟ

# ଦିଲ୍ଲୀ କ୍ୟାପିଟାଲ୍ସର ନାଟକୀୟ ବିଜୟ



ଧର୍ମଶାଳା,୧୧।୫(ଏଜେନ୍ସି): ମଧ୍ୟପ୍ରଦେଶର ଦୁଇ ଯୁବ ଖେଳାଳି ଆଶୁତୋଷ ଶର୍ମା ଓ ମାଧବ ତିୱାରୀଙ୍କ ବିସ୍ଫୋରକ ତଥା ଉପଯୋଗୀ ବ୍ୟାଟିଂ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ଦମ୍‌ଦାର ଖେଳ ପ୍ରଦର୍ଶନ କରି ପଞ୍ଜାବ କିଙ୍ଗ୍‌ସକୁ ୩ ୱିକେଟରେ ପରାସ୍ତ କରିଛି। ଏହି ମ୍ୟାଚରେ ଯୁବ ଓପନର ପ୍ରିୟାଂଶ ଆର୍ଯ୍ୟ (୩୩ବଲ୍‌ରେ ୫୬ରନ୍) ଓ ଅଧିନାୟକ ଶ୍ରେୟସ ଆୟର (୩୬ବଲ୍‌ରେ ଅପରାଜିତ ୫୯ରନ୍)ଙ୍କ ଦମ୍‌ଦାର ଅର୍ଦ୍ଧଶତକ ବଳରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗସ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୧୦ ରନ୍ ସଂଗ୍ରହ କରିଥିଲା। ଜବାବରେ ଅକ୍ଷର ପଟେଲଙ୍କ ୩୦ବଲ୍‌ରେ ୫୬ ଓ ଡେଭିଡ ମିଲରଙ୍କ ୨୮ ବଲ୍‌ରେ ୫୧ ରନ୍ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ୧୯ ଓଭରରେ ୭ ୱିକେଟ ବିନିମୟରେ ୨୧୬ ରନ୍ କରି ୩ ୱିକେଟରେ ନାଟକୀୟ ବିଜୟ ହାସଲ କରିଥିଲା। ଏହି ବିଜୟ ଫଳରେ ଦିଲ୍ଲୀ ୧୨ତମ ମ୍ୟାଚ୍‌ରୁ ୧୦ ପଏଣ୍ଟ ପାଇ ଟେବୁଲର ୭ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ୧୩ ପଏଣ୍ଟ ପାଇଥିବା ପଞ୍ଜାବ କ୍ରମାଗତ ଚତୁର୍ଥ ପରାଜୟ ସହ ପଏଣ୍ଟ ଟେବୁଲର ଚତୁର୍ଥ ସ୍ଥାନରେ ସ୍ଥିର ରହିଛି। ଏହି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ପ୍ରତିପକ୍ଷ ଦିଲ୍ଲୀ ଆଗରେ ୨୧୧ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଦିଲ୍ଲୀ କ୍ୟାପିଟାଲ୍ସ ୯ମ ଓଭରରେ ୭୪ରନ୍‌ରେ ଚତୁର୍ଥ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ଅଧିନାୟକ ଅକ୍ଷର ପଟେଲ ଓ ଡେଭିଡ ମିଲର ୩୪ବଲ୍‌ରୁ ୬୪ରନ୍ ଉଠାଇ ବିପର୍ଯ୍ୟୟର ଧାରାରେ ବ୍ରେକ୍ ଲଗାଇଥିଲେ। କିନ୍ତୁ ଅକ୍ଷର ୩୦ବଲ୍‌ରେ ୮ଚୌକା ଓ୨ଛକା ସହ ୫୬ରନ୍‌ରେ ଆଉଟ ହେବା ପରେ ଦିଲ୍ଲୀକୁ ମ୍ୟାଚ୍ ଜିତିବା ଲାଗି ୩୬ବଲ୍‌ରେ ୭୩ରନ୍ ଆବଶ୍ୟକ ହେଉଥିଲା। ଏହି ସମୟରେ ଡେଭିଡ ମିଲରଙ୍କ ସହ ଯୋଗ ଦେଇ ଆଶୁତୋଷ ଶର୍ମା ୬ଷ୍ଠ ୱିକେଟରେ ୧୫ବଲ୍‌ରୁ ୩୨ରନ୍ ଉଠାଇ ଦଳକୁ ବିଜୟ ଆଶା ଦେଇଥିଲେ। ମିଲର କ୍ରମାଗତ ହ୍ୟାଟ୍ରିକ୍ ଛକା ଆଶାରେ ଆଉଟ ହୋଇଯାଇଥିଲେ। ସେ ୨୮ ବଲ୍‌ରେ ୫୧ ରନ୍ କରିଥିଲେ। ତାଙ୍କ ଆଉଟ ପରେ ଦିଲ୍ଲୀ ଆଗରେ ମ୍ୟାଚ୍ ଜିତିବା ଲାଗି ୨୧ବଲ୍‌ରେ ୪୧ରନ୍ ଦରକାର ଥିଲା। ଏହି ସମୟରେ ମଧ୍ୟପ୍ରଦେଶର ଦୁଇ ଖେଳାଳି ଆଶୁତୋଷ ଓ ମାଧବ ତିୱାରୀ ୭ମ ୱିକେଟରୁ ୧୪ବଲ୍‌ରୁ ୩୫ରନ୍ ଉଠାଇ ଦିଲ୍ଲୀକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ୧୦ବଲ୍‌ରେ ୨୪ରନ୍ କରି ଆଶୁତୋଷ ଆଉଟ ହେବା ପରେ ଆକ୍ୱିବ ନବି ୨ଟି ବଲ୍‌ରୁ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିଥିଲେ। ମାଧବ ୮ବଲ୍‌ରେ ୧୮ ଓ ଆକ୍ୱିବ ୨ବଲ୍‌ରେ ୧୦ରନ୍ କରି ଅପରାଜିତ ରହିଥିଲେ।



**ଆଜିର ଆଇପିଏଲ୍ ମ୍ୟାଚ୍**
ଗୁଜରାଟ ବନାମ ହାଇଦରାବାଦ
ଭେନ୍ୟୁ-ଅହମ୍ମଦାବାଦ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

**ଆଇପିଏଲ୍ ପଏଣ୍ଟ ଟେବୁଲ୍**

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ବେଙ୍ଗାଲୁରୁ | ୧୧ | ୭ | ୪ | ୦ | ୧୪ | +୧.୧୦୩ |
| ହାଇଦରାବାଦ | ୧୧ | ୭ | ୪ | ୦ | ୧୪ | +୦.୭୩୭ |
| ଗୁଜରାଟ | ୧୧ | ୭ | ୪ | ୦ | ୧୪ | +୦.୨୨୮ |
| ପଞ୍ଜାବ | ୧୧ | ୬ | ୪ | ୧ | ୧୩ | +୦.୪୨୮ |
| ଚେନ୍ନଇ | ୧୧ | ୬ | ୫ | ୦ | ୧୨ | +୦.୧୮୫ |
| ରାଜସ୍ଥାନ | ୧୧ | ୬ | ୫ | ୦ | ୧୨ | +୦.୦୮୨ |
| କୋଲକାତା | ୧୦ | ୪ | ୫ | ୧ | ୯ | -୦.୧୬୯ |
| ଦିଲ୍ଲୀ | ୧୨ | ୫ | ୭ | ୦ | ୧୦ | -୦.୯୯୩ |
| ମୁମ୍ବଇ (ଏ) | ୧୧ | ୩ | ୮ | ୦ | ୬ | -୦.୫୮୫ |
| ଲକ୍ଷ୍ନୌ (ଏ) | ୧୧ | ୩ | ୮ | ୦ | ୬ | -୦.୯୦୭ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

## ମ୍ୟାଚ୍‌ର ପ୍ରଥମ ବଲ୍‌ରେ ଦ୍ୱିତୀୟଥର ଛକା ମାରିଲେ ଆର୍ଯ୍ୟ

ଧର୍ମଶାଳା,୧୧।୫(ଏଜେନ୍ସି): ଏଠାରେ ଆଜି ଖେଳାଯାଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ର ପ୍ରଥମ ବଲ୍‌ରେ ଛକା ମାରିଛନ୍ତି ପଞ୍ଜାବ ଓପନର ପ୍ରିୟାଂଶ ଆର୍ଯ୍ୟ। ପ୍ରତିପକ୍ଷ ଦଳର କିଂବଦନ୍ତୀ ଫାଷ୍ଟ ବୋଲର ଅଷ୍ଟ୍ରେଲୀୟ ମିଚେଲ ଷ୍ଟାର୍କଙ୍କୁ କଭର ପଏଣ୍ଟ ଅଞ୍ଚଳକୁ ବିରାଟ ସଟ୍ ମାରି ଏହି ଛକା ମାରିଥିଲେ। ମ୍ୟାଚ୍‌ର ପ୍ରଥମ ବଲ୍‌ରେ ପ୍ରିୟାଂଶ ଦ୍ୱିତୀୟଥର ଓ ଇନିଂସରେ ତୃତୀୟଥର ପ୍ରଥମ ବଲ୍‌ରେ ଛକା ମାରିବାରେ ସମର୍ଥ ହୋଇଛନ୍ତି। ମୁଲାନପୁରରେ ୨୦୨୫ରେ ଖେଳାଯାଇଥିବା ସିଏସ୍‌କେ ବିପକ୍ଷ ମ୍ୟାଚ୍‌ରେ ଖଲୀଲ ଅହମ୍ମଦ୍ ବୋଲିଂ କରିଥିବା ପ୍ରଥମ ବଲ୍‌ରେ ସେ ଛକା ମାରିଥିଲେ। ଗୋଟିଏ ଆଇପିଏଲ୍ ମ୍ୟାଚ୍‌ର ପ୍ରଥମ ବଲ୍‌ରେ ଏଯାଏ ୬ଥର ଛକା ମରାଯାଇଛି। ଏହା ମଧ୍ୟରୁ ପଞ୍ଜାବର ପ୍ରିୟାଂଶ ଆର୍ଯ୍ୟ ୨ଥର ଏହି ସଫଳତା ପାଇଛନ୍ତି। ତାଙ୍କ ବ୍ୟତୀତ ୨୦୦୯ରେ ରାଜସ୍ଥାନ ରୟାଲ୍ସର ନମନ ଓଝା, ୨୦୧୯ରେ ବେଙ୍ଗାଲୁରୁର ବିରାଟ କୋହଲି, ୨୦୨୪ରେ କୋଲକାତାର ଫିଲ ସଲ୍ଟ ଓ ୨୦୨୬ରେ ରାଜସ୍ଥାନ ରୟାଲ୍ସର ଯଶସ୍ୱୀ ଜୟସ୍ୱାଲ ମ୍ୟାଚ୍‌ର ପ୍ରଥମ ବଲ୍‌ରେ ଛକା ମାରିଛନ୍ତି। ପ୍ରିୟାଂଶ ଆର୍ଯ୍ୟ ୨ଥର ଏହା କରିଥିଲାବେଳେ ମିଚେଲ ଷ୍ଟାର୍କଙ୍କ ବୋଲିଂରେ ଏହା ଦୁଇଥର ଦେଖିବାକୁ ମିଳିଛି। ଚଳିତବର୍ଷ ଜୟସ୍ୱାଲ ଜୟପୁରରେ ଷ୍ଟାର୍କଙ୍କୁ ମ୍ୟାଚ୍‌ର ପ୍ରଥମ ବଲ୍‌ରେ ଛକା ମାରିଥିଲେ। ଏଠାରେ ଷ୍ଟାର୍କ ବୋଲିଂ କରିଥିବା ପ୍ରଥମ ଓଭରରେ ପଞ୍ଜାବ ୨୨ ରନ୍ ସଂଗ୍ରହ କରିଥିଲା। ଯାହାକି ଦଳ ଲାଗି ପ୍ରଥମ ଓଭରରେ ସର୍ବାଧିକ ରନ୍ ସଂଗ୍ରହ କରିବାର ରେକର୍ଡ କରିଥିଲା।

## ଅଶ୍ଳୀଳ ଭାଷା ପାଇଁ ଫ୍ଲାୱାର ଦଣ୍ଡିତ



ରାୟପୁର,୧୧।୫(ଏଜେନ୍ସି): ଏଠାରେ ରବିବାର ଖେଳାଯାଇଥିବା ମୁମ୍ବଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍‌ର ୫୪ତମ ଲିଗ୍ ମ୍ୟାଚ୍ ବେଳେ ଚତୁର୍ଥ ଅମ୍ପାୟାରଙ୍କ ସହ ଅଶ୍ଳୀଳ ଭାଷା ବ୍ୟବହାର କରି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ହେଡ କୋଚ୍ ଆଣ୍ଡି ଫ୍ଲାୱାର ଦଣ୍ଡିତ ହୋଇଛନ୍ତି। ଫ୍ଲାୱାରଙ୍କ ଆଚରଣ ଆଇପିଏଲ୍ ଆଚରଣ ସଂହିତାର ଲେଭଲ-୧ ଅପରାଧ ଭାବେ ବିବେଚନା କରାଯାଉଛି। ଏଭଳି କରିବା ଫଳରେ ସେ ଆଚରଣ ସଂହିତାର ଧାରା ୨.୩ ଉଲ୍ଲଙ୍ଘନ କରିଛନ୍ତି। ଫ୍ଲାୱାରଙ୍କ ନାମରେ ଅମ୍ପାୟାର ଅଭିଯୋଗ ଆଣିବା ପରେ ମ୍ୟାଚ୍ ରେଫରି ଅମିତ ଶର୍ମା ଶୁଣାଣି ଲାଗି ସମୟ ଧାର୍ଯ୍ୟ କରିଥିଲେ। କିନ୍ତୁ ଫ୍ଲାୱାର ଏହି ଅପରାଧକୁ ସ୍ୱୀକାର କରିବା ପରେ ମ୍ୟାଚ୍ ରେଫରି ଦଣ୍ଡ ଆକାରରେ ତାଙ୍କ ମ୍ୟାଚ୍ ଫି'ର ୧୫ ଶତକଡ଼ା କାଟିନେଇଥିଲେ। ଏହି ଘଟଣା ଆର୍‌ସିବି ରନ୍ ଚେଜ୍ କରିବା ବେଳେ ଇନିଂସ ୧୭.୨ ଓଭରରେ ଘଟିଥିଲା। ଘଜନଫର ଅଲିଙ୍କ ବୋଲିଂରେ କ୍ରୁନାଲ ପାଣ୍ଡ୍ୟା ଏକ ବଡ଼ ସଟ୍ ମାରିଥିଲେ। ବାଉଣ୍ଡାରୀ ଲାଇନ୍‌ରେ ତାହାକୁ ନମନ ଧୀର ଧରିଥିଲେ ମଧ୍ୟ ନିୟନ୍ତ୍ରଣ ହରାଇ ବାଉଣ୍ଡାରୀ ବାହାରକୁ ଚାଲିଯାଇଥିଲେ। କିନ୍ତୁ ବାହାରକୁ ଯିବା ପୂର୍ବରୁ ବଲ୍ ପଡ଼ିଆ ମଧ୍ୟକୁ ପକାଇଦେଇଥିଲେ ମଧ୍ୟ ସେଠାରେ ଥିବା ଫିଲ୍ଡର ତିଳକ ବର୍ମା ତାହାକୁ ଧରି ପାରି ନ ଥିଲେ। ଫ୍ଲାୱାରଙ୍କ କହିବା କଥା ହେଲା ନମନ ଧୀର କ୍ୟାଚ୍ ଧରିବା ବେଳେ ବାଉଣ୍ଡରୀ ଲାଇନ୍ ଟଚ୍ କରିଛନ୍ତି। ଏଣୁ ଏହାକୁ ୬ ରନ୍ ଦିଆଯାଉ। ଟିଭି ରିପ୍ଲେ'କୁ ଦେଖିବା ପରେ ଚତୁର୍ଥ ଅମ୍ପାୟାର ଏହି ଦାବିକୁ ନାକଚ କରିଦେଇଥିଲେ ଓ କୌଣସି ରନ୍ ହୋଇ ନ ଥିଲା। ଏହି ଘଟଣାକୁ ନେଇ ଫ୍ଲାୱାର ଓ ଚତୁର୍ଥ ଅମ୍ପାୟାରଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହି ସମୟରେ ଫ୍ଲାୱାର ଅଶ୍ଳୀଳ ଭାଷା ପ୍ରୟୋଗ କରିଥିବାର ଅଭିଯୋଗ ହୋଇଥିଲା।

## ବାର୍ସିଲୋନାକୁ ୨୯ତମ ଲା ଲିଗା ଟାଇଟଲ୍

ବାର୍ସିଲୋନା, ୧୧।୫ (ଏଜେନ୍ସି): ସ୍ପାନିଶ ଫୁଟ୍‌ବଲ ଲିଗ୍‌ର ଚଳିତ ୯୫ତମ ସଂସ୍କରଣରେ ବାର୍ସିଲୋନା କ୍ଲବ ବାଜିମାତ୍ କରିଛି। ଗତକାଲି ରାତିରେ ଅନୁଷ୍ଠିତ ଏକ ମ୍ୟାଚରେ ବାର୍ସିଲୋନା ୨-୦ ଗୋଲ୍‌ରେ ଅନ୍ୟତମ ଫେଭରାଇଟ୍ ଦଳ ରିଅଲ ମାଦ୍ରିଦକୁ ପରାସ୍ତ କରି ଚାମ୍ପିଅନ ହୋଇଛି।



ମ୍ୟାଚର ପ୍ରଥମାର୍ଦ୍ଧର ୯ମ ଓ ୧୮ତମ ମିନିଟରେ ଯଥାକ୍ରମେ ମାର୍କସ ରଶଫୋର୍ଡ ଓ ଫେରାନ ଟୋରେସ ବାର୍ସିଲୋନା ପାଇଁ ଏହି ବିଜୟସୂଚକ ଗୋଲ୍ ଦେଇଥିଲେ। ଫଳରେ ଚଳିତ ସିଜନରେ ୩୫ତମ ମ୍ୟାଚରୁ ୩୦ତମ ବିଜୟ ସହ ବାର୍ସିଲୋନା ୯୧ ପଏଣ୍ଟ ପାଇ ଟେବୁଲ ଶୀର୍ଷରେ ରହିବା ସହ ଟ୍ରଫି ଜିତିଛି। ସିଜନରେ ଘରୋଇ ଗ୍ରାଉଣ୍ଡରେ ଖେଳିଥିବା ସମସ୍ତ ୧୮ଟି ଯାକ ମ୍ୟାଚ୍‌ରେ ବାର୍ସିଲୋନା ବିଜୟ ହାସଲ କରିଛି। ଲା ଲିଗା ଇତିହାସରେ ବାର୍ସିଲୋନା ୨୯ଥର ଲାଗି ଏହି ସମ୍ମାନଜନକ ଟାଇଟଲ୍ ହାସଲ କରିଛି। ରିଅଲ ମାଦ୍ରିଦ ରେକର୍ଡ ୩୬ ଲା ଲିଗା ଟାଇଟଲ୍ ଜିତି ତାଲିକାର ଶୀର୍ଷରେ ରହିଛି।

## ବୁମ୍‌ରାଙ୍କୁ ବିଶ୍ରାମ, ସୂର୍ଯ୍ୟ ଓ ତିଳକଙ୍କୁ ବାଦ୍ ଦିଆଯାଉ

ମୁମ୍ବଇ,୧୧।୫(ଏଜେନ୍ସି)

ରାୟପୁରରେ ଗତକାଲି ମେ ୧୦ ତାରିଖରେ ଅନୁଷ୍ଠିତ ଲିଗ୍ ମ୍ୟାଚ୍‌ରେ ଆର୍‌ସିବିଠାରୁ ଶେଷ ଓଭରରେ ପରାଜିତ ହେବା ପରେ ମୁମ୍ବଇ ଇଣ୍ଡିଆନ୍ସ କ୍ରମାଗତ ୬ଷ୍ଠ ବର୍ଷ ପାଇଁ ଟାଇଟଲ ଜିତିପାରିବ ନାହିଁ। ଏହି ଦଳ ଏବେ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିବା ଫଳରେ ଏଭଳି ହୋଇଛି। ସେହିପରି ୫ଥରର ଚାମ୍ପିଅନ ମୁମ୍ବଇ ଇଣ୍ଡିଆନ୍ସ ମଧ୍ୟ ୨୦୨୨ରୁ ୨୦୨୬ ମଧ୍ୟରେ ଚତୁର୍ଥଥର ସକାଶେ ପ୍ଲେ ଅଫ୍‌ରେ ପ୍ରବେଶ କରିପାରି ନାହିଁ। ଏଭଳି ଦୟନୀୟ ପ୍ରଦର୍ଶନ ମୁମ୍ବଇ ଇଣ୍ଡିଆନ୍ସର ସମର୍ଥକ ଓ ମ୍ୟାନେଜ୍‌ମେଣ୍ଟକୁ ବିଚଳିତ କରିଛି। ଚଳିତ ସିଜନରେ ମୁମ୍ବଇ ଏବେ ଆଉ ମାତ୍ର ୩ଟି ମ୍ୟାଚ୍ ଯଥା ପଞ୍ଜାବ କିଙ୍ଗ୍‌ସ, କୋଲକାତା ନାଇଟ୍ ରାଇଡର୍ସ ଓ ରାଜସ୍ଥାନ ରୟାଲ୍ସ ସହ ଖେଳିବ। ଏହି ମ୍ୟାଚ୍ ଗୁଡିକରେ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ବିଶ୍ରାମ ଦେବାକୁ ସମର୍ଥକମାନେ ଦାବି କରିଛନ୍ତି। ସେ ଏହି ସିଜନରେ ଭଲ ବୋଲିଂ କରିଥିଲେ ମଧ୍ୟ ୱିକେଟ ପାଇନାହାନ୍ତି। ଅନ୍ୟପକ୍ଷରେ ମୁମ୍ବଇ ଡ୍ରେସିଂ ରୁମ୍‌ରେ ସେପରି କିଛି ଭଲ ପରିବେଶ ନାହିଁ ବୋଲି କୁହାଯାଏ। ଏଭଳି ସମୟରେ ଭଲ ଫର୍ମରେ ନ ଥିବା ଦୁଇ ବରିଷ୍ଠ ବ୍ୟାଟର ସୂର୍ଯ୍ୟକୁମାର ଯାଦବ ଓ ତିଳକ ବର୍ମାଙ୍କୁ ଏହି ୩ଟି ମ୍ୟାଚ୍‌ରୁ ବାଦ୍ ଦେବାକୁ ଦାବି ହୋଇଛି। ଉଭୟ ଖେଳାଳି ୧୧ଟି ଲେଖାଏଁ ମ୍ୟାଚ୍ ଖେଳିଲା ପରେ ଯଥାକ୍ରମେ ୧୯୫ ଓ ୨୬୧ ରନ୍ କରିଛନ୍ତି। ତିଳକ ଏହି ଟୁର୍ଣ୍ଣାମେଣ୍ଟରେ ଦୁଇଟି ଅର୍ଦ୍ଧଶତକ ହାସଲ କରି ମୋଟରେ ୧୫୮ ରନ୍ କରିଛନ୍ତି। ଅର୍ଥାତ୍ ସେ ଅନ୍ୟ ୯ଟି ଇନିଂସରେ ମାତ୍ର ୧୦୩ ରନ୍‌ର ଯୋଗଦାନ ଦେଇଛନ୍ତି। ଏଭଳି ଦାବିକୁ ହେଡ୍ କୋଚ୍ ମାହେଲା ଜୟବର୍ଦ୍ଧନେ ଗ୍ରହଣ କରିବାକୁ ଅସ୍ୱୀକାର କରିଛନ୍ତି। କୋର ଗ୍ରୁପ୍ ଆମ ଲାଗି ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କୁ ଡ୍ରପ୍ କରିବା କିମ୍ବା ବିଶ୍ରାମ ଦେବା ଘାତକ ସାବ୍ୟସ୍ତ ହେବ ବୋଲି ଜୟବର୍ଦ୍ଧନେ ଆଶା କରୁଛନ୍ତି।

ମୁମ୍ବଇ ପ୍ଲେ ଅଫ୍‌ରେ ପ୍ରବେଶ କରି ପାରି ନ ଥିଲେ ମଧ୍ୟ ରିୟାନ ରିକେଲଟନଙ୍କ ଶକ୍ତିଶାଳୀ ଖେଳ, ରୋହିତ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ, କର୍ବିନ ବୋଷ୍ଟଙ୍କ ବୋଲିଂ କିଛି ନୂଆ ଆଶା ସୃଷ୍ଟି କରିଥିଲା। କିନ୍ତୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିଫଳତା ଦଳକୁ ବିପର୍ଯ୍ୟୟ ଆଡକୁ ନେଇଯାଇଥିଲା। ଅଧିନାୟକ ଭାବେ ନେତୃତ୍ୱ ନେବାରେ ହେଉ, କିମ୍ବା ବ୍ୟାଟିଂ ଓ ବୋଲିଂରେ ପାଣ୍ଡ୍ୟା ବିଫଳ ହେବା ଦଳ ଲାଗି ଅଭିଶାପ ସାବ୍ୟସ୍ତ ହୋଇଛି।

## ଚର୍ଚ୍ଚାରେ ପର୍ଣ୍ଣଷ୍ଟାର୍‌ଙ୍କ ସହ କୋହଲିଙ୍କ ଫଟୋ

ନୂଆଦିଲ୍ଲୀ, ୧୧।୫ (ଏଜେନ୍ସି): ଆର୍‌ସିବିର ଷ୍ଟାର୍ ବ୍ୟାଟର୍ ବିରାଟ କୋହଲି ବର୍ତ୍ତମାନ ଆଇପିଏଲ୍‌ରେ ଦମ୍‌ଦାର ପ୍ରଦର୍ଶନ କରୁଛନ୍ତି। ଅବଶ୍ୟ ଶେଷ ଦୁଇଟି ମୁକାବିଲାରେ ସେ ଖାତା ଖୋଲିପାରି ନାହାନ୍ତି। କିନ୍ତୁ ଏଭଳି ସମୟରେ ସାମାଜିକ ଗଣମାଧ୍ୟମରେ ଏକ ଫଟୋ ବେଶ୍ ଭାଇରାଲ ହୋଇଛି। ଯେଉଁଥିରେ କୋହଲିଙ୍କୁ ପର୍ଣ୍ଣ ଷ୍ଟାର କେଣ୍ଡ୍ରା ଲଷ୍ଟଙ୍କ ସହିତ ଦେଖିବାକୁ ମିଳିଛି। କିଙ୍ଗ କୋହଲିଙ୍କ ଏହି ଫଟୋ ଇଣ୍ଟରନେଟରେ ନିଆଁ ପରି ବ୍ୟାପିଯାଉଛି। ୪୭ ବର୍ଷୀୟା ଆମେରିକୀୟ ପର୍ଣ୍ଣଷ୍ଟାର୍ କେଣ୍ଡ୍ରା ନିଜେ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏହି ଫଟୋ ସେୟାର କରିଛନ୍ତି। ଫଟୋରେ କୋହଲିଙ୍କୁ ଏକ କାଫେରେ କେଣ୍ଡ୍ରାଙ୍କ ପାଖରେ ବସିଥିବାର ଦେଖାଯାଉଛି। ଫଟୋ ପଛର ପ୍ରକୃତ ସତ୍ୟତାକୁ ନେଇ ପ୍ରଶ୍ନ ଉଠିଛି। ଏହି ଫଟୋ ଏଆଇ ଦ୍ୱାରା ସୃଷ୍ଟି ହୋଇଥିବା କୁହାଯାଉଛି। କାରଣ କେଣ୍ଡ୍ରାଙ୍କ ସହ କୋହଲିଙ୍କ ଏପରି ସାକ୍ଷାତ ହୋଇଥିବାର କୌଣସି ଖବର ନାହିଁ।



## ବାଂଲା-ପାକ୍ ଟେଷ୍ଟରେ ବର୍ଷା ବାଧକ

ଢ଼ାକା,୧୧।୫(ଏଜେନ୍ସି): ବାଂଲାଦେଶ ଓ ପାକିସ୍ତାନ ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟର ଚତୁର୍ଥ ଦିନ ଖେଳ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଛି। ଫଳରେ ଚତୁର୍ଥ ଦିନରେ ୪୦ ଓଭର ଖେଳ ହୋଇପାରି ନାହିଁ। ପ୍ରଥମ ଇନିଂସରେ ୨୭ ରନ୍‌ରେ ଅଗ୍ରଣୀ ରହିଥିବା ବାଂଲାଦେଶ ଚତୁର୍ଥ ଦିନ ଖେଳ ଶେଷ ବେଳକୁ ଦ୍ୱିତୀୟ ଇନିଂସରେ ୩ ୱିକେଟରେ ହରାଇ ୧୫୨ ରନ୍ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ନାଜମୋଲ ହୋସେନ ସାଣ୍ଟୋ ୫୮ ଓ ମୁସଫିକର ରହିମ ୧୬ ରନ୍‌ରେ ବ୍ୟାଟିଂ କରୁଥିଲେ। ଆଜି ସକାଳେ ବର୍ଷା ହେବା ପୂର୍ବରୁ ବାଂଲାଦେଶର ଦୁଇ ଓପନରଙ୍କୁ ପାକିସ୍ତାନ ୨୩ ରନ୍‌ରେ ପାଭିଲିଅନ ଫେରାଇଦେଇଥିଲା। କିନ୍ତୁ ମୋମିନୁଲ ଓ ନାଜମୋଲ ତୃତୀୟ ୱିକେଟରେ ୧୦୫ ରନ୍ ସଂଗ୍ରହ କରି ବାଂଲାଦେଶକୁ ବିପଦରୁ ରକ୍ଷା କରିଥିଲେ। ମୋମିନୁଲ ଅନାବଶ୍ୟକ ଭାବେ ଏକ ସଟ୍ ମାରିବାକୁ ଯାଇ ଧରାପଡ଼ିଥିଲେ। ଆଉଟ ହେବା ପୂର୍ବରୁ ସେ ୫୬ରନ୍ ଯୋଗଦାନ କରିଥିଲେ। ସାହିନ ଆଫ୍ରିଦୀ, ମହମ୍ମଦ୍ ଆବାସ ଓ ହାସନ ଅଲି ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

## ଓସିଏ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍ ଆରମ୍ଭ

ଭୁବନେଶ୍ୱର, ୧୧।୫ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଯାଇଛି। ସୋମବାର ପ୍ରଥମ ଦିବସରେ ୯ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ଭୁବନେଶ୍ୱର-ବି ୩୫ ରନରେ ନୟାଗଡ଼କୁ, ସମ୍ବଲପୁର-ଏ ୫ ୱିକେଟରେ ପାରାଦୀପକୁ, ଗଜପତି ୩ ୱିକେଟରେ କଳାହାଣ୍ଡିକୁ, ସୁନ୍ଦରଗଡ଼ ୪୬ ରନରେ କେନ୍ଦ୍ରାପଡ଼ାକୁ, କନ୍ଧମାଳ ୧୫ ରନରେ ସମ୍ବଲପୁର-ବି'କୁ, ନବରଙ୍ଗପୁର ୬୪ ରନରେ ବୌଦ୍ଧକୁ, ଯାଜପୁର ୭ ୱିକେଟରେ କଟକ-ବି'କୁ, ରାଉରକେଲା ୭ ୱିକେଟରେ କିଟ୍‌କୁ, ଦେଓଗଡ଼ ୧୮୩ ରନରେ ରାୟଗଡ଼କୁ ପରାସ୍ତ କରିଛି। ପ୍ରଥମ ଦିନରେ ଭୁବନେଶ୍ୱରର ଅନୁରାଗ ସାମନ୍ତରାୟ (୧୦୪ ରନ) ଏକମାତ୍ର ବ୍ୟାଟର ଭାବେ ଶତକୀୟ ପାଳି ଖେଳିଛନ୍ତି। ନବରଙ୍ଗପୁରର ଆୟୁଷ୍ମାନ ପଣ୍ଡା (୫/୩୫), ନବରଙ୍ଗପୁରର ଦୀପକ ପାତ୍ର (୬/୨୬), କନ୍ଧମାଳର ପ୍ରୀତମ ସାମଲ (୪/୧୩), ଗଜପତିର ଜେମ୍ସ ଲିମା (୩ ୱିକେଟ ଓ ୧୩ ରନ), ପ୍ରଭାବୀ ପ୍ରଦର୍ଶନ କରିଥିଲେ।

## ରାଜ୍ୟ ସିନିଅର ପେନ୍‌ଚାକ ସିଲାଟ୍ ଚାମ୍ପିଅନସିପ୍

# ଝାରସୁଗୁଡ଼ା ଚାମ୍ପିଅନ, ସୁନ୍ଦରଗଡ଼ ରନର୍ସଅପ୍

ଭୁବନେଶ୍ୱର, ୧୧।୫ (ସମିସ): ରାଜ୍ୟ ସିନିଅର୍ ପେନ୍‌ଚାକ ସିଲାଟ ଚାମ୍ପିଅନସିପର ୯ମ ସଂସ୍କରଣ ଅନୁଗୋଳର ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଉଦଯାପିତ ହୋଇଯାଇଛି। ଏଥିରେ ଝାରସୁଗୁଡା ଚାମ୍ପିଅନ ହୋଇଛି। ସେହିଭଳି ସୁନ୍ଦରଗଡ଼ ପ୍ରଥମ ଓ ଖୋର୍ଦ୍ଧା ଦ୍ୱିତୀୟ ରନର୍ସଅପ ହୋଇଛି। ଏଥିରେ ୧୫ ଜିଲ୍ଲାର ୩୦୦ ରୁ ଉର୍ଦ୍ଧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେହିଭଳି ୨୫ଜଣ ରେଫରୀ ଭାବରେ ପରିଚାଳନାରେ ସହଯୋଗ କରିଥିଲେ। ଉଦଯାପନୀ ଉତ୍ସବରେ ଅତିଥି ଭାବରେ ଜିଲ୍ଲା ମ୍ୟୁନିସିପାଲଟି ଅଧ୍ୟକ୍ଷନ ଅକ୍ଷୟ କୁମାର ସାମନ୍ତ, ପଦ୍ମିନୀ ସିଂ, ରାଜ୍ୟ ପେନଚାକ୍ ସଂଘର ସମ୍ପାଦକ ଗୁରୁ ପ୍ରେମ୍ ସିଂହ ଥାପା, ଅନୁଗୋଳ ଜିଲ୍ଲା ସଂଘ ସଭାପତି ରାଜେଶ ଦାସ, ସଂପାଦକ ସୁଧାଂଶୁ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବରୁ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଏହି ଚାମ୍ପିଅନସିପକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ପେନଚାକ ସିଲାଟ ସଂଘର ସଭାପତି ତାପସ ରାୟ ଚୌଧୁରୀ, କୋଷାଧ୍ୟକ୍ଷ ଭବାନୀ କୁମାରୀ ସାହୁ, ଉପଦେଷ୍ଟା ସୁମନ ମୋଦି, ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ଜିତେନ୍ଦ୍ର କୁମାର ରାଉତ, ଜିଲ୍ଲା କ୍ରୀଡ଼ା ଅଫିସର ଅକ୍ଷୟ କୁମାର ସିଠ୍ ପରିଚାଳନରେ ସହଯୋଗ କରିଥିଲେ।




■ ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ୍

## ଭାରତର ବିଶ୍ୱକପ୍ ଖେଳିବା ଆଶା ଧୂଳିସାତ୍

ମୁମ୍ବଇ,୧୧।୫(ଏଜେନ୍ସି): ଭାରତୀୟ ମହିଳା ଦଳର ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ଖେଳିବା ଆଶା ଧୂଳିସାତ ହୋଇଯାଇଛି। ଏଏଫ୍‌ସି କପ୍ ୧୭ ବର୍ଷରୁ କମ୍ ମହିଳା ଏସିଆନ କପ୍ କ୍ୱାର୍ଟର ଫାଇନାଲରେ ଚୀନ୍‌ଠାରୁ ୩-୦ ଗୋଲରେ ଭାରତ ହାରିଯିବା ପରେ ବିଶ୍ୱକପ୍ ଖେଳିବା ଆଶା ମଉଳିଯାଇଥିଲା। ଭାରତ ପ୍ରଥମଥର ଏସୀୟ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଚୀନ୍‌ରେ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ବିଜୟୀ ହୋଇଥିଲେ ଭାରତକୁ ବିଶ୍ୱକପ୍ ଖେଳିବାକୁ ସୁଯୋଗ ମିଳିଥାନ୍ତା। କିନ୍ତୁ ତାହା ସମ୍ଭବ ହୋଇପାରି ନ ଥିଲା। ଲିଗ୍ ପର୍ଯ୍ୟାୟରେ ଲେବାନନ୍‌କୁ ୪-୦ ଗୋଲରେ ପରାସ୍ତ କରି ଭାରତ ଦୀର୍ଘ ୨୧ ବର୍ଷର ବ୍ୟବଧାନ ପରେ ଏସିଆନ୍ କପ୍‌ରେ ବିଜୟର ସ୍ୱାଦ ଚାଖିଥିଲା। ଏବେ ସେମିଫାଇନାଲରେ ଚୀନ୍ ସହ ଉତ୍ତର କୋରିଆର ମୁକାବିଲା ହେବ। ଆଜି ଖେଳାଯାଇଥିବା ଅନ୍ୟ କ୍ୱାର୍ଟର ଫାଇନାଲରେ ଉତ୍ତର କୋରିଆ ୬-୦ ଗୋଲରେ ଥାଇଲାଣ୍ଡକୁ ପରାସ୍ତ କରି ସେମିରେ ପ୍ରବେଶ କରିଥିଲା।

## କଳିଙ୍ଗ ବାସ୍କେଟବଲ୍ ଲିଗ୍

# ସିଲ୍‌ଭର୍ ସିଟି ଫାଲ୍‌କନ୍ସକୁ ଟାଇଟଲ୍

ଭୁବନେଶ୍ୱର, ୧୧।୫ (ସମିସ)




ଏମ୍-ଥ୍ରୀ ପାର୍ଟ୍ନର୍ସ ଆନୁକୂଲ୍ୟରେ କଟକର ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ବାସ୍କେଟବଲ୍ ଲିଗ୍‌ର ପ୍ରଥମ ସଂସ୍କରଣ ଉଦଯାପିତ ହୋଇଯାଇଛି। କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ କଟକର ସିଲଭର ସିଟି ଫାଲକନ୍ସ ଦଳ ୧୦୯-୮୩ ପଏଣ୍ଟରେ ସିଲ୍କ ସିଟି ସ୍ପାର୍ଟନ୍ସ (ଗଞ୍ଜାମ) କୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଅମିତ କୁମାର ସାସମଲଙ୍କ ନେତୃତ୍ୱାଧୀନ ସିଲଭର ସିଟି ପାଇଁ ସୁରେଶ ଦାସ, ଆୟୁଷମାନ ନାୟକ, ହାର୍ଦ୍ଦିକ ପଟ୍ଟନାୟକ ପ୍ରମୁଖ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଚାମ୍ପିଅନ ଦଳର ଏ. ଶିବା ମୋଷ୍ଟ ଭାଲ୍ୟୁଏବଲ ପ୍ଲେୟର (ଏମଭିପି), ସେକ୍ ସୈଫୁଦ୍ଦିନ ବେଷ୍ଟ ଡଙ୍କର ଓ ହର୍ଷ ସିଂହ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବିଶ୍ୱ ପ୍ରକାଶ ବେଉରା ଚାମ୍ପିଅନ ଦଳର ମାଲିକ, ଅନ୍ତର୍ଜାତୀୟ ଖେଳାଳି ଅଶୋକ କୁମାର ନାୟକ କୋଚ, ଅମରେଶ ପାତ୍ର, ଶଶୀକାନ୍ତ ମହାନ୍ତି, ପ୍ରଶାନ୍ତ ନାୟକ ଉପଦେଷ୍ଟା ରହିଥିଲେ। ଉଦଯାପନୀ ଉତ୍ସବରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୨୫ ହଜାର ଟଙ୍କା ଓ ରନର୍ସଅପ୍ ସିଲ୍କ ସିଟିକୁ ଟ୍ରଫି ସହ ୨୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ମେ ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଫ୍ରାଞ୍ଚାଇଜଭିତ୍ତିକ ବାସ୍କେଟବଲ୍ ଲିଗ୍‌ରେ ୬ଟି ଦଳ ଭାଗନେଇଥିଲେ।

## ପ୍ରଥମ ଶୁଭାଶିଷ କର ଓ ଶେଖ୍ ହୀରା ମେମୋରିଆଲ୍ ଫୁଟ୍‌ବଲ୍

# ରକ୍‌ଷ୍ଟାରକୁ ହରାଇ ମା' ମଙ୍ଗଳା ଚାମ୍ପିଅନ

କଟକ,୧୧।୫ (ସମିସ)

ଶୁଭାଶିଷ କର ଓ ଶେଖ୍ ହୀରାଙ୍କ ସ୍ମୃତିରେ ୟୁଥ୍ ଗ୍ୟାଲାକ୍ସି କ୍ଲବ୍ ଆନୁକୂଲ୍ୟରେ ପ୍ରଥମ ଦିବାରାତ୍ର ଆନ୍ତଃ କ୍ଲବ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ୟାରୀମୋହନ ଏକାଡେମୀ ଖେଳ ପଡ଼ିଆରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଯେଉଁଥିରେ କଟକରୁ ୬ଟି ଏବଂ ଭୁବନେଶ୍ୱର ଓ କେନ୍ଦ୍ରାପଡ଼ାରୁ ଗୋଟିଏ ରହିଥିଲେ। ଫାଇନାଲ୍ ମ୍ୟାଚ୍‌ରେ ମା ମଙ୍ଗଳା କ୍ଲବ୍(କଟକ) ୧-୦ ଗୋଲ୍‌ରେ ରକ୍‌ଷ୍ଟାର୍ ସେଭେଣ୍ଟିନ୍‌କୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ଏଥିପୂର୍ବରୁ ସେମିଫାଇନାଲରେ ମା ମଙ୍ଗଳା ଅନ୍ୟତମ କଟକ ଦଳ ଚାନ୍ଦ କ୍ଲବକୁ ଏବଂ ଦ୍ୱିତୀୟ ସେମିରେ ଓନ୍ କ୍ଲବକୁ ହରାଇ ରକଷ୍ଟାର୍ ଫାଇନାଲକୁ ଉଠିଥିଲା। ଦେବଜିତ୍ ସିଂହ ଶ୍ରେଷ୍ଠ ଗୋଲ୍ କିପର୍, ଶେଖ୍ ନୱାଜିସ୍ ନୁର ଶ୍ରେଷ୍ଠ ଡିଫେଣ୍ଡର, ଚନ୍ଦନ ଦାସ ଶ୍ରେଷ୍ଠ ମିଡଫିଲ୍ଡର, ଗଣେଶ ସେଠୀ ଶ୍ରେଷ୍ଠ ଫରୱାର୍ଡ ଓ ସୁନିଲ ସୋରେନ ପ୍ଲେୟାର୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟ ପୁରସ୍କାର ହାସଲ କରିଥିଲେ।

ଉଦଯାପନୀ ଉତ୍ସବରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପିସିସି ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ୍ ମହାନ୍ତି, କର୍ପୋରେଟର ଏ. ଶ୍ରୀଦେବୀ ଯୋଗଦେଇ ଚାମ୍ପିଅନ ମା ମଙ୍ଗଳା ଦଳକୁ ଶୁଭାଶିଷ କର ମେମୋରିଆଲ୍ କପ୍ ଓ ରନର୍ସଅପ୍ ରକଷ୍ଟାର ଦଳକୁ ଶେଖ୍ ହୀରା କପ୍ ପ୍ରଦାନ କରିଥିଲେ। ସଞ୍ଜୀବ ଦାସ, ସେଖାୱତ୍ ଖାନ୍, ବାବୁନା ଭୋଇ, ଆଶୀର୍ବାଦ କାନୁନ୍‌ଗୋ, ଶେଖ୍ ହାୟାତ ରେଫରି ଭାବେ ଏବଂ ମହମ୍ମଦ ଜହୁରୀ ମ୍ୟାଚ କମିଶନର ଓ ରାଜ୍‌ଦୀପ୍ ଦାସ ଫିଜିଓ ଭାବେ ଦାୟିତ୍ୱ ତୁଲାଇଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS